ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ (୧୬ ପୃଷ୍ଠା) Bhubaneswar, Thursday, July 10/2025 Page 16 ₹ 7.00
୫୧ଶ ଭାଗ ୨୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 225 ମୂଲ୍ୟ ₹୭/-



**ସେମିଫାଇନାଲରେ ସ୍ୱିଟେକ୍**
ପୋଲାଣ୍ଡର ଇଗା ସ୍ୱିଟେକ୍ ଓ୍ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୬

୦୨ **'ବାଗୀ ୪'ର ଶୁଟିଂ ଶେଷ**
ଅଭିନେତା ଟାଇଗର ଶ୍ରଫ୍‌ଙ୍କ 'ବାଗୀ ୪' ଫିଲ୍ମର ଶୁଟିଂ ଶେଷ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଭଦୋଦରାରେ ବ୍ରିଜ୍ ଭୁଶୁଡ଼ିଲା: ୧୩ ମୃତ

**ଗଳିପଡ଼ିଲା ୬ ଗାଡ଼ି**

## 'ଗୁଜରାଟ ମଡେଲ'କୁ କଂଗ୍ରେସର କଟାକ୍ଷ

**ଭଦୋଦରା,୯।୭ (ପି.ଟି./ ଏଜେନ୍ସି)**
ଗୁଜରାଟର ଭଦୋଦରା ଜିଲା ଦେଇ ପ୍ରବାହିତ ମହିସାଗର ନଦୀ ଉପରେ ନିର୍ମିତ ୪ ଦଶନ୍ଧି ପୁରୁଣା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ବ୍ରିଜ୍‌ର ଏକ ଅଂଶ ଭାଙ୍ଗିଯିବାରୁ ଏହା ଉପର ଦେଇ ଯାଉଥିବା ଅନେକ ଗାଡ଼ି ନଈକୁ ଖସିପଡ଼ିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ ☞ପୃଷ୍ଠା-୪


ଗୁଜରାଟର ଭଦୋଦରା ଜିଲା ପାଦରା ସହର ନିକଟସ୍ଥ ୪୦ ବର୍ଷ ପୁରୁଣା ଗମ୍ଭୀରା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ୫ମ, ୮ମ ଶ୍ରେଣୀ ପାଇଁ ଫେରିଲା ଫେଲ୍ ବ୍ୟବସ୍ଥା

**ପ୍ରାଥମିକ ଶିକ୍ଷାରେ ପୁଣି ଥରେ ପାସ୍, ଫେଲ୍ ବ୍ୟବସ୍ଥା ଆପଣାଇଛନ୍ତି ରାଜ୍ୟ ସରକାର। ତଦନୁଯାୟୀ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ନିୟମରେ ପରିବର୍ତ୍ତନ ଅଣାଯାଇଛି। ଜଣେ ପିଲା ପରୀକ୍ଷାରେ ଫେଲ୍ ହେଲେ, ତାଙ୍କୁ ୨ମାସ ଭିତରେ ଆଉ ଥରେ ଅତିରିକ୍ତ ପରୀକ୍ଷା ଦେବାର ସୁଯୋଗ ମିଳିବ। ପୁଣି ଯଦି ସେ ପରୀକ୍ଷାରେ ଫେଲ୍ ହୁଅନ୍ତି, ତେବେ ସେହି ଶ୍ରେଣୀରେ ଆଉଥରେ ପାଠ ପଢ଼ିବେ। ତେବେ ପ୍ରାଥମିକ ଶିକ୍ଷା ଶେଷ ନ ହେବା ଯାଏ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏନେଇ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ-୨୦୧୦ରେ ସଂଶୋଧନ ଆଣିଛନ୍ତି। ଏହି ସଂଶୋଧନକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ-୨୦୨୫ ଭାବେ ଗ୍ରହଣ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ଏହା ଦର୍ଶାଯାଇଛି। ଗେଜେଟ୍ ନୋଟିଫିକେଶନ ପରଠାରୁ ନୂଆ ବ୍ୟବସ୍ଥା ଲାଗୁ ହେବ।**

**ଭୁବନେଶ୍ୱର,୯।୭ (ସୁଚିସ୍ମିତା ସାହୁ)**
ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅଧିକ ସକ୍ଷମ କରିବାକୁ ପ୍ରୟାସ କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରୀଛାତ୍ର ଯେପରି ତାଙ୍କର ମୌଳିକ ଶିକ୍ଷାସ୍ତର ହାସଲ କରିପାରିବେ, ସେନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ନିୟମ ବଦଳି ଥିବାରୁ ବିନା ପରିଶ୍ରମରେ ଶ୍ରେଣୀ ପରୀକ୍ଷା ପାସ୍ କରିହେବ ନାହିଁ। ପରୀକ୍ଷାରେ ଫେଲ୍ ହେଲେ ୨ମାସ ମଧ୍ୟରେ ପୁଣି ଥରେ ପରୀକ୍ଷା ଦେଇ ପାସ୍ ହେବାକୁ ପଡ଼ିବ। ହେଲେ ପ୍ରାଥମିକ ଶିକ୍ଷା ସମାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତୃଣମୂଳ ସ୍ତରରୁ ହିଁ ପିଲାଙ୍କ ଶିକ୍ଷାର ବିକାଶ କରିବାକୁ ରାଜ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପ୍ରତିଷ୍ଠିତରୁ ପଛୁଆ






ଏଲନ୍ ମସ୍କଙ୍କ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ର ସିଇଓ ପଦରୁ ଲିଣ୍ଡା ୟାକାରିନୋ ଇସ୍ତଫା ଦେଇଛନ୍ତି। ସେ ବୁଧବାର ଏକ ବାର୍ତ୍ତା ପୋଷ୍ଟ କରି ଏକ୍ସ'ରେ ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ ଲେଖିଛନ୍ତି। ଟେସ୍‌ଲା କମ୍ପାନୀ ମୁଖ୍ୟ ମସ୍କ ୨୦୨୨ରେ ଟୁଇଟରକୁ ୪୪ ବିଲିୟନ ଡଲାରରେ କିଣିବା ପରେ ଏହାର ନାଁ ବଦଳାଇ ଏକ୍ସ ରଖିଥିଲେ। ୨୦୨୩ ମେ'ରେ ସେ ଲିଣ୍ଡାଙ୍କୁ ଏହାର ସିଇଓ ନିଯୁକ୍ତ କରିଥିଲେ।

# ୟୁକ୍ରେନ୍‌କୁ ରୁଷିଆ ଛାଡ଼ିଲା ୭୨୮ ଡ୍ରୋନ୍

କିଭ୍, ୯।୭



ୟୁକ୍ରେନ୍‌କୁ ଅଧିକ ପ୍ରତିରକ୍ଷାତ୍ମକ ଅସ୍ତ୍ରଶସ୍ତ୍ର ଯୋଗାଇଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ପ୍ରତିଶ୍ରୁତି ଦେବା ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କଡ଼ା ସମାଲୋଚନା କରିବାର କିଛି ଘଣ୍ଟା ପରେ ମସ୍କୋ କିଭ୍ ଉପରେ ଗୋଟିଏ ରାତିରେ ରେକର୍ଡ ସଂଖ୍ୟକ ୭୨୮ଟି ଡ୍ରୋନ୍‌ରେ ଆକ୍ରମଣ କରିଛି। ଏଥିସହ ରୁଷିଆ ୧୩ଟି କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଥିବା ବୁଧବାର ୟୁକ୍ରେନ୍ ବାୟୁସେନା କହିଛି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସେଥିରୁ ୨୯୬ ଡ୍ରୋନ୍ ଏବଂ ୭ ମିଶାଇଲ୍‌କୁ ଖସାଇଦେଇଥିବାବେଳେ ୪୧୫ଟି ଡ୍ରୋନ୍ ରାଡାରରେ ଦୃଶ୍ୟ ହୋଇ ନ ଥିଲା କିମ୍ବା ଜାମ୍ ହୋଇଥିଲା ବୋଲି ଏହାର ବାୟୁସେନା ପକ୍ଷରୁ କୁହାଯାଇଛି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଗତ କିଛି ସପ୍ତାହ ହେଲା ମସ୍କୋ ପକ୍ଷରୁ ଆକାଶମାର୍ଗ ଏବଂ ସ୍ଥଳଭାଗରେ ଆକ୍ରମଣକୁ ଜୋରଦାର କରାଯାଇଛି। ୟୁକ୍ରେନ୍ ଉତ୍ତରପଶ୍ଚିମ ଭାଗରେ ଥିବା ଲୁଟସ୍କ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନ୍ୟ ୧୦ଟି ଅଞ୍ଚଳ ମଧ୍ୟ ଡ୍ରୋନ୍ ଓ ମିଶାଇଲ ଆକ୍ରମଣର ସମ୍ମୁଖୀନ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି। ଲୁଟସ୍କରେ ୟୁକ୍ରେନ୍ ସେନାର ଏୟାରଫିଲ୍ଡଗୁଡ଼ିକ ରହିଥିବାବେଳେ ଏହି ସହର ଉପର ଦେଇ ନିୟମିତ ବହୁସଂଖ୍ୟାରେ କାର୍ଗୋ ବିମାନ ଏବଂ ଯୁଦ୍ଧବିମାନ ଉଡ଼ିଥାଏ। ଯୁଦ୍ଧର ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ପୃଷ୍ଠଭୂମି ଭାବେ ଜଣାଶୁଣା ୟୁକ୍ରେନ୍‌ର ପଶ୍ଚିମ ଭାଗରେ ଅନେକ ଏୟାରଫିଲ୍ଡ ଏବଂ ବିଦେଶୀ ସେନା ସହାୟତା ଡିପୋ ରହିଛି। ସେଠାରୁ ଦେଶର ଅନ୍ୟ ସ୍ଥାନକୁ ଅସ୍ତ୍ରଶସ୍ତ୍ର ପଠାଯାଇଥାଏ। ଏହି ଯୋଗାଣ କରିଡରରେ ବାଧା ସୃଷ୍ଟି ପାଇଁ ରୁଷିଆ ସେଠାରେ ଅଧିକ ଆକ୍ରମଣ ଜାରି ରଖିଛି।

ରୁଷିଆ ବାୟୁସେନା ୟୁକ୍ରେନ୍‌ର ଏୟାରବେସ୍ ଏବଂ ଅନ୍ୟ ଟାର୍ଗେଟଗୁଡ଼ିକୁ ଡ୍ରୋନ୍ ଓ ମିଶାଇଲ୍‌ରେ ଆକ୍ରମଣ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଗତ ୪ ତାରିଖରେ ମସ୍କୋ ୟୁକ୍ରେନ୍ ଉପରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଥିଲା। ୧,୦୦୦ କିଲୋମିଟର ବ୍ୟାପୀ ସୀମାନ୍ତର ବିଭିନ୍ନ ସ୍ଥାନରେ ରୁଷିଆ ପର୍ଯ୍ୟାପ୍ତ ସୈନ୍ୟ ରଖି ଆକ୍ରମଣକୁ ଜୋରଦାର କରିଥିବାବେଳେ ୟୁକ୍ରେନ୍ ସେନା ଚାପରେ ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଜାନୁଆରୀରେ କ୍ଷମତାକୁ ଆସିବା ପରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଉଦ୍ୟମ କରି ଆସୁଛନ୍ତି। ତେବେ ଶାନ୍ତି ସ୍ଥାପନ ଦିଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ମଙ୍ଗଳବାର ଟ୍ରମ୍ପ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୟୁକ୍ରେନ୍ ପ୍ରତିରକ୍ଷା ପାଇଁ ଆମେରିକା ପ୍ରଶାସନର ପ୍ରତିଶ୍ରୁତିବଦ୍ଧତାରେ ଅନିଶ୍ଚିତତା ଦେଖାଦେଇଥିବାବେଳେ ୱାଶିଂଟନ କିଭ୍‌କୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ଯୋଗାଣ ବନ୍ଦ କରିଥିଲା। ତେବେ ପୁଟିନ୍‌ଙ୍କ କାର୍ଯ୍ୟରେ କ୍ଷୁବ୍ଧ ହୋଇ ଟ୍ରମ୍ପ ୟୁକ୍ରେନ୍‌କୁ ଅଧିକ ଅସ୍ତ୍ର ଯୋଗାଇଦେବେ ବୋଲି ମଙ୍ଗଳବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ କହିଛନ୍ତି, ୱାଶିଂଟନ ସହ ଆଲୋଚନା ଜାରି ରଖିବାକୁ ମସ୍କୋ ଆଶାବାଦୀ ରହିଛି। ନଷ୍ଟ ହୋଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣିଥରେ ସଜାଡ଼ିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେପଟେ ଜେଲେନସ୍କି କହିଛନ୍ତି, ୟୁକ୍ରେନ୍‌ର ପଶ୍ଚିମ ଭାଗରେ ରୁଷିଆ ପ୍ରଚଣ୍ଡ ଆକ୍ରମଣ କରି ଆମେରିକା ନେତୃତ୍ୱରେ ଚାଲିଥିବା ଶାନ୍ତି ସ୍ଥାପନ ଉଦ୍ୟମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଷିଆ ତୈଳ ଉପରେ କଠୋର କଟକଣା ଲଗାଇବା ସେ ୟୁକ୍ରେନ୍‌ର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଛନ୍ତି। ସେହିପରି ଯେଉଁ ଦେଶଗୁଡ଼ିକ ରୁଷିଆରୁ ତେଲ କିଣି ଏହାକୁ ଯୁଦ୍ଧ ଲଢ଼ିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ କଟକଣା ଲଗାଇବାକୁ ଜେଲେନ୍‌ସ୍କି କହିଛନ୍ତି।

ରୁଷିଆ ଆକ୍ରମଣର ଜବାବ ଦେବା ପାଇଁ ପୋଲାଣ୍ଡ ଏହାର ଯୁଦ୍ଧବିମାନଗୁଡ଼ିକୁ ପ୍ରସ୍ତୁତ ରଖିବା ସହ ସଶସ୍ତ୍ର ବଳକୁ ସର୍ବାଧିକ ଆଲର୍ଟରେ ରଖିଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା ରୁଷିଆ ୟୁରୋପୀୟ ସଂଘର ସୁରକ୍ଷା ପ୍ରତି ବିପଦ ଭାବେ ଉଭା ହେବାକୁ ଯାଉଥିବା ଡାନିସ୍ ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକ୍‌ସେନ୍ କହିଛନ୍ତି। ୟୁରୋପ ଏବଂ ୟୁକ୍ରେନ୍‌ର ପ୍ରତିରକ୍ଷା ଶିଳ୍ପଗୁଡ଼ିକ ୫ ବର୍ଷ ମଧ୍ୟରେ ଉତ୍ପାଦନ ସାମର୍ଥ୍ୟ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି।

## ଆଧାର ପ୍ରଥମ ପରିଚୟ ନୁହେଁ: ୟୁଆଇଡିଏଆଇ ମୁଖ୍ୟ

ନୂଆଦିଲ୍ଲୀ, ୯।୭

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ଗ୍ରହଣୀୟ ପରିଚୟ ଦସ୍ତାବିଜ୍ ତାଲିକାରୁ ଆଧାରକୁ ବାଦ୍ ଦେବା ପାଇଁ ଦାବି ଜୋର୍ ଧରିଥିବାବେଳେ ଆଧାର କଦାପି ପ୍ରଥମ ପରିଚୟ ନୁହେଁ ବୋଲି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଏଡିଏଆଇ)ର ସିଇଓ ଭୁବନେଶ କୁମାର ବୁଧବାର କହିଛନ୍ତି। ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକୁ ବନ୍ଦ କରିବା ପାଇଁ ୟୁଆଇଡିଏଆଇ ଉଦ୍ୟମ ଜାରି ରଖିଛି। ନୂଆ ଆଧାର କାର୍ଡଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ କ୍ୟୁଆର୍ କୋଡ୍ ରହିବା ସହ ଆଧାର କାର୍ଡ କ୍ୟୁଆର୍ ସ୍କାନର ଆପ୍‌ର ବିକାଶ କରାଯିବ ବୋଲି ଭୁବନେଶ କହିଛନ୍ତି। ଫଳରେ ଜାଲ୍ ଆଧାର କାର୍ଡ ଧରାପଡ଼ିଯିବ। ବିହାର ଭୋଟର ତାଲିକାରୁ ଅଣନାଗରିକଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ନିର୍ବାଚନ କମିଶନ ଏସ୍‌ଆଇଆର୍ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ ଏହା କାର୍ଯ୍ୟକାରୀ ହେବ।

## ଭାରତ ଜନ୍ମିତ ସାବିହ ଖାନ୍ ଆପଲ୍ ସିଓଓ



ନ୍ୟୁୟର୍କ, ୯।୭

ଉତ୍ତରପ୍ରଦେଶର ମୋରାଦାବାଦରେ ଜନ୍ମିତ ସାବିହ ଖାନ୍ ଆଇଫୋନ୍ ଉତ୍ପାଦନକାରୀ କମ୍ପାନୀ ଆପଲ୍‌ର ମୁଖ୍ୟ ଅପରେଟିଂ ଅଫିସର (ସିଓଓ) ଭାବେ ପଦୋନ୍ନତି ପାଇଛନ୍ତି। ଭାରତୀୟ-ଆମେରିକୀୟ ଇଞ୍ଜିନିୟର ଖାନ୍(୫୯) ୩ ଦଶନ୍ଧି ହେଲା ଆମେରିକାର ବୃହତ୍ ପ୍ରଯୁକ୍ତି କମ୍ପାନୀ ସହ ଯୋଡ଼ିହୋଇ ରହିଛନ୍ତି। ସେ ୧୯୯୫ରେ ଆପଲ୍‌ରେ ଯୋଗ ଦେଇଥିବାବେଳେ ୨୦୧୯ ଜୁନ୍‌ରେ ଏହାର ପରିଚାଳନା ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ହୋଇଥିଲେ। ଚଳିତ ମାସ ଶେଷଭାଗରେ ଜେଫ୍ ୱିଲିଅମ୍ସଙ୍କ ସ୍ଥାନରେ ସେ ଆପଲ୍ ସିଓଓ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଛନ୍ତି। ଖାନ୍ ଆପଲ୍ ଯୋଗାଣ ଶୃଙ୍ଖଳର ଅନ୍ୟତମ ମୁଖ୍ୟ ବିନ୍ଧାଣି ତଥା ଦକ୍ଷ ରଣନୀତିକାର ବୋଲି ଏହାର ସିଇଓ ଟିମ୍ କୁକ୍ କହିଛନ୍ତି।

## ଛାତ୍ର, ପର୍ଯ୍ୟଟକ, ଏଚ୍-୧ବି ଭିଜା ଶୁଳ୍କ ବଢ଼ାଇଲା ଆମେରିକା

ୱାଶିଂଟନ୍, ୯।୭ (ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୱାନ୍ ବିଗ୍ ବିୟୁଟିଫୁଲ୍ ବିଲିୟନ୍ ବିଲ୍ ଆକ୍ଟ ଅଧୀନରେ ଦେଶର ଆପ୍ରବାସୀ ନୀତିରେ ପରିବର୍ତ୍ତନ କରାଯାଇ ୨୫୦ ଡଲାରର ଭିଜା ଇଣ୍ଟିଗ୍ରିଟି ଫି'ର ପ୍ରଚଳନ କରାଯାଇଛି। ଏକ ସୁରକ୍ଷା ଜମା ଭଳି ଏହି ବାଧ୍ୟତାମୂଳକ ଶୁଳ୍କକୁ ଲାଗୁ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଏହି ବାଧ୍ୟତାମୂଳକ ଶୁଳ୍କ ୨୦୨୬ଠାରୁ କାର୍ଯ୍ୟକାରୀ ହେବ। ଏଥିରେ ପର୍ଯ୍ୟଟକ/ବ୍ୟବସାୟ (ବି୧-ବି୨), ଛାତ୍ର ଭିଜା (ଏଫ୍ ଏବଂ ଏମ୍) ଏବଂ ଏଚ୍-୧ ଭିଜା ଅନ୍ତର୍ଭୁକ୍ତ ଥିବା ବେଳେ କେବଳ କୂଟନୈତିକ ଭିଜା ଶ୍ରେଣୀ (ଏ ଏବଂ ଜି)କୁ ଏଥିରୁ ଛାଡ଼ କରାଯାଇଛି। ଅଧିକାଂଶ ଅଣ-ଆପ୍ରବାସୀ ଭିଜା ଶ୍ରେଣୀରେ ୨୫୦ ଡଲାରର ଭିଜା ଇଣ୍ଟିଗ୍ରିଟି ଫି'କୁ ଯୋଡ଼ାଯାଇଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି ଏହି ପଦକ୍ଷେପକୁ ଆମେରିକାର ଆପ୍ରବାସ ଆଇନକୁ ପାଳନ କରିବା ପାଇଁ ବାଧ କରିବା ଉଦ୍ଦେଶ୍ୟରେ ଏକ ପ୍ରୟାସ ବୋଲି ବିଚାର କରାଯାଉଛି।

# ଭାରତ ବନ୍ଦ ଯୋଗୁ ପରିବହନ ସେବା ବାଧାପ୍ରାପ୍ତ

ନୂଆଦିଲ୍ଲୀ, ୯।୭

- ବିହାର, ପଶ୍ଚିମବଙ୍ଗରେ ରେଲରୋକୋ
- କେରଳରେ ସମ୍ପୂର୍ଣ୍ଣ ବନ୍ଦ

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ଓ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ କରାଯାଇଥିଲା। ଫଳରେ ଦେଶର ଅଧିକାଂଶ ଭାଗରେ ସାଧାରଣ ପରିବହନ ସେବା ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିସହିତ ସରକାରୀ କାର୍ଯ୍ୟାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କିଙ୍ଗ୍ ଓ ବୀମା, ଡାକ ସେବା, କୋଇଲା ଖଣି ଓ ଶିଳ୍ପ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି। ବିହାର ଏବଂ ପଶ୍ଚିମବଙ୍ଗରେ ଲୋକେ ରେଲରୋକୋ କରିଥିଲେ। ବିହାର ଜେହନାବାଦ ରେଲଷ୍ଟେଶନରେ ଆର୍‌ଜେଡିର ଛାତ୍ର ସଂଗଠନ ସଦସ୍ୟମାନେ ରେଲରୋକରେ ସାମିଲ ହୋଇଥିବାବେଳେ ପଶ୍ଚିମବଙ୍ଗରେ ବାମଦଳ ସମର୍ଥିତ ଟ୍ରେଡ୍ ୟୁନିୟନଗୁଡ଼ିକର ଧର୍ମଘଟ ଯୋଗୁ ଯାଦବପୁର ସମେତ ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଓଡ଼ିଶାର ଭୁବନେଶ୍ୱରରେ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ସ (ସିଆଇଟିୟୁ)ର ଖୋର୍ଦ୍ଧା ଜିଲା ଶାଖା ସଦସ୍ୟମାନେ ବନ୍ଦକୁ ସମର୍ଥନ କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ବାମଦଳ କର୍ମୀମାନେ କେରଳରେ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ଥିରୁଭାନନ୍ଥପୁରମ୍, କୋଚି, କୋଝିକୋଡ୍ ଆଦି ବୃହତ୍ ସହରଗୁଡ଼ିକର ରାସ୍ତାରେ ଟ୍ରେଡ୍ ୟୁନିୟନ ସଦସ୍ୟମାନେ ବିକ୍ଷୋଭକୁ ଜୋର୍‌ଦାର କରିଥିଲେ। ଫଳରେ ଯାତ୍ରୀ ଓ ମାଲ୍ ପରିବହନ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବା ସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା।

ଅନ୍ୟପକ୍ଷରେ ତାମିଲନାଡୁର ଚେନ୍ନାଇ ସମେତ ବିଭିନ୍ନ ସହରରେ ବନ୍ଦ ପ୍ରଭାବ ଅନୁଭୂତ ହୋଇ ନ ଥିଲା। ସେଠାରେ ଯାତ୍ରୀ ପରିବହନ ଯଥାରୀତି ଚାଲିଥିଲା। ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର କାର୍ଯ୍ୟକାରୀ କରିଥିବା ବନ୍ଦର ଶ୍ରମ ନୀତି ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ଟ୍ରେଡ୍ ୟୁନିୟନଗୁଡ଼ିକ ୧୭ଟି ଦାବି ନେଇ ଆନ୍ଦୋଳନ ଚଳାଇଥିବା ସିଆଇଟିୟୁ ସାଧାରଣ ସମ୍ପାଦକ ତପନ କୁମାର ସେନ୍ କହିଛନ୍ତି।



ଭାରତ ବନ୍ଦ ବେଳେ ଅହମଦାବାଦରେ ଶିଶୁ ଯତ୍ନ ସେବିକାମାନେ ବିକ୍ଷୋଭ କରୁଛନ୍ତି।

## ରେଳ ଲାଇନ୍‌ରେ ହାତୀର ପ୍ରସବ: ୨ ଘଣ୍ଟା ଅପେକ୍ଷା କଲା ଟ୍ରେନ

ରାଞ୍ଚି, ୯।୭ (ପି.ଟି.)

ପୂର୍ବ-ମଧ୍ୟ ରେଲ୍‌ୱେ ଅନ୍ତର୍ଗତ ରାଞ୍ଚି-କୋଡରମା ରୁଟ୍‌ର ବରକାକାନା ଏବଂ ହଜାରିବାଗ ଷ୍ଟେଶନ ମଧ୍ୟରେ ସରୱାହା ଗ୍ରାମ ନିକଟରେ ଥିବା ରେଳ ଲାଇନ୍‌ରେ ଏକ ଜଙ୍ଗଲୀ ହାତୀର ସୁରକ୍ଷିତ ପ୍ରସବ ପାଇଁ ଗୋଟିଏ ଚଳନ୍ତା ମାଲବାହୀ ଟ୍ରେନ୍‌କୁ ପ୍ରାୟ ୨ ଘଣ୍ଟା ଧରି ଅଟକାଯାଇଥିଲା। ଗର୍ଭିଣୀ ହାତୀର ସୁରକ୍ଷା ପାଇଁ ଝାଡ଼ଖଣ୍ଡ ବନ ବିଭାଗ ଏବଂ ରେଲ୍‌ୱେ ପକ୍ଷରୁ ମିଳିତ ଭାବେ ଏହି ନିଷ୍ପତ୍ତି ନିଆଯାଇଥିଲା। ହାତୀ ନବଜାତକୁ ଜନ୍ମଦେବା ପରେ ଉଭୟଙ୍କୁ ବନ ବିଭାଗର ଅଧିକାରୀ ଉଦ୍ଧାର କରିଥିଲେ। ଏହାପରେ ମାଲ୍‌ବାହୀ ଟ୍ରେନ୍‌ଟି ଚାଲିଥିଲା। ବୁଧବାର ଏହାର ଏକ ଭିଡିଓକୁ କେନ୍ଦ୍ର ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏକ୍ସ'ରେ ଶେୟାର କରିଛନ୍ତି। ଏହି ଘଟଣା ସମ୍ବେଦନଶୀଳତାର ଜୀବନ୍ତ ଉଦାହରଣ ହୋଇଥିବା ସେ କହିଛନ୍ତି। ସେ ନିଜ ପୋଷ୍ଟରେ ଝାଡ଼ଖଣ୍ଡ ବନ ବିଭାଗ ଏବଂ ରେଳ ଅଧିକାରୀଙ୍କ ପ୍ରଶଂସା କରିଛନ୍ତି।

# ବିହାର ନିର୍ବାଚନରେ ମହାରାଷ୍ଟ୍ର ଭଳି ଜାଲିଆତି ହେବାକୁ ଦେବୁନି: ରାହୁଲ

ପାଟନା, ୯।୭ (ପି.ଟି.)



ପାଟନାରେ ବିହାର ବନ୍ଦବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ।

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାକୁ ଜିତାଇବା ପାଇଁ ଜାଲିଆତି କରାଯାଇଥିଲା। ଚଳିତବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରର ଏନ୍‌ଡିଏ ସରକାର ଉକ୍ତ ଜାଲିଆତିକୁ ଦୋହରାଇବା ପାଇଁ ଚାହୁଁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଅଭିଯୋଗ କରିଛନ୍ତି। ତେବେ ବିହାରରେ ଏହା ହେବାକୁ ଦିଆଯିବ ନାହିଁ ବୋଲି ପାଟନାସ୍ଥିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଇଣ୍ଡିଆ ବ୍ଲକ୍ କର୍ମୀଙ୍କ ବିକ୍ଷୋଭ ରାଲିରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି। ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ କରି ଇଣ୍ଡିଆ ବ୍ଲକ୍ ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଥିଲା। ଏସ୍‌ଆଇଆର୍ ହେଉଛି ଭୋଟର ତାଲିକାରେ ହେରଫେର କରିବା ପାଇଁ ମହାରାଷ୍ଟ୍ର ମଡେଲର ପରିବର୍ଦ୍ଧିତ ରୂପ। ଏହା କେବଳ ଲୋକଙ୍କ ଅଧିକାର ଛଡ଼ାଇ ନେବ ନାହିଁ ବରଂ ସେମାନଙ୍କ ସମ୍ପୂର୍ଣ୍ଣ ଭବିଷ୍ୟତକୁ ମଧ୍ୟ ଛଡ଼ାଇନେବ ବୋଲି ରାହୁଲ କହିଛନ୍ତି। ସମ୍ବିଧାନର ସୁରକ୍ଷା କରିବା ବଦଳରେ ନିର୍ବାଚନ କମିଶନ ଭାଜପା ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ହେଉଛି ନିର୍ବାଚନକୁ ଚୋରାଇବାର ଉଦ୍ୟମ। ଲୋକଙ୍କ ଭୋଟ ଅଧିକାରକୁ ଛଡ଼ାଇ ନେବାକୁ ଦିଆଯିବ ନାହିଁ ବୋଲି ରାହୁଲ କହିଛନ୍ତି। ଏହି ବିକ୍ଷୋଭ ରାଲିରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ସିପିଆଇ(ଏମ୍)ର ଏମ୍.ଏ. ବେବି ଏବଂ ସିପିଆଇ(ଏମ୍‌ଏଲ୍)ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଜାଗୁଆର ପ୍ରଶିକ୍ଷଣ ବିମାନ ଦୁର୍ଘଟଣା: ୨ ବାୟୁସେନା ପାଇଲଟ୍ ମୃତ

ନୂଆଦିଲ୍ଲୀ, ୯।୭

ଭାରତୀୟ ବାୟୁସେନାର ଏକ ଜାଗୁଆର ପ୍ରଶିକ୍ଷଣ ବିମାନ ବୁଧବାର ମଧ୍ୟାହ୍ନରେ ରାଜସ୍ଥାନର ଚୁରୁ ଜିଲା ଅନ୍ତର୍ଗତ ଭାନୁଦା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଉଭୟ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଗତ ୫ ମାସ ମଧ୍ୟରେ ଏହା ତୃତୀୟ ଜାଗୁଆର ବିମାନ ଦୁର୍ଘଟଣା। ଦୁର୍ଘଟଣା ଯୋଗୁ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ସହ କଳାଧୂଆଁ ଉଠୁଥିବା ଦେଖାଯାଇଥିଲାବେଳେ ଆଖପାଖ ଗାଁର ଲୋକେ ଆତଙ୍କିତ ହୋଇଯାଇଥିଲେ। ତେବେ ଦୁର୍ଘଟଣାସ୍ଥଳରେ ଜନସାଧାରଣଙ୍କ କୌଣସି ସମ୍ପତ୍ତି କ୍ଷୟକ୍ଷତି ହୋଇ ନ ଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ମୃତ ପାଇଲଟ୍‌ଙ୍କ ପରିବାରକୁ ବାୟୁସେନା ସମବେଦନା ଜଣାଇଛି।

ଫୁରସତ୍

## ଆଲିଆଙ୍କୁ ୭୭ ଲକ୍ଷ ଠକିଥିବା ପୂର୍ବତନ ପିଏ ଗିରଫ

ମୁମ୍ବାଇ, ୯।୭

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ(ପିଏ) ବେଦିକା ପ୍ରକାଶ ଶେଟ୍ଟୀ ବୁଧବାର ଗିରଫ ହୋଇଛନ୍ତି। ସେ ଗତ ୬ ମାସ ଧରି ଫେରାର ଥିଲେ। ବେଦିକା ଗତ ୨ ବର୍ଷ ଧରି ଆଲିଆଙ୍କୁ ଠକି ଆସୁଥିଲେ। ସେ ନକଲି ବିଲ୍ ଏବଂ ଆଲିଆଙ୍କ ନକଲି ଦସ୍ତଖତକୁ ବ୍ୟବହାରକରି ତାଙ୍କୁ ୭୭ ଲକ୍ଷ ଟଙ୍କା ଠକିଥିଲେ। କିଛି ମାସ ତଳେ ଏନେଇ ଆଲିଆଙ୍କ ମା' ସୋନି ରାଜ୍‌ଦାନ ଥାନାରେ ଅଭିଯୋଗ କରିଥିଲେ। ଅନେକ ଦିନ ଧରି ଖୋଜିବା ପରେ ମୁମ୍ବାଇ ପୋଲିସ ବେଦିକାଙ୍କୁ ମଙ୍ଗଳବାର ବେଙ୍ଗାଲୁରୁରୁ ଗିରଫ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୩୧୬(୪), ୩୧୮(୪) ଅନୁଯାୟୀ, ବେଦିକାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ, ବେଦିକା ୨୦୨୧ରେ ଆଲିଆଙ୍କ ପ୍ରଡକ୍ସନ କମ୍ପାନୀ ଏଟର୍ନାଲ ସନ୍‌ସାଇନ ପ୍ରଡକ୍ସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ଯୋଗଦେଇଥିଲେ। ସେ ଆଲିଆଙ୍କ ନକଲି ଦସ୍ତଖତର ବ୍ୟବହାର କରି କମ୍ପାନିକୁ ୭୬.୯ ଲକ୍ଷ ଟଙ୍କା ଠକିଥିଲେ।



ଆଲିଆ ଭଟ୍ଟ



ବେଦିକା ପ୍ରକାଶ ଶେଟ୍ଟୀ

## 'ବାଗୀ ୪'ର ଶୁଟିଂ ଶେଷ

ମୁମ୍ବାଇ

ଏ. ହର୍ଷାଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ୍ ନାଦିଆଦ୍‌ୱାଲାଙ୍କ ନିର୍ମିତ ଆକ୍ସନ ଥ୍ରୀଲର ଫିଲ୍ମ 'ବାଗୀ ୪'ର ଶୁଟିଂ ଗତବର୍ଷ ନଭେମ୍ବର ୧୮ରେ ଆରମ୍ଭ ହୋଇଥିଲା। ସମ୍ପ୍ରତି ଶୁଟିଂ ଶେଷ ହୋଇଥିବା ନେଇ ଅଭିନେତା ଟାଇଗର ଶ୍ରଫ୍ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଟାଇଗର ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂସେଟ୍‌ର କେତେକ ଫଟୋ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, 'ବାଗୀ ୪'ର ଶୁଟିଂ ଶେଷ ହୋଇଛି। ଏହାର ଅନୁଭୂତି ଅତ୍ୟନ୍ତ ଚମତ୍କାର ଥିଲା, ଯାହା ସବୁବେଳେ ମନେରହିବ। ତାଙ୍କ ଉପରେ ବାରମ୍ବାର ବିଶ୍ୱାସ କରିଥିବାରୁ ସେ 'ବାଗୀ' ଫ୍ରାଞ୍ଚାଇଜ୍ ଏବଂ ଫିଲ୍ମ ନିର୍ମାତା ସାଜିଦ୍ ନାଦିଆଦ୍‌ୱାଲାଙ୍କୁ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। 'ବାଗୀ ୪' ଫିଲ୍ମରେ ଟାଇଗରଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜୱା ନଜରକୁ ଆସିବେ। ଫିଲ୍ମରେ ପ୍ରଥମ ଥର ପାଇଁ ସୋନମଙ୍କ ସହ ଟାଇଗରଙ୍କ ରୋମାଣ୍ଟିକ୍ ଭୂମିକା ଦେଖିବାକୁ ମିଳିବ, ଯାହାକୁ ନେଇ ଉଭୟଙ୍କ ପ୍ରଶଂସକ ଫିଲ୍ମ ରିଲିଜ୍‌କୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। 'ବାଗୀ ୪'ରେ ଟାଇଗରଙ୍କ ଅନେକ ଆକ୍ସନ ଦୃଶ୍ୟ ରହିଥିବା ନେଇ ପ୍ରକାଶ ପାଇଛି।



ଟାଇଗର ଶ୍ରଫ୍




# ପେଟ୍ରୋଲ, ଡିଜେଲ ସଙ୍କଟ ଆଶଙ୍କା

## ଡ୍ରାଇଭର ମହାସଂଘର ବନ୍ଦ ଡାକରାର ପ୍ରଭାବ

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ଡ୍ରାଇଭର ମହାସଂଘର ବନ୍ଦ ଡାକରା ଯୋଗୁ ତୈଳ ସେବା ପ୍ରଭାବିତ ହୋଇଛି। ଭାରତ ବନ୍ଦ ପାଇଁ ପେଟ୍ରୋଲ ପମ୍ପ ବନ୍ଦ ରହିବା ନେଇ କୌଣସି ଘୋଷଣା ହୋଇ ନ ଥିଲା। ମାତ୍ର ଓଡ଼ିଶାରେ ଡ୍ରାଇଭର ମହାସଂଘ ଓ ବିଭିନ୍ନ ଟ୍ରେଡ ସଂଗଠନର ଆନ୍ଦୋଳନ ଯୋଗୁ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିଛି। ବାଲେଶ୍ୱର, ଖୋର୍ଦ୍ଧାର ଜଟଣୀ, ପାରାଦୀପରେ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ପିକେଟିଂ କରି ଗାଡ଼ି ଅଟକାଇବା ଦ୍ୱାରା ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। 'ଆମ ପାଖରେ ଯେତିକି ତେଲ ମହଜୁଦ ଥିଲା, ତାହା ଗୁରୁବାର ପର୍ଯ୍ୟନ୍ତ ଯିବ' ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏଶନର ସଭାପତି ସଞ୍ଜୟ ଲାଠ କହିଛନ୍ତି। ଯଦି ଡ୍ରାଇଭର ସଂଘର ଆନ୍ଦୋଳନ ଜାରି ରହେ, ତେବେ ତୈଳ ସଙ୍କଟ ଦେଖାଦେବ ବୋଲି ସଞ୍ଜୟ ସୂଚନା ଦେଇଛନ୍ତି। ଯଦି ସଞ୍ଜୟଙ୍କ ଆକଳନ ଠିକ ହୁଏ, ତେବେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ ଓ ଡିଜେଲ ପାଇଁ ହଇରାଣ ହେବାକୁ ପଡ଼ିବ। ତେଲ ସଙ୍କଟ ହେଲେ ସାଧାରଣ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ପରିବହନ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇପାରେ।





FAKIR MOHAN UNIVERSITY

VYASA VIHAR, BALASORE, ODISHA - 756089
https://fmuniversity.nic.in/
Admission through
CPET-2025 & OJEE-2025

Ranked 151-200 University Category

nirf NATIONAL INSTITUTIONAL RANKING FRAMEWORK

Why Choose Us?

- Non-negotiable academic calendar
- Contemporary Curriculum
- Impactful Pedagogy
- Timely publication of results
- ICT Enabled Classrooms
- Health insurance for all
- Industry ready students
- World-class Infrastructure
- Extensive Research Collaboration
- Research on Paddy, Betel & Fish
- Museums
- Each one Teach One
- Earn while Learn
- Vehicle Free Campus
- And many more

P.G. Faculties & Programmes:

A. Language & Literature
- Odia
- English
- Urdu
- Sanskrit
- JMC
- Yoga & Naturopathy

B. Humanities & Social Sciences
- Population Studies
- Pol. Science
- Sociology
- History
- Psychology
- Anthropology
- Social Work

C. Physical & Earth Sciences
- Applied Geology
- Geography
- Physics
- Chemistry
- Atmospheric Science

D. Biological Sciences
- Bio-technology
- Environmental Science
- Botany
- Zoology
- Microbiology

E. Computational Sciences
- MCA
- Mathematics
- MLIS & Data Science

F. Legal Studies
- Integrated BA LLB & LLM
- PMIR

G. Pedagogical Science
- Integrated B.Ed. M.Ed.
- Education

H. Economics & Business Studies
- Economics
- MBA
- M. Com

- Centre of Excellence for Bioresource Management and Energy Conservation Material Development
- Centre for research on Dhan, Paan, Mina, Fakir Mohan, Horse Shoe Crab and many more.

FakirMohanUniv @FMUniversityBLS fakirmohanuniversity



କ୍ଲିନିକ ଦ୍ୱାରା ପ୍ରମାଣିତ

ମୂତ୍ରରୋଗଜନିତ ରୋଗ° >୯୩%* ଉପଶମ କରେ




ବୈଦ୍ୟନାଥ ପ୍ରୋସ୍‌ଟେଡ

- ସାଧାରଣ ପ୍ରବାହକୁ ଫେରାଇ ଆଣେ
- ବ୍ଲାଡର ନିୟନ୍ତ୍ରଣରେ ଉନ୍ନତି ଆଣେ

Scan to buy online
www.baidyanath.com
amazon Flipkart TATA 1mg
1800 102 1855 (10 am - 6 pm)

°Urinary problems like Frequent Urination, Burning Sensation of Urine, Painful Micturition & Discomfort in the urinary tract.
*As per Randomized Placebo Control Clinical Study for 90 days on subjects suffering from urinary problems.


# ଓଡ଼ିଶା ସରକାରଙ୍କୁ ମହୁଆଙ୍କ ଚେତାବନୀ

- ଝାରସୁଗୁଡ଼ାରେ ଅଟକ ୪୪୪ ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରେ କୃଷ୍ଣନଗରର ୨୩
- ସେମାନଙ୍କୁ ତୁରନ୍ତ ନ ଛାଡ଼ିଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

କୋଲକାତା,୯।୭


ମହୁଆ ମୋଇତ୍ର

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହ କରି ଅଟକ ରଖାଯାଇଛି। ଜୁଲାଇ ୭ରୁ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଖବର ପ୍ରସାରିତ ହେବାର ଦିନକ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଏନେଇ ଓଡ଼ିଶା ସରକାରଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି।

ନିକଟରେ ପୁରୀର ପୂର୍ବତନ ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କୁ ବିବାହ କରି ଚର୍ଚ୍ଚାକୁ ଆସିଥିବା ପଶ୍ଚିମବଙ୍ଗର କୃଷ୍ଣନଗର ସାଂସଦ ମହୁଆ ମୋଇତ୍ର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ଭିଡିଓ ଜାରି କରି କହିଛନ୍ତି, ଓଡ଼ିଶା ସରକାର ଅଟକ ରଖିଥିବା ବ୍ୟକ୍ତିମାନେ ପଶ୍ଚିମବଙ୍ଗର। ଏହି ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ କୃଷ୍ଣନଗର ଅଧୀନ ନଦିଆ ଜିଲା ପାଣିଘାଟ ଗ୍ରାମପଞ୍ଚାୟତ ମିର୍ଜାପୁର ଗ୍ରାମର ବାସିନ୍ଦା। ସେମାନଙ୍କୁ ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ପୋଲିସ ଜେରା କେନ୍ଦ୍ରରେ ଅନ୍ୟ ୪୨୧ ବଙ୍ଗାଳୀ ଶ୍ରମିକଙ୍କ ସହ ବେଆଇନ ଭାବେ ଅଟକ ରଖିଛି। ଉକ୍ତ ଭିଡିଓରେ ଏକ ବଡ଼ ହଲ୍ ଦେଖିବାକୁ ମିଳୁଛି, ଯେଉଁଠି ଜଣେ ବ୍ୟକ୍ତି କହୁଛନ୍ତି, ସେମାନେ ସମସ୍ତେ ଭାରତୀୟ। ସେମାନଙ୍କୁ ସନ୍ଦିଗ୍ଧ ବାଂଲାଦେଶୀ ଭାବେ ଅଟକ ରଖାଯାଇଛି। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହସ୍ତକ୍ଷେପ କରି ସେମାନଙ୍କ ମୁକ୍ତି ପାଇଁ ସାହାଯ୍ୟ କରନ୍ତୁ ବୋଲି ଯୁବକ ଜଣକ ଅନୁରୋଧ କରିଛନ୍ତି।

ଏଥିରେ ମହୁଆ ଆହୁରି କହିଛନ୍ତି, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସଂଜ୍ଞାନକୁ ନେଇ ଅଟକଥିବା ୨୩ ଶ୍ରମିକଙ୍କୁ ତୁରନ୍ତ ମୁକ୍ତ କରନ୍ତୁ। ଅନ୍ୟଥା ବେଆଇନ ଭାବେ ଅଟକ ରଖାଯିବା ବିରୋଧରେ ଦେଶର ୨୩ଟି କୋର୍ଟରେ ୨୩ ହେବିଅସ୍ କର୍ପସ ପିଟିଶନ ଦାଖଲ କରାଯିବ। ଏନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥ ମଧ୍ୟ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଅଟକ ବ୍ୟକ୍ତିମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ଆମେ ଏଭଳି ସ୍ଥିତି କେବେ ଦେଖିବାକୁ ପାଇ ନ ଥିଲୁ। କିନ୍ତୁ ଗତ ବର୍ଷକ ମଧ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏହା ଏକ ନିତିଦିନିଆ ଘଟଣା ହୋଇଗଲାଣି ବୋଲି ମହୁଆ ସମାଲୋଚନା କରିଛନ୍ତି। କେବଳ ଏତିକି ନୁହେଁ, ଓଡ଼ିଶା ସରକାର ବଙ୍ଗାଳୀ ପର୍ଯ୍ୟଟକଙ୍କ ଯୋଗୁ ପର୍ଯ୍ୟଟନ କ୍ଷେତ୍ରରୁ ୫୦% ରାଜସ୍ୱ ଲାଭ କରୁଛନ୍ତି। ବଙ୍ଗାଳୀମାନେ ଓଡ଼ିଶା ଯିବା ବନ୍ଦ କରିଦେଲେ କ'ଣ ହେବ ଚିନ୍ତା କରନ୍ତୁ ବୋଲି ମହୁଆ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

## ଭାରତ ଧର୍ମଶାଳା ନୁହେଁ: ଟଙ୍କଧର


ଟଙ୍କଧର ତ୍ରିପାଠୀ

ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଓଡ଼ିଶା ସରକାରଙ୍କୁ ଚେତାବନୀ ଦେବା ପରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଭାରତ ଏକ ଧର୍ମଶାଳା ନୁହେଁ। ଏପରି ଅନେକ ଲୋକ ବେଆଇନ ଭାବେ ପଶିଆସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ଯଦ୍ୱାରା ଦେଶର ନିରୀହ ଜନସାଧାରଣଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ଜାତୀୟ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଦେଶ ଅନୁସାରେ ଝାରସୁଗୁଡ଼ା ପୋଲିସ ଏହି ଅବୈଧ ଭାବରେ ରହିଥିବା ବାଂଲାଦେଶୀ ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରି ସମ୍ମାନର ସହିତ ରଖିଛି। ଯେଉଁମାନଙ୍କର ପରିଚୟପତ୍ର ଭାରତୀୟ ନାଗରିକ ଭାବରେ ରହିଛି, ସେମାନଙ୍କୁ ଛଡ଼ାଯାଉଛି। ଯେଉଁମାନେ ବେଆଇନ ଭାବେ ରହୁଛନ୍ତି, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଷ୍ଟ୍ରର ନିରାପତ୍ତା ପାଇଁ ଏହା ଏକ ସର୍ବଶ୍ରେଷ୍ଠ ପ୍ରଚେଷ୍ଟା। ବିଜେଡି ଯାହା କହିପାରୁନି, ତାହା ନୂଆବୋହୂ ମହୁଆ ମୋଇତ୍ରଙ୍କ ମାଧ୍ୟମରେ କୁହାଯାଉଛି। ଯଦି ସତ୍‌ସାହସ ଅଛି ତେବେ ବିଜେଡି ଏହା ଉପରେ ମତ ରଖୁ।

# ବିଦ୍ୟାଭାରତୀ, ସଂଗ୍ରାମଙ୍କ ଆବେଦନ ହାଇକୋର୍ଟରେ ଖାରଜ

## ଏସିଏଫ୍ ସୌମ୍ୟରଞ୍ଜନ ହତ୍ୟା ମାମଲା

କଟକ,୯।୭(କାର୍ତ୍ତିକ ସାହୁ)


ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସହ ସ୍ତ୍ରୀ ବିଦ୍ୟାଭାରତୀ

ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ହତ୍ୟା ମାମଲାରେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା ଓ ପୂର୍ବତନ ପାରଳାଖେମୁଣ୍ଡି ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ସଂଗ୍ରାମ ବେହେରାଙ୍କ ଆବେଦନ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଥିସହ ସ୍ତ୍ରୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଅଭିଯୋଗ ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ବିରୋଧ କରି ଉଭୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୧ ଜୁଲାଇ ୧୨ରେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ତାଙ୍କ ସ୍ତ୍ରୀଙ୍କ ସହ ଥିବାବେଳେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସୌମ୍ୟରଞ୍ଜନଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ତାଙ୍କ ଶରୀରର ୯୦% ପୋଡ଼ିଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୧୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଅଭିଯୋଗ କରିଥିଲେ ଯେ, ତାଙ୍କ ବୋହୂ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ ଓ ଅଫିସ୍ ରୋଷେୟା ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ସୌମ୍ୟ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ନ ଥିଲା। ଏହାର ସୁଯୋଗ ନେଇ ସ୍ତ୍ରୀ ବିଦ୍ୟାଭାରତୀ ଓ ସହଯୋଗୀ ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ଏହାକୁ ଆଧାର କରି ପାରଳାଖେମୁଣ୍ଡି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଘଟଣାର ତଦନ୍ତଭାର ସରକାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।

# ଖାଲିଥିବା ୬ ମନ୍ତ୍ରୀ ପଦ ପୂରଣ ହେବ: ମନମୋହନ

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)


ମନମୋହନ ସାମଲ

ରାଜ୍ୟରେ ଭାଜପା ସରକାର ଗଠନର ଗୋଟିଏ ବର୍ଷ ପୂରଣ ହୋଇସାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳରେ ୧୬ ଜଣ ମନ୍ତ୍ରୀ ରହିଛନ୍ତି। ଏହା ବାଦ୍ ୬ଟି ମନ୍ତ୍ରୀ ପଦ ବର୍ତ୍ତମାନ ସୁଦ୍ଧା ଖାଲି ରହିଛି। ଖୁବ୍‌ଶୀଘ୍ର ପଦବୀ ପୂରଣ ହେବ ବୋଲି ଭାଜପାର ନୂଆ ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ମନମୋହନ ୪ର୍ଥ ଥର ଲାଗି ଦଳର ସଭାପତି ନିଯୁକ୍ତ ହେବାପରେ ବୁଧବାର ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାକୁ ସଶକ୍ତ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତ ନିର୍ବାଚନକୁ ଦେଢ଼ବର୍ଷରୁ କମ୍ ସମୟ ରହିଛି। ସାଧାରଣ ଲୋକେ ଯେପରି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କଲେ ସେହିପରି ତୃଣମୂଳସ୍ତରରେ ପରିବର୍ତ୍ତନ ଚାହୁଁଛନ୍ତି। ଭାଜପା ଏଥର ପଞ୍ଚାୟତସ୍ତରରେ ଭଲ ପ୍ରଦର୍ଶନ କରିବ। ସଭାପତି ଯେତେବେଳେ ନୂଆ ହୋଇଛନ୍ତି ଦଳ ନୂଆ କମିଟି ମଧ୍ୟ ଗଠନ କରିବ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଦଳର ନୂଆ ସଭାପତି ଚୟନ ନେଇ ସମସ୍ତଙ୍କ ଅପେକ୍ଷା ରହିଥିଲା। ସର୍ବସମ୍ମତିକ୍ରମେ ମନମୋହନ ସାମଲଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଆଉ ଥରେ ଭରସା କରିଥିବା ଦେଖିବାକୁ ମିଳିଛି। ସେ ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲକରି ୪ର୍ଥ ଥର ଲାଗି ଦଳର ସଭାପତି ପଦ ସମ୍ଭାଳିଛନ୍ତି। ସରକାର ଗଠନ ହେବା ପରେ ନିଗମ ଏବଂ ବୋର୍ଡଗୁଡ଼ିକ ଖାଲି ଥିବା ସଙ୍ଗେ ସଙ୍ଗେ ଆହୁରି ୬ଟି ମନ୍ତ୍ରୀ ପଦ ଖାଲି ରହିଛି। ଦଳର ସଭାପତି ନିର୍ବାଚନ ସରି ନ ଥିବାରୁ ଏହିସବୁ ପଦବୀ ଖାଲିଥିବା ଭାଜପା ନେତାମାନେ ଅନେକ ସମୟରେ ମତ ରଖିଥିଲେ। ବର୍ତ୍ତମାନ ସଭାପତି ନିର୍ବାଚନ ସରିବା ପରେ ଏହି ପଦବୀଗୁଡ଼ିକ ପୂରଣ ହୋଇଯିବ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଲାଣି। ଦଳର ବହୁ ନେତା ବିଭିନ୍ନ ପଦବୀ ପାଇବା ଲାଗି ଜୋର୍‌ଦାର ଉଦ୍ୟମ ଆରମ୍ଭ ମଧ୍ୟ କରିଦେଇଛନ୍ତି।


DSPL-170



"ଜାତୀୟ ମତ୍ସ୍ୟଚାଷୀ ଦିବସ" ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

( ୧୦ ଜୁଲାଇ ୨୦୨୫ )

ଆଜି ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ ଓଡ଼ିଶାର ସମସ୍ତ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ଚାଷ ସହ ଜଡ଼ିତ ଚାଷୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗରେ ମତ୍ସ୍ୟ ଚାଷରେ ଓଡ଼ିଶା କୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଭିଜନ-୨୦୩୬ ର ଲକ୍ଷ୍ୟ ପୂରଣ ପାଇଁ ଆମ ସରକାର ସଙ୍କଳ୍ପବଦ୍ଧ ।

- ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-06030/13/0046/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବ୍ୟାପକ ବୃକ୍ଷରୋପଣ ଅଭିଯାନର ଉଦ୍‌ଘାଟନ, ସ୍ଥାନ: ନଗର ବନ, କଳିଙ୍ଗ ନଗର, ସମୟ: ସକାଳ ୯ଟା।
- ୫ମ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ଆଇସିଏଆର୍-ସିଆଇଏଫ୍‌ଏ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରେଳଭଡ଼ା ବୃଦ୍ଧି ବିରୋଧରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା ୩୦।

## କଟକ
- ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ, ପାରାୟଣ ପ୍ରବଚନ, ସ୍ଥାନ: ସତ୍ୟନାରାୟଣ ପଡ଼ିଆ, ଓଡ଼ିଏମ୍ କଲୋନୀ ଚୌଦ୍ୱାର, ସମୟ: ସକାଳ ୭ଟା।

## ବାଲେଶ୍ୱର
- ରକ୍ତଦାନ ଶିବିର, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ, ନୂଆପାଢ଼ୀ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ:ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ଏଫ୍‌ଏମ୍‌ୟୁରେ ସାହିତ୍ୟ ଆସର, ସ୍ଥାନ:ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଭୋଟର ତାଲିକା ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଗୁରୁ ପୂର୍ଣ୍ଣିମା ପାଳନ, ସ୍ଥାନ: ଉଦଳା ସାଇଦରବାର, ସମୟ: ସକାଳ ୯ଟା ୩୦।
- ଏକ୍ସପୋ ଆଣ୍ଡ୍ ଫନ୍ ଫେୟାର, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁପୂଜନ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ସଖ୍ୟାଳୀ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବ୍ରହ୍ମପୁର
- ପ୍ରଭାତ ଫେରି, ଗୁରୁଗୀତା ପାଠ, ସ୍ଥାନ: ଗାୟତ୍ରି ଶକ୍ତିପୀଠ ବ୍ରହ୍ମପୁର, ସମୟ: ପ୍ରାତଃ ୫ଟା।
- କଦଳୀ ଯାତ୍ରା, ସ୍ଥାନ: ଖାସା ସାହି, ସମୟ: ସନ୍ଧ୍ୟା ୬ଟା।

## ଗଜପତି
- ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦.୩୦।

## ଜଗତସିଂହପୁର
- ବାଣିଜ୍ୟ ମେଳା ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ପାଖ ବେଳାଭୂମି, ପାରାଦୀପ,ସମୟ:ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ରକ୍ତଦାନ ଶିବିର, ସ୍ଥାନ: ସାଇ ମନ୍ଦିର ପରିସର, ଗୋଲ୍ଡେନ ଭିଲ୍ଲା, କଳକା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସଦେବଙ୍କ ଜୟନ୍ତୀ ଉତ୍ସବ,ସ୍ଥାନ:ଧର୍ମଶାଳା ବ୍ଲକ କାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଆଦର୍ଶ ଶିକ୍ଷକ ଅବଦୁଲ୍ ଲତିଫ୍‌ଙ୍କ ୮୦ତମ ଜନ୍ମ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀ ଶ୍ରୀଶିରିଡି ସାଇ ବାବାଙ୍କ ଗୁରୁ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ: ସକାଳ ୬ଟା। ଚଉଭାଡି ଯାତ୍ରା ଓ ନଗର ପରିକ୍ରମା ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସିରିଡି ସାଇବାବାଙ୍କ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ କଲୋନୀ, ରାୟଗଡା, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଗୁରୁ ପୂର୍ଣ୍ଣିମା ଉତ୍ସବ, ଦାତବ୍ୟ ହୋମିଓ ଚିକିତ୍ସାଳୟ ଉଦ୍‌ଘାଟନ, ସ୍ଥାନ: ଅଦ୍ୱୈତ ଆଶ୍ରମ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ପାପଡାହାଣ୍ଡି ଶିରିଡ଼ି ସାଇ ମନ୍ଦିର, ସମୟ: ସକାଳ ୮ଟା।

## ମାଲକାନଗିରି
- ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ, ସ୍ଥାନ:ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ।

## ସମ୍ବଲପୁର
- ରଥଯାତ୍ରାର ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଲବସପୁର ଗ୍ରାମ, ସମୟ: ସକାଳ ୯ଟା ।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା ।

## ବଲାଙ୍ଗୀର
- ତୃତୀୟ ଦିନରେ ଓଡିଶା ଡ୍ରାଇଭର ସଂଘ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା
- ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ରବିଶଙ୍କର ପ୍ରବଚନ, ସ୍ଥାନ: ସେକ୍ଟର-୧୯, ସିଭିକ୍‌ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟନ,ସ୍ଥାନ: କେଉଁଟପାଲି, ବିଜେପୁର,ସମୟ:ସକାଳ ୯ଟା।
- ଜିଲା ସଂକୀର୍ତ୍ତନ ପରିଷଦର ସଂସ୍କୃତି ଜାଗରଣ ଶୋଭାଯାତ୍ରା,ସ୍ଥାନ:ଭଟଲି,ସମୟ: ସକାଳ ୯ଟା।

## କଳାହାଣ୍ଡି
- ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ହାତୀନଦୀ ନିକଟ, ସମୟ: ସକାଳ ୮ଟା।
- ଏକାଦଶ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ବକାଶ ଆବାସିକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଗୁରୁପୂର୍ଣ୍ଣିମା ଅବସରରେ ସଂସ୍କାର ଭାରତୀ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ କ୍ରୀଷ୍ଣା ଛକ, ସମୟ: ସକାଳ ୮ଟା।

# ବିଜେଡି ଛାଡ଼ିଲେ ସୁନୀତା ବିଶ୍ୱାଳ



ଭୁବନେଶ୍ୱର,୯।୭
(ରବିନାରାୟଣ ଜେନା)

ସୁନ୍ଦରଗଡ଼ ବିଜେଡିକୁ ବୁଧବାର ଝଟ୍‌କା ଲାଗିଛି। ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ସୁନୀତା ବିଶ୍ୱାଳ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ତାଙ୍କ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି। ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣରୁ ସେ ଦଳ ଛାଡୁଥିବା ଦର୍ଶାଇଛନ୍ତି। ସେ ନବୀନଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, 'ଆପଣ ମୋତେ ଲୋକଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ। ବିଜୁ ଜନତା ଦଳରେ ରହିଥିବା ସମୟ ମଧ୍ୟରେ ମୁଁ ଦଳ ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ସହିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛି। ଆଶା କରୁଛି, ବିଜେଡି ଆଗାମୀ ଦିନରେ ଅଧିକ ଲୋକାଭିମୁଖୀ ହେବ।' ସୂଚନାଯୋଗ୍ୟ, ସୁନୀତା ୨୦୧୯ ମାର୍ଚ୍ଚ ୯ରେ ବିଜେଡିରେ ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ସୁନ୍ଦରଗଡ଼ ଲୋକ ସଭା ଆସନରୁ ସୁନୀତା ବିଜେଡି ଟିକେଟରେ ଲଢ଼ି ପରାଜିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧର୍ମଭାବରେ ଚନ୍ଦ୍ର ଓ ଦ୍ୱିତୀୟସ୍ଥ ଶୁକ୍ର ଯୋଗୁ ଯାତ୍ରା, ବାଣିଜ୍ୟରୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ପ୍ରିୟଜନଙ୍କ ସହ ମନୋମାଳିନ୍ୟ ଆଶଙ୍କା ରହିଛି। ଆଧ୍ୟାତ୍ମିକଗ୍ରହ ଶନିଙ୍କ ଆଶୀର୍ବାଦରୁ ଦେବଦର୍ଶନଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଆଲୋଚନା ପରିସର, ସଭାସମିତି, କଳା-ସାହିତ୍ୟ, ଭଜନସନ୍ଧ୍ୟା, ଗବେଷଣାଦି କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** ତୃତୀୟାଧିପ ଅଷ୍ଟମସ୍ଥ ଯୋଗୁ ସହକର୍ମୀଙ୍କ ସହ ସମ୍ପର୍କହାନି ଘଟିପାରେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମନସ୍ତାପର କାରଣ ହେବ। ଦୀର୍ଘଦିନର ବନ୍ଧୁଟି ପରିସ୍ଥିତି ଚାପରେ ପଡି ଦୂରେଇ ଯିବାର ସୂଚନା ରହିଛି। ପଡ଼ୋଶୀଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ବଳିପାରେ।

**ମିଥୁନ** ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସେବାମନୋବୃତ୍ତି କାରଣରୁ ସାଙ୍ଗ ସାଥୀ ମେଳରେ ବେଶି ସମୟ କାଟିପାରନ୍ତି। ଆଜିର ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣି ପାରନ୍ତି। ପାରିବାରିକ କ୍ଷେତ୍ରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହୋଇପାରେ।

**କର୍କଟ** ଚତୁର୍ଥାଧିପ ଶୁକ୍ର ଏକାଦଶସ୍ଥ ଆପଣଙ୍କ ଲୋକପ୍ରିୟତାକୁ ବୃଦ୍ଧି କରିବା ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ଆଜି ଆପଣ ପ୍ରତ୍ୟେକ କାମରେ, ବିବାଦରେ, ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇପାରନ୍ତି। ଅନ୍ୟମନସ୍କ ରହୁଥିବା କାରଣରୁ ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି।

**ସିଂହ** ରାଶିରେ ପାପଗ୍ରହ କେତୁ ସହିତ ମଙ୍ଗଳ ଆପଣଙ୍କୁ ଉତ୍ତେଜିତ କରି ଅଶାନ୍ତି ରଖିପାରେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଏବଂ ବନ୍ଧୁମିଳନ ଘଟିବ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ସମସ୍ୟାର ସମାଧାନ ଘଟିବାର ଆଶା ରହିଛି। ସାମୟିକଭାବରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ର ଓ ଭାଗ୍ୟଭାବରେ ଶୁକ୍ର ଯୋଗୁ ମନ ଯେମିତି ଯାହା ଚାହୁଁଛି ଆଜି ତାହା ପାଇପାରିବେ। ଶନିଙ୍କ କୁପ୍ରଭାବରୁ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ଲାଗିରହିପାରେ। ବ୍ୟବସାୟ, ପରିବହନରେ ଲାଭବାନ୍ ହେବେ। ସ୍ନାୟବିକ ଦୁର୍ବଳତାର ଆଶଙ୍କାକୁ ଏଡି ହେବନାହିଁ।

**ତୁଳା** ଗ୍ରହଙ୍କ ଅନୁକୂଳ ସ୍ଥିତିଜନିତ ସାମଗ୍ରିକ କ୍ଷେତ୍ରରେ ସଫଳତା ହାସଲ କରିବାର ସୌଭାଗ୍ୟ ଲାଭ କରିବେ। ଅର୍ଥ ସାଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ମାନ, ସମ୍ବର୍ଦ୍ଧନା ପାଇପାରନ୍ତି। ସ୍ୱାର୍ଥ ହାସଲ ନ ହୋଇପାରିବାରୁ ସମ୍ପର୍କୀୟମାନେ ସମାଲୋଚନା କରିବେ। ପରିବାର, ବାଣିଜ୍ୟ ବ୍ୟବସାୟ, ଯାତ୍ରା, କର୍ମାରମ୍ଭ ପାଇଁ ଦିନଟି ଶୁଭପ୍ରଦ ରହିବ।

**ବିଛା** କୋଣଭାବସ୍ଥ ବଳହୀନ ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ଓ କର୍ମକ୍ଷେତ୍ରରେ ବିବାଦର ଆଶଙ୍କା ରହିଛି। କିନ୍ତୁ ଗଜକେଶରୀ ଯୋଗଜନିତ ସାମାଜିକ ସ୍ତରରେ ଆପଣଙ୍କ ସ୍ଥିତି ବେଶ୍ ଉନ୍ନତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ** ରବି ଓ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି, ବନ୍ଧୁଦର୍ଶନରେ ଖୁସି ରହିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ ପ୍ରଭୃତିରେ ଲାଭାବନ୍ ହେବେ। ଦୀର୍ଘଦିନର ପରିକଳ୍ପିତ ନୂତନ କାମଟିଏ ଆରମ୍ଭ କରି ଆତ୍ମତୃପ୍ତି ଲାଭ କରିପାରନ୍ତି।

**ମକର** କର୍ମାଧିପତିଙ୍କ ଶୁଭତ୍ୱରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଅଧସ୍ତନ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଈର୍ଷାପରାୟଣ ବ୍ୟକ୍ତି ଶତ୍ରୁତା କରି କାର୍ଯ୍ୟରେ ପ୍ରତିରୋଧ ଘଟାଇପାରନ୍ତି। ଆର୍ଥିକ ଉନ୍ନତି ସହ ଅତିଥି ଚର୍ଚ୍ଚା, ଦୂରଯାତ୍ରା, ଆଇନ ଅଦାଲତ ପ୍ରଭୃତିରେ ସଫଳତା ମିଳିବ।

**କୁମ୍ଭ** କର୍ମାଧିପତିଙ୍କ ଅଶୁଭତ୍ୱ ସାଙ୍ଗକୁ ଶନି ଓ ରାହୁଙ୍କ ସ୍ଥିତିଜନିତ ଉଦ୍ୟମ ସଫଳରେ ପ୍ରତିବନ୍ଧକ ଆସିବ। ଆଧ୍ୟାତ୍ମିକ ଗ୍ରହ ଶନି ସତ୍‌ସଙ୍ଗର ସାନ୍ନିଧ ଲାଭର ସୁଯୋଗ ଦେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷର ମରାମତି ଏବଂ ଗୃହୋପକରଣ କ୍ରୟ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟରେ ସୁଫଳ ପାଇବେ।

**ମୀନ** ଗ୍ରହମାନଙ୍କ ଶୁଭସଂସ୍ଥାନଜନିତ ଯାତ୍ରା, ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ଦିନଟି ଭଲ। କିନ୍ତୁ ରାଶିରେ ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଲାଗିରହିବ। ବନ୍ଧୁଙ୍କ ମାଧ୍ୟମରେ ନିଖୋଜ ବ୍ୟକ୍ତି, ଚୋରି ଜିନିଷର ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବେ।

ଆଜି ଜୁଲାଇ ୧୦ ତାରିଖ, ଆଷାଢ଼ ମାସର ବ୍ୟାସ ପୂର୍ଣ୍ଣିମା / ଗୁରୁ ପୂର୍ଣ୍ଣିମା ଗୁରୁବାର। ସର୍ବତ୍ର ଗୁରୁପୂଜା, ଅଦ୍ୟ ପୂର୍ଣ୍ଣିମାବିହିତ ଚନ୍ଦ୍ର ଉପବାସ, ଚତୁର୍ମାସ୍ୟା ଗୁରୁବାରବ୍ରତ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୮ ଗତେ ଘ.୦୬.୧୦ ମଧ୍ୟେ, ଘ.୦୯.୪୦ ଗତେ ଘ.୧୧.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ ।

# ବିଧାୟକଙ୍କ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ସିମୁଳିଆ, ୯।୭(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଜାମୁଝାଡ଼ି ନିକଟରେ ବୁଧବାର ପଶ୍ଚିମବଙ୍ଗ ହାୱଡ଼ାର ବିଧାୟକ ଗୌତମ ଚୌଧୁରୀଙ୍କ କାର୍ (ନଂ. ଡବ୍ଲ୍ୟୁବି୧୨କେ-୮୯୮୮) ଧକ୍କାରେ ସ୍କୁଟି ଚାଳକ ରାଧାକାନ୍ତ ଲେଙ୍କା (୫୬)ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଘର ସ୍ଥାନୀୟ ସୋର ଥାନା ସାଜନପୁର ଅଞ୍ଚଳରେ। ବିଧାୟକ ନିଜ ପରିବାର ସହିତ ପୁରୀ ଦର୍ଶନ ସାରି ଫେରୁଥିବା ବେଳେ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ବିଧାୟକଙ୍କ କାରକୁ ଜବତ କରିଥିବା ବେଳେ ଚାଳକ ସମ୍ବିତ ସିଂରାୟଙ୍କୁ ଗିରଫ କରିଛି। ଏନେଇ ମାମଲା(ନଂ.୩୨୮/୨୫) ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ବର ଯାହା କନିଆ**
**ତାକୁ ଗଢିଛି ଏ ଦୁନିଆ।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେସାକୁ ତେସା**
**ହାରାମଜାଦାକୁ ଟାଙ୍ଗିଆ ପଶା।**

ଯିଏ ଯେମିତି ବ୍ୟବହାର କରେ, ସିଏ ସେମିତି ବ୍ୟବହାର ପାଏ। କୃତଘ୍ନ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଣ୍ଟି ନକ୍ସଲ ଅପରେଶନର ଏଡିଜି ହେଲେ ସଞ୍ଜୀବ ପଣ୍ଡା

## ଆଇପିଏସ୍ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ର ଟ୍ରେନିଂ ଏଡିଜି ଏବଂ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ତାଙ୍କୁ ଏବେ ଆଣ୍ଟି ନକ୍ସଲ ଅପରେଶନର ଏଡିଜି ଭାବେ ବଦଳି କରାଯାଇଛି। ଏହାସହ ସେ ସ୍ୱତନ୍ତ୍ର ଗୋଇନ୍ଦା ୱିଙ୍ଗସ୍‌ର ପରିଚାଳନା ଦାୟିତ୍ୱ ମଧ୍ୟ ବୁଝିବେ। ସେହିପରି ବିପିଏସ୍‌ପିଏ ଟ୍ରେନିଂ ଆଇଜିପି ଥିବା ୨୦୦୬ ବ୍ୟାଚ୍ ଆଇପିଏସ୍ ଅଫିସର ଅନୁପ କୁମାର ସାହୁଙ୍କୁ ଅତିରିକ୍ତ ଭାବେ ବିପିଏସ୍‌ପିଏର ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ର ସହ ମିଶି ରାଜ୍ୟ ସରକାର ବର୍ତ୍ତମାନ ନକ୍ସଲମାନଙ୍କୁ ମୂଳପୋଛ କରିବାକୁ ଜୋର୍‌ଦାର ଉଦ୍ୟମ ଜାରି



ସଞ୍ଜୀବ ପଣ୍ଡା

ରଖିଛି। ତେଣୁ ଏଭଳି ସ୍ଥିତିରେ ସଞ୍ଜୀବ ପଣ୍ଡାଙ୍କୁ ସରକାର ଗୁରୁଦାୟିତ୍ୱ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂହଙ୍କୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗସ୍(ଏସ୍‌ଆଇଡବ୍ଲ୍ୟୁ), ଭୁବନେଶ୍ୱରର ଡିଆଇଜି ଭାବେ ଦାୟିତ୍ୱ ମିଳିଛି। ସେ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟର ଡିଆଇଜି ଭାବେ ଦାୟିତ୍ୱରେ ଥିଲେ। ସେହିପରି ଏସ୍‌ଆଇଡବ୍ଲ୍ୟୁ, ଭୁବନେଶ୍ୱରର ଡିଆଇଜି ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର କନୱର୍ ବିଶାଳ ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ, କୋରାପୁଟ ଡିଆଇଜି ଭାବେ ବଦଳି କରାଯାଇଛି। ଅଖିଳେଶ୍ୱର ଏବଂ ବିଶାଳଙ୍କ ପଦବୀ ଏପଟସେପଟ କରାଯାଇଛି। ଏହି ଦୁଇ ଅଫିସର ପୁରୀ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ଜଣେ ଅଭିଯୁକ୍ତଙ୍କ ହାଜତ ମୃତ୍ୟୁ କାରଣରୁ ଅଖିଳେଶ୍ୱରଙ୍କୁ ପୁରୀ ଏସ୍‌ପି ପଦରୁ ହଟାଇ ଦିଆଯାଇଥିଲା। ଏହାପରେ ତାଙ୍କ ସ୍ଥାନରେ ବିଶାଳ ସିଂହଙ୍କୁ ପୁରୀ ଏସ୍‌ପି ଭାବେ ଦାୟିତ୍ୱ ମିଳିଥିଲା। ପରବର୍ତ୍ତୀ ସମୟରେ ବିଶାଳ ସିଂଙ୍କୁ ପୁରୀ ଏସ୍‌ପି ପଦରୁ ବଦଳି କରାଯାଇଥିଲା।

# ସିବିଆଇ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଚିଟ୍‌ଫଣ୍ଡ ମାମଲା

କଟକ,୯।୭(କାର୍ତ୍ତିକ ସାହୁ)

ଚିଟ୍‌ଫଣ୍ଡ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ସିବିଆଇ ତଦନ୍ତରେ ସହଯୋଗ କରିବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମାମଲାର ପରବର୍ତ୍ତୀ ଶୁଣାଣିଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ବିଜେଡିର ପୂର୍ବତନ ଏମ୍‌ପି ଜେନାଙ୍କୁ ସିବିଆଇ ନୋଟିସ୍ ଜାରି କରି ଆଗାମୀ ୧୪ ତାରିଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଥିଲା। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ପ୍ରାର୍ଥନା କରି ସେ ହାଇକୋର୍ଟରେ ଆବେଦନ କରିଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ହାଇକୋର୍ଟ ଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସିସୋର ଚିଟ୍‌ଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲା ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଜେନାଙ୍କୁ ସମନ କରିଥିଲା। ଏହି ମାମଲାରେ ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ଜେନାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଜେନା ସିବିଆଇରେ ହାଜର ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭଦୋଦରାରେ ବ୍ରିଜ୍ ...

(୨୬)ଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଭଉଣୀଭାଇ ଥିବା ମଧ୍ୟ କୁହାଯାଉଛି। ପୋଲିସ ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ଭଦୋଦରା (ଗ୍ରାମାଞ୍ଚଳ) ଏସ୍‌ପି ରୋହନ ଆନନ୍ଦ ସୂଚନା ଦେଇଛନ୍ତି। ଆହତମାନଙ୍କୁ ଭଦୋଦରାସ୍ଥିତ ଏସ୍‌ଏସ୍‌ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଟେଲଙ୍କ ସହ ଫୋନ୍‌ରେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରକାଶ ଯେ, ୧୯୮୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାଧବ ସିଂ ସୋଲାଙ୍କିଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଅମଳରେ ନିର୍ମିତ ଗମ୍ଭୀରା ବ୍ରିଜ୍ ୪୦ ବର୍ଷ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇଯାଇଥିଲା। ସ୍ଥାନୀୟ ଭାଜପା ବିଧାୟକ ଚୈତନ୍ୟସିଂ ଜାଲା ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ୨୧୨ କୋଟି ଟଙ୍କା ବ୍ୟୟରେ ନୂଆ ବ୍ରିଜ୍ ନିର୍ମାଣ ଲାଗି ସର୍ଭେ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଛି। କଂଗ୍ରେସ ବିଧାୟକ ଅମିତ୍ ଚଭଡ଼ା କହିଛନ୍ତି, ବ୍ରିଜ୍ ଦୁର୍ବଳ ଥିବା ନେଇ ବିରୋଧୀ ଦଳ ବାରମ୍ବାର ସରକାରଙ୍କୁ ଚେତାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ପାଇଁ ଭାଜପା ସରକାର ଦାୟୀ। ଏହା ହେଉଛି ଗୁଜରାଟ ମଡେଲ। ଏହା ପୂର୍ବରୁ ମଧ୍ୟ ୨୦୨୨ରେ ଗୁଜରାଟର ମାଛୁ ନଦୀ ଉପରେ ଥିବା ବ୍ରିଟିଶ୍ ଅମଳର ଏକ କ୍ୟାବୁଲ ସସ୍‌ପେନ୍ସନ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ଅନ୍ୟୂନ ୧୩୨ ଜଣଙ୍କ ପ୍ରାଣହାନି ଘଟିଥିଲା।

କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ମୃତକଙ୍କ ପରିବାରକୁ ପିଏମ୍ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାକୁ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏହାକୁ 'ଗୁଜରାଟ ମଡେଲ' କହି ଶାସକ ଭାଜପାକୁ କଟାକ୍ଷ କରିଛି। କେନ୍ଦ୍ରୀୟ ଗୁଜରାଟ ସହ ସୌରାଷ୍ଟ୍ର ଅଞ୍ଚଳକୁ ଯୋଡୁଥିବା ଗମ୍ଭୀରା ବ୍ରିଜ୍ ପାଦରା ସହର ନିକଟ ମଜପୁର ଗ୍ରାମରେ ରହିଛି। ୧୯୮୫ରେ ନିର୍ମିତ ଏହି ବ୍ରିଜ୍ ଉପର ଦେଇ ବୁଧବାର ସକାଳ ୭ଟା ୩୦ ମିନିଟ୍‌ରେ ଯାନବାହନଗୁଡ଼ିକ ଯାତାୟାତ କରୁଥିବାବେଳେ ଦୁଇଟି ପିଲାର ଉପରେ ଥିବା ଏହାର ଏକ ସ୍ଲାବ୍ ହଠାତ୍ ଖସିପଡ଼ିଥିଲା। ଫଳରେ ୨ଟି ଟ୍ରକ୍, ୨ ଭ୍ୟାନ୍, ଏକ ଅଟୋରିକ୍ସା ଓ ଅନ୍ୟ ଏକ ଦୁଇଚକିଆ ଗାଡ଼ି ନଦୀ ଭିତରକୁ ଖସିପଡ଼ିଥିବା ବଡ଼ୋଦରା ଜିଲାପାଳ ଅନିଲ ଧମେଲିୟା ସୂଚନା ଦେଇଛନ୍ତି। ଅନ୍ୟ ୨ଟି ଗାଡ଼ି ବ୍ରିଜ୍‌ରେ ଲଟକି ରହିଥିଲା, ଯାହାକୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ପାଣି ଭିତରକୁ ଖସିପଡ଼ି ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରୁ ଅଧିକାଂଶ ଭଦୋଦରା ଓ ଆଣନ୍ଦ ଜିଲାର।

ସେମାନଙ୍କ ମଧ୍ୟରୁ ବୈଦିକ ପଦିୟାର(୪୫), ନୈତିକ ପଦିୟାର(୪୫), ହସମୁଖ ପରମାର(୩୨), ରମେଶ ପଦିୟାର(୩୨), ୱାଖାସିଂ ଯାଦବ(୨୬) ଓ ପ୍ରବୀଣ ଯାଦବ

### ୫ମ, ୮ମ ଶ୍ରେଣୀ...

ସରକାର ପଦକ୍ଷେପ ନେଇଛନ୍ତି। ଏହି ପରିବର୍ତ୍ତନ ଶିକ୍ଷାର ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ, ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

ସୂଚନା ଅନୁଯାୟୀ, ଜାତୀୟ ଶିକ୍ଷା ନୀତି-୨୦୨୦ରେ କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଯେଉଁ ପିଲା ଫେଲ୍ ହେବେ, ସେମାନେ ସେହି ଶ୍ରେଣୀରେ ହିଁ ରହିବେ ବୋଲି ନିୟମ କରିଥିଲେ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପିଲାଙ୍କୁ ୨ମାସ ମଧ୍ୟରେ ପୁନଃପରୀକ୍ଷା ଲାଗି ସୁଯୋଗ ଦିଆଯିବ। ଯଦି ସେମାନେ ତଥାପି ପାସ୍ କରିପାରିବେ ନାହିଁ, ତେବେ ସେମାନଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯାଇପାରିବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବହିଷ୍କାର କରିପାରିବେ ନାହିଁ। ପିଲାଙ୍କ ମଧ୍ୟରେ ଶିକ୍ଷଣୀୟତାକୁ ଉନ୍ନତ କରିବା ଲାଗି କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ ସୈନିକ ସ୍କୁଲରେ ଏହି ନିୟମ ଲାଗୁ କରାଯାଇଥିଲା। ପରେ ଏହି ନିୟମକୁ ରାଜ୍ୟ ସରକାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଲାଗୁ କରିଛନ୍ତି।



झारखण्ड सरकार
GOVERNMENT OF JHARKHAND
सत्यमेव जयते
हर
हर
महादेव
राजकीय
श्रावणी
मेला-2025
उद्घाटन समारोह
मुख्य अतिथि
श्री सुदिव्य कुमार
माननीय मंत्री, पर्यटन, कला संस्कृति, खेलकूद एवं युवा कार्य विभाग, नगर विकास एवं आवास विभाग, उच्च एवं तकनीकी शिक्षा विभाग
श्री संजय प्रसाद यादव
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग, उद्योग विभाग
श्री हफीजुल हसन
माननीय मंत्री, जल संसाधन विभाग, अल्पसंख्यक कल्याण विभाग
श्रीमती दीपिका पाण्डेय सिंह
माननीय मंत्री, ग्रामीण विकास विभाग, ग्रामीण कार्य विभाग,पंचायती राज विभाग
विशिष्ट अतिथि
डॉ. निशिकान्त दुबे
माननीय सांसद, गोड्डा लोकसभा क्षेत्र
श्री नलिन सोरेन
माननीय सांसद, दुमका लोकसभा क्षेत्र
श्री सुरेश पासवान
माननीय विधायक, देवघर विधानसभा क्षेत्र
श्री उदय शंकर सिंह
माननीय विधायक, सारठ विधानसभा क्षेत्र
श्री देवेन्द्र कुंवर
माननीय विधायक, जरमुण्डी विधानसभा क्षेत्र
श्रीमती किरण कुमारी
माननीय अध्यक्ष, जिला परिषद, देवघर
दिनांक: 10 जुलाई 2025 | समय:10:30 पूर्वाहन | स्थान: दुम्मा, देवघर
सूचना एवं जनसम्पर्क विभाग, झारखण्ड सरकार
PR-356937/IPRD/2025-26

"ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ବ୍ୟାସ ଗୁରୁ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା



# ପ୍ରତିଷ୍ଠିତରୁ ପଛୁଆ



ଦେବଦତ୍ତ ପଟ୍ଟନାୟକ

ଏକଶତାବ୍ଦୀ ପୂର୍ବେ ଅନେକ ଗୋଷ୍ଠୀ ନିଜକୁ ବ୍ରାହ୍ମଣ ଓ କ୍ଷତ୍ରିୟ ଭାବେ ପରିଚୟ ଦେବାକୁ ଚାହୁଁଥିଲେ। ଏବେ କିନ୍ତୁ ଅନେକ ଗୋଷ୍ଠୀ ଅନ୍ୟ ପଛୁଆବର୍ଗ (ଓବିସି) ହେବା ପାଇଁ ଚାହୁଁଛନ୍ତି। ପୁରାତନ ବର୍ଣ୍ଣ ବ୍ୟବସ୍ଥା(ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅତି-ଶୂଦ୍ର କିମ୍ବା ପଞ୍ଚମ)ର ସ୍ଥାନ ନେଇଛି ଏବକାର ନୂତନ ଜାତି ବର୍ଗୀକରଣ(ସାଧାରଣ, ଓବିସି, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି )। କିନ୍ତୁ ସାଧାରଣ ନୀତି ବା ସିଦ୍ଧାନ୍ତ ସମାନ ରହିଛି। ଠିକ୍ ବର୍ଗରେ ରହିଲେ ତୁମେ କେତେକ ନିର୍ଦ୍ଦିଷ୍ଟ ଅଧିକାର ଓ ସଂରକ୍ଷଣ ପାଇବ। କିନ୍ତୁ ଏହା ମଧ୍ୟରେ ଏକ ବଡ଼ ପ୍ରଭେଦ ଅଛି। ଆରମ୍ଭରୁ ଏଭଳି ଗୋଷ୍ଠୀ ବର୍ଗୀକରଣର ଉଦ୍ଦେଶ୍ୟ ଥିଲା ତୁମେ କେମିତି ଉପରକୁ ଉଠି ନିଜକୁ ବିଶିଷ୍ଟ ବା ପ୍ରତିଷ୍ଠିତ କିମ୍ବା ପବିତ୍ର (ସଂସ୍କୃତୀକରଣ) ଭାବେ ପ୍ରତିପାଦିତ କରିବ। ବର୍ତ୍ତମାନର ବର୍ଗୀକରଣ ମାନେ ହେଉଛି ତୁମେ ନିଜକୁ ନୀଚ ଓ ଅବଦମିତ (ପଛୁଆ) ଭାବେ ଦର୍ଶାଇବା। ଭାରତରେ ଭିନ୍ନ ଭିନ୍ନ ବର୍ଗର ସମାଜ ରହିଥିଲେ ମଧ୍ୟ ସମାଜିକ ବ୍ୟବସ୍ଥା ପୂର୍ବଭଳି ସମାନ ରହିଛି।

ଭାରତରେ ପ୍ରାୟ ୩,୦୦୦ ଜାତି ଅଛି। ଅନେକ କ୍ଷେତ୍ରରେ ଏହା ବୃତ୍ତି ସହ ଜଡ଼ିତ( ଯଥା ବୁଣାକାର, କୁମ୍ଭକାର,ରଜକ ଇତ୍ୟାଦି)। ଏଭଳି ଜାତି ବର୍ଗୀକରଣ ଆମେ ତାମିଲ ସଙ୍ଗମ କାବ୍ୟରେ ମଧ୍ୟ ଦେଖିବାକୁ ପାଇଥାଉ। ସାରା ବିଶ୍ୱରେ ଉଚ୍ଚ-ନୀଚ ପଦାନୁକ୍ରମ ବ୍ୟବସ୍ଥା ରହିଛି, କିନ୍ତୁ ଭାରତର ଜାତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଜାତି ସହ ପବିତ୍ରତା, ସାମାଜିକ ପରମ୍ପରା ଓ ନିଜ ଜାତିରେ ବିବାହ ପ୍ରଥା ଜଡ଼ିତ । ଶୁଦ୍ଧ ଶାକାହାର ଖାଦ୍ୟ ଏବଂ ଖାଇବା ଅନୁପଯୋଗୀ ଅଶୁଦ୍ଧ ଖାଦ୍ୟ ଧାରଣା ଏବେ ମଧ୍ୟ ଏକବିଂଶ ଶତାବ୍ଦୀରେ ଜାତିର ସୂଚକ ଭାବେ ରହିଛି।

ପାଖାପାଖି ୨,୦୦୦ ବର୍ଷ ପୂର୍ବେ, ବ୍ରାହ୍ମଣମାନେ ଯେତେବେଳେ ଧର୍ମଶାସ୍ତ୍ର ଲେଖିବା ଆରମ୍ଭକଲେ ସେହି ସମୟରେ ସେମାନେ ସାମାଜିକ ବର୍ଗୀକରଣ ବା ବିଭାଜନ ଆରମ୍ଭ କରିଥିଲେ। ସେତିକିବେଳେ ଚତୁଃବର୍ଣ୍ଣ ବ୍ୟବସ୍ଥା ଗଢ଼ିଉଠିଥିଲା ଏବଂ ପୁରୁଣା କର୍ମକାଣ୍ଡ ରୀତିନୀତି ମାଧ୍ୟମରେ ସମାଜକୁ ବ୍ୟାପିଥିଲା। ଏହି ବର୍ଗୀକୃତ ଗୋଷ୍ଠୀର ଶୀର୍ଷରେ ଥିଲେ ବ୍ରାହ୍ମଣ। ବ୍ରାହ୍ମଣଙ୍କୁ ସାହାଯ୍ୟ କରୁଥିଲେ ଭୂମି ମାଲିକ ଗୋଷ୍ଠୀ( କ୍ଷତ୍ରିୟ, ଠାକୁର ଓ ରାଜପୁତ) ଏବଂ ବଣିକ ଗୋଷ୍ଠୀ (ବୈଶ୍ୟ, ବଣିକ ଓ ବ୍ୟାପାରୀ) ସବୁ । ବ୍ରାହ୍ମଣଙ୍କ ଭଳି



ଏମାନେ ଥିଲେ ବିଶିଷ୍ଟ ଗୋଷ୍ଠୀ, ଯେଉଁମାନେ ଦ୍ୱିଜ ଭାବେ ଜଣାଶୁଣା। ଏହି ଶବ୍ଦକୁ ଖ୍ରୀଷ୍ଟାବ୍ଦ ୨୦୦ ପରେ ମନୁସ୍ମୃତିରେ ଅଧିକ ଦର୍ଶାଯାଇଛି। ଏହିସବୁ ବର୍ଣ୍ଣ ପରେ ଅବଶିଷ୍ଟ ଯାହା ରହିଲେ ସେମାନେ ଥିଲେ ଶୂଦ୍ର। ଏହି ବର୍ଣ୍ଣ ବ୍ୟବସ୍ଥା ଭାରତର ଲୋକଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରିଥିଲା। ପ୍ରତି ଗାଁରେ କେବଳ ଏହି ୪ଟି ଗୋଷ୍ଠୀ ଥିଲେ। ଉଦାହରଣ ସ୍ୱରୂପ, ଗାଁରେ ହେଉଥିବା ଉତ୍ପାଦନର କିଛି ଭାଗ କିଭଳି ଗାଁ ମନ୍ଦିରର ତତ୍ତ୍ୱାବଧାରକ (ନର୍ତ୍ତକୀ, ଝାଡୁଦାର, ମାଳୀ ଓ ପୂଜକ (ବ୍ରାହ୍ମଣ କିମ୍ବା ଅଣ ବ୍ରାହ୍ମଣ(ଗୁରୁ)ହୋଇପାରନ୍ତି)ଙ୍କୁ ଦିଆଯାଉଥିଲା, ତାହାର ବିବରଣୀ ମହାରାଷ୍ଟ୍ରରୁ ମିଳିଥିବା ଶିଳାଲେଖରୁ ଜଣାଯାଏ । ଗୋଟିଏ ଗାଁର ଧନକୁ ଏହିଭଳି ଭାବେ ଗ୍ରାମର ବିଭିନ୍ନ ଜାତିର ଲୋକଙ୍କ ମଧ୍ୟରେ ଭାଗ କରାଯାଉଥିଲା। ଗୋଟିଏ ଜାତି ବା ସମ୍ପ୍ରଦାୟର ଅଧିକାର ଯେଭଳି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ସମାଜରେ ନିଜ ଜାତି ମଧ୍ୟରେ ବିବାହ ପ୍ରଚଳିତ ଥିଲା। ଗ୍ରାମ ବାହାରର କୌଣସି ଲୋକଙ୍କୁ ଗାଁର ଧନରେ ଭାଗୀଦାର ହେବାକୁ ଅନୁମତି ମିଳୁ ନ ଥିଲା। ଏହା ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ସିଦ୍ଧ ହୁଏ। ୧,୬୦୦ ବର୍ଷ ପୂର୍ବରୁ, ଭାରତରେ ଗୋଟିଏ ଜାତି ଅନ୍ୟ ଜାତିରେ ବିବାହ ନ କରିବାର ଏକ ବିଚିତ୍ର ଧାରା ପ୍ରଚଳିତ ରହିଆସିଛି।

ବେଦ ନିର୍ଦ୍ଧାରିତ ସାମାଜିକ ବର୍ଗୀକରଣ ବ୍ୟବସ୍ଥାକୁ ଇଂରେଜମାନେ ଗ୍ରହଣ କରିଥିଲେ। କୁହାଯାଏ ସେମାନେ ହିନ୍ଦୁଙ୍କ ପାଇଁ ବାଇବେଲ ଭଳି ସମାନ ଗ୍ରନ୍ଥ ଖୋଜୁଥିଲେ। କିନ୍ତୁ ତାହା ସତ୍ୟ ନୁହେଁ। ପଣ୍ଡିତମାନେ ଏବେ କହୁଛନ୍ତି, ବ୍ୟବସ୍ଥା ଗୁପ୍ତବଂଶର ଶାସନ ସମୟରୁ ସୃଷ୍ଟି ହୋଇଥିଲା। ଏହି ସମୟରେ ଭାରତର ଆର୍ଥିକ ଢାଞ୍ଚା ଅଧିକ ବ୍ୟାପାରିକ-ଆଶ୍ରମ(ମଠ) କୈନ୍ଦ୍ରିକ ବଦଳରେ ଅଧିକ କୃଷକ-ବ୍ରାହ୍ମଣ ଭିତ୍ତିକ ହୋଇପାରିଥିଲା। ଖ୍ରୀଷ୍ଟାବ୍ଦ ୩୦୦ ପରବର୍ତ୍ତୀ ସମୟର ତାମ୍ରପତ୍ର ଲେଖାରୁ ଜଣାପଡ଼େ, ସାରା ଭାରତରେ ବିଶେଷକରି ଦକ୍ଷିଣରେ ବ୍ରାହ୍ମଣ ସମ୍ପ୍ରଦାୟକୁ ଭୂମିଦାନ ଦିଆଯାଉଥିବା ବିଷୟ ଉଲ୍ଲେଖ ରହିଛି। ଚତୁଃବର୍ଣ୍ଣ ବ୍ୟବସ୍ଥା ବିଳମ୍ବରେ ପ୍ରକାଶିତ ଋଗ୍‌ବେଦରେ କେବଳ ଦେଖିବାକୁ ମିଳେ। ଏହି ସମୟରେ ଲେଖାରେ ବ୍ରାହ୍ମଣ ଓ ଶୂଦ୍ର ଶବ୍ଦ ବ୍ୟବହାର କରାଯାଇଛି। ଅବଶିଷ୍ଟ ବୈଦିକ ଶାସ୍ତ୍ରରେ ବିଭାଜନ ପ୍ରାୟତଃ ୩ ସ୍ତରର ରହିଥିବାବେଳେ ସେଥିରେ କୌଣସି ପଦାନୁକ୍ରମ ନାହିଁ। ଏହା ସମ୍ପୂର୍ଣ୍ଣ ସମ୍ଭବ ଯେ, ଋଗ୍‌ବେଦରେ ପରେ ବ୍ରାହ୍ମଣଙ୍କ ନିୟମ ସଂହିତା ଦ୍ୱାରା ନିଜ ଜାତି ମଧ୍ୟରେ ବିବାହ ପରମ୍ପରାକୁ ଯୋଡ଼ାଯାଇଥିଲା। ଊନବିଂଶ ଶତାବ୍ଦୀରେ ନେପାଳୀ ହିନ୍ଦୁ ନିୟମ ପୁସ୍ତିକା ମୁଲୁକି ଆଇନରେ କ୍ଷମତା ଓ ସୁବିଧାସୁଯୋଗର ର୍ୟାଙ୍କିଙ୍ଗ୍ ଦେଖିବାକୁ ମିଳେ। କାହା ହାତରୁ ପାଣି ପିଇବ ଏବଂ କାହା ହାତରୁ ପାଣି ପିଇବ ନାହିଁ, ଏହି ଆଧାରରେ ଜାତିର ବର୍ଗୀକରଣ କରାଯାଇଥିଲା। ବାଲି ହିନ୍ଦୁ ଦ୍ୱୀପରେ ମଧ୍ୟ ଏହା ଦେଖିବାକୁ ମିଳେ, ଯେଉଁଠି ଆନ୍ତଃ ଜାତି ବିବାହକୁ ନେଇ କଠୋର ନିୟମ ଅଛି।

ଜାତିଗତ ର୍ୟାଙ୍କିଙ୍ଗ୍ ବିଶେଷକରି ପରିବର୍ତ୍ତନୀୟ ଥିଲା। ବୀର ସମ୍ପ୍ରଦାୟ କିଛି ବ୍ରାହ୍ମଣଙ୍କ ସମର୍ଥନରେ ସହଜରେ 'କ୍ଷତ୍ରିୟ' ମାନ୍ୟତା ପାଇପାରୁଥିଲେ। ତେଲଙ୍ଗାନର କ୍ଷତ୍ରିୟ ରାଜାମାନେ ନିଜକୁ ଶୂଦ୍ର ଭାବେ ଶିଳାଲେଖରେ ଦର୍ଶାଇଛନ୍ତି। କଦମ୍ବା ରାଜାମାନେ ବ୍ରାହ୍ମଣ ଜାତିର ବୋଲି ଦାବି କରିଥିଲେ। ପ୍ରାକ୍ ମୋଗଲ ସମୟରେ, ରାଜପୁତ ବଂଶ ସେମାନଙ୍କ ମାନ୍ୟତା ପାଇଁ ଚାରଣ ଭାଟଙ୍କ ଉପରେ ନିର୍ଭର କରୁଥିଲେ। ପରେ ପୁରାତନ ସୂର୍ଯ୍ୟ ଓ ଚନ୍ଦ୍ର ବଂଶଜ ଭାବେ କ୍ଷତ୍ରିୟ ମାନ୍ୟତା ପାଇବାକୁ ବ୍ରାହ୍ମଣଙ୍କ ସମର୍ଥନ ଅଧିକ ନେଇଥିଲେ ଓ ଏଥିପାଇଁ ସେମାନଙ୍କୁ ଜମି ଦାନ ଦେଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ, ମାଛଭକ୍ଷୀ ବ୍ରାହ୍ମଣ ଶାକାହାରୀ ବ୍ରାହ୍ମଣ ମାନ୍ୟତା ପାଇବେ କି ନାହିଁ କିମ୍ବା ମରାଠା ରାଜାଙ୍କର ରାଜପୁତ ବଂଶ ସହ ସମ୍ପର୍କ ଅଛି ନା ନାହିଁ, ତାହା ସବୁ କାଶୀ ବ୍ରାହ୍ମଣମାନେ ହିଁ ସ୍ଥିର କରୁଥିଲେ।

ଏବେ ଆମେ ଯେଉଁ ଜାତି ସମ୍ପର୍କରେ ଜାଣିଛେ, ତାହାକୁ ଇଂରେଜମାନେ ଦସ୍ତାବିଜ୍‌କରଣ ବା ରେକର୍ଡ କରିଛନ୍ତି ବୋଲି ଅଭିଯୋଗ ଉଠେ। ପ୍ରତ୍ୟେକ ହିନ୍ଦୁଙ୍କୁ ଏକ ବର୍ଣ୍ଣ ବା ଜାତି ମଧ୍ୟରେ ରହିବାକୁ ପଡ଼ିଲା। ଏହା କାୟସ୍ଥ (କରଣ) ଏବଂ ବୈଦ୍ୟ ମସୁଦାୟ ପାଇଁ ସମସ୍ୟା ସୃଷ୍ଟି କରିଥିଲା, ଯେଉଁମାନେ ପ୍ରତିଷ୍ଠିତ (ଦ୍ୱିଜ) ଥିଲେ, ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ନ ଥିଲେ। ତେବେ ବ୍ରାହ୍ମଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖାଗଲା। ତେବେ ଏହିସବୁ ପରିବର୍ତ୍ତନ ଗୋଟିଏ ବର୍ଗକୁ ଛୁଇଁପାରି ନ ଥିଲା। ଅସ୍ପୃଶ୍ୟ ଓ ଆଦିବାସୀ ଯେଉଁମାନେ ପରିମଳ, ସ୍ୱେରେଜ, ମୃତଦେହ, ଶ୍ମଶାନ, ଚମଡ଼ା ଓ ଅସ୍ଥି କାର୍ଯ୍ୟ ସହ ଜଡ଼ିତ ଥିଲେ ସେମାନଙ୍କୁ ଗାଁ ବାହାର ସୀମାରେ ରହିବାକୁ ବାଧ୍ୟ କରାଯାଇଥିଲା।

-devduttofficial@gmail.com

## ଏଇ ଭାରତରେ

ପିଲାଙ୍କୁ ଡାକ୍ତର କରିବା ପାଇଁ ଅଭିଭାବକମାନେ ଅତ୍ୟଧିକ ଚେଷ୍ଟା କରୁଛନ୍ତି। ପିଲାମାନେ ମଧ୍ୟ ଏଥିପାଇଁ ଦିନରାତି ଏକ କରିଦେଉଛନ୍ତି। କିନ୍ତୁ ଜଣେ ଛାତ୍ରୀ ଡାକ୍ତର ହେବା ପରେ ତାହାକୁ ଛାଡ଼ି ବନାଗ୍ନି ସମସ୍ୟା ସମାଧାନ ପାଇଁ ଆଗକୁ ଆସିଛନ୍ତି। ଏହି ମହିଳା ଡାକ୍ତର ହେଉଛନ୍ତି ଉତ୍ତରାଖଣ୍ଡର ଡ. ମେଘା ସକ୍ସେନା। ଉତ୍ତରାଖଣ୍ଡର ପାଇନ ଗଛ ନିଡଲ୍ (ଛୁଞ୍ଚି ଭଳି ପତ୍ର) ଝଡ଼ି ବହୁ ସମୟରେ ବନାଗ୍ନିର କାରଣ ପାଲଟିଥାଏ। ଏହାର ସମାଧାନ ପାଇଁ ସେ ପାଇନ ନିଡଲ୍ ବର୍ଜ୍ୟକୁ ବ୍ୟବହାର ଯୋଗ୍ୟ ବାୟୋଚାର୍ ଆଧାରିତ ଅର୍ଥାତ୍ ଅଙ୍ଗାର ଭଳି ଜୈବ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି, ଯାହା ମାଟିର ଉର୍ବରତା ବଢ଼ାବାରେ ସାହାଯ୍ୟ କରୁଛି। ଏହା ବ୍ୟତୀତ ନିଡଲ୍ ବର୍ଜ୍ୟରୁ ଉଡ୍ ଭିନେଗାର ସବୁ ପ୍ରସ୍ତୁତ କରୁଛନ୍ତି ଏବଂ ଏହା କୀଟନାଶକଭାବେ ବ୍ୟବହାର ହେଉଛି। ଏହା ସହ ପାଇନ ବର୍ଜ୍ୟ ସହିତ ଅନ୍ୟ ଖାଦ୍ୟଶସ୍ୟ ମିଶାଇ କୁକୁଡ଼ା ଓ ମାଛ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ସେ ଇକୋଚାର ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାମ କରୁଛନ୍ତ ଏବଂ ଏହାକୁ ସେ ୨୦୧୧ରେ ପ୍ରତିଷ୍ଠା କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୦ ଜୁଲାଇ ୧୯୭୬

- ରାଜ୍ୟର ଐତିହାସିକ ଅଂଶୁପା ହ୍ରଦର ଉନ୍ନୟନ ସକାଶେ ୧୯ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ସିଦ୍ଧାନ୍ତ କରାଯାଇଛି।
- ପଶ୍ଚିମ ଜର୍ମନୀର ପୂର୍ବତନ ରାଷ୍ଟ୍ରପତି ଗୁସ୍ତାଭ୍ ହାନେମାନଙ୍କ ପରଲୋକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 6 | 1 | | |
| | 6 | | 3 | 7 | | | | |
| | | | 1 | | 9 | | | |
| | | | | 4 | | | 5 | |
| | | | | | | | | 7 |
| | 4 | | | 9 | | | | |
| 5 | | 2 | 9 | | | 8 | | |
| 6 | | 8 | | 2 | 7 | 3 | | |
| | 3 | 7 | 5 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଗରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 5 | 1 | 4 | 2 | 8 | 9 |
| 5 | 2 | 4 | 9 | 8 | 6 | 7 | 3 | 1 |
| 9 | 8 | 1 | 3 | 2 | 7 | 6 | 4 | 5 |
| 2 | 4 | 9 | 6 | 3 | 1 | 8 | 5 | 7 |
| 8 | 5 | 6 | 4 | 7 | 2 | 9 | 1 | 3 |
| 1 | 3 | 7 | 8 | 9 | 5 | 4 | 2 | 6 |
| 6 | 1 | 5 | 7 | 4 | 8 | 3 | 9 | 2 |
| 4 | 9 | 2 | 1 | 6 | 3 | 5 | 7 | 8 |
| 3 | 7 | 8 | 2 | 5 | 9 | 1 | 6 | 4 |

ଗତକାଲିର ଉତ୍ତର

# ଦେଶ ବିକାଶରେ ମତ୍ସ୍ୟ କ୍ଷେତ୍ର



ପ୍ରକାଶ ତ୍ରିପାଠୀ

ଆଜିର ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ୧୯୫୭ ଜୁଲାଇ ୧୦ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହିରାଲାଲ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ। ମତ୍ସ୍ୟ କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ।

ମତ୍ସ୍ୟଚାଷ ଏବଂ ଜଳକୃଷି କ୍ଷେତ୍ର ଦେଶର ଖାଦ୍ୟ ସୁରକ୍ଷା, ପୁଷ୍ଟିଯୋଗାଣ, ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ଭାବରେ ଉଭା ହୋଇଛି। ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଅଧିକ ସମର୍ଥନ କରିବାର ଆବଶ୍ୟକତାକୁ ସ୍ୱୀକାର କରି, ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଏକ କେନ୍ଦ୍ରୀୟ କ୍ଷେତ୍ର ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନାକୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ମତ୍ସ୍ୟଚାଷକୁ ସୁଦୃଢ଼ କରି, ମୂଲ୍ୟ ଶୃଙ୍ଖଳା, ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ଭାରତୀୟ ମତ୍ସ୍ୟଚାଷ ଉତ୍ପାଦର ବିପ୍ଳବ ଆଣିବାର ସମ୍ଭାବନା ସୃଷ୍ଟି କରିଛି। ଭାରତ ହେଉଛି ତୃତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜଳକୃଷି ମାଛ ଉତ୍ପାଦନକାରୀ ଦେଶ । ବିଶ୍ୱ ମାଛ ଉତ୍ପାଦନରେ ଭାରତର ଅବଦାନ ପ୍ରାୟ ସାତ ଭାଗ। ମତ୍ସ୍ୟଚାଷରେ ନିବେଶ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଜାତୀୟ ମାଛ ଉତ୍ପାଦନ ୨୦୨୩-୨୪ରେ ସର୍ବକାଳୀନ ସର୍ବାଧିକ ୧୮୪.୦୨ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି ; ଯାହାକି ବିଗତ ଦଶବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ଅଧିକ। ସେହିପରି ବିଗତ ଦୁଇ ଦଶନ୍ଧିରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରାୟ ଦଶ ଗୁଣ ବୃଦ୍ଧି ପାଇଛି। ୨୦୦୩-୦୪ରେ ରପ୍ତାନି ମୂଲ୍ୟ ୬୦୯.୯୫ କୋଟି ଟଙ୍କା ଥିଲା ବେଳେ ବିଶ୍ୱ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ୧୭. ୮୧୬ ଲକ୍ଷ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି, ଯାହାର ମୂଲ୍ୟ ୬୦୫୨୩.୮୯ କୋଟି ଟଙ୍କା।

ଭାରତ ବିଭିନ୍ନ ଜଳ ସମ୍ପଦ ଏବଂ ମତ୍ସ୍ୟ ପ୍ରଜାତିରେ ସମୃଦ୍ଧ। ଏହା ଦୁଇ ହଜାରରୁ ଅଧିକ ପ୍ରଜାତିର ମାଛର ଆବାସସ୍ଥଳ। ପ୍ରାକୃତିକ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସଂରକ୍ଷଣ ହାସଲ କରିବା ପାଇଁ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ, ଗବେଷକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଏବଂ ଜଳଜ ସମ୍ପଦ ଉପରେ ଜ୍ଞାନ ପ୍ରସାରଣ ମାଧ୍ୟମରେ ଏହାକୁ ଅଧିକ ସମୃଦ୍ଧଶାଳୀ କରାଯାଉଛି। ବିଶ୍ୱର ୧୩୨ଟି ଦେଶକୁ ୫୦ରୁ ଅଧିକ ବିଭିନ୍ନ ପ୍ରକାରର ମାଛ ରପ୍ତାନି କରୁଥିବା ଭାରତ ବର୍ତ୍ତମାନ କୃଷି ରପ୍ତାନିରେ ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ଉଭା ହୋଇଛି। ଜାତୀୟ ମତ୍ସ୍ୟପାଳନ ଡିଜିଟାଲ ପ୍ଲାଟଫର୍ମ ହେଉଛି ଭାରତ



ସରକାରଙ୍କ ମତ୍ସ୍ୟପାଳନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ, ନୀତିଗଠନ ଏବଂ ସହଭାଗିତା ଏବଂ ସହଯୋଗକୁ ସହଜ କରିବା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରମାଣ-ଆଧାରିତ ମତ୍ସ୍ୟପାଳନ ପରିଚାଳନା ପାଇଁ ମୂଳଦୁଆ ପକାଇବ। ୨୦୨୫-୨୬ ବଜେଟ ଘୋଷଣା ରଣନୀତିକ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କଷ୍ଟମ ଡ୍ୟୁଟି ହ୍ରାସ କରି ଚାଷୀଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତ ସରକାର ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ ମତ୍ସ୍ୟଜୀବୀଙ୍କ ପାଇଁ ଋଣ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ କିଷାନ କ୍ରେଡିଟ କାର୍ଡ (କେସିସି)ଋଣ ସୀମା ତିନି ଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି; ଯାହାକି ସାଧାରଣ ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

ସେହିପରି ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୭.୦୮ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୫୭୫କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି। ଆମ ରାଜ୍ୟରେ ମାଛ ଉତ୍ପାଦନ ବିଗତ ୫ ବର୍ଷରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ବିଗତ ଦୁଇ ଦଶନ୍ଧିରେ ଜାତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ ପ୍ରଗତି ହାସଲ କରିଚାଲିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟିପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶ ନିଜକୁ ପ୍ରତିଷ୍ଠିତ କରିପାରିଛି। ଜାତୀୟ ସ୍ତରରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ୧୩.୧୦ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ଏହା ୧୮.୩୩ କିଲୋଗ୍ରାମ । ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓଡ଼ିଶା ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ପ୍ରାୟ ବାରଗୁଣ ବୃଦ୍ଧି ଘଟିଛି। ୨୦୦୦-୦୧ ବର୍ଷରେ ୧୦୦୬୪ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ରପ୍ତାନି କରିଥିଲା ବେଳେ ୨୦୨୪-୨୫ରେ ଏହା ୯ ଗୁଣ ଅର୍ଥାତ ୯୨୦୧୮ ମେଟ୍ରିକ ଟନକୁ ବୃଦ୍ଧି ପାଇଛି। ସେହିପରି, ସେହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩୭୯ କୋଟି ଟଙ୍କାରୁ ୪୭୦୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଉଭୟ ଭୂ-ସମାନ୍ତର ଓ ଭୂ-ଲମ୍ବ ସମ୍ପ୍ରସାରଣ ଦ୍ୱାରା ମତ୍ସ୍ୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ସରକାର ସର୍ବଦା ତତ୍ପର। ନୂତନ ଜଳାଶ୍ରୟ ସୃଷ୍ଟି ସହ ଅବସ୍ଥିତ ଥିବା ଜଳାଶୟରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ମାଛ ଉତ୍ପାଦନ ବୃଦ୍ଧି କରାଯାଉଛି। ଏହାସହ ଏଥିରେ ସମ୍ପୃକ୍ତ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ଉଦ୍ୟୋଗୀଙ୍କ ଆୟବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି। ଦେଶର ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀଙ୍କ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ଦେଶକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା ଓ ଦ୍ରୁତ ଆର୍ଥିକ ବିକାଶ।

ମୋ: ୯୪୩୭୨୩୨୪୬୩

# ଯାଞ୍ଚ ବିଭ୍ରାନ୍ତିକର ନ ହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଚାଲିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ(ଏସ୍‌ଆଇଆର୍) ଅଭିଯାନକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ଅଯର୍ଥାଥ ନୁହେଁ ବୋଲି କୁହାଯାଇପାରେ। ବିଶେଷ କରି ଏହାର ସମୟ ଏବଂ କଠୋର ମାନଦଣ୍ଡ ସମାଲୋଚନାର ଶରବ୍ୟହେବା ସ୍ୱାଭାବିକ। ବର୍ଷାଦିନ ଆରମ୍ଭ ହୋଇଯାଇଛି ଓ ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ । ଏତିକିବେଳେ ସ୍ୱଳ୍ପ ସମୟର ଅବଧିରେ ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ କରିବା ନିୟୋଜିତ କର୍ମଚାରୀଙ୍କ ପାଇଁ ଏକ ଜଟିଳ ବ୍ୟାପାର ହୋଇପାରେ। ଭୋଟର ଯାଞ୍ଚ ପାଇଁ ଥିବା କଠୋର ମାନଦଣ୍ଡରେ ଭୁଲ୍‌ବଶତଃ ଅନେକ ଲକ୍ଷ ଭୋଟଦାତା ବାଦ୍ ପଡ଼ିବା ଆଶଙ୍କା କରାଯାଏ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି, କେବଳ ସାଧାରଣ ବାସିନ୍ଦା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ହେବେ ; ଯାହାକି ବିରୋଧୀ ଦଳଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ବିରୋଧୀଦଳଗୁଡ଼ିକ ପକ୍ଷରୁ ଦର୍ଶାଯାଇଛି, ଏସ୍‌ଆଇଆର୍ ପ୍ରବାସୀ ବା ଦେଶାନ୍ତର ଭୋଟଦାତାଙ୍କ ପାଇଁ ଅତ୍ୟନ୍ତ ଜଟିଳ ହୋଇପାରେ। ଉଲ୍ଲେଖଯୋଗ୍ୟ , ବିହାରର ମୋଟ ଭୋଟଦାତାଙ୍କ ସଂଖ୍ୟାର କେବଳ ୨୦ ପ୍ରତିଶତ ହେଉଛନ୍ତି ଦେଶାନ୍ତର ବା ପ୍ରବାସୀ ଶ୍ରମିକ। ଯାଞ୍ଚ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ। ଭୋଟର ତାଲିକା ଯାଞ୍ଚର ଅନ୍ତିମ ସମୟସୀମା ଚଳିତ ମାସ ୩୧ତାରିଖ ହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଭୋଟର ତାଲିକାରୁ ବାଦ୍ ପଡ଼ିବା ଅଧିକ ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ, ଲୋକ ପ୍ରତିନିଧି ଆଇନ-୧୯୫୦ରେ ବ୍ୟବସ୍ଥା ରହିଛି, ଜଣେ ଭୋଟର ସାମୟିକ ଭାବେ ତାଙ୍କ ବାସସ୍ଥାନରେ ଅନୁପସ୍ଥିତ ରହିଥିଲେ, ଭୋଟର ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇପାରିବ ନାହିଁ। ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଏ କ୍ଷେତ୍ରରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। କିନ୍ତୁ ନିଃସନ୍ଦେହ ଯେ, ଯେଉଁ ପ୍ରବାସୀ ଶ୍ରମିକମାନେ ନିଜ ବାସସ୍ଥାନରେ ଦିନ ଦିନ ଧରି ଅନୁପସ୍ଥିତ ରହିଛନ୍ତି, ସେମାନଙ୍କ ପାଇଁ ଏହା ଅଧିକ ଜଟିଳ ହୋଇ ପାରେ। ବିହାରରେ ସଂଖ୍ୟାଧିକ ପ୍ରାପ୍ତ ବୟସ୍କ ଯେଉଁମାନେ ଭୋଟର ତାଲିକା ଅନ୍ତର୍ଭୁକ୍ତ, ବିଶେଷକରି ପୁରୁଷ ଭୋଟର କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି। ବିହାର ହେଉଛି ଏକ ରାଜ୍ୟ, ଯେଉଁଠାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟଦାତାଙ୍କ ମତଦାନ ହାର ଅଧିକ । ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାଯାଇଛି, ପ୍ରତି ୧୦୦୦ ପୁରୁଷ ମତଦାତା ହାରରେ ମହିଳା ଭୋଟରଙ୍କ ମତଦାନ ହାର ୧୦୭୫.୫ । ଏହାର କାରଣ ହେଉଛି, ନିଜ ଜନ୍ମସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିଥିବା ପୁରୁଷ ଭୋଟଦାତା ରାଜ୍ୟ ବାହାରେ କାମ କରୁଥିବାରୁ ଭୋଟ ଗ୍ରହଣ ଦିନ ଫେରିବାକୁ ଅସମର୍ଥ ହୋଇଥାଆନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ହାର ଏହା ପ୍ରମାଣିତ କରୁଛି। କିନ୍ତୁ ବାସ୍ତବରେ ରାଜ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଅଧିକ । ପ୍ରତି ୧୦୦୦ ପୁରୁଷ ଭୋଟର ସଂଖ୍ୟାରେ ମହିଳାଙ୍କ ସଂଖ୍ୟା ହେଉଛି ୯୧୫.୫।

ନିଜ ଜନ୍ମସ୍ଥାନରେ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଏବଂ ସାମୟିକ ଅନୁପସ୍ଥିତ ଥିବା ଭୋଟଦାତାଙ୍କୁ ଚିହ୍ନଟ କରିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ କଷ୍ଟକର। ଆହୁରି ମଧ୍ୟ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଭୋଟର ସେମାନଙ୍କ ନାମ ରହୁଥିବା ସ୍ଥାନରେ ପଞ୍ଜୀକରଣ କରିଛନ୍ତି କି ନାହିଁ, ସେ ନେଇ ନିର୍ବାଚନ କମିଶନ ନିଶ୍ଚିତ ହେବା ଆବଶ୍ୟକ। ନୀତିଗତ ଭାବେ ନିର୍ବାଚନ କମିଶନ ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷାକରିବା ଜରୁରୀ। ତେଣୁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ଅଭିଯାନ ବା ଚିହ୍ନଟ ପ୍ରକ୍ରିୟା ପାଇଁ ମାତ୍ର ଗୋଟିଏ ମାସ ନୁହେଁ, ଅଧିକ ସମୟ ଆବଶ୍ୟକ। ଏ ନେଇ ନିର୍ବାଚନ କମିଶନ ଅଧିକ ସମୟ ସ୍ଥିର କରିବା ଜରୁରୀ। ଭୋଟର ତାଲିକା ଯାଞ୍ଚ ପାଇଁ ବୁଥ୍ ସ୍ତରରେ ନିୟୋଜିତ କର୍ମଚାରୀ(ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଭୋଟରଙ୍କ ଆଇଡି ଯାଞ୍ଚ ସଂଗ୍ରହଣ କରିବା ଆବଶ୍ୟକ। କିନ୍ତୁ ସେଗୁଡିକୁ ସ୍କାନ୍ କରି ଅପ୍‌ଲୋଡ୍ କରିବା ପାଇଁ ମାତ୍ର ୧ସପ୍ତାହ ସମୟ ଦିଆଯାଇଥିବାରୁ ତାହା ଗରିବ, ପ୍ରବାସୀ ଶ୍ରମିକଙ୍କ ପାଇଁ ସମ୍ଭବ ନୁହେଁ। ଏହାର ପରିଣତି ସ୍ୱରୂପ ୭କୋଟିରୁ ଅଧିକ ବିହାରର ସ୍ଥାୟୀ ବାସିନ୍ଦା ଭୋଟର ତାଲିକାରୁ ବାଦ୍ ପଡ଼ିପାରନ୍ତି ବୋଲି ଆକଳନ କରାଯାଏ।

**ଗାଙ୍ଗୋତ୍ରୀନଗର,**
**ଶିଶୁପାଳଗଡ଼,ଭୁବନେଶ୍ୱର**
**ମୋ: ୭୯୭୮୬୬୬୪୦୩**

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଲ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ ।

-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଗୁଆ ଜାମିନ

ମହାଶୟ,

ଆମ ଜାଣିବାରେ, ଯିଏ ଦୋଷକରେ ପୋଲିସ ତାକୁ ଗିରଫ କରେ। ପରେ ସତ ଓକାଳିବାକୁ ମାଡ଼ ଦିଏ ଏବଂ ଶେଷରେ କୋର୍ଟକୁ ଫରୱାର୍ଡ କରେ। ଜାମିନ ଲାଗି ଆବେଦନ କରାଗଲେ ବିଚାରପତି ବିଚାର କରନ୍ତି। ମନବୁଝିଲେ ଜାମିନରେ ଛାଡ଼ିପାରନ୍ତି କିମ୍ବା ଜେଲକୁ ପଠାଇ ଦେଇପାରନ୍ତି। ଅନେକ କ୍ଷେତ୍ରରେ ପୋଲିସ ଗିରଫ କରିବା ଆଗରୁ ଧନୀ ଲୋକମାନେ ଜାମିନ ଲାଗି ଆବେଦନ କରୁଛନ୍ତି ଏବଂ ଜଜ୍ ମଧ୍ୟ ଉକ୍ତ ଆବେଦନକୁ ମଞ୍ଜୁର୍ କରୁଛନ୍ତି। ଫଳରେ ସେମାନଙ୍କୁ ଗିରଫ କରାଯାଇପାରୁନାହିଁ। ସତେଯେମିତି ଏହି ଆଗୁଆ ଜାମିନ ନିୟମ କେବଳ ବଡ଼ ଲୋକ, ବଡ଼ ଓକିଲ ଏବଂ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଯାଉଛି। ସାଧାରଣ ଲୋକେ ଏହାକୁ ବୁଝୁନାହାନ୍ତି କିମ୍ବା ଏହାର ସୁବିଧା ମଧ୍ୟ ନେଇପାରୁନାହାନ୍ତି। ଥାନା କି କୋର୍ଟ କଚେରିକୁ ନ ଯାଇ ଆଗୁଆ ଜାମିନ କେମିତି ମିଳୁଛି, ତାହା ଆମଭଳି ଲୋକ ବୁଝିପାରୁନାହିଁ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାରତ ଏବେ ପ୍ରମୁଖ ବିଶ୍ୱସ୍ତରୀୟ ବିପର୍ଯ୍ୟୟକାଳୀନ ସହାୟତାକାରୀ: ପି.କେ. ମିଶ୍ର

ବେଙ୍ଗାଲୁରୁ,୯।୭ (ପି.ଆଇ.ବି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସହାୟତା (ଏଚ୍‌ଏଡିଆର୍) କାର୍ଯ୍ୟରେ ଏକ ପ୍ରମୁଖ ବିଶ୍ୱସ୍ତରୀୟ ମୁକାବିଲାକାରୀ ଭାବରେ ଉଭା ହୋଇଛି। ଏହା ସଙ୍କଟ ସମୟରେ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସଂହତି ପ୍ରତି ଭାରତର ବର୍ଦ୍ଧିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବେଙ୍ଗାଲୁରୁସ୍ଥିତ ଆଇଆଇଏମ୍ 'ସେଣ୍ଟର ଫର୍ ପବ୍ଲିକ ପଲିସି'ର ବୁଧବାର ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଏହା କହିଛନ୍ତି। 'ଗୁଜରାଟରୁ ମ୍ୟାନ୍‌ମାର: ଗତ ୨୫ ବର୍ଷ ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଏବଂ ଅଭ୍ୟାସର ବିବର୍ତ୍ତନ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ଡ. ପି.କେ ମିଶ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଶିତ ଭାରତ ସଂକଳ୍ପ ଉପରେ ଆଲୋକପାତ କରିଥିଲେ। ଗତ ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତର ବିପର୍ଯ୍ୟୟ ପରିଚାଳନାରେ ଅନେକ ପରିବର୍ତ୍ତନ ଘଟିଛି। ୧୯୯୯ରେ ଓଡ଼ିଶା ମହାବାତ୍ୟା, ୨୦୦୧ରେ ଗୁଜରାଟ ଭୂମିକମ୍ପ ଏବଂ ୨୦୦୪ରେ ଭାରତ ମହାସାଗର ସୁନାମି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏସବୁ ବିପର୍ଯ୍ୟୟ ଅନେକ ଶିକ୍ଷା ଦେଇଥିଲା ବୋଲି ସେ କହିଥିଲେ। ତେବେ ଦେଶର ପ୍ରଶିକ୍ଷିତ ଏବଂ ସଜ୍ଜିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ) ଏବଂ ସଶସ୍ତ୍ର ବାହିନୀ ମାଧ୍ୟମରେ ଆମ ଦେଶ ନେପାଳ (୨୦୧୫ ଭୂମିକମ୍ପ), ତୁର୍କୀ (୨୦୨୩ ଭୂମିକମ୍ପ) ଏବଂ ମ୍ୟାନ୍‌ମାର (୨୦୨୫ ଭୂମିକମ୍ପ) ଭଳି ଦେଶଗୁଡ଼ିକୁ ସମୟୋଚିତ ବିପର୍ଯ୍ୟୟ ସହାୟତା ପ୍ରଦାନ କରିଛି ବୋଲି ସେ ପ୍ରକାଶ କରିଥିଲେ।



# ଡେଲାଙ୍ଗରେ ବାର୍ଡଫ୍ଲୁ ଆଶଙ୍କା

## ୧୦ ଦିନରେ ମଲେଣି ୨୦ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା

ଡେଲାଙ୍ଗ,୯।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକରେ କୁକୁଡ଼ା ମଡ଼କ ହେଉଥିବା ଜଣାପଡ଼ିଛି। ଗତ ୧୦ ଦିନ ମଧ୍ୟରେ ବିଭିନ୍ନ ଫାର୍ମରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମରିଛନ୍ତି। ହେଲେ ଏବେ ଅଧିକ ସଂଖ୍ୟାରେ ମରିବାରୁ ସ୍ଥାନୀୟ ଚାଷୀମାନେ ଏହାକୁ ବାର୍ଡଫ୍ଲୁ ଆଶଙ୍କା କରିଛନ୍ତି। କ୍ଷତି ଭୟରେ ଫାର୍ମ ମାଲିକମାନେ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିବା ବେଳେ କୁକୁଡ଼ା ମଡ଼କ ବୃଦ୍ଧି ହେବାରୁ ଚାଷୀମାନେ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ସଂକ୍ରମଣ ବ୍ୟାପିଥିବା ବେଳେ ଅଣଦେଖା କରିବାରୁ ୨୦ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମରିଛନ୍ତି। ଆଙ୍କୁଲା, ଶିଙ୍ଗାପଡ଼ା, ଗୋବିନ୍ଦପୁର, ମାଙ୍ଗୋଟପଡ଼ା, ବେଗୁନିଆପଡ଼ା, ସିହ୍ନଦ୍ରପୁର, ଚାଉଁଳ, ଗଡ଼ମୋଟରା ଆଦି ଅଞ୍ଚଳରେ ଥିବା ୧୦ରୁ ଊର୍ଦ୍ଧ୍ୱ ଫାର୍ମରୁ ହଜାର ହଜାର ସଂଖ୍ୟାରେ କୁକୁଡ଼ା ମରିଯିବାରୁ ଚାଷୀମାନଙ୍କର ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି। ଏହା ବାର୍ଡ ଫ୍ଲୁ ବୋଲି ସନ୍ଦେହ କରାଯାଉଥିବା ବେଳେ କୌଣସି ଅଜଣା ସଂକ୍ରମିତ ରୋଗ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଅଧିକାରୀମାନେ ଯାଇ ମୃତ କୁକୁଡ଼ାମାନଙ୍କର ସ୍ୱାବ ନମୁନା ଏବଂ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଛନ୍ତି। ମଡ଼କ ସମୟରେ ଔଷଧ ଛାଉଥିବା କମ୍ପାନୀ କିମ୍ବା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମଲା କୁକୁଡ଼ାମାନଙ୍କୁ ଉଠାଇବାର କୌଣସି ବନ୍ଦୋବସ୍ତ କରାଯାଉନାହିଁ। ଫଳରେ ଚାଷୀମାନେ ମଲା କୁକୁଡ଼ାମାନଙ୍କୁ କେନାଲ, ନଦୀମାନଙ୍କରେ ଫୋପାଡ଼ି ଦେଉଥିବା ଦେଖିବାକୁ ମିଳୁଛି। ସଂକ୍ରମିତ କୁକୁଡ଼ାଙ୍କ ଶରୀରରୁ ଜୀବାଣୁ ପାଣିରେ ମିଶିବା ପରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ଦେଖାଦେଇଛି। କୁକୁଡ଼ା ମଡ଼କ ଘଟଣା ସମ୍ବନ୍ଧରେ ଅବଗତ ହେବା ପରେ ଡେଲାଙ୍ଗ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରତିତୋଷ ମହାପାତ୍ରଙ୍କ ସମେତ ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଦାଶ, ଡା. ରାଜେଶ ସାହୁ ଆଙ୍କୁଲା ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କ କୁକୁଡ଼ା ଫାର୍ମରେ ପହଞ୍ଚି ମଲା କୁକୁଡ଼ାଙ୍କର ବିଭିନ୍ନ ନମୁନା ପରୀକ୍ଷା ନିମନ୍ତେ ପ୍ରୟୋଗଶାଳା ପଠାଇଛନ୍ତି। ସେହିପରି ସଂକ୍ରମଣ ରୋକିବା ପାଇଁ ସଂକ୍ରମିତ କୁକୁଡ଼ାଙ୍କୁ ଏଣେତେଣେ ନ ପକାଇବାକୁ ଚାଷୀମାନଙ୍କୁ ନିବେଦନ କରାଯାଇଛି।

# ପିଲାଙ୍କ ଦକ୍ଷତା ବୃଦ୍ଧି ପାଇବ

ରାଜ୍ୟର ସରକାରୀ ବିଦ୍ୟାଳୟରେ ୫ମ ଓ ୮ମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ଏବେ ପରୀକ୍ଷାରେ ପାସ୍ କରିବାକୁ ପଡ଼ିବ। ପାସ୍ କଲେ ହିଁ ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ। ନଚେତ୍ ଫେଲ୍ ହେବେ ଏବଂ ସେମାନଙ୍କୁ ଆଉ ଥରେ ପୂର୍ବ ଶ୍ରେଣୀରେ ପଢ଼ିବାକୁ ପଡ଼ିବ ବୋଲି ବୁଧବାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ସହ ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ବୋଲି କୁହାଯାଉଛି। ତେବେ ଶିକ୍ଷାବିତ୍‌ମାନେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହା ପିଲାମାନଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ବେଶ୍ ସହାୟକ ହେବ। ଅପରପକ୍ଷରେ ଏଭଳି ନିଷ୍ପତ୍ତିରେ ଡ୍ରପ୍ ଆଉଟ ସଂଖ୍ୟା ବୃଦ୍ଧି ହୋଇପାରେ ବୋଲି ମତପ୍ରକାଶ ପାଇଛି।

## ପିଲାଙ୍କ ମଧ୍ୟରେ ସଚେତନତା ବଢ଼ିବ



ପରୀକ୍ଷାରେ ପାସ୍-ଫେଲ୍ ନିୟମ ବହୁ ଆଗରୁ ଲାଗୁ ହେବାର ଥିଲା। ଏହି ନିୟମ ଦ୍ୱାରା ପାଠ ପଢୁଥିବା ପିଲାମାନେ ହିଁ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ଯଦ୍ଦ୍ୱାରା ପିଲାଙ୍କୁ ପାଠ ପଢ଼ାଇବା ସରଳ ହେବା ସହିତ ଭଲ ରେଜଲ୍ଟ କରିବାରେ ସୁବିଧା ହେବ। ଏହି ନିୟମ ଲାଗୁ ହେବା ଦ୍ୱାରା ପିଲାଙ୍କ ମଧ୍ୟରେ ପାଠପଢ଼ାକୁ ନେଇ ସଚେତନତା ସୃଷ୍ଟି ହେବ। ସେମାନେ ପାଠପଢ଼ି କିପରି ପାସ୍ କରିବେ, ସେଥିପ୍ରତି ଅଧିକ ଧ୍ୟାନ ଦେବେ। ସେମାନେ କିଛି ପାଠ ଜାଣିବା ସହିତ ପାସ୍ କରିବା ଭଳି ମାର୍କ ରଖିପାରିବେ।

– ମମତା ଦାଶ, ପ୍ରଧାନ ଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର

## ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ



ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଲାଗୁ କରିଥିବା ପାସ୍-ଫେଲ୍ ନିୟମକୁ ସମସ୍ତେ ସ୍ୱାଗତ କରିବା ଦରକାର। ସବୁ ପିଲା ପରୀକ୍ଷାରେ ପାସ୍ କରିଯାଉଥିଲେ ସତ, ହେଲେ ଗୁଣାତ୍ମକ କ୍ଷେତ୍ରରେ ଦୁର୍ବଳ ରହୁଥିଲେ। ଏଣିକି ପିଲାମାନେ ପାଠପଢ଼ା ବିଷୟରେ କିଛି ଜାଣିବେ। ନିଜ ପରିଶ୍ରମରେ ହିଁ ସେମାନେ ପାସ୍ କରିବାକୁ ଚେଷ୍ଟା କରିବେ।

– ମନୋଜା ମଞ୍ଜରୀ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଭୁବନେଶ୍ୱର

## ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେବ



ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଫେଲ୍ ବ୍ୟବସ୍ଥା ଦ୍ୱାରା ପିଲାଙ୍କ ମଧ୍ୟରେ ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବ। ପୁଣି ଥରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ସେମାନେ ଚେଷ୍ଟା କରିବେ। ରାଜ୍ୟ ସରକାରଙ୍କର ଏହା ଏକ ଉତ୍ତମ ପଦକ୍ଷେପ। ଯଦି କୌଣସି କାରଣରୁ ଛିଲାଟିଏ ପରୀକ୍ଷା ଦେଇପାରିନାହିଁ, ତା' ହେଲେ ସେ ପୁଣି ପରୀକ୍ଷା ଦେଇ ପାସ୍ କରିପାରିବ। ହେଲେ ଏହି ନିୟମ କିଛି ଛାତ୍ରଛାତ୍ରୀଙ୍କ ଉପରେ ମାନସିକ ଚାପ ପକାଇବାର ଆଶଙ୍କା ରହିଛି।

–ପ୍ରମୋଦ କୁମାର ଦାଶ, ପ୍ରଧାନ ଶିକ୍ଷକ, ୟୁନିଟ-୧ ହାଇସ୍କୁଲ, ଭୁବନେଶ୍ୱର

## ପିଲାଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସଂଶୋଧନ ଆଣିଛନ୍ତି। ଗଣଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରିଛି। ନୂତନ ନିୟମ ଅନୁସାରେ ୫ମ ଓ ୮ମ ଶ୍ରେଣୀରେ ଫେଲ ହେଲେ ପୁଣି ଥରେ ପରୀକ୍ଷା ଦେବାର ସୁଯୋଗ ପାଇବେ। ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷାରେ ଫେଲ ହୁଅନ୍ତି, ତେବେ ସେହି ଶ୍ରେଣୀରେ ହିଁ ପଢ଼ିବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଯାଏ ପାସ୍‌ଫେଲ ବ୍ୟବସ୍ଥା ନ ଥିଲା। ଏହି ନୂତନ ନିୟମ ଲାଗୁ ହେବା ଦ୍ୱାରା ପିଲାମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ। ଫେଲ୍ ହେବା ଭୟରେ ପାଠପଢ଼ା ପ୍ରତି ଅଧିକ ଯତ୍ନବାନ ହେବେ। ଏହା ଦ୍ୱାରା ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇବା ସହ ପିଲାଙ୍କ ପାଠପଢ଼ାରେ ଉନ୍ନତି ଆସିବ। ଏହି ପ୍ରକାର ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଇବ।



– ଗଙ୍ଗାଧର ଦାସ, ଶିକ୍ଷାବିତ୍, ଖୋର୍ଦ୍ଧା

## ପାସ୍ ଫେଲ୍ ବ୍ୟବସ୍ଥା ନିହାତି ଆବଶ୍ୟକ



ଆମର ପୂର୍ବ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ୍ ବ୍ୟବସ୍ଥା ଉଠାଇଦେଇଥିଲେ। ଏବେର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍, ଫେଲ୍ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା କୋମଳମତି ଶିଶୁମାନେ ଅସୁବିଧାରେ ପଡ଼ୁଛନ୍ତି। ପିଲାମାନଙ୍କ ପାଇଁ ପାସ୍ ରହିବ, କିନ୍ତୁ ଫେଲ୍ ରହିବନି ତାହା କେତେ ବି ଗ୍ରହଣୀୟ ନୁହେଁ। ମାତ୍ର ନିଷ୍ପତ୍ତି ସତ କଥାଟି ହେଲା ଏ ବ୍ୟବସ୍ଥା ରହିବାର ଯୌକ୍ତିକତା ରହିଛି। ଜ୍ଞାନର ଉପଯୋଗିତାକୁ ଆଖି ଆଗରେ ରଖି ପାସ୍, ଫେଲ୍ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ଆମର ଶିକ୍ଷାକ୍ଷେତ୍ର ସେ ସୁଦୃଢ଼ ହେବ ଏଥି ନିଃସନ୍ଦେହ।

– ଭାଗୀରଥି ସାହୁ, ଶିକ୍ଷାବିତ୍, ଯୋବ୍ରା, କଟକ

## ପାଠପଢ଼ା ଦିଗରେ ସଂସ୍କାର ଆସିବ

ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ନିୟମ ସ୍ୱାଗତଯୋଗ୍ୟ। ପାସ୍, ଫେଲ୍ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଦିଗରେ ସଂସ୍କାର ଆଣିବ। ଫେଲ୍ ହେବା ଭୟରେ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଆସିବ। ପ୍ରାଥମିକସ୍ତରରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନରେ ପୂର୍ବାପେକ୍ଷା ଅଧିକ ଧ୍ୟାନକେନ୍ଦ୍ରିତ ହେବେ। ପୂର୍ବରୁ ସମସ୍ତେ ପାସ୍ ହେବା ବ୍ୟବସ୍ଥା ଯୋଗୁଁ ଶ୍ରେଣୀ ଅନୁଯାୟୀ ସମସ୍ତ ବିଷୟରେ ଅଭିଜ୍ଞ ନ ହୋଇ ମଧ୍ୟ ପିଲାମାନେ ଉତ୍ତୀର୍ଣ୍ଣ ହେଉଥିଲେ। ଫଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବହୁ ପିଲା ଅସଫଳ ହେଉଥିଲେ। ଅପରପକ୍ଷରେ ଫେଲ୍ ବ୍ୟବସ୍ଥା ଯୋଗୁଁ ଡ୍ରପ ଆଉଟ୍ ଛାତ୍ରଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।



– ପଦ୍ମଲୋଚନ ବାରିକ, ଅବସରପ୍ରାପ୍ତ ଶିକ୍ଷକ, ବସ୍ତା, ବାଲେଶ୍ୱର

## ନୂତନ ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ



ପୂର୍ବରୁ ପରୀକ୍ଷାରେ ଫେଲ୍ ହେଲେ ମଧ୍ୟ ଶ୍ରେଣୀ ଉତ୍ତୀର୍ଣ୍ଣ ବ୍ୟବସ୍ଥା ଯୋଗୁ ପିଲା ପାଠପଢ଼ା ପ୍ରତି ଅବହେଳା କରୁଥିଲେ। ଏଭଳିକି, ଆ ଜାଣି ନ ଥିବା ପିଲା ମଧ୍ୟ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଯାଉଥିଲେ। ଏହାଦ୍ୱାରା ପିଲାଙ୍କ ଶିକ୍ଷାରେ ବିକାଶ ହୋଇପାରୁ ନ ଥିଲା। ଏବେ ପରୀକ୍ଷାରେ ପାସ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ବ୍ୟବସ୍ଥା ହେବା ଦ୍ୱାରା ପିଲାଙ୍କ ମନରେ ପାଠପଢ଼ା ପ୍ରତି ଏକ ଦାୟିତ୍ୱ ଆସିବ। ପାସ୍ ଲକ୍ଷ୍ୟରେ ଛାତ୍ରଛାତ୍ରୀ ପାଠ ପଢିବେ ଏବଂ ସେମାନଙ୍କ ଶିକ୍ଷାର ମାନ ବଢ଼ିବ। ମୁଁ ନିଜକରେ ଶିକ୍ଷକତା ବୃତ୍ତିରୁ ଅବସର ନେଇଛି, ତେଣୁ ବର୍ତ୍ତମାନ ଲାଗୁ ହୋଇଥିବା ଏହି ନୂତନ ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ। ନୂତନ ଶିକ୍ଷା ବ୍ୟବସ୍ଥା ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନର ମାଧ୍ୟମ ହେବ।

– ଶଶିଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ରାୟଗଡ଼ା

## ଡ୍ରପ୍ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ



ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୫ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଫେଲ୍ ନିଷ୍ପତ୍ତି ଜାତୀୟ ଶିକ୍ଷାନୀତି ବିରୋଧୀ। ଏହାଦ୍ୱାରା ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ। ରାଜ୍ୟର ୫ମ ଶ୍ରେଣୀରେ ଫେଲ୍ ହେଉଥିବା ସନ୍ତାନଙ୍କୁ ଆଗକୁ ଆଉ ପାଠ ପଢ଼ାଇବାକୁ ଚହିଁବେ ଶ୍ରେଣୀର ଅଭିଭାବକମାନେ ଆଗ୍ରହ ପ୍ରକାଶ କରିବେ ନାହିଁ। ଦେଶରୁ ଡ୍ରପ୍‌ଆଉଟ୍ ସଂଖ୍ୟା ହ୍ରାସ ଓ ପିଲାଙ୍କ ମଧ୍ୟରେ ପାଠ ପ୍ରତି ଆଗ୍ରହ ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ରୀୟ ଶିକ୍ଷାନୀତିରେ ୬ରୁ ୧୪ ବର୍ଷ ପିଲାଙ୍କୁ ଫେଲ୍ କରାଯିବ ନାହିଁ ବୋଲି ନିୟମ ରହିଛି। ତେଣୁ ରାଜ୍ୟ ସରକାର ଏହି ନୀତିର ଉଲ୍ଲଂଘନ କରିବା ଅନୁଚିତ।

– ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ସମ୍ବଲପୁର

# ରାଜ୍ୟରେ ଆଂଶିକ ପ୍ରଭାବ



ଭୁବନେଶ୍ୱର ରାଜମହଲ ଛକରେ ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ବନ୍ଦ ଡାକରା ଯୋଗୁ ଅଟକି ରହିଥିବା ବସ୍।

ଭୁବନେଶ୍ୱର,୯।୭(ରବିନାରାୟଣ ଜେନା/ସତ୍ୟକିଂ ରାଉତ)

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧ ଏବଂ ଶ୍ରମକୋଡ୍ ବାତିଲ ଭଳି ୧୭ ଦଫା ଦାବି ନେଇ ୧୦ଟି ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ଡିଆଯାଇଥିବା ଭାରତ ବନ୍ଦର ରାଜ୍ୟରେ ଆଂଶିକ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ବ୍ୟାଙ୍କିଙ୍ଗ, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି ଖନନ ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଶ୍ରମିକମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଏଥିଯୋଗୁ ଓଡ଼ିଶାର ସଡ଼କପଥ, ରେଳପଥରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ଚିକିତ୍ସା ଭଳି କେତେକ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ବାଟରେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି। ରାଜଧାନୀ ସମେତ ବିଭିନ୍ନ ସହରାଞ୍ଚଳରେ ପେଟ୍ରୋଲ ପମ୍ପ ବନ୍ଦ ରହିଥିବାବେଳେ ବିଭିନ୍ନ ବାଣିଜ୍ୟିକ ଅନୁଷ୍ଠାନ ବାଧାପ୍ରାପ୍ତ ହୋଇଛି। ତେବେ ସରକାରୀ କାର୍ଯ୍ୟାଳୟ ସେତେଟା ବାଧାପ୍ରାପ୍ତ ହୋଇ ନ ଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଶ୍ରମିକ ସଂଗଠନର ଅବରୋଧ ଯୋଗୁ ଟ୍ରକ୍‌ଗୁଡ଼ିକ ଅଟକି ରହିଥିଲା, ଫଳରେ ମାଲ୍ ଓ ଜୈବ ପରିବହନ କ୍ଷେତ୍ରରେ ବାଧା ଉପୁଜିଛି। ଅନେକ ଦୂରଗାମୀ ଟ୍ରେନ୍ ଦୀର୍ଘସମୟ ଧରି ବିଭିନ୍ନ ଷ୍ଟେସନରେ ଅଟକି ରହିବାରୁ ଲୋକେ ଗନ୍ତବ୍ୟସ୍ଥଳରେ ଠିକଣା ସମୟରେ ପହଞ୍ଚ ପାରିନାହାନ୍ତି। ରାସ୍ତାରେ ଯାତ୍ରୀବାହୀ ବସ୍ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଥିବାବେଳେ ଟ୍ରକ୍‌ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୬ଟାବେଳେ ସିଆଇଟିୟୁ, ଏଆଇଟିୟୁସି, ଏଆଇୟୁଟିୟୁସି ସମେତ ଅନ୍ୟ ସଂଗଠନର କର୍ମୀମାନେ ପିକେଟିଂ କରିବା ସହ ସହରପରେ ଗାଡ଼ିମୋଟର ଚଳାଚଳରେ ବାଧା ସୃଷ୍ଟି କରିଥିଲେ। ରାଜମହଲ, ମାଷ୍ଟରକ୍ୟାଣ୍ଟିନ, ସିଟି ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ, ବୈତର କମିଶନର, ରସୁଲଗଡ଼, ବାଣୀବିହାର, କ୍ରାଉନ୍ ହୋଟେଲ, ଯୁଗୁଲୁମା, ନାଲକୋ, ଜୟଦେବ ବିହାର, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଏଜି ଛକ ଆଦିରେ ଅନେକ ଶ୍ରମିକ ସଂଗଠନର କର୍ମକର୍ତ୍ତା ଧାରଣାରେ ବସିଥିଲେ। ଜୟଦେବ ବିହାର ଓଭରବ୍ରିଜ୍ ଉପରେ ଶ୍ରମିକ ସଂଗଠନ କର୍ମୀମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନୁରୂପ ଭାବେ ରେଳଷ୍ଟେସନରେ ଶ୍ରମିକ ସଂଗଠନର କର୍ମୀମାନେ ରେଳଲାଇନ ଉପରେ ଧାରଣା ଦେବା ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଜଧାନୀରେ ଅଟୋ ଚଳାଚଳ ସ୍ୱାଭାବିକ ଥିବାବେଳେ ମୁଖ୍ୟ ବ୍ୟବସାୟ କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିଲା। ସେହିପରି ରିଜର୍ଭ ବ୍ୟାଙ୍କ ସମେତ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବୀମା କମ୍ପାନୀ ଅଫିସ, ବିଏସ୍‌ଏନ୍‌ଏଲ୍ ମୁଖ୍ୟ ଅଫିସ, ପିଏମ୍‌ଜି, ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ, ନାଲକୋ ମୁଖ୍ୟ ଅଫିସ ଫାଟକ ଇତ୍ୟାଦି ସ୍ଥାନରେ ମଧ୍ୟ ବିଭିନ୍ନ ଶ୍ରମିକ ୟୁନିୟନର ରାଜ୍ୟ ନେତୃବୃନ୍ଦ ଏବଂ କର୍ମୀମାନେ ଧର୍ମଘଟ କରିଥିଲେ। କାଁ ଭାଁ କିଛି ସ୍ଥାନରେ ଛୋଟମୋଟ ଘଟଣାକୁ ଛାଡ଼ିଦେଲେ ବନ୍ଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ରହିଥିଲା। ରାଜଧାନୀରେ ପୋଲିସ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ଶତାଧିକ ବିକ୍ଷୋଭକାରୀଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା। ବନ୍ଦର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ କଟକ, ରାଉରକେଲା, ପାରାଦୀପ, ସମ୍ବଲପୁର, ଝାରସୁଗୁଡ଼ା, ବ୍ରହ୍ମପୁର ଓ ଜୟପୁର ସହରରେ ମଧ୍ୟ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଭଦ୍ରକ ଭଳି ବିଭିନ୍ନ ସହରରେ ବିଜେଡି କର୍ମୀମାନେ ବନ୍ଦ ଆହ୍ୱାନକୁ ସମର୍ଥନରେ ପିକେଟିଂ କରିବା ଦେଖାଯାଇଥିଲା। ଫଳରେ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ୧୦ଟି ଟ୍ରେଡ୍ ୟୁନିୟନ ଦେଶବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୭ ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଡାକରା ଦିଆଯାଇଥିଲା। ସର୍ବଭାରତୀୟସ୍ତରରେ ଶ୍ରମିକଙ୍କ ଏହି ବନ୍ଦ ଡାକରା ଯୋଗୁ କେରଳ, ପଶ୍ଚିମବଙ୍ଗ, ତାମିଲନାଡ଼ୁ, ତେଲଙ୍ଗାନା, ମହାରାଷ୍ଟ୍ର ଓ ବିହାର ଭଳି କେତେକ ରାଜ୍ୟରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ବନ୍ଦ ଡାକରାରେ ପୂର୍ବତନ ଏମ୍‌ପି ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, କିଶୋର ଜେନା, ବିଜୟ ଜେନା, ମହେନ୍ଦ୍ର ପରିଡ଼ା, ରାଧାକାନ୍ତ ସେଠୀ, ଫରୱାର୍ଡ ବ୍ଲକ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ସିଆଇଟିୟୁର ଲକ୍ଷ୍ମୀପ୍ରିୟା ବେହେରା, ଦୁଷ୍ମନ୍ତ ପାଣିଗ୍ରାହୀ, ଯୁଧିଷ୍ଠିର ମହାପାତ୍ର ଏବଂ ଗୁରୁ ଜେନା ପ୍ରମୁଖ ସାମିଲ ଥିଲେ।

## ଟ୍ରେଡ୍ ୟୁନିୟନର ଭାରତ ବନ୍ଦ ଡାକରା





















(୧) ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରେ ଧାରଣା। (୨) ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପୋଲିସ ଜଣେ ଆନ୍ଦୋଳନକାରୀଙ୍କୁ ଉଠାଇନେଉଛି। (୩) ଭୁବନେଶ୍ୱର ରେଲଷ୍ଟେସନଠାରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ। (୪) ବନ୍ଦ ଯୋଗୁ ଯାତ୍ରୀମାନେ ଚାଲି ଚାଲି ଯାଉଛନ୍ତି। (୫) କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ କଟକ ଜିଲାପାଳଙ୍କ ଅଫିସ ନିକଟକୁ ବାହାରିଥିବା ବିଶାଳ ଶୋଭାଯାତ୍ରା। (୬) ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ତେଲ ନ ମିଳିବା ଆଶଙ୍କାରେ ଗୁରୁବାର ରାତିରେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଲାଗିଥିବା ଭିଡ଼।

**ରଥରୁ ଚକ୍ରରାଜ ସାରଥି, ହଂସପତା, ପାର୍ଶ୍ୱ ଦେବଦେବୀ**

ପୁରୀ,(ଅରିନ୍ଦମ କୁମାର ମହାନ୍ତି): ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ମହାପ୍ରଭୁ ରତ୍ନସିଂହାସନ ଉପରେ ବିଜେ କରିଛନ୍ତି। ଶ୍ରୀମନ୍ଦିରକୁ ଦାରୁବିଗ୍ରହମାନେ ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଥିବା ଶୂନ୍ୟ ଥିବା ରଥିମାନ ନୀତି ସରିବା ପରେ ବୁଧବାର ଭୋର ସେବକମାନେ ରଥରେ ଥିବା ତିନି ସାରଥିଙ୍କ ସମେତ ସମସ୍ତ ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପତା, କଳସପତା, ଦେଉଳରାଡ଼ ପ୍ରଭୃତିକୁ ଖୋଲିଛନ୍ତି। ଏହାକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବା ସହ ନୂତନ ଭାବରେ ନିର୍ମିତ ଗୋଦାମ ଘରେ ସଂରକ୍ଷିତ ରଖାଯାଇଛି।

# ବନ୍ଧୁକ ବେପାରୀ ଗିରଫ

## ପଣ୍ଡାକୁଦିଆ ଗୁଳି, ବୋମାମାଡ଼ ଘଟଣା

ବାରଙ୍ଗ, ୯।୭(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ମଳିପ ପଣ୍ଡାକୁଦିଆ ସରକାରୀ ଜମି ଜବରଦଖଲ ଓ ବୋମାମାଡ଼ ସହ ଗୁଳିକାଣ୍ଡର ୪ ମାସ ପରେ ବୁଧବାର ଚନ୍ଦକା ପୋଲିସ ବନ୍ଧୁକ ଯୋଗାଉଥିବା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବେରୁଆଁଳ ଥାନା ଦକ୍ଷ ଗ୍ରାମର ରାଜକିଶୋର ବଲିଆରସିଂହ(୩୧)। ପୋଲିସ ସୂଚନା ମୁତାବକ, ଗତ ମାର୍ଚ୍ଚ ୯ରେ ପଣ୍ଡାକୁଦିଆ ସରକାରୀ ଜମିକିଣାବିକାକୁନେଇ ୨ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଗୁଳି ଓ ବୋମାମାଡ଼ ହୋଇଥିଲା। ଗୁଳିମାଡ଼ରେ ଭରତପୁର ଅଞ୍ଚଳର ସୋମନାଥ ସାହୁଙ୍କ ଜଙ୍ଘରେ ଗୁଳି ବାଜିଥିଲା। ବୁଧବାର ରାଜକିଶୋରଙ୍କୁ ପିତାପଲ୍ଲୀ ଛକ ନିକଟରୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ମୋବାଇଲ ଜବତ କରିଥିଲା। ମୋବାଇଲରେ ବନ୍ଧୁକ ମଡେଲ ବିବରଣୀ ଏବଂ ଗ୍ରାହକଙ୍କ ସହିତ ସେୟାର କରାଯାଇଥିବା ସିରିଏଲ୍ ନମ୍ବର ଥିବା ଜଣାପଡ଼ିଛି, ଯାହା ଅବୈଧ ଅସ୍ତ୍ରଶସ୍ତ୍ର ବ୍ୟବସାୟରେ ସମ୍ପୃକ୍ତିକୁ ସୂଚିତ କରିଥିଲା ବୋଲି ପୋଲିସ କହିଛି।

# ରାଣୀପୁରରେ ଝାଡ଼ାବାନ୍ତି, ୧୬ ଆକ୍ରାନ୍ତ

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରି ପଞ୍ଚାୟତର ରାଣୀପୁରରେ ଝାଡ଼ାବାନ୍ତିରେ ୧୬ଜଣ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୩ଜଣ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିଛନ୍ତି। ଅନ୍ୟ ୨ଜଣ ଚିକିତ୍ସାଧୀନ ଥିବା ବେଳେ ଆଉ ଜଣେ ଆକ୍ରାନ୍ତ ତଥା ଏକାଧିକ ରୋଗରେ ପୀଡ଼ିତ ଥିବା ବିଚିତ୍ରାନନ୍ଦ ମାହାନାଙ୍କ ମୃତ୍ୟୁ ହୋଇଛି। ତେବେ ବିଚିତ୍ରାନନ୍ଦଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ମଲ୍ଲି ପଟ୍ଟପୋଜ ହେଲ୍ଥ ସୁପରଭାଇଜର ସୁବ୍ରତ କୁମାର ରାୟ କହିଛନ୍ତି। ସୂଚନା ମୁତାବକ, ଗତ ୫ ତାରିଖରେ ରାଣୀପୁର ଗ୍ରାମରେ ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହା ପରେ ୬ତାରିଖରେ ଉକ୍ତ ଗ୍ରାମର ୫ଜଣ, ୭ ତାରିଖରେ ୩ଜଣ ଏବଂ ବୁଧବାର ୨ଜଣ ଆକ୍ରାନ୍ତ ହୋଇଛନ୍ତି। ପ୍ରଦୂଷିତ ପାଣି


ମେଡିକାଲ ଟିମ୍ ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ପିଇବା ଯୋଗୁ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ସୁସ୍ଥ ହୋଇ ଫେରିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଆରଏସ୍, ହାଲୋଜେନ ଏବଂ ଜିଙ୍କ୍ ଟାବ୍‌ଲେଟ ଗ୍ରାମବାସୀଙ୍କୁ ବିଆଯିବା ସହ କୂଅ ଏବଂ ନଳକୂପଗୁଡ଼ିକୁ ବିଶୋଧନ କରାଯାଇଥିବା ସହ ବ୍ଲିଚିଂ ପକାଯାଇଥିବା ବେଣାପଞ୍ଜରି ହେଲ୍ଥ ୱେଲନେସ୍ ସେଣ୍ଟରର ଆୟୁଷ ଡାକ୍ତର ବିଶ୍ୱରଞ୍ଜନ ପୃଷ୍ଟି ଏବଂ ଆଶାକର୍ମୀ ରାଧାରାଣୀ ନାୟକ କହିଛନ୍ତି। ବୁଧବାର ମଧ୍ୟାହ୍ନରେ ୪ଜଣିଆ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଟଣୀ

■ ବ୍ଲିଚିଂ ପକାଯିବା ସହ ସଚେତନତାକୁ ଗୁରୁତ୍ୱ

■ ଗ୍ରାମରେ ମେଡିକାଲ ଟିମ୍‌ର ସ୍ଥିତି ଅନୁଧ୍ୟାନ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା.ଜିତେନ୍ଦ୍ର କୁମାର ପଣ୍ଡା, ଡା.ନନ୍ଦିତା ଗୁପ୍ତା, ଡା.ସ୍ମିତାକୁଳିତ ନନ୍ଦ, ଶାନ୍ତିଲତା ବେହେରା, ଡା. ଦିବ୍ୟ ଦାସଙ୍କ ସହ ଏଏନ୍‌ଏମ୍, ଅଙ୍ଗନୱାଡ଼ି ଏବଂ ଆଶାକର୍ମୀ ଥିଲେ। ଏ ସମ୍ପର୍କରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା.ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ରାଣୀପୁରରେ ମୋଟ୍ ୧୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଏବେ ୨ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗ୍ରାମରେ ଆଶାକର୍ମୀ, ଏଏନ୍‌ଏମ୍ ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ସଚେତନ କରୁଛନ୍ତି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଛି ବୋଲି ସେ କହିଛନ୍ତି।

# ହସ୍ତଶିଳ୍ପରୁ ଲକ୍ଷପତି ଦିଦି

## କୁସୁମଙ୍କ ଦକ୍ଷତା ଓ ଉଦ୍ୟୋଗିତାର କାହାଣୀ


ଏକ କାର୍ଯ୍ୟକ୍ରମରେ କୁସୁମ କହଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୯।୭(ସୁଚିସ୍ମିତା ସାହୁ)

କନ୍ଧମାଳ ଜିଲ୍ଲା ପଡ଼ିଛିଆ ଗ୍ରାମର କନ୍ଧ ଜନଜାତିର ୪୩ ବର୍ଷୀୟା କୁସୁମ କହଙ୍କ କାହାଣୀ ବେଶ୍ ଦର୍ପିତ। ପାରମ୍ପରିକ ଜ୍ଞାନକୌଶଳରେ କାଠଖିଆ ଖେଳନା ପ୍ରସ୍ତୁତ କରିବାର ଲୁକ୍କାୟିତ କଳାରେ ସେ ଦକ୍ଷତା ଅର୍ଜନ କରିଛନ୍ତି। ସମୟ ଅତିବାହିତ କରୁଥିବା ଏହି କାର୍ଯ୍ୟ ଏବେ ପଶୁ, ଗ୍ରାମୀଣ ଜୀବନ ଓ ଆଦିବାସୀ ସଂସ୍କୃତିର ପରିଚିତ୍ରଣ କରୁଥିବା ହସ୍ତଶିଳ୍ପ ଉଦ୍ୟୋଗରେ ପରିଣତ ହୋଇଛି। ଖାଲି ସେତିକି ନୁହେଁ, ଧାନ ଓ ପନିପରିବା ଚାଷ ମାଧ୍ୟମରେ ସେ ନିଜ ପାଇଁ ଏକ ସ୍ଥାୟୀ ଏବଂ ଆର୍ଥିକ ଭାବେ ସଶକ୍ତ ଜୀବନ ଗଢ଼ିତୋଳିଛନ୍ତି। ଏଥିଯୋଗୁ ସେ ଏବେ ସାଧାରଣ ଲୋକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

କୁସୁମ ସ୍ୱଳ୍ପ ଜମି ଓ ନିୟମିତ ଆୟ ଅଭାବରେ ପରିବାରର ଭରଣପୋଷଣ ତଥା ନିଜ ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବାକୁ ସଂଘର୍ଷ କରୁଥିଲେ। ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଆବର୍ତ୍ତନ ପାଣି ଏବଂ ସୁଭଦ୍ରା ଯୋଜନା ସହାୟତାରେ ସେ ତାଙ୍କର ଏହି ଉଦ୍ୟୋଗକୁ ବିସ୍ତାରିତ କରିଛନ୍ତି। ଧାନଚାଷ ଓ ପନିପରିବା ବିକ୍ରୟ ମାଧ୍ୟମରେ ସେ ନିଜ ପାଇଁ ଏକ ଦୃଢ଼ଭିତ୍ତି ତଥା ସ୍ଥାୟୀ ଆୟର ଉତ୍ସ ସୃଷ୍ଟି କରିଛନ୍ତି। ତାଙ୍କର ବାର୍ଷିକ ଆୟ ୨.୫ ଲକ୍ଷ ଟଙ୍କାରେ ପହଞ୍ଚିଛି। କିନ୍ତୁ କୁସୁମଙ୍କ ପ୍ରଭାବ ତାଙ୍କ ନିଜ ଘର ପରିବାର ମଧ୍ୟରେ ସୀମିତ ନୁହେଁ। ସାମୂହିକ ଉନ୍ନତିକୁ ଦୃଷ୍ଟିରେ ରଖି ସେ ନିଜ ଗାଁର ଅନ୍ୟ ୬ ମହିଳାଙ୍କୁ ମଧ୍ୟ ଜୀବନଜୀବିକା ଯୋଗାଇପାରିଛନ୍ତି। ସେମାନଙ୍କୁ ଖେଳନା ତିଆରି ଶିଖାଇ ଏକ ସ୍ଥାନୀୟ ସଂସ୍କୃତିଭିତ୍ତିକ ଉଦ୍ୟୋଗ ଗଠନ କରିଛନ୍ତି। ନିଜ କାର୍ଯ୍ୟରୁ ପ୍ରାପ୍ତ ଆୟରେ କୁସୁମ ଏକ ପକ୍କାଘର ତୋଳିବା ସହିତ ସନ୍ତାନଙ୍କୁ ଉଚ୍ଚଶିକ୍ଷା ଦେବା ବ୍ୟବସ୍ଥା କରିଛନ୍ତି। ତାଙ୍କର ପାରମ୍ପରିକ ଦକ୍ଷତା, ସମୟାନୁଯାୟୀ ଆର୍ଥିକ ସହାୟତା ଓ ବଜାର ସଂଯୋଗୀକରଣ ପ୍ରକୃତ ଆର୍ଥିକ ଉନ୍ନତି ସାଧନ କରିପାରେ। ଜଣେ ଲକ୍ଷପତି ଦିଦି ଭାବେ କୁସୁମ ନିଜ ଜନଜାତିର ସାଂସ୍କୃତିକ ପରିଚୟ ସଂରକ୍ଷଣ କରୁଛନ୍ତି।

# ଶୟନଗଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର୯।୭(ସୁବାସ ଚନ୍ଦ୍ର ପ୍ରଧାନ)

ଶୟନ ଚତୁର୍ଦ୍ଦଶୀ ଅବସରରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜ ୪ମାସ ଶୟନ ଯାଇଛନ୍ତି। ଏଥିପାଇଁ ପ୍ରାତଃରୁ ଦୈନିକ ନୀତି ମଙ୍ଗଳଆଳତି, ଅବକାଶ ଆଦି ନୀତି ଯଥାରୀତି ସମ୍ପନ୍ନ ହୋଇଥିଲା। ଟେରାଫିଟା ସରିବା ପରେ ସନ୍ଧ୍ୟାଧୂପ ବେଶ କରାଯାଇଥିଲା। ଯାତ୍ର ପୂଜା ହୋଇ ଚତୁଃର୍ଦ୍ଦଶୀ ବେଢ଼ା ଅନୁଷ୍ଠିତ ହୋଇଥିଲା। ଏହା ପରେ ମହାଦୀପ ଉଠିଥିଲା। ପରେ ପୁନଶ୍ଚ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇଥିଲା। ମହାସ୍ନାନ ପୂଜା ହେବା ସମୟରେ ଭଣ୍ଡାର ଘରୁ ପତ୍ରି ସେବକ ରୁପାରେ ନିର୍ମିତ ହରିହର ଏବଂ ସୁନାରେ ନିର୍ମିତ ଲକ୍ଷ୍ମୀ ଏବଂ ପାର୍ବତୀଙ୍କ ପ୍ରତିମୂର୍ତ୍ତିକୁ ରୁପା ଥାଳିରେ ଆଣି ଶ୍ରୀଜୀଉଙ୍କ ସମ୍ମୁଖରେ ରଖିଥିଲେ। ମହାସ୍ନାନ ପୂଜା ସରିବା ପରେ ଲିଙ୍ଗରାଜ ଓ ଶୟନ ଠାକୁରଙ୍କୁ ପୂଜାପଣ୍ଡା ସେବକ ମାଘସ୍ନାନ ଲାଗି କରିଥିଲେ। ଏହା ପରେ ବଡୁ ସେବକ ଶ୍ରୀଲିଙ୍ଗରାଜଙ୍କୁ ଏବଂ ଶୟନ ଠାକୁରଙ୍କୁ ମହାସୁଆର ସେବକ ସ୍ନାନକରି ବେଶ କରିଥିଲେ। ଏହାପରେ ଯାତ୍ରା ପୂଜା ଠା' କରାଯାଇ ଶୟନ ଠାକୁରଙ୍କୁ ଶ୍ରୀଜୀଉଙ୍କ ସମ୍ମୁଖରେ ରଖାଯାଇଥିଲା। ପୂଜା ପଣ୍ଡା ସେବକ ଲିଙ୍ଗରାଜ ଓ ଶୟନ ଠାକୁରଙ୍କ ଉପରେ ଏକ ଉତ୍ତରୀୟ ଲାଗି କରିଥିଲେ। ପରେ ଯାତ୍ରାପୂଜା ଓ ଆଳତି କରାଯାଇଥିଲା। ଆଳତି ହେବା ସମୟରେ ପୂଜାପଣ୍ଡା ସେବକ ମନ୍ତ୍ର ମାଧ୍ୟମରେ ଶ୍ରୀଜୀଉଙ୍କୁ ୪ମାସ ଶୟନ କରାଇଥିଲେ। ଏହି ୪ମାସ ଅଶୁଦ୍ଧିକାଳ ବିବେଚିତ ହୋଇଥାଏ। ଏହି ଚାରିମାସରେ କୌଣସି ବିବାହ, ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ହୋଇ ନ ଥାଏ। ଏହି ଚାରିମାସ ରାଜ୍ୟଭାର ପ୍ରଭୁ ପର୍ଶୁରାମେଶ୍ୱର ବୁଝିଥାନ୍ତି।

# ୬ ଦଫା ଦାବିରେ ଆୟକର କର୍ମଚାରୀଙ୍କ ଧର୍ମଘଟ


ଧର୍ମଘଟରେ ସାମିଲ ହୋଇଥିବା ଆୟକର କର୍ମଚାରୀ।

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ଦେଶର ୧୦ଟି ପ୍ରମୁଖ ଶ୍ରମିକ ସଂଗଠନ ଦ୍ୱାରା କରାଯାଇଥିବା ଧର୍ମଘଟରେ ବୁଧବାର ଭୁବନେଶ୍ୱରସ୍ଥିତ ଆୟକର ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ ସରକାରୀ କର୍ମଚାରୀ ମହାସଂଘ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ବୃହସ୍ପତି ସାମଲ ଯୋଗଦେଇ ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ

**ବେତନ ଆୟୋଗ ଗଠନ ଓ ପେନ୍‌ସନ ନୀତି ସଂଶୋଧନ କରାଯାଉ**

କରିଥିଲେ। ଓଡ଼ିଶା ଆୟକର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ସଂଘ ପକ୍ଷରୁ ୬ଟି ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଦାବି କରାଯାଇଥିଲା। ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ, କ୍ୟାଡର୍ ରିଭ୍ୟୁ, ନୂଆ ପେନ୍‌ସନ ସ୍କିମ୍ ଉଚ୍ଛେଦ ସହିତ ପୁରାତନ ପେନ୍‌ସନ ସ୍କିମ୍ ପୁନଃ ପ୍ରଚଳନ, ଆନ୍ତଃରାଜ୍ୟ ବଦଳି ସଂକ୍ରାନ୍ତୀୟ ନିୟମ ପୁନଃ ପ୍ରଚଳନ ଓ ତା'ର ସମୀକ୍ଷା, ଆୟକର ନିରୀକ୍ଷକ ଓ ଆୟକର କାର୍ଯ୍ୟାଳୟ ଅଧୀକ୍ଷକ ନିଯୁକ୍ତି ସଂକ୍ରାନ୍ତ ନିୟମରେ ପରିବର୍ତ୍ତନ, କରୋନା ସମୟରେ ସ୍ଥଗିତ ରଖାଯାଇଥିବା ମହଙ୍ଗା ଭତ୍ତାକୁ ୩ କିସ୍ତିରେ କେନ୍ଦ୍ରୀୟ କର୍ମଚାରୀଙ୍କୁ ପ୍ରଦାନ କରାଯିବା ଆଦି ଦାବିଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ଧର୍ମଘଟରେ ରାଜ୍ୟରେ ଥିବା ଆୟକର ବିଭାଗର ପ୍ରାୟ ୩୦ଟି କାର୍ଯ୍ୟାଳୟର କର୍ମଚାରୀ ସାମିଲ ହୋଇଥଲେ। ଆନ୍ଦୋଳନକୁ ଓଡ଼ିଶା ଆୟକର ଗେଜେଟେଡ ଅଧିକାରୀ ସଂଘ ସମର୍ଥନ ଜଣାଇଥିଲା।

# ହୀର୍ ଏକ୍ସପ୍ରେସ୍‌ର ନୂଆ ଗୀତ ରିଲିଜ୍

## 'ଡୋରେ ଡୋରେ ଦିଲ୍ ପେ ତେରେ'ରେ ଦିଭିତାଙ୍କ ସୁନ୍ଦର ଅଭିନୟ




ମୁମ୍ବାଇ,୯।୭( ଅଭୟ ଦାଶ)

ଜୀ ମ୍ୟୁଜିକ୍ କମ୍ପାନୀର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ହୀର୍ ଏକ୍ସପ୍ରେସ୍‌ର ଆଉ ଏକ ସୁମଧୁର ଗୀତ ତଥା ନୂତନ ସଙ୍ଗୀତ 'ଡୋରେ ଡୋରେ ଦିଲ୍ ପେ ତେରେ'ର ରିଲିଜ୍ ନିକଟରେ ହୋଇଯାଇଛି। ବିଶେଷକରି ୟୁକେର ରୟାଲ୍ ବର୍କଶାୟାରର ଡିଟନ୍ ପାର୍କ ମାନୋରରେ ସୁଟିଂ ହୋଇଥିବା ଏହି ଗୀତଟି ପ୍ରତ୍ୟେକ ଫ୍ରେମ୍‌ରେ ଦେଶୀ ହୃଦୟ ସହ ଏକ ବିଶ୍ୱ ଶୈଳୀକୁ ମିଶ୍ରଣ କରିଛି। ଗୀତଟିରେ ଡ୍ରମ୍‌ବିଟ୍, ଫ୍ଲର୍ଟେସିଅସ୍ ବଡି ଲାଙ୍ଗୁଏଜ୍ ଏବଂ ଏକ ଆଧୁନିକ ତଥାପି ହୃଦୟସ୍ପର୍ଶୀ ଭାବ ରହିଛି, ଯାହା ପିଢ଼ି ପରେ ପିଢ଼ି ଦର୍ଶକଙ୍କ ସହିତ ସଂଯୋଗ କରିବ। ଅପରପକ୍ଷରେ ନକାଶ ଅଜିଜ୍ ଏବଂ ହର୍‌ଜୋତ କୌର ଉକ୍ତ ଗୀତରେ ସେମାନଙ୍କର କଣ୍ଠଦାନ କରିଛନ୍ତି। ତନିଷ୍କ ବାଗ୍‌ଚୀଙ୍କ ଦ୍ୱାରା ସଙ୍ଗୀତ ଏବଂ ଶ୍ଳୋକ ଲାଲ୍‌ଙ୍କ ଦ୍ୱାରା ଲିଖିତ ମଜାଦାର ଗୀତ ହୋଇଥିଲାବେଳେ ଏହି ୩ଜଣ ଏହାକୁ ଏକ ନୃତ୍ୟ ସଙ୍ଗୀତରେ ପରିଣତ କରିଛନ୍ତି। ଏହା ଖୁବ୍ ଶୀଘ୍ର ବିବାହ, କଲେଜ ଫଙ୍କସନ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ରିଲ୍ସରେ ପ୍ରିୟ ହୋଇପାରେ ବୋଲି ଆକଳନ କରାଯାଉଛି। ସେହିଭଳି ଏହି ଗୀତରେ ଦିଭିତା ଜୁନେଜା ସୁନ୍ଦର ଅଭିନୟ କରିଛନ୍ତି। ଏପରିକି ତାଙ୍କର ପ୍ରଥମ ପ୍ରଦର୍ଶନରେ ଆତ୍ମବିଶ୍ୱାସ, ନିରୀହପଣ ଏବଂ ପ୍ରାକୃତିକ ସ୍କ୍ରିନ୍ ଉପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲାବେଳେ ତାଙ୍କର ପ୍ରତ୍ୟେକ ଅଭିବ୍ୟକ୍ତି, ନୃତ୍ୟ ପଦକ୍ଷେପ ଚରିତ୍ରରେ ବିଲୀନ ହୋଇଥିବା ପରି ମନେ ହୁଏ, ଯେପରି ସେ ଅଭିନୟ କରୁନାହାନ୍ତି, ବରଂ ଏହି ମୁହୂର୍ତ୍ତକୁ ନେଇ ବଞ୍ଚୁଛନ୍ତି। ସେହିପରି ଦିଭିତାଙ୍କ ସହ ପ୍ରୀତ୍ କମାନୀଙ୍କ ରସାୟନ ପୂର୍ବ ଅପେକ୍ଷା ଆହୁରି ଅଧିକ ସୁଦୃଢ଼ ଏବଂ ବିଶ୍ୱସ୍ତରୀୟ ଦେଖାଯାଉଛି। ଏହା ସହ ଚାର୍ଲୋଟ୍ ହାଜ୍‌ଲେବି ଏବଂ ଲେଟନ୍ ବେଷ୍ଟାଙ୍କ ଭଳି ବ୍ରିଟିଶ କଳାକାରଙ୍କ ଉପସ୍ଥିତି ଉକ୍ତ ଗୀତଟିକୁ ଏକ ଅନ୍ତର୍ଜାତୀୟ ଆକର୍ଷଣ ପ୍ରଦାନ କରିଛି। ଏହି ଗୀତଟି ଆଦିଲ୍ ଶେଖଙ୍କ ଦ୍ୱାରା କୋରିଓଗ୍ରାଫ କରାଯାଇଛି, ଯିଏ ବଲିଉଡ୍ ହୃଦୟ ଏବଂ ୟୁରୋପୀୟ ଆକର୍ଷଣକୁ ତାଙ୍କ ସିଗ୍ନେଚର ଶୈଳୀରେ ସୁନ୍ଦର ଭାବରେ ମିଶ୍ରଣ କରିଛନ୍ତି। ଉଲ୍ଲେଖଯୋଗ୍ୟ, ହୀର୍ ଏକ୍ସପ୍ରେସ୍'ର ୨ୟ ଟ୍ରାକ୍ ଆଧୁନିକ ରୋମାନ୍ସ ଏବଂ ଅନ୍ତର୍ଜାତୀୟ ପ୍ରଯୋଜନା ମୂଲ୍ୟର ମିଶ୍ରଣ ରହିଛି, ଯାହା ଆଜିର ଯୁବ ପିଢ଼ିକୁ ଆକର୍ଷିତ କରିବ। ଏହି ସମୟରେ ଫିଲ୍ମ 'ହୀର୍ ଏକ୍ସପ୍ରେସ୍' ୨୦୨୫ ଅଗଷ୍ଟ ୮ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରହିଛି।

# ଛଉ ନୃତ୍ୟ ଶିଖିଲେ ପ୍ରିୟଙ୍କା ଚୋପ୍ରା



ଭୁବନେଶ୍ୱର, ୯ ।୭(ସୌମ୍ୟରଞ୍ଜନ ରାଉତ)

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ଘାରିଛି ଓଡ଼ିଶା ସଂସ୍କୃତି ପ୍ରେମ। ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଏସ୍‌ଏସ୍‌ଏମ୍‌ବି ୨୯' ଲାଗି ସେ ମୟୂରଭଞ୍ଜର ଛଉ ନୃତ୍ୟରେ ସ୍ୱତନ୍ତ୍ର ତାଲିମ ନେଇଛନ୍ତି। ତେଲୁଗୁ ସୁପରଷ୍ଟାର ମହେଶ ବାବୁଙ୍କ ଅଭିନୀତ ଏସ୍.ଏସ୍. ରାଜାମୌଲିଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଏସ୍‌ଏସ୍‌ଏମ୍‌ବି ୨୯'ରେ ଅଭିନୟ ପାଇଁ ପ୍ରିୟଙ୍କା ଛଉ ନୃତ୍ୟରେ ନିଜକୁ ନିମଗ୍ନ କରିଛନ୍ତି। ଓଡ଼ିଶା-ଭିତ୍ତିକ ଆଦିବାସୀ କଳାକୁ ଆପଣେଇବା ସାଧାରଣ କଥା ନୁହେଁ। ଓଡ଼ିଶାର ଆଦିବାସୀ ଯୁଦ୍ଧ ପରମ୍ପରାରୁ ଉଦ୍ଭବ, ଶକ୍ତିଶାଳୀ ପାଦମୂଳ, ନାଟକୀୟ ଭଙ୍ଗୀ ଓ ଅଭିବ୍ୟକ୍ତିପୂର୍ଣ୍ଣ କାହାଣୀ ପାଇଁ ଏହି ଅର୍ଦ୍ଧଶାସ୍ତ୍ରୀୟ ନୃତ୍ୟ ଜଣାଶୁଣା। ସୂଚନାଯୋଗ୍ୟ, ପ୍ରିୟଙ୍କା କୋରାପୁଟ ଜିଲାରେ କିଛିଦିନ ଅତିବାହିତ କରି କୋଟପାଡ଼ ବଜାର, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଦିବାସୀ ସଂସ୍କୃତିକୁ ଅନୁଭବ କରିଛନ୍ତି। ଏହାକୁ ସେ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ମାର୍ଶାଲ ଆର୍ଟ, ନୃତ୍ୟ ଏବଂ କାହାଣୀ କହିବାର ମିଶ୍ରଣ ପାଇଁ ଜଣାଶୁଣା ମୟୂରଭଞ୍ଜ ଛଉ, ମୁଖ୍ୟଧାରାର ସିନେମାରେ ବହୁତ କମ୍ ଦେଖାଯାଏ। ଏହାକୁ ଆୟତ୍ତ କରିବାର ଚ୍ୟାଲେଞ୍ଜ ଗ୍ରହଣ କରି ପ୍ରିୟଙ୍କା କେବଳ ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସିକ୍ୱେନ୍ସ ପାଇଁ ପ୍ରସ୍ତୁତ ହେଉନାହାନ୍ତି, ବରଂ ଆଞ୍ଚଳିକ ଭାରତୀୟ କଳା ଫର୍ମଗୁଡ଼ିକୁ ଲୋକଲୋଚନକୁ ଆଣିବାରେ ମଧ୍ୟ ସାହାଯ୍ୟ କରୁଛନ୍ତି। ଏହି ଚଳଚ୍ଚିତ୍ର ତେଲୁଗୁ, ହିନ୍ଦୀ, ତାମିଲ, ମାଲୟାଲମ ଓ କନ୍ନଡ଼ ଭାଷାରେ ମୁକ୍ତିଲାଭ କରିବ। ଉକ୍ତ ଫିଲ୍ମକୁ ମହାକାବ୍ୟିକ ଆକ୍ସନ-ଆଡଭେଞ୍ଚର୍ ଭାବରେ ପ୍ରଚାର କରାଯାଉଛି। ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପରେ ମୟୂରଭଞ୍ଜ ଛଉ ନୃତ୍ୟ ବିଶ୍ୱସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପାଇବ ବୋଲି ଆଶା ରହିଛି।

# ଆଜି ଏକାଧିକ ଯୋଜନାର ହେବ ଶୁଭାରମ୍ଭ

ଭୁବନେଶ୍ୱର, ୯ ।୭(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠସ୍ଥ ଆଇସିଏଆର୍ - କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟପାଳନ ଅନୁସନ୍ଧାନ କେନ୍ଦ୍ର (ସିଫା)ରେ ଗୁରୁବାର ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କରାଯିବ। କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ, ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବେ। କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ, ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂ ବାଘେଲ, କେନ୍ଦ୍ର ମତ୍ସ୍ୟ,

**ଆଇସିଏଆର୍-ସିଫାରେ ପାଳନ ହେବ ଜାତୀୟ ମତ୍ସ୍ୟଚାଷୀ ଦିବସ**

ପ୍ରାଣୀସମ୍ପଦ, ଦୁଗ୍ଧ ଉତ୍ପାଦନ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଜର୍ଜ କୁରିୟନ, ଓଡ଼ିଶା ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀମାନେ ଏକାଧିକ ମତ୍ସ୍ୟଚାଷ ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ନୂତନ ମତ୍ସ୍ୟଚାଷ କ୍ଲଷ୍ଟରର ଘୋଷଣା, ଆଇସିଏଆର୍ ତାଲିମ କ୍ୟାଲେଣ୍ଡର ପ୍ରକାଶନ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ଗୁଣବତ୍ତା, ମାନକୀକରଣ ଓ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ବିହନ ପ୍ରମାଣପତ୍ର ଏବଂ ହ୍ୟାଚେରି କାର୍ଯ୍ୟ ଉପରେ ମାର୍ଗଦର୍ଶିକା ଉନ୍ମୋଚନ ଅନ୍ତର୍ଭୁକ୍ତ। କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ପାରମ୍ପରିକ ମତ୍ସ୍ୟଜୀବୀ, ସମବାୟ ସଂସ୍ଥା/ଏଫ୍‌ଏଫ୍‌ପିଓ, କେସିସି କାର୍ଡଧାରକ ଏବଂ ପ୍ରଗତିଶୀଳ ମତ୍ସ୍ୟଜୀବୀ ଷ୍ଟାର୍ଟ-ଅପ୍ ସମେତ ମତ୍ସ୍ୟଜୀବୀ ହିତାଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏଥିସହ କେତେକ ପ୍ରକଳ୍ପର ଭର୍ଚୁଆଲ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ଏବଂ ପିଏମ୍‌ଏମ୍‌ଏସ୍‌ୱାଇ-ସମର୍ଥିତ କିଛି ମତ୍ସ୍ୟଜୀବୀ ପ୍ରକଳ୍ପର ଉଦଘାଟନ କରାଯିବ; ଯାହାର ଭିତ୍ତିଭୂମି ବିକାଶ, ଉଦ୍ୟୋଗ ବିକାଶ ପ୍ରୋତ୍ସାହନ ଏବଂ ଏହି କ୍ଷେତ୍ରରେ ସମାବେଶୀ ଅଭିବୃଦ୍ଧି ପ୍ରତି ଏକ ଦୃଢ଼ ପ୍ରୋତ୍ସାହନ ହେବ।

# ସମାଧାନ ହେଉ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର,୯ ।୭(ସୌମ୍ୟରଞ୍ଜନ ରାଉତ)

ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ବୁଧବାର ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦିଆଯାଇଛି। ପରିଷଦର ଆବାହକ ରବି ବେହେରା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଡ୍ରାଇଭରଙ୍କ ଧର୍ମଘଟ ଯୋଗୁ ରାଜ୍ୟରେ ତେଲ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ତେଲ ସଙ୍କଟ ସୃଷ୍ଟି ହେଲେ ପୂରା ପରିବହନ ସେବା ବନ୍ଦ ହୋଇଯିବ। ଫଳରେ ଡାଲି, ଚାଉଳ, ପନିପରିବା ଓ ଔଷଧ ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବଢ଼ିଯିବ। ସାଧାରଣ ଲୋକେ ହଇରାଣ ହେବେ । ଲୋକେ ଦୁଇଗୁଣା, ତିନିଗୁଣା ଭଡ଼ା ଦେଇ ଅଟୋ, ଟ୍ୟାକ୍ସିରେ ଯାଉଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଧର୍ମଘଟକୁ ସମାଧାନ କରିବାକୁ ବେହେରା ଏହି ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ତେଲ ସଙ୍କଟ ଓ ଅତ୍ୟାବଶ୍ୟଖ ସାମଗ୍ରୀର ଦରକୁ ନିୟନ୍ତ୍ରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଜମି ଜାଲିଆତି କରି ବିକି ୩ ଗିରଫ

ବାରଙ୍ଗ, ୯।୭(ଲିଙ୍ଗରାଜ ରାଉତ)

ଜାଲିଆତି କରି ଜମି ବିକିବା, ପରବର୍ତ୍ତୀ ସମୟରେ ଧରାପଡ଼ିବା ପରେ ଟଙ୍କା ଫେରସ୍ତ ନ ଦେବା ଓ ଧମକ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଅଧୀନ ଦାଢ଼ାପାଟଣା ଗ୍ରାମର ହରି ସାହୁଙ୍କ ପୁଅ ଭାରତ ସାହୁ ଏବଂ ସୁଧାକର ସାହୁ ଓ କଟକ ନୂଆସାହିର ଦେବାଶିଷ ଦାସ। ପୋଲିସ ଡାକ୍ତର ଗନ୍ତାୟତଙ୍କ ଅଭିଯୋଗ ଆଧାରରେ ନଂ.୨୩୭/୨୫ରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଛି।

୨୦୨୨ ମସିହାରେ କଟକ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍ ଏମ୍‌ଡି ଡା. ମାୟା ଗନ୍ତାୟତ ନନ୍ଦନକାନନ ନିକଟରେ ଜମି କିଣିବାକୁ ଚାହୁଁଥିବାବେଳେ ସେ ଦେବାଶିଷଙ୍କ ସମ୍ପର୍କରେ ଆସିଥିଲେ। ଦେବାଶିଷ ତାଙ୍କୁ ଭରତ ସାହୁ ଏବଂ ସୁଧାକରଙ୍କ ସହ ପରିଚିତ କରାଇଥିଲେ। ଯେଉଁମାନେ ଦାଢ଼ା ମୌଜା, ପ୍ଲଟ୍ ନଂ. ୬୪୫, ଖାତା ନଂ. ୨୪୦ର ପ୍ରକୃତ ମାଲିକ ବୋଲି ଦାବି କରିବାରୁ ତାଙ୍କ ଉପରେ ବିଶ୍ୱାସକରି ଗନ୍ତାୟତ ୧ କୋଟି ୨୮ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ୨୦୨୨ ଅଗଷ୍ଟ ୩ରେ ଜମିକୁ ରେଜେଷ୍ଟ୍ରି କରିଥିଲେ। କିନ୍ତୁ ପରେ ଉକ୍ତ ଜମିକୁ ସରକାର ୨୦୦୩ରେ ଅଧିଗ୍ରହଣ କରି ହରି ସାହୁଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିଥିବା ଜାଣିବାକୁ ପାଇଥିଲେ। କିନ୍ତୁ ଜମିର ମାଲିକାନା ଆର୍‌ଓଆର୍‌ରେ ଅପ୍‌ଡେଟ୍ ହୋଇ ନ ଥିବାର ସୁଯୋଗକୁ ବ୍ୟବହାର କରି ସରକାରୀ ସମ୍ପତ୍ତି ଜାଣି ମଧ୍ୟ ଜାଲିଆତି କରି ବିକ୍ରୟ କରାଯାଇଥିବା ଜାଣିବାକୁ ପାଇଥିଲେ। ପରେ ଏ ବିଷୟରେ ଡାକ୍ତର ଇଓଡବ୍ଲ୍ୟୁ, ସିଆଇଡି ଭୁବନେଶ୍ୱରକୁ ଜଣାଇବା ପରେ ଭରତ ଓ ସୁଧାକର ୮୦ ଲକ୍ଷ ଟଙ୍କା ଫେରାଇବା ସହ ଅବଶିଷ୍ଟ ୪୮ ଲକ୍ଷ ଆଉ ଫେରାଇ ନ ଥିଲେ। ଏଥିସହ ଧମକ ମଧ୍ୟ ଦେଇଥିଲେ। ନନ୍ଦନକାନନ ଥାନା ଅଧିକାରୀ ସମିତା ମିଶ୍ର ତଦନ୍ତ କରିବାବେଳେ ଭରତ ଓ ସୁଧାକର ଆଇନଗତ ଜମିଦାର ଭାବେ ନିଜକୁ ପରିଚୟ ଦେଇ ଏକ ଜାଲ୍ ସେଲ୍‌ଡିଡ୍ ପ୍ରସ୍ତୁତକରି ପୁରୁଣା ରାଜସ୍ୱ ରେକର୍ଡର ଅପବ୍ୟବହାର କରି ଠକେଇ କରିଥିବା ଜାଣିବାକୁ ପାଇଥିଲେ।

# ପୋଲିସ ପଞ୍ଝାରେ ୪ ଜଣିଆ ତାମିଲ ଗ୍ୟାଙ୍ଗ୍

ଭୁବନେଶ୍ୱର, ୯।୭(ସତ୍ୟଜିତ୍ ରାଉତ)

ଏକ କନଷ୍ଟ୍ରକ୍ସନ୍ କମ୍ପାନୀର ସ୍କର୍ପିଓ ଗାଡ଼ିରୁ ୪୦ ହଜାର ଟଙ୍କା ସମେତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଚୋରି ଘଟଣାରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ୪ଜଣିଆ ତାମିଲନାଡୁ ଗ୍ୟାଙ୍ଗକୁ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତାମିଲନାଡୁ ତିରୁଚିରାପଲ୍ଲୀର ଏସ୍. କାଥିରାବଣ (୩୪), କେ. ଦିନେଶ କୁମାର (୫୫), ଏସ୍. କୁମାର ଓରଫ ପାନି (୪୩) ଏବଂ କେ. ଦିଲ୍ଲୀରଞ୍ଜନ (୪୯)। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ୧୯ ହଜାର ୨୦୦ ଟଙ୍କା, ଗୋଟିଏ ଆଇପ୍ୟାଡ୍, ଗୋଟିଏ ବାଟୁଲି, ୩୫ଟି ଛୋଟ ଲୁହାବଲ୍ ଓ ୩ଟି ଏୟାର ବ୍ୟାଗ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ବୁଲିବୁଲି ଅପରାଧ କରୁଥିଲେ। ସେମାନେ ବାଟୁଲି

**ଗାଡ଼ିରୁ ୪୦ ହଜାର ଟଙ୍କା, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଚୋରି**

■ ବାଟୁଲି ମାରି ଯାନବାହନ କାଚ ଭାଙ୍ଗି ଲୁଟ୍ କରୁଥିଲେ

■ କୋଟିଲେଇ ହାଟ ସାମ୍ନାରୁ କାର୍‌ରୁ ଲୁଟିଥିଲେ ଲାପଟପ୍


ଗିରଫ ୪ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ମାରି ଚାରିଚକିଆ ଯାନର କାଚ ଭାଙ୍ଗିବା ପରେ ଲୁଟ କରିଥିଲେ। ମଙ୍ଗଳବାର ଜଗଦମ୍ବା କନଷ୍ଟ୍ରକ୍ସନ କମ୍ପାନୀର ସୁପରଭାଇଜର କିଶୋର କୁମାର ଝା ସ୍କର୍ପିଓ ଗାଡ଼ିରେ ଲୁଇସ୍ ରୋଡସ୍ଥିତ ସାଇ ପ୍ଲାଇୱାଡ୍‌କୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଗାଡ଼ିଟି ପାର୍କିଂସ୍ଥଳରେ ଥିବାବେଳେ ଡ୍ରାଇଭର ଜଣକ ଅସାବଧାନତାବଶତଃ ଡୋର ଦେବାକୁ ଭୁଲିଯାଇଥିଲେ। ଡ୍ରାଇଭର ଚା' ପିଇବାକୁ ଯାଇଥିବାବେଳେ କିଶୋର ସାମଗ୍ରୀ କିଣିବାରେ ବ୍ୟସ୍ତ ଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେଠାକୁ ଆସି ଗାଡ଼ି ଭିତରୁ ଟଙ୍କା, ବ୍ୟାଙ୍କ ଚେକ୍ ଓ ଅନ୍ୟାନ୍ୟ ଦସ୍ତାବିଜ୍ ନେଇଯାଇଥିଲେ। ଏହା ଜାଣିବା ପରେ କିଶୋର ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୯୬/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ୪ଜଣଙ୍କୁ ରବି ଟକିଜ୍ ଛକ ନିକଟରୁ କାବୁ କରିଥିଲା। ଅଭିଯୁକ୍ତମାନେ ଶହୀଦନଗର ଥାନାର ଦୁଇ ମାମଲା ଓ କ୍ୟାପିଟାଲ ଥାନାର ଗୋଟିଏ ମାମଲାରେ ସମ୍ପୃକ୍ତ ଅଛନ୍ତି। ଜୁଲାଇ ୧ ପୂର୍ବାହ୍ନ ୧୧ଟା ୨୦ରେ ରସୁଲଗଡ଼ କୋଟିଲେଇ ହାଟ ସାମ୍ନାରେ ପାର୍କିଂ ହୋଇଥିବା ଏକ କାର୍‌କୁ ବାଟୁଲି ମାରି କାଚ ଭାଙ୍ଗିବା ପରେ ସେଥିରୁ ଲାପଟପ୍ ନେଇଯାଇଥିଲେ। ଏହି ଲାପ୍‌ଟପ୍‌କୁ ସେ ଟ୍ରେନ୍‌ରେ ବିକ୍ରି କରିଦେଇଥିବା ପୋଲିସକୁ କହିଛନ୍ତି।

## ସଂକ୍ଷେପରେ

### ସବୁଜମୟ ଧରଣୀ ପାଇଁ ଚାରା ଲଗାଇବାକୁ ଆହ୍ୱାନ

ବେଗୁନିଆ,୯।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଚକାପଦା ଗ୍ରାମସ୍ଥିତ ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ ଏବଂ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସୁବୁଦ୍ଧି ଅତିଥିଭାବେ ଯୋଗଦେଇଥିଲେ। ବର୍ତ୍ତମାନ ପୃଥିବୀପୃଷ୍ଠରେ ଜଳବାୟୁ ପରିବର୍ତ୍ତନ ହୋଇଛି। ଏହାର ପ୍ରତିକାର ପାଇଁ ଚାରାରୋପଣ କରି ସବୁଜିମାଭରା ଧରଣୀ ସୃଷ୍ଟି କରିବା ଜରୁରୀ ଆବଶ୍ୟକତା ପଡୁଛି। ସେଥିପାଇଁ ସଭିଏଁ ଗୋଟିଏ ଲେଖାଏ ଚାରା ରୋପଣ କରି ତାର ଯତ୍ନ ନେବା ଜରୁରୀ ବୋଲି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବନ ମହୋତ୍ସବ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି। ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ପଟ୍ଟଯୋଶୀ, ତୁଳସୀ ମିଶ୍ର ଏବଂ ଜୟନ୍ତୀ ଭୋଳଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

### ଏବିଭିପି ପ୍ରତିଷ୍ଠା ଦିବସ

ବୋଲଗଡ଼,୯।୭(ଦେବବ୍ରତ ହୋତା)

ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ୭୭ତମ ପ୍ରତିଷ୍ଠା ଦିବସ ବୁଧବାର ବୋଲଗଡ଼ ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏବିଭିପି ସଦସ୍ୟ ଓ କଲେଜ ଛାତ୍ର ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କଲେଜ ଛାତ୍ରଙ୍କ ପାଇଁ ଆବଶ୍ୟକ କମନରୁମ ଏବଂ ସାଇକେଲ ଷ୍ଟାଣ୍ଡ ନିର୍ମାଣ ନେଇ ୨୦୦ରୁ ଊର୍ଦ୍ଧ୍ୱ ସ୍ୱାକ୍ଷରିତ ଏକ ଦାବିପତ୍ର ଅଧ୍ୟକ୍ଷ ପ୍ରଦୀପ କୁମାର ଦାଶଙ୍କୁ ପ୍ରଦାନ କରାଯାଇଛି। ଜୁଲାଇ ଶେଷ ସୁଦ୍ଧା ସମାଧାନ କରିବାକୁ ଅଧ୍ୟକ୍ଷ ଦାଶ ପ୍ରତିଶ୍ରୁତି ଦେଇଥିଲେ। ଆଶିଷ ଦଳବେହେରା, ଗୌତମ ରାମ, ଆଶୁତୋଷ ସିଂ, ଅନିଲ ବରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଣୀପୁରରେ ଝାଡ଼ାବାନ୍ତି, ୧୬ ଆକ୍ରାନ୍ତ

■ ବ୍ଲିଚିଂ ପକାଯିବା ସହ ସଚେତନତାକୁ ଗୁରୁତ୍ୱ

■ ଗ୍ରାମରେ ମେଡିକାଲ ଟିମ୍‌ର ସ୍ଥିତି ଅନୁଧ୍ୟାନ

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରି ପଞ୍ଚାୟତର ରାଣୀପୁରରେ ଝାଡ଼ାବାନ୍ତିରେ ୧୬ଜଣ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୩ଜଣ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିଛନ୍ତି। ଅନ୍ୟ ୨ଜଣ ଚିକିତ୍ସାଧୀନ ଥିବା ବେଳେ ଆଉ ଜଣେ ଆକ୍ରାନ୍ତ ତଥା ଏକାଧିକ ରୋଗରେ ପୀଡ଼ିତ ଥିବା ବିଚିତ୍ରାନନ୍ଦ ମାହାନାଙ୍କ ମୃତ୍ୟୁ ହୋଇଛି। ତେବେ ବିଚିତ୍ରାନନ୍ଦଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ମଲ୍ଟିପରପୋଜ ହେଲ୍‌ଥ ସୁପରଭାଇଜର ସୁବ୍ରତ କୁମାର ରାୟ କହିଛନ୍ତି।

ସୂଚନା ମୁତାବକ, ଗତ ୫ ତାରିଖରେ ରାଣୀପୁର ଗ୍ରାମରେ ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହା ପରେ ୬ତାରିଖରେ ଉକ୍ତ ଗ୍ରାମର ୫ଜଣ, ୭ ତାରିଖରେ ୩ଜଣ ଏବଂ ବୁଧବାର ୨ଜଣ ଆକ୍ରାନ୍ତ ହୋଇଛନ୍ତି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ସୁସ୍ଥ ହୋଇ ଫେରିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଆରଏସ୍, ହାଲୋଜିନ ଏବଂ ଜିଙ୍କ ଟାବଲେଟ ଗ୍ରାମବାସୀଙ୍କୁ ଦିଆଯିବା ସହିତ କୂଅ ଏବଂ ନଳକୂପଗୁଡ଼ିକୁ ବିଶୋଧନ କରାଯାଇ ବ୍ଲିଚିଂ ପକାଯାଉଥିବା ବେଣାପଞ୍ଜରୀ ହେଲ୍‌ଥ ୱେଲନେସ ସେଣ୍ଟରର ଆୟୁଷ ଡାକ୍ତର ବିଶ୍ୱରଞ୍ଜନ ପୃଷ୍ଟି ଏବଂ ଆଶାକର୍ମୀ ରାଧାରାଣୀ ନାୟକ କହିଛନ୍ତି। ବୁଧବାର ମଧ୍ୟାହ୍ନରେ ୪ଜଣିଆ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା.ଜିତେନ୍ଦ୍ର କୁମାର ପଣ୍ଡା, ଡା.ନନ୍ଦିତା ଗୁପ୍ତା, ଡା.ସ୍ନିଗ୍ଧାସୁଲଳିତ ନନ୍ଦ, ଶାନ୍ତିଲତା ଦେଇ, ଡା. ଦିବ୍ୟ ଦାସଙ୍କ ସହିତ ଏଏନ୍‌ଏମ, ଅଙ୍ଗନୱାଡି ଏବଂ ଆଶାକର୍ମୀ ଥିଲେ। ଏ ସମ୍ପର୍କରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା.ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ରାଣୀପୁରରେ ମୋଟ୍ ୧୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଏବେ ୨ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗ୍ରାମରେ ଆଶାକର୍ମୀ, ଏଏନ୍‌ଏମ୍ ଏବଂ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ସଚେତନ କରୁଛନ୍ତି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଛି ବୋଲି ସେ କହିଛନ୍ତି।



ଗ୍ରାମରେ ମେଡିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛି।

# ମାଣିକାଗୋଡ଼ା ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ଦାବି




ବନ୍ଦ ହୋଇଥିବା ମାଣିକାଗୋଡ଼ା ପ୍ରାଥମିକ ବିଦ୍ୟାଳୟ।

ବୋଲଗଡ଼,୯।୭(ଦେବବ୍ରତ ହୋତା)

ପୂର୍ବ ସରକାରଙ୍କ ସମୟରେ ହୋଇଥିବା ବିଦ୍ୟାଳୟ ମିଶ୍ରଣ ନିଷ୍ପତ୍ତିକ୍ରମେ ବହୁ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ନିକଟବର୍ତ୍ତୀ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଥିଲା। ସେହିକ୍ରମରେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ା ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। ତେବେ ୧୮୯୭ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ସହ ବହୁ ସ୍ମୃତି ଜଡ଼ିତ ଥିବାରୁ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ଏହାକୁ ପୁନଃ ଖୋଲିବା ନିମନ୍ତେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସ୍ୱାଧୀନତା ପୂର୍ବରୁ ଏହି ସ୍କୁଲ ବୋଲଗଡ଼ ବ୍ଲକ ଅଞ୍ଚଳର ପ୍ରଥମ ବିଦ୍ୟାଳୟଭାବେ ଗଢ଼ିଉଠିଥିବା ବେଳେ ଏଠାରେ ପଢ଼ିଥିବା ବହୁ ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମୀ, ଲେଖକ, ସାହିତ୍ୟିକ, ପ୍ରଶାସନିକ ଅଧିକାରୀ ହୋଇପାରିଛନ୍ତି। ସ୍କୁଲଟି ବନ୍ଦ ହେବା ପୂର୍ବରୁ ଏଠାରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିଲେ। ଏହି ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ମଧ୍ୟ ପ୍ରାୟ ୧ କିଲୋମିଟରରୁ ଅଧିକ ଦୂରରେ ଅବସ୍ଥିତ ଉଚ୍ଚ ବିଦ୍ୟାଳୟକୁ ପଢ଼ିବା ପାଇଁ ଚାଲିଚାଲି ଯାଇ ହଇରାଣ ହେଉଛନ୍ତି। ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ବ୍ରିଟିଶ ଅମଳର ଏହି ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା ନିମନ୍ତେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଭିନ୍ନ ଦାବିରେ ଶ୍ରମିକ କଂଗ୍ରେସର ଧାରଣା




ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)

୬ଦଫା ଦାବି ନେଇ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପକ୍ଷରୁ ବୁଧବାର ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୁଣା ପେନସନ ଲାଗୁ କରିବା, ରନିଂ ଷ୍ଟାଫଙ୍କୁ ହଇରାଣ ନ କରିବା, ସିଗ୍ନାଲ ବିଭାଗ କର୍ମଚାରୀଙ୍କୁ ୮ଘଣ୍ଟିଆ ଡ୍ୟୁଟି ଦେବା, ବାଣିଜ୍ୟ ବିଭାଗ ସମେତ ବିଭିନ୍ନ ବିଭାଗରେ ଲେବୁଲ ୮କୁ ଅପଗ୍ରେଡ ହୋଇଥିବା କର୍ମଚାରୀଙ୍କୁ ରାତ୍ରିକାଳୀନ ଭତ୍ତା ତୁରନ୍ତ ଲାଗୁ କରିବା, ଖାଲିଥିବା ପଦବୀ ପୂରଣ କରିବା ଓ ଘରୋଇକରଣ ଆଦି ବନ୍ଦ କରିବା ଆଦି ଦାବି ରହିଛି। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ମହେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ଏଲ୍.ଡି ମହାନ୍ତି, ଦୁଃଶାସନ ସାହୁ, ଜୟନ୍ତ ସାମଲ, ଜଗନ୍ନାଥ ରେଡ୍ଡୀ, ବିଭୂତି ଭୂଷଣ ପାତ୍ର, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଏମ୍.ଜି କେ ରାଓ, ସୁବ୍ରତ ପଣ୍ଡା, ଭି.ଏସ୍.ପ୍ରସାଦ, ଶ୍ରୀଧର ପୁହାଣ, ଅକ୍ଷୟ ପ୍ରଧାନ, ସଞ୍ଜୟ ଦାଶ, ଏ. ଶ୍ରୀନିବାସ, ଅମିତ କୁମାର, ନାରୀନେତ୍ରୀ ଅର୍ପିତା ମହାନ୍ତି, ବିଜୟଲକ୍ଷ୍ମୀ ଦାଶ, ଲୋକୋ ରନିଂ ଷ୍ଟାଫ ମଣ୍ଡଳ ସଭାପତି ପ୍ରଫୁଲ କୁମାର ଦାଶଙ୍କ ନେତୃତ୍ୱରେ ମଣ୍ଡଳର ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଶ୍ୟାମ ଚାଲେଞ୍ଜରକୁ ହରାଇ ହପ୍‌ସା ୱାରିୟର୍ସ ବିଜୟୀ

**ପଞ୍ଚାୟତ ପ୍ରିମିୟର କ୍ରିକେଟ୍ ଲିଗ୍**

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ତିଙ୍ଗିମଲ ଏବଂ ବେଣାପଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ୍ ଲିଗ୍‌ରେ ବୁଧବାର ଶ୍ୟାମ ଚାଲେଞ୍ଜର ଏବଂ ହପ୍‌ସା ୱାରିୟର୍ସ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଶ୍ୟାମ ଚାଲେଞ୍ଜର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୫ ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରିଥିଲା। ଜବାବରେ ହପ୍‌ସା ୱାରିୟର୍ସ ଟିମ୍ ୧୨.୫ ଓଭରରେ ୮ଉଇକେଟ ବିନିମୟରେ ୧୦୯ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ବସିରୁଲ୍ଲା ଖାନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିଶିର ବଡ଼ଜେନା ଏବଂ ପ୍ରତାପ ଚହଲା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସମାଜସେବୀ ଇକବାଲ ଖାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭାଜପା ନେତା-ବିଡିଓଙ୍କ ଅଡିଓ ଭାଇରାଲ

**'କଥା ନ ଶୁଣିଲେ କାର୍ଯ୍ୟାଳୟରେ ପଶି ବାଡ଼େଇବୁ'**

ଖୋର୍ଦ୍ଧା/ବେଗୁନିଆ,୯।୭ (ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

୨୦୨୪ ନିର୍ବାଚନରେ ବେଗୁନିଆ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ପ୍ରକାଶ ବିଜୁଳି ଏବଂ ସ୍ଥାନୀୟ ବିଡିଓଙ୍କ ଏକ ଅଡିଓ ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଅଡିଓ କେବେକାର ତାହା ଜଣାପଡ଼ି ନ ଥିଲେ ହେଁ ଏଥିରେ ପ୍ରକାଶ ଆଶାଳୀନ ମନ୍ତବ୍ୟ ଦେବା ସହ ବିଡିଓଙ୍କୁ ଧମକ ଦେଉଥିବା ଶୁଣିବାକୁ ମିଳିଛି। ଏପରିକି ଭୁବନେଶ୍ୱର ଏମ୍‌ପି ଏବଂ ଖୋର୍ଦ୍ଧା ବିଧାୟକଙ୍କ ପ୍ରତି ଆଶାଳୀନ ମନ୍ତବ୍ୟ ଦେଇ ବିଡିଓଙ୍କ ସହ ପ୍ରକାଶ କଥା ହେଉଛନ୍ତି। ଏମ୍‌ପି ଏବଂ ଖୋର୍ଦ୍ଧା ବିଧାୟକ କିଏ ଯେ ସେମାନେ ବେଗୁନିଆର ଉନ୍ନୟନ କାର୍ଯ୍ୟରେ ହସ୍ତକ୍ଷେପ କରିବେ। ଆମ କଥା ନ ଶୁଣିଲେ ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟରେ ପଶି ବାଡ଼େଇବୁ। ଏପରିକି ବିଜେଡି କର୍ମୀଙ୍କୁ ସାଙ୍ଗରେ ଧରି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିବୁ ବୋଲି କହୁଥିବାର ଅଡିଓରେ ଶୁଣିବାକୁ ମିଳିଛି। ଜଣେ ମନ୍ତ୍ରୀଙ୍କ ନାଁ ନେଇ ବିଡିଓଙ୍କୁ ଏଠାରୁ ବଦଳି କରାଯିବାକୁ ଧମକ ମଧ୍ୟ ଦିଆଯାଉଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ତାଲିକା ତାଙ୍କୁ ଦେବା ସହ ୫୦ଲକ୍ଷ ଟଙ୍କା ପାଠାଗାର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦେବା ସମ୍ପର୍କରେ ପ୍ରକାଶ କହୁଥିବା ଶୁଣିବାକୁ ମିଳୁଛି। ଏମ୍‌ପି ନିଜ ସଂସଦ କଥା ବୁଝିବେ ନା ବେଗୁନିଆ ବ୍ଲକରେ ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରିବେ। ଖୋର୍ଦ୍ଧା ବିଧାୟକ କିଏ ସେ କାହିଁକି ଏଠାରେ ମୁଣ୍ଡ ପୁରାଉଛନ୍ତି, ତାଙ୍କ କଥାରେ ଚାଲିଲେ ହଇରାଣ ହେବାକୁ ପଡ଼ିବ। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ। ସିଏ ଯାହା କହିବେ, ତଦନୁସାରେ କାମ ହେବ। ଖୋର୍ଦ୍ଧା ବିଧାୟକଙ୍କ କଥାରେ ଉଠବସ ହେଲେ ମାଡ଼ ହେବ ବୋଲି ଭାଇରାଲ ଅଡିଓରେ ପ୍ରକାଶ କହୁଥିବା ଶୁଣିବାକୁ ମିଳିଛି। ଏହି ଅଡିଓ ଭାଜପା ନେତା ପ୍ରକାଶ ଏବଂ ବେଗୁନିଆ ବିଡିଓଙ୍କର ବୋଲି ସ୍ଥାନୀୟ ଅଞ୍ଚଳରେ କୁହାଯାଉଥିବା ବେଳେ ବିଡିଓ ସନ୍ତୋଷ ଜେନା ଏହାକୁ ଖଣ୍ଡନ କରିଛନ୍ତି। ସେ ଏ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ପ୍ରକାଶଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ମିଳିପାରି ନାହିଁ।

# ୧୩୫ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ଟାଙ୍ଗୀ,୯।୭(ରଘୁନାଥ ସାହୁ)

ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ମା'ରାମଚଣ୍ଡୀ ମନ୍ଦିର ପରିସରରେ ଚାନ୍ଦପୁର ଥାନା ପକ୍ଷରୁ ପଞ୍ଚାୟତର ୧୩୫ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇଆଇସି ଦିଲୀପ ସ୍ୱାଇଁ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପୋଲିସ ସର୍ବଦା ପ୍ରସ୍ତୁତ ଓ ବରିଷ୍ଠ ନାଗରିକ ପରିଚୟପତ୍ରର ସମସ୍ତ ସୁବିଧା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର ପିଲାମାନଙ୍କ ଦ୍ୱାରା ଉପେକ୍ଷିତ ହେଉଥିବା ମା'ବାପାଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ଗଠନ କରାଯାଇଥିବା କହିଥିଲେ। ସମ୍ମାନିତ ଅତିଥି ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଗଠନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥିଭାବେ ସବ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ, ମା'ରାମଚଣ୍ଡୀ ବଣିକ ସଂଘ ସଭାପତି ନାଥୁମଲ ମହାରାଜୀ ପ୍ରମୁଖ ଯୋଗଦେଇଥିଲେ। ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁକାନ୍ତ କିଶୋର ସେନାପତିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ। ସହ ସମ୍ପାଦକ ନିମାଇଁ ଚରଣ ସାହୁ ଓ କୋଷାଧ୍ୟକ୍ଷ ପ୍ରମୋଦ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରବୀନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।




# ବ୍ଲକ କାର୍ଯ୍ୟାଳୟ ଆଗରେ ଆଶାକର୍ମୀ ସଂଘର ପ୍ରତିବାଦ

ବୋଲଗଡ଼,୯।୭(ଦେବବ୍ରତ ହୋତା)

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଆହ୍ୱାନକ୍ରମେ ବୁଧବାର ବୋଲଗଡ଼ ବ୍ଲକ ଆଶାକର୍ମୀ ସଂଘ ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ସମ୍ପାଦିକା ବାସନ୍ତୀ ସାମନ୍ତରାୟଙ୍କ ଆବାହକତ୍ୱରେ ଶତାଧିକ ଆଶାକର୍ମୀ ୮ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ସୁମନ ସୁଧା କୁଣ୍ଡୁଙ୍କୁ ପ୍ରଦାନ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଆଶାକର୍ମୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବୋଲଗଡ଼ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବା ସହ ଧାରଣା ଦେଇଥିଲେ। ଟ୍ରେଡ ୟୁନିୟନ ନେତା ଆଇନଜୀବୀ ଅମୀୟ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଆଶାକର୍ମୀଙ୍କ ମୌଳିକ ନାଯ୍ୟ ଦାବିଗୁଡ଼ିକ ଯଥାର୍ଥ ଏବଂ ସରକାର ଆଲୋଚନା କରି ଶୀଘ୍ର ପୂରଣ କରିବା ପାଇଁ ଦାବି କରିଥିଲେ। ଶିକ୍ଷକ ନେତା ଦିବାକର ପରମଗୁରୁ ଯୋଗଦେଇ ଆଶାକର୍ମୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ମାସିକ ୨୬ହଜାର ଟଙ୍କା ଦରମା, ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଶ୍ରମନୀତି ଅନୁସାରେ ସମାନ କାମକୁ ସମାନ ଦରମା, ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟବୀମା ପ୍ରଦାନ, ମାସିକ ୯ହଜାର ଟଙ୍କା ଇପିଏଫ ପେନସନ ଆଶାକର୍ମୀଙ୍କ ଗସ୍ତ ଖର୍ଚ୍ଚ ଓ ଭତ୍ତା ଟଙ୍କା ବୃଦ୍ଧି ଆଦି ୮ଦଫା ଦାବି ପୂରଣ କରିବା ନିମନ୍ତେ ଏକ ଲିଖିତ ଦାବିପତ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଖୋର୍ଦ୍ଧା ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ବୋଲଗ ବିଡିଓଙ୍କୁ ପ୍ରଦାନ କରାଯାଇଛି।

# ଶ୍ରମିକ ସଙ୍ଗଠନର ବିକ୍ଷୋଭ, ଶୋଭାଯାତ୍ରା

**କେନ୍ଦ୍ରର ଶ୍ରମିକ, କୃଷକମାରଣ ନୀତିକୁ ବିରୋଧ**

ଖୋର୍ଦ୍ଧା,୯।୭(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଥିଲା। ଖୋର୍ଦ୍ଧାର ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଏଥିରେ ବ୍ୟାଙ୍କିଙ୍ଗ, ବୀମା, ଡାକସେବଠାରୁ ବିଭିନ୍ନ ନିର୍ମାଣ କ୍ଷେତ୍ରରେ ନିୟୋଜିତ ଶ୍ରମିକ, କର୍ମଚାରୀ ସାମିଲ ହୋଇଥିଲେ। ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ସରକାରୀ ବସ ଚଳାଚଳ କରୁଥିଲା। ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଜନଶୂନ୍ୟ ରହିଥିବା ବେଳେ ଦୋକାନ ବଜାର ଖୋଲା ରହିଥିଲା।

ଏହି ଧର୍ମଘଟରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପିଏଫ୍, ୟୁଟିୟୁସି ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଶ୍ରମ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ପୂର୍ବାହ୍ନରେ ଉପରୋକ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନେ ନୂଆ ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି କୋର୍ଟ, ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ ଦେଇ ସମବାୟ ଛକ ଆଗରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। କୃଷକ ନେତା ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଏଆଇୟୁଟିୟୁସି ଜିଲା ସଭାପତି ଅଶୋକ ସାହୁ, ସିଟୁ ସମ୍ପାଦକ ଶୈଳେଶ ବଳିୟାରସିଂହ, ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ, ଡିଏସଓ ଛାତ୍ର ନେତା ଜୟନ୍ତ ମହାନ୍ତି, ଅଭିନାଷ ପ୍ରଦାନ, ମିନତୀ ଚମ୍ପତି, ରାଜକିଶୋର ପ୍ରଧାନ, ଯୋଗେନ୍ଦ୍ର ଦାସ, ଅଭୟ ସ୍ୱାଇଁ, ଜିତେନ୍ଦ୍ର ନାୟକ, କାର୍ତ୍ତିକ ଘଡେଇ ପ୍ରମୁଖ ସରକାରଙ୍କ ଶ୍ରମିକ ଓ ଚାଷୀ ଶୋଷଣ ନୀତିକୁ ବିରୋଧ କରିଥିଲେ।

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ଯୋଗୁ ଲକ୍ଷାଧିକ ଶ୍ରମିକଙ୍କ ସାଧାରଣ ଜୀବନ ପ୍ରଭାବିତ ହୋଇଛି। ଶ୍ରମକୋର୍ଡ ବାତିଲ, ଆଉଟସୋର୍ସିଂ ବନ୍ଦ, ଦରଦାମ ବୃଦ୍ଧି, ଜାତୀୟ ସମ୍ପତ୍ତିର ଘରୋଇକରଣ ବନ୍ଦ, ଦକ୍ଷତା ସମ୍ପର୍ଣ୍ଣ କର୍ମଚାରୀଙ୍କୁ ଶ୍ରମିକର ମାନ୍ୟତା, ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା କରିବାକୁ ଦାବି କରିଥିଲେ। ଶ୍ରମ ଆଇନ ରଦ୍ଦ କରି ତା'ସ୍ଥାନରେ ଶ୍ରମକୋର୍ଡ ଲାଗି କରି ଶ୍ରମିକଙ୍କ ଅଧିକାରକୁ ସଙ୍କୁଚିତ ପାଇଁ ଯୋଜନା କରାଯାଉଛି। ସମସ୍ତ ଶ୍ରମଜୀବୀଙ୍କୁ ସାମାଜିକ ପେନସନ ପ୍ରଧାନ, ବିଦ୍ୟୁତ୍ ବିଲ ୨୦୨୨ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬କୁ କାର୍ଯ୍ୟକାରୀ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ସମାନ କାମକୁ ସମାନ ଦରମା, ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ୨ଶହ ଦିନ କାମ, ଦୈନିକ ମଜୁରୀ ୬ଶହ ଟଙ୍କା, ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ ଆଦି ଦାବି ରହିଛି।

**ଟାଙ୍ଗୀ,(ରଘୁନାଥ ସାହୁ):** ଶ୍ରମିକ, କୃଷକମାରଣ ନୀତିକୁ ବିରୋଧ କରି ଟାଙ୍ଗୀ ସିପିଆଇମ୍ କମିଟି ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି ବିଭିନ୍ନ ଶ୍ରମିକ ସଙ୍ଗଠନ। ଟାଙ୍ଗୀ ବ୍ଲକ ଅଞ୍ଚଳରେ ଏହାର ମିଶ୍ରିତ ପ୍ରଭାବ ପଡିଛି। ଆନ୍ଦୋଳନରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମଚାରୀଙ୍କ ସହ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଆନ୍ଦୋଳନକାରୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଟାଙ୍ଗୀ ଚାନ୍ଦପୁରରେ ଥିବା ସମସ୍ତ ବ୍ୟାଙ୍କ ବନ୍ଦ ରହିଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ଶ୍ରମିକ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟପଟେ ଟାଙ୍ଗୀ ବ୍ଲକ ସଦରମହକୁମାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ଖୋଲାଥିବା ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନରେ ଗିରିଶ ମହାରଣା, ବିଧୁ ଭୂଷଣ ମହାରଣା, ବ୍ରଜ କିଶୋର ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।




ବୁଧବାର ଭାରତ ବନ୍ଦ ପରିପ୍ରେକ୍ଷୀରେ ଖୋର୍ଦ୍ଧାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।




ସାଧାରଣ ଧର୍ମଘଟ ଯୋଗୁ ରାସ୍ତାରେ ଯାନବାହନ ଅଟକି ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୭।୨୦୨୫

| | |
|---|---|
| ୨,୨୯,୯୧୪ ଟଙ୍କା | |
| ସୁନା | ୨.୦୫୦ ଗ୍ରାମ୍ |
| ରୁପା | ୪୪.୧୦୦ ଗ୍ରାମ୍ |

# ପିପିଲି ଫ୍ଲାଏଓଭର ବ୍ରିଜ୍ ନିକଟରେ ଚାନ୍ଦୁଆ ମାର୍କେଟ ପାଇଁ ଯୋଜନା

- ପୁରୁଣା କାମରେ ଲାଗିପାରୁନି, ନୂଆ ପାଇଁ ମନ ବଳେଇଲେଣି
- ବସ୍‌ଷ୍ଟାଣ୍ଡ କରିବାକୁ ଦଳିତ ମହାସଂଘର ଦାବି

ପିପିଲି,୯।୭(ଦୁର୍ଗାମାଧବ ମିଶ୍ର)

ଚାନ୍ଦୁଆ ପାଇଁ ପିପିଲି ବିଶ୍ୱ ବିଖ୍ୟାତ। ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ବିଗତ ସରକାର ପିପିଲି ଟୋଲପ୍ଲାଜା ନିକଟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏକ ଚାନ୍ଦୁଆ ମାର୍କେଟର ବ୍ୟବସ୍ଥା କରିଥିଲେ। ତାହା ବର୍ତ୍ତମାନ ସୁଦ୍ଧା କାମରେ ଲାଗିପାରୁ ନ ଥିବାବେଳେ ପୁଣି ଏକ ନୂଆ ଚାନ୍ଦୁଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରଶାସନ ଯୋଜନା କରୁଛି। ପିପିଲି ଟୋଲପ୍ଲାଜା ନିକଟରେ ନିର୍ମିତ ଚାନ୍ଦୁଆ ମାର୍କେଟକୁ ପୁନରୁଦ୍ଧାର ସହ କାର୍ଯ୍ୟକ୍ଷମ କରାଯିବା ବଦଳରେ ଆଉ ଏକ ନୂଆ କମ୍ପ୍ଲେକ୍ସ ନିର୍ମାଣର ଯଥାର୍ଥତାକୁ ନେଇ ରାଜ୍ୟ ଦଳିତ ମହାସଂଘ ପ୍ରଶ୍ନ ଉଠାଇଛି। ପିପିଲି ସହର ଉପକଣ୍ଠ ତରାକାଜ ଫ୍ଲାଏଓଭର ବ୍ରିଜ ନିକଟରେ ଜଗନ୍ନାଥପୁର ପଞ୍ଚାୟତର ଗୋଚର କିସମ ଜମିରେ ଏକ ଚାନ୍ଦୁଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପ୍ରଶାସନର ଯୋଜନାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ବିଭିନ୍ନ ମହଲରୁ ବିରୋଧ କରିବା ଆରମ୍ଭ ହୋଇଛି।



କାର୍ଯ୍ୟକ୍ଷମ ହୋଇ ନ ଥିବା ପୁରାତନ ଚାନ୍ଦୁଆ ବଜାର ।

ଜାତୀୟ ଦଳିତ, ଆଦିବାସୀ, ମାଇନୋରିଟି ମହାସଂଘ ପ୍ରଶାସନର ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଜନାକୁ ଘୋର ବିରୋଧ କରିବା ଆରମ୍ଭ କରିଛି। ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଆର୍‌ଡିସି, ପୁରୀ ଜିଲାପାଳଙ୍କୁ ପ୍ରସ୍ତାବିତ ଚାନ୍ଦୁଆ ମାର୍କେଟ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରାଯାଇ ଏଠାରେ ପିପିଲିର ସାମଗ୍ରିକ ବିକାଶ ଦୃଷ୍ଟିକୋଣରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କରାଯାଇଥିବା ମହାସଂଘ ରାଜ୍ୟ ସଭାପତି ବିଜୟ କୁମାର ସେଠୀ କହିଛନ୍ତି। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ପିପିଲି ଟୋଲପ୍ଲାଜା ନିକଟରେ ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ନିର୍ମିତ ଚାନ୍ଦୁଆ କମ୍ପ୍ଲେକ୍ସ ଏବେ ଅବ୍ୟବହୃତ ଅବସ୍ଥାରେ ରହିଛି। ତା'ର ପୁନରୁଦ୍ଧାର କରାଯାଇ ସେଠାରେ ଚାନ୍ଦୁଆ ବଜାର କରାଯାଉ ବୋଲି ମହାସଂଘ ଦାବି କରିଛି। ଦଳିତ ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଛି, ପିପିଲି ସହର ତଥା ପୌରାଞ୍ଚଳରେ ଯଥେଷ୍ଟ ପରିମାଣର ଗୋଚର କିସମ ଜମି ଓ ସରକାରୀ ସମ୍ପତ୍ତି ଏବଂ ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଟୋଲପ୍ଲାଜା ନିକଟରେ କୋଟି କୋଟି ଟଙ୍କା ବ୍ୟୟରେ ବ୍ୟବସ୍ଥା କରାଯାଇଛି। ହେଲେ ସେଠାରେ ଚାନ୍ଦୁଆ ବଜାର ପ୍ରତିଷ୍ଠା କରିବାକୁ ପ୍ରଶାସନ ଆନ୍ତରିକତା ଦେଖାଉ ନାହାନ୍ତି। ପୌରାଞ୍ଚଳର ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ଏଠାରେ ସମୂହ ସ୍ୱାର୍ଥକୁ ବଳି ଦିଆ ନ ଯାଉ ବୋଲି ମହାସଂଘ କହିଛି। ରାଜ୍ୟର ସମସ୍ତ ସହରର ବସ୍‌ଷ୍ଟାଣ୍ଡ ରହିଥିବାବେଳେ ଆଜି ପର୍ଯ୍ୟନ୍ତ ପିପିଲିରେ ତାହା ନାହିଁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ତେଣୁ ଚାନ୍ଦୁଆ ମାର୍କେଟ ବଦଳରେ ସେଠାରେ ବସ୍‌ଷ୍ଟାଣ୍ଡ କରାଯାଉ ବୋଲି ମହାସଂଘ ଦାବି କରିଛି।

ଅନ୍ୟପଟେ ପ୍ରସ୍ତାବିତ ଚାନ୍ଦୁଆ ବଜାର ନିର୍ମାଣକୁ ଦୃଷ୍ଟିରେ ରଖି ଏହି ଫ୍ଲାଏଓଭର ବ୍ରିଜ ନିକଟରୁ ଦୋକାନୀଙ୍କୁ ଉଠିଯିବାକୁ ପିପିଲି ତହସିଲ ପକ୍ଷରୁ ନୋଟିସ ହୋଇଛି। ଦୋକାନୀଙ୍କୁ ଦିଆଯାଇଥିବା ନୋଟିସ୍‌ରେ ପ୍ଲଟ୍ ନଂ. ୭୯୭(କିସମ-ଗୋଚର) ଉଲ୍ଲେଖ କରାଯାଇଛି। ଜାତୀୟ ରାଜପଥ ନିର୍ମାଣବେଳେ ଏହି ପ୍ଲଟ୍‌ର ଆଂଶିକ ଭାଗକୁ ଜାତୀୟ ରାଜପଥ ପ୍ରାଧିକରଣ ଅଧିକୃତ କରିଥିଲେ। ସେହି ଅଧିକୃତ ଅଞ୍ଚଳ ମଧ୍ୟରେ ଦୋକାନ ଗଢ଼ି ଉଠିଥିବାବେଳେ ତହସିଲଦାର କିପରି ଦୋକାନୀଙ୍କୁ ନୋଟିସ୍ କଲେ ସେନେଇ ମଧ୍ୟ ଦଳିତ ମହାସଂଘ ପ୍ରଶ୍ନ ଉଠାଇଛି। ଏହି ଗୋଚର ଜମିକୁ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଟେକି ଦିଆଯିବା ବଦଳରେ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ପାଇଁ ମହାସଂଘ ମୁଖ୍ୟମନ୍ତ୍ରୀ, ରାଜ୍ୟ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛି। ଏଠାରେ ବସଷ୍ଟାଣ୍ଡ ନିର୍ମାଣ ଦାବି ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମହାସଂଘ ରାଜ୍ୟ ସଭାପତି ସେଠୀ ଚେତାବନୀ ଦେଇଛନ୍ତି।

# ରଥରୁ କଢ଼ାହେଲେ ସାରଥି, ପାର୍ଶ୍ୱ ଦେବଦେବୀ



ରଥରୁ ସାରଥି, ହଂସପଟା, ପାର୍ଶ୍ୱ ଦେବଦେବୀ କଢାଯାଇଛି ।

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ନିବଦିନାତ୍ମକ ଯାତ୍ରା ସାରି ମଙ୍ଗଳବାର ନୀଳକନ୍ଦରକୁ ବିଜେ କରିଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏବେ ମହାପ୍ରଭୁ ରତ୍ନସିଂହାସନ ଉପରେ ବିଜେ କରିଛନ୍ତି। ଶ୍ରୀମନ୍ଦିରକୁ ଦାରୁବିଗ୍ରହମାନେ ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଛନ୍ତି ଶୂନ୍ୟ ଥିବା ତିନିରଥ। ନୀଳାଦ୍ରି ବିଜେ ନୀତି ସରିବା ପରେ ବୁଧବାର ଭୋଇ ସେବକମାନେ ରଥରେ ଥିବା ତିନି ସାରଥିଙ୍କ ସମେତ ସମସ୍ତ ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଠେକରାବାଡ଼ ପ୍ରଭୃତିକୁ ଖୋଲିଛନ୍ତି। ଏହାକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବା ସହ ନୂତନ ଭାବରେ ନିର୍ମାଣ କରାଯାଇଥିବା ଗୋଦାମ ଘରେ ରଖାଯାଇଛି। ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଏବେ ଶୂନ୍ୟ ଭାବେ ଦଣ୍ଡାୟମାନ ରହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥ ଭଙ୍ଗା କାମ ଆରମ୍ଭ ହେବ ବୋଲି ଭୋଇ ସେବକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ବଲଙ୍ଗା,୯।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ନିକଟସ୍ଥ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବଲଙ୍ଗା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦନ ନାୟକ। ଏନେଇ ପୋଲିସ ୧୫୫/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଚନ୍ଦନ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରୁଥିବାବେଳେ ତାଙ୍କ ନିଦ ଭାଙ୍ଗି ଯାଇଥିଲା। ମହିଳା ଜଣଙ୍କ ପାଟି କରିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ଅଭିଯୁକ୍ତଙ୍କୁ ମହିଳା ଓ ତାଙ୍କ ପୁଅ ଗୋଡ଼ାଇ କାବୁ କରି ଥାନା ଜିମା ଦେଇଥିଲେ।

### ଶ୍ରୀରାମ ମନ୍ଦିରରେ ପଶି ହୁଣ୍ଡି ଲୁଟ୍

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମଙ୍ଗଳବାର ବିଳମ୍ବିତ ରାତିରେ ଷ୍ଟେଶନ ନିକଟ ଶ୍ରୀରାମ ମନ୍ଦିରରେ ପଶି କେହି ଦୁର୍ବୃତ୍ତ ହୁଣ୍ଡି ଲୁଟ୍ କରିଥିବା ଜଣାପଡ଼ିଛି। ଲୁଟ୍ ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଦୁର୍ବୃତ୍ତମାନେ ପ୍ରଥମେ ମନ୍ଦିର ଭିତରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ପରେ ଜଣେ ମନ୍ଦିରର ହୁଣ୍ଡି ବାକ୍ସ ଟେକି ନେଇ ଫେରାର୍ ହୋଇଥିଲା। ଘୋଷଯାତ୍ରା ସମୟରେ ପୁରୀ ସହର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବାବେଳେ ଦୁର୍ବୃତ୍ତମାନେ ସୁରକ୍ଷା ବ୍ୟବସ୍ଥାକୁ ଚାଲେଞ୍ଜ କରିଛନ୍ତି। ବିଭିନ୍ନ ସାହିଗଳିଗୁଡ଼ିକରେ ମାଳ ମାଳ ପୋଲିସ ଅଧିକାରୀ ଓ କର୍ମଚାରୀ ମୁତୟନ ହୋଇଥିଲେ ମଧ୍ୟ ଢ଼ିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଦୁର୍ବୃତ୍ତମାନେ ମନ୍ଦିରରୁ ହୁଣ୍ଡି ବାକ୍ସ ଲୁଟିବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣାକୁ ନେଇ ଶ୍ରୀରାମ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ରାଜରାସ୍ତାର ୨ ପାର୍ଶ୍ୱରେ ମୋରମ, ୩ ଆହତ

ଗୋପ,୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ଗୋପ ନିକଟବର୍ତ୍ତୀ ରାଜରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ଗଦା ହୋଇ ରହିଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ପଡ଼ିବାରୁ ଦୁର୍ଘଟଣା ଘଟୁଛି। ଗଦା ହୋଇଥିବା ମୋରମ ଉପରେ ବାଇକ୍ ଚଢ଼ିଯିବାରୁ ୨ ଦିନରେ ୩ ଜଣ ପର୍ଯ୍ୟଟକ ରାସ୍ତାରେ ପଡ଼ି ଆହତ ହୋଇଥିବାବେଳେ ଜଣେ ବାଇକ୍ ଚାଳକ ଗୁରୁତର ହୋଇ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲା ମହୁଲିଆ ଗ୍ରାମର ରମେଶ ଚନ୍ଦ୍ର ଖଟୋଇ (୩୨), ରାମଚନ୍ଦ୍ର ପଣ୍ଡା (୩୦) ଓ ଶଙ୍କରାଚାର୍ଯ୍ୟ ପଣ୍ଡା (୩୨) ଏକ ବାଇକ୍ ଯୋଗେ ପୁରୀ ଯାଇଥିଲେ। ପୁରୀରୁ କୋଣାର୍କ ହୋଇ ଫେରୁଥିବାବେଳେ ଗୋପ ବ୍ଲକ ନିକଟରେ ଗଦା ହୋଇଥିବା ମୋରମ ଉପରେ ଗାଡ଼ିଟିକ ଚଢ଼ି ଯାଇଥିଲା। ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ହେବାରୁ ୩ ଜଣ ଖଣ୍ଡିଆଖାବରା ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତା'ର ଅଳ୍ପ ସମୟ ପରେ ନିମାପଡ଼ା ବ୍ଲକ ଗୁଆଡିରା ଗ୍ରାମର ରବୀନ୍ଦ୍ର ଜେନା (୬୫) ମଧ୍ୟ ଅନୁରୂପ ଘଟଣାରେ ଗୁରୁତର ହୋଇ ପ୍ରଥମେ ଗୋପ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଛନ୍ତି। କୋଣାର୍କ-ଗୋପ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତାକାର୍ଯ୍ୟ ଶେଷ ହୋଇଥିବାବେଳେ ସମ୍ପୃକ୍ତ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ଗଦା କରି ରଖିଥିବା ଜଣାପଡ଼ିଛି। ମାତ୍ର କିଛି ଦିନ ଧରି ମୋରମ ଗଦା ହୋଇ ରହିବା ଫଳରେ ଏପରି ଦୁର୍ଘଟଣା ଘଟୁଛି। ବିଭାଗୀୟ ଯନ୍ତ୍ରୀ ଚୁପ୍ ରହିଥିବାବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋପ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପାଟଙ୍କୁ ପଚାରିବାରେ, ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବିଛା ହେବାକୁ ଗଦା ହୋଇଛି ବୋଲି କହିଥିଲେ। ଦୁର୍ଘଟଣା ଘଟିବା କଥା କହିବାରୁ ଦେଖିବା ବୋଲି କହିଥିଲେ।

# ଜିଲାପାଳ, ପୂର୍ବତନ ବିଧାୟକଙ୍କ ଡାକ୍ତରଖାନା ପରିଦର୍ଶନ

## କଣାସ ଅଞ୍ଚଳ ପିଛାଛାଡୁନି ଝାଡ଼ାବାନ୍ତି

କଣାସ,୯।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପାନୀୟ ଜଳ ସମସ୍ୟାକୁ ନେଇ ୮ ଦିନ ହେଲା ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ରୋଗୀ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ବୁଧବାର ଜଙ୍କିଆ ଗ୍ରାମର ଆଶାମଣି ବେହେରା (୭୫), ଦୁପୁର ଗ୍ରାମର ପ୍ରିନ୍ସି ସାହୁ (୧୨), ତାଳପଡ଼ା ଗ୍ରାମର ସୁପ୍ରଭା ପଟ୍ଟନାୟକ (୨୫) ଛାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶଯୋଗ୍ୟ, ଦୟାନଦୀ ଜଳ ଦୂଷିତ ଥିବାରୁ କଣାସ ଅଞ୍ଚଳର ନୂଆଗାଁ, ନଇକୂଳପାଟଣା, ଗଡ଼ିଶାଗୋଦା, ଜାଗୁଳେଇପଦର, କଳାପଦର, ଗୋପୀନାଥପୁର ଗ୍ରାମରେ ୨ ମାସ ତଳେ ଝାଡ଼ାବାନ୍ତି ଦୀର୍ଘ ୧ ମାସ ଧରି ଲାଗି ରହିବାରୁ ଜିଲା ଓ ରାଜ୍ୟ ପ୍ରଶାସନ ମୁଣ୍ଡବ୍ୟଥାର କାରଣ ହୋଇ ପଡ଼ିଥିଲା। ନୂଆଗାଁ ଓ ଜାଗୁଳେଇପଦରଠାରେ ୨ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିଲା। ନଦୀପାଣି ବ୍ୟବହାର ନ କରିବାକୁ ନଦୀକୂଳ ଗ୍ରାମବାସୀଙ୍କୁ ସଚେତନ କରି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପରେ ଝାଡ଼ାବାନ୍ତି ଥମିଥିଲା। ୮ ଦିନ ହେଲା ଝାଡ଼ାବାନ୍ତି ଲାଗି ରହିଥିବା ଖବର ପାଇ ବୁଧବାର ପୁରୀ ଜିଲାପାଳ ଚଞ୍ଚଳ ରାଣା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ ଶତପଥୀ, କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଝାଡ଼ାବାନ୍ତି ଲାଗିଥିବା ଜଗନ୍ନାଥପୁର ଗ୍ରାମକୁ ଯାଇ ଝାଡ଼ାବାନ୍ତି ଲାଗିବାର କାରଣ ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଝାଡ଼ାବାନ୍ତିରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଦେଖି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରଖାନା ପରିଷ୍କାର ପରିଚ୍ଛନ୍ନ ରଖିବା, ସୁଷମ ଖାଦ୍ୟ ରୋଗୀଙ୍କୁ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସାରତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କଣାସରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ପାନୀୟ ଜଳ ମେଗା ପ୍ରକଳ୍ପ ପର୍ଯ୍ୟନ୍ତ ସମସ୍ତ ଗ୍ରାମ ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ବୋରୱେଲ ଜଳ ଯୋଗାଇଦେବାକୁ ଦାବି କରିବା ସହ ଦୟାନଦୀ, ରାଜୁଆ, ମଲାଗୁଣି, ଲୁଣାନଦୀର ବିଷାକ୍ତ ଜଳ ନ ଯୋଗାଇବା ପାଇଁ ଦାବି କରିଥିଲେ।



ଜିଲାପାଳ ଚଞ୍ଚଳ ରାଣା ଓ ପୂର୍ବ ବିଧାୟକ ଉମାକାନ୍ତ ସାମନ୍ତରାୟ ପରିଦର୍ଶନ କରୁଛନ୍ତି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଟୁରିରେ ଆକ୍ରମଣ, ଯୁବକ ଗୁରୁତର

ଡେଲାଙ୍ଗ,୯।୭(ରଶ୍ମିରଞ୍ଜନ ପ୍ରଧାନ)

ଜମିବାଡ଼ି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ କଟୁରି ଚୋଟରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ଜଣକ ହେଲେ ସୁମନ୍ତ ପ୍ରଧାନ(୨୬)। ଏନେଇ ଥାନାରେ ଅଭିଯୋଗ ପରେ ଡେଲାଙ୍ଗ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଡେଲାଙ୍ଗ ଥାନା ଅଧୀନ ଜେନାପୁର ପଞ୍ଚାୟତର ସାଦପଡ଼ା ଗ୍ରାମର ସୁମନ୍ତ ଓ ମାନସ ପ୍ରଧାନ(୨୮)ଙ୍କ ପରିବାର ମଧ୍ୟରେ ଅନେକ ଦିନ ହେଲା ଜମିବାଡ଼ି ବିବାଦ ଲାଗି ରହିଥିଲା। ଜମିବାଡ଼ିକୁ ନେଇ ବୁଧବାର ମାନସ ଓ ତାଙ୍କ ସହଯୋଗୀ କଟୁରିରେ ସୁମନ୍ତଙ୍କୁ ଆକ୍ରମଣ କରିଥିବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। କଟୁରି ଚୋଟରେ ସୁମନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପୁରୀ ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ବେଳକୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ରଥଯାତ୍ରାରେ କାର୍ଯ୍ୟରତ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ପୁରୀ ପ୍ରଶାସନ ପକ୍ଷରୁ ଜିଲାପାଳ ରଥଯାତ୍ରାରେ କାର୍ଯ୍ୟରତ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଉଛନ୍ତି ।

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହେବା ଏକ ଗୌରବର କଥା। ଏହାକୁ ଡ୍ୟୁଟି ନ ଭାବି ଯଦି ମହାପ୍ରଭୁଙ୍କ ସେବା ବୋଲି ଭାବି କାର୍ଯ୍ୟ କରିବା ତେବେ ଖୁସି ଲାଗିବ ବୋଲି ଜିଲାପାଳ ଚଞ୍ଚଳ ରାଣା ମତ ଦେଇଛନ୍ତି। ବୁଧବାର ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରଥଯାତ୍ରାରେ ନିୟୋଜିତ ମାଜିଷ୍ଟ୍ରେଟମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଯୋଗଦେଇ ଜିଲାପାଳ ରାଣା ରଥଯାତ୍ରା ଏକ ସାମୂହିକ କାର୍ଯ୍ୟ। ସମସ୍ତଙ୍କ ସମନ୍ୱୟ ଓ ସହଯୋଗରେ ଏହା ସଫଳ ହୋଇଛି। ମାଜିଷ୍ଟ୍ରେଟ୍‌ମାନେ ସେମାନଙ୍କ ଡ୍ୟୁଟି ସମୟରେ ଅନୁଭବ କରିଥିବା ପରିସ୍ଥିତି, ତାହାର ସମାଧାନ, ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ଅଧିକ ଶୃଙ୍ଖଳା ଓ ସୁବିଧା ଲାଗି ଅଭିଜ୍ଞତାକୁ ଆଧାର କରି ନିଜ ନିଜର ମତାମତ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯାହା ଆଧାରରେ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତି କରାଯାଇପାରିବ ବୋଲି ସେ କହିଥିଲେ। ମାଜିଷ୍ଟ୍ରେଟ୍‌ମାନେ ସେମାନଙ୍କ ଅନୁଭବକୁ ବର୍ଣ୍ଣନା ସହ ବିବିଧ ପ୍ରସ୍ତାବମାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମୀଣ କୃଷକ ତାଲିମ ଶିବିର ଉଦ୍‌ଘାଟିତ

ବଲଙ୍ଗା,୯।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଉଚ୍ଛୁପୁରଠାରେ ଗ୍ରାମୀଣ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ, ଉଚ୍ଛୁପୁରଠାରେ ନିମାପଡ଼ା ଉଦ୍ୟାନ କାର୍ଯ୍ୟାଳୟ ସମ୍ପ୍ରସାରଣ କର୍ମୀ ସିଲଭା ନାୟକ, ନିମାପଡ଼ା କୃଷି କାର୍ଯ୍ୟାଳୟର ଏଟିଏମ୍ ବିକ୍ରମ ପ୍ରତିହାରୀ, ବିଟିଏମ୍ ଶ୍ରୀକାନ୍ତ କୁମାର ବଡ଼େଇ କୃଷକଙ୍କୁ ଖରିଫ ଋତୁ ପାଇଁ ସରକାରୀ ଯୋଜନା ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରସନ୍ନ କୁମାର ଦାଶ, ନିମାପଡ଼ା ଆତ୍ମା କମିଟି ସଭ୍ୟ ପ୍ରଭାକର ନାୟକ, ମମତା ସ୍ୱାଇଁଙ୍କ ସହ ୩୦ରୁ ଊର୍ଦ୍ଧ୍ୱ କୃଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣିଆ ଟିମ୍‌ର ତଦନ୍ତ

## ନିରାମୟ ବଦଳରେ ବାହାର ଔଷଧ ଲେଖିବା ଘଟଣା

ଅସ୍ତରଙ୍ଗ,୯।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗତ କିଛି ଦିନ ତଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଶୁଭ୍ରଜିତ ମାହାରୀଙ୍କ ନାଁ ଅଭିଯୋଗ ଆସିଥିଲା। ଯାହାକୁ ନେଇ ପୁରୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣିଆ ଟିମ୍ ପହଞ୍ଚି ତଦନ୍ତ କରିବା ସହିତ ଡାକ୍ତରଙ୍କଠାରୁ ବିଭିନ୍ନ ବିଷୟରେ ପଚାରି ବୁଝିଛନ୍ତି।

ସୂଚନା ମୁତାବକ, ଡା. ଶୁଭ୍ରଜିତ ଅସ୍ତରଙ୍ଗ ବ୍ଲକ ନିକଟବର୍ତ୍ତୀ ବ୍ଲକ ଅଞ୍ଚଳରେ ଫିଜିଓଥେରାପି କ୍ଲିନିକ କରି ରୋଗୀଙ୍କୁ ସେଠାକୁ ଯିବାକୁ ପରାମର୍ଶ ଦେଉଛନ୍ତି। ଏହାସହ ନିରାମୟ ଔଷଧ ବଦଳରେ ବାହାର ଔଷଧ ଲେଖୁଛନ୍ତି ବୋଲି ସ୍ଥାନୀୟ ଲୋକ ଲିଖିତ ଆକାରରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଲଲାଟେନ୍ଦୁ ମିଶ୍ର ଓ ମାନସ ରଞ୍ଜନ ଦାଶ ବୁଧବାର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ ଓ ଡା. ମାହାରୀଙ୍କ ଉପସ୍ଥିତରେ ଅଭିଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଘଟଣା ସମ୍ପର୍କରେ ଆଲୋଚନା ହୋଇଥିଲେ। ଏହି ଘଟଣା ସମ୍ପୂର୍ଣ୍ଣ ମିଥ୍ୟା। ଏହାସହ ସେ ନିରାମୟ ବ୍ୟତୀତ କୌଣସି ବାହାର ଔଷଧ ଲେଖନ୍ତି ନାହିଁ ବୋଲି ବୋଲି ଡା. ମାହାରୀ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ସ୍ପଷ୍ଟ କରିଥିଲେ। କିନ୍ତୁ ତଦନ୍ତକାରୀ ଅଧିକାରୀ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିବାବେଳେ ଏ ସମ୍ପର୍କରେ ସେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ମିଶ୍ରଙ୍କୁ ସୂଚନା ଦେଇଥିଲେ।

ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗାଁରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲୋଜି ପରୀକ୍ଷାଗାର କାମ କରୁଛି। ବର୍ଷତମାମ ଏହି ପାଥୋଲାବଗୁଡ଼ିକ ଉପରେ ତଦନ୍ତ ହେଉ ନ ଥିବାରୁ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣିଆ ଟିମ୍ ତଦନ୍ତ କରୁଛନ୍ତି ।

# କେନ୍ଦ୍ରର କୃଷକମାରଣ ନୀତିକୁ ବିରୋଧ

## ଭାରତ ବନ୍ଦରେ ସାମିଲ ହେଲେ ପୁରୀର ବିଭିନ୍ନ ସଂଗଠନ

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ପୁରୀରେ ବିଭିନ୍ନ ଶ୍ରମିକ ସଂଗଠନ ଭାରତ ବନ୍ଦକୁ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ଏସ୍‌ଏଫ୍‌ଆଇ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟର ପ୍ରାସଙ୍ଗିକତା ଅଧିକ ବୋଲି ଭାରତର ଛାତ୍ର ଫେଡେରେଶନ ଧର୍ମଘଟ ପ୍ରତି ସମର୍ଥନ ଜ୍ଞାପନ କରାଯାଇଛି। ପ୍ରତ୍ୟକ୍ଷ ସମର୍ଥନ କରି ପୁରୀର ସୁରଜମଲ୍ଲ ସାହା ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମାନ କାମକୁ ସମାନ ଦରମା ଓ ନ୍ୟୁନତମ ମାସିକ ମଜୁରି ୨୬ ହଜାର, ସମସ୍ତଙ୍କ ପାଇଁ ସର୍ବନିମ୍ନ ୯୦୦୦ ପେନ୍‌ସନ, ୮ ଘଣ୍ଟା କାମ କରିବାର ଅଧିକାରକୁ ସୁନିଶ୍ଚିତ କରିବା, ଶ୍ରମ ବିରୋଧୀ ୪ଟି ଶ୍ରମକୋଡ୍ ବାତିଲ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ ଆଦିକୁ ଦୃଢ଼ ସମର୍ଥନ କରାଯାଇଛି। ଏସ୍‌ଏଫ୍‌ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ, ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ରାଜ୍ୟ କୋଷାଧ୍ୟକ୍ଷ ରାକ୍ଷୀ ସ୍ୱାଇଁ, ଛାତ୍ରନେତା ହରେକୃଷ୍ଣ ଗୌଡ଼, ସରୋଜ ବେହେରା, ଶୁଭସ୍ମିତା ପଣ୍ଡା, ଆକାଶ ବେହେରା, ଶିବପ୍ରସାଦ ଦ୍ୱିବେଦୀ, ଶିଶିର କୁମାର ମିଶ୍ର, ରାଜେଶ ସ୍ୱାଇଁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।




କମ୍ୟୁନିଷ୍ଟ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇ ବସ୍‌ଷ୍ଟାଣ୍ଡଠାରେ ଗାଡ଼ିଗୁଡିକୁ ବନ୍ଦ କରାଯାଇଛି ।

ହର୍‌ତାଳକୁ ସଫଳ କରିବାକୁ ଆହ୍ୱାନ ଦେଇ ଜିଲାର ବିଭିନ୍ନ ଡ୍ରାଇଭର ସଂଘ ତରଫରୁ ଆନ୍ଦୋଳନକୁ ତୀବ୍ରତର କରଯାଇଥିଲା। ଅଟୋ ଟୋଟୋ ମିଳିତ ମହାମଞ୍ଚ ସଭାପତି ପ୍ରମୋଦ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଶରତ କୁମାର ରାୟଗୁରୁ, ଉପସଭାପତି ବାବୁଲାଲ୍ ପ୍ରସାଦ, ସମ୍ପାଦକ ରାଜକିଶୋର ସାହୁ, ସହସମ୍ପାଦକ ଗଜପତି ସେନାପତି, କର୍ଯ୍ୟକାରୀ କମିଟି ସଦସ୍ୟ ଦାଶରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଶ୍ରମିକ ଧର୍ମଘଟ ଡାକରାରେ ପୁରୀ ସହରରେ ଏଆଇଟିୟୁସି, ସିଆଇଟିୟୁ, ଏଆଇସିସିଟିୟୁ, ଆଇଏନ୍‌ଟିୟୁସି, ଏଏଫ୍‌ଟିୟୁର ଶତାଧିକ ଶ୍ରମିକ ସାମିଲ ହୋଇଥିଲେ। ସକାଳ ୬ଟାରୁ ପୁରୀ ସରକାରୀ ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ଯୋଗୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ମିଳିତମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡରୁ ବାହାରି ବଡ଼ଦାଣ୍ଡ ଦେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ସହରର ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ କର୍ମଚାରୀ ଧର୍ମଘଟରେ ସାମିଲ ଯୋଗୁ ବ୍ୟାଙ୍କ, ବୀମା ପ୍ରଭୃତି ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଏଆଇଟିୟୁସିର ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ସହସମ୍ପାଦକ ହରିହର ସେନାପତି, ପ୍ରଦୀପ୍ତ ମହାନ୍ତି, ମୋଟର କର୍ମଚାରୀ ସଂଘ ସମ୍ପାଦକ ଅଜୟ ମିଶ୍ର, ଅଟୋଚାଳକ ସଂଘ ନେତା ବିପିନ କୁମାର ସାହୁ, ସ୍ୱାଧୀନ ପଟ୍ଟନାୟକ, ସୁକାନ୍ତ ଜେନା, ରେଲ୍‌ୱେ ଠିକା ଶ୍ରମିକ ନେତା ଗୋବିନ୍ଦ ମାଝୀ, ଉମା ନାୟକ, ଡା. ପ୍ରଫୁଲ୍ଲ ମହାପାତ୍ର, ସିଆଇଟିୟୁସି ନେତା ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଟୁନା ନାୟକ, ଏଆଇସିସିଟିୟୁର ଅଶୋକ ପ୍ରଧାନ, ସତ୍ୟମନୁ ପ୍ରଧାନ, ଆଇଏନ୍‌ଟିୟୁସିର ରାଜକିଶୋର ଜେନା, ଆଇଏଫ୍‌ଟିୟୁର ମୋହନ ନାୟିଡୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ପୁରୀ ବଡ଼ଦାଣ୍ଡ ମୁକ୍ତାକାଶ ସମ୍ମୁଖରେ ନୀଳାଚଳ ଅଟୋ ଡ୍ରାଇଭର ସଂଘ, ନୀଳକଣ୍ଠେଶ୍ୱର ଅଟୋଚାଳକ ସଂଘ, ବିଦ୍ୟୁତ୍ ଠିକା କର୍ମଚାରୀ ସଙ୍ଘ, ରେଲ୍‌ୱେ ଠିକା କର୍ମଚାରୀ ସଂଘ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନରେ ସିଆଇଟିୟୁର ଜିଲା ସଭାପତି ଆଡ୍‌ଭୋକେଟ୍ ଶ୍ରୀକାନ୍ତ ପରିଜା, ଟୁନା ବାରିକ, ଏସ୍.କେ. ଆଜାଦ, ଦେବାଶିଷ ସାମଲ, ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ୍‌ମାନ ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ବକ୍ତାମାନେ କହିଥିଲେ।

**ଆଦର୍ଶ ବିଦ୍ୟାଳୟରେ ଥଣ୍ଡା ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ଶ୍ରୀରାମ ଗ୍ରାମରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଥଣ୍ଡା ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ବିଷ୍ଣୁପ୍ରିୟା ସେବା ସମିତି ଆନୁକୂଲ୍ୟରେ ଉକ୍ତ ପ୍ରକଳ୍ପ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ପଟେଲ, ପ୍ରତିମା ଜେନା, ପ୍ରକାଶ ରଞ୍ଜନ ଶତପଥୀ, ଅବିନାଶ ସାହୁ, ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର ପ୍ରଧାନ, ଆୟତ୍ତପୁର ସରପଞ୍ଚ ରାକେଶ ବେହେରା ଓ ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ସମିତି ସଭ୍ୟ ସନ୍ତୋଷ କୁମାର ରାଉତ, ମୀନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ୪୦୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଶାଖା ବନ୍ଦ

**କଟକ,୯।୭(କାର୍ତ୍ତିକ ସାହୁ)**



ଆଠଗଡ ଉପ-ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି।

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ଦ୍ୱାରା ବୁଧବାର ଦିଆଯାଇଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟରେ କଟକ ସହରର ବ୍ୟାଙ୍କ କର୍ମଚାରୀ ଓ ଅଫିସରମାନେ ସାମିଲ ହୋଇଛନ୍ତି। କଟକର ସମସ୍ତ ସରକାରୀ, ଘରୋଇ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କର କର୍ମଚାରୀ ଓ ଅଫିସରମାନେ ଅଂଶ ଗ୍ରହଣ କରିବାରୁ ବ୍ୟାଙ୍କ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। କଟକ ସହରର ପ୍ରାୟ ୧୬୦ଟି ବିଭିନ୍ନ ବ୍ୟାଙ୍କ ଶାଖା ସମେତ ଜିଲାର ମୋଟ ୪୦୦ରୁ ଊର୍ଦ୍ଧ୍ୱ ଶାଖା ବନ୍ଦ ରହିଥିଲା। ଯଦ୍ୱାରା କଟକ ସହରରେ ୧୦୦୦ କୋଟି ଟଙ୍କାର ବ୍ୟାଙ୍କ କାରବାର ସହ କ୍ଲିୟରିଙ୍ଗ ଚେକ ୩୦୦ କୋଟି ନେଣଦେଣ ହୋଇ ପାରି ନ ଥିବା ଜଣାଯାଇଛି।

ସକାଳୁ ଧର୍ମଘଟକାରୀ ବ୍ୟାଙ୍କ କର୍ମଚାରୀମାନେ ସବୁ ବ୍ୟାଙ୍କ ଶାଖା ଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧର୍ମଘଟରେ ଏଆଇବିଇଏ, ବିଇଏଫ୍ଆଇ ଓ ଏଆଇବିଓଏ ପକ୍ଷରୁ ସୁଭାଷ ବୋଷ, ବିଶୁଦ୍ଧ ଦାସ, ଓଁକାର ମହାନ୍ତି, ଶୁଭ୍ରାଂଶୁ ଶତପଥୀ, ମନୋଜ ସାହୁ, ଦିଲୀପ ମଲ୍ଲିକ, ଶ୍ରୀନିବାସ ରାଓ, ପ୍ରତିଭା ମହାପାତ୍ର, ସତ୍ୟ ରଞ୍ଜନ ବେହେରା, ପ୍ରଦୀପ ଷଡ଼ଙ୍ଗୀ ଓ ନିଗମାନନ୍ଦ ବିଶ୍ୱାଳ ପ୍ରମୁଖ ନେତୃତ୍ୱ ନେଇଥିଲେ। ବାଦାମବାଡ଼ି ଉଠା ଦୋକାନୀ ମହାସଂଘ ପକ୍ଷରୁ ଶୋଭାଯାତ୍ରା ପାଲାମଣ୍ଡପରୁ ବାହାରି ରକ୍ସି ହୋଟେଲ ଦେଇ ବାଦାମବାଡ଼ି ଟ୍ରାଫିକ ଛକରୁ ଫେରି ପାଲାମଣ୍ଡପରେ ଏକ ପ୍ରତିବାଦ ସଭା ହୋଇଥିଲା। ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧର୍ମଘଟରେ ମହାସଂଘ ଉପଦେଷ୍ଟା ବିନୋଦ ବେହେରା, ଅକ୍ଷୟ ସାହୁ, ନିତ୍ୟାନନ୍ଦ ନାୟକ, ଛବି ଖୁଣ୍ଟିଆ, ଶାନ୍ତିଲତା ଦାସ, ସୁକାନ୍ତି ପଡ଼ିହାରୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଇପିଏଫ୍ ପେନସନର୍ସ ଆସୋସିଏଶନ, ଏଆଇଟିୟୁସି ବ୍ୟାଙ୍କ ବୀମା କର୍ମଚାରୀମାନଙ୍କ ପକ୍ଷରୁ କର୍ମୀ ଓ କର୍ମଚାରୀମାନେ ଯୋଗଦେଇ ଷ୍ଟେଟବ୍ୟାଙ୍କ ମେନ୍ ବ୍ରାଞ୍ଚ ସମ୍ମୁଖରେ ପିକେଟିଂ କରିଥିଲେ। କର୍ମୀମାନେ ଶୋଭାଯାତ୍ରାରେ ଯାଇ ହାଇକୋର୍ଟ ବ୍ରାଞ୍ଚ ସମ୍ମୁଖରେ ପିକେଟିଂ କରିଥିଲେ। ସେହିପରି ରେଲଷ୍ଟେଶନ, ବକ୍ସି ବଜାର ପୋଷ୍ଟାଲ କାର୍ଯ୍ୟ ବନ୍ଦ ରହିଥିଲା। ଅଙ୍ଗନୱାଡି କର୍ମୀମାନେ ଧର୍ମଘଟରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ବସ ଚଳାଚଳ, ଅଟୋ ରିକ୍ସା ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ମୋଟର ସଂଘ କାର୍ଯ୍ୟାଳୟ ପକ୍ଷରୁ ଧର୍ମଘଟକୁ ସମର୍ଥନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋର ଜେନା, ଅମରେନ୍ଦୁ ମହାନ୍ତି, ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ବନମାଳୀ ବେହେରା, ସୁରେନ୍ଦ୍ର ବେହେରା, ପ୍ରଭାତ କୁମାର ସାହୁ, ଅଶୋକ ତା, ଅଗାଧୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ପକ୍ଷରୁ ୧୬ନଂ. ଜାତୀୟ ରାଜପଥରେ ଡ୍ରିମ୍‌ସ ଛକରେ ପିକେଟିଂ କରାଯାଇଥିଲା। ରମେଶ ବେହେରା, ଚନ୍ଦ୍ର ମୋହନ ମାଝୀ, ସୁନାରାମ ହେମ୍ବ୍ରମ, ମୁକୁନ୍ଦ କୁଇନକାଲ, ନରେନ୍ଦ୍ର ହେମ୍ବ୍ରମ ଓ ବିଷ୍ଣୁ ବେହେରାଙ୍କ ନେତୃତ୍ୱରେ ଭଗତପୁରଠାରୁ ଶୋଭାଯାତ୍ରା ଓ ପିକେଟିଂ କରାଯାଇଥିଲା। ସେହିପରି ଜଗତପୁର ଗୋଲେଇଛକରେ ରାସ୍ତାରୋକୋରେ ଝିଲି ବିଶୋଇ, ଯୁବ ନେତା ସୁନାକର ବରାଳ, ସୁବ୍ରତ ମଲ୍ଲିକ, କାମିନୀ ପ୍ରଧାନ, ପୂର୍ଣ୍ଣିମା ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧିନୀତିକୁ ସମାଲୋଚନା କରିଥିଲେ।

**ଆଠଗଡ,(ସତ୍ୟ ପ୍ରସାଦ ରଥ):** ଆଠଗଡ ଉପ-ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଠଗଡ ବିଧାୟକ ତଥା ହିନ୍ଦ ମଜଦୁର୍ ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଶ୍ରମିକ ସଂଗଠନର ସଭ୍ୟମାନଙ୍କ ସହ ପଦଯାତ୍ରା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଶ୍ରମିକ ନେତା ଲଳିତେନ୍ଦୁ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ହିନ୍ଦ ମଜଦୁର୍ ସଭାର ସାଧାରଣ ସମ୍ପାଦକ ରଜା କିଙ୍କର ନାୟକ, ଆରତୀ ଷ୍ଟିଲ ଆଣ୍ଡ ପାୱାର ଶ୍ରମିକ, ଷ୍ଟିଲ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଗଗନିହାରୀ ପରିଡା, ହିନ୍ଦ ମଜଦୁର୍ ସଭାର ମହିଳା ଶାଖାର ସଭାନେତ୍ରୀ ଜାନକୀ ଲତା ନାଏକ ପ୍ରମୁଖ ଯୋଗଦେଇଥିଲେ।

**କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଧର୍ମଘଟ**

## ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ଦାବିପତ୍ର


ଜିଲାପାଳଙ୍କୁ ସୁଲୋଚନା ସେବା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**କଟକ,୯।୭(ଶିଲ୍ପା ପ୍ରିୟଦର୍ଶିନୀ)**

ସରକାରୀ ଜମିରେ ବେଆଇନ ନିର୍ମାଣ ଉଚ୍ଛେଦ କରିବାକୁ ସୁଲୋଚନା ସେବା ସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବକ୍ସି ବଜାର ପାନ୍ଥନିବାସ ନିକଟରେ ସରକାରୀ ସ୍ଥାନରେ ବେଆଇନ ଭାବେ ଦୋକାନ ଘର ନିର୍ମାଣ କରାଯାଉଛି। ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳରେ ବହୁ ଉଠାଦୋକାନୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ସେମାନଙ୍କୁ ଥଇଥାନ କରାଯିବା ବଦଳରେ ଉକ୍ତ ଅଞ୍ଚଳରେ ବେଆଇନ ନିର୍ମାଣ କରାଯାଉଛି। ଯାହାଦ୍ୱାରା ସେମାନେ ପ୍ରଭାବିତ ହେବା ସହ ଉକ୍ତ ଅଞ୍ଚଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହେବ। ତେଣୁ ଉକ୍ତ ବେଆଇନ ନିର୍ମାଣକୁ ଉଚ୍ଛେଦ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ ସୁଶାନ୍ତ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାହାଳ-ରସଗୋଲା ଗୋଟିଏ ମୁଦ୍ରାର ପରିପୂରକ



ଅତିଥିମାନେ ରସଗୋଲା ଓ ଛେନାପୋଡ କାଟୁଛନ୍ତି।

**ଫୁଲନଖରା,୯।୭(ସତ୍ୟରଞ୍ଜନ ଦାସମହାପାତ୍ର)**

ଶ୍ରୀଜଗନ୍ନାଥ ସଂସ୍କୃତିରେ ରସଗୋଲର ବେଶ ଗୁରୁତ୍ୱ ରହିଛି। ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ଅବସରରେ ରସଗୋଲା ଭୋଗ ଲାଗୁଥିବାରୁ ଏହି ଦିନକୁ ବିଶ୍ୱ ରସଗୋଲା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପାହାଳ ରସଗୋଲା ବ୍ୟବସାୟୀ ଓ ପ୍ରସ୍ତୁତକାରୀ ସମିତି ପକ୍ଷରୁ ମିଳିତ ଭାବେ ପାହାଳ ବଜାରଠାରେ ରସଗୋଲା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ରସଗୋଲା ପ୍ରସ୍ତୁତକାରୀ ବ୍ୟବସାୟୀ ମା' ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ପୋଡ଼ ଓ ରସଗୋଲା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଆଧାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ମଞ୍ଜୁଲତା କହଁର, ଗ୍ରନ୍ଥକାର ଓ ସାହିତ୍ୟିକ ଅସିତ କୁମାର ମହାନ୍ତି, ଉତ୍କଳ ମିଷ୍ଟାନ୍ନ ଭଣ୍ଡାର ସଭାପତି ବିମ୍ବାଧର ବେହେରା, ଡ. ଅନିତା ସାବତ, କଥାବାଚକ ଜ୍ଞାନ ନନ୍ଦ ସାଗର ବେହେରା ମହାରାଜ, ଡିଆଇସି ସମୋଚିତା ମଲ୍ଲିକ, ପଦ୍ମନାଭ ପଟ୍ଟନାୟକ, ବଂଶୀଧର ଭୋଳ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟିକ ଓ ଗ୍ରନ୍ଥକାର ଅସିତ କୁମାର ମହାନ୍ତି ରସଗୋଲା ଓଡ଼ିଶାର ବୋଲି ଗବେଷଣା କରିବା ସହ ଜିଆଇ ଟ୍ୟାଗ ପାଇଁ ସମସ୍ତ ତଥ୍ୟ ସରକାରଙ୍କୁ ଯୋଗାଇଥିଲେ ବୋଲି ମେୟର ଦାଶ କହିଥିଲେ। ପାହାଳକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଥିବା ଡ. ସାବତ କହିଥିଲେ। ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ କହିଲେ ପାହାଳ ଓ ରସଗୋଲା ଗୋଟିଏ ମୁଦ୍ରାର ପରିପୂରକ। ପରେ ଅତିଥିମାନେ ପ୍ରସ୍ତୁତ ପୋଡ କାଟିଥିଲେ। ନୀଳାଦ୍ରି ବିଜେ ଓ ରସଗୋଲା ଦିବସ ପାଇଁ ମିଠା ବଣ୍ଟନ କରାଯାଇଥିଲା। ଶେଷରେ ପାହାଳ ରସଗୋଲା ବ୍ୟବସାୟିକ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

### ଆଠଗଡ଼ ବ୍ଲକ ଡ୍ରାଇଭର ମହାସଂଘର ଧାରଣା

**ଖୁଣ୍ଟୁଣୀ,୯।୭(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ୫୫ ନଂ. ଜାତୀୟ ରାଜପଥ ଟୋଲ ଗେଟଠାରେ ଆଠଗଡ଼ ଡ୍ରାଇଭର ମହାସଂଘ ପକ୍ଷରୁ ବୁଧବାର ଧାରଣା ଦିଆଯାଇଛି। ଦଫା ଦାବି ପୂରଣ ନ ହେବା ଯାଏ ଚାଲିବ ବୋଲି ନେତୃତ୍ୱ ନେଇଥିବା ମୁକେଶ ସାମଲ କହିଛନ୍ତି। ରାସ୍ତାରେ ଯାନବାହନ ଚାଳକଙ୍କ ଉପରେ ଅନ୍ୟାୟ ଭାବେ ଆକ୍ରମଣରୁ ସୁରକ୍ଷା ଦେବା, ପ୍ରତି ୧୦୦କିମି ମଧ୍ୟରେ ରାସ୍ତା ପାର୍ଶ୍ୱରେ ଡ୍ରାଇଭରଙ୍କ ପାଇଁ ବିଶ୍ରାମ ଗୃହ, ୬୦ବର୍ଷ ପରେ ସମସ୍ତ ଡ୍ରାଇଭରଙ୍କୁ ମାସିକ ଭତ୍ତା ପ୍ରଦାନ, ପ୍ରତିବର୍ଷ ସେପ୍ଟେମ୍ବର ମାସରେ ଡ୍ରାଇଭର ଦିବସ ପାଳନ ଆଦି ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ଧାରଣାରେ ବିରଞ୍ଚି ନାରାୟଣ ଦାସ, ଅଜୟ କୁମାର ବେହେରା, ବାବୁ ଦାସ, ମାନସ କୁମାର ସାହୁ, ଆକାଶ ବେହେରା, ବେଣୁଧର ସାମଲ, ପ୍ରକାଶ ସେନାପତି ପ୍ରମୁଖ ଶତାଧିକ ଡ୍ରାଇଭର ସାମିଲ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## କୃତ୍ରିମ ସୁଡ଼ଙ୍ଗରେ ପଶି ପ୍ରତିବାଦ



ସୁଭାଷ ସଙ୍ଗଠନ ପକ୍ଷରୁ ସିଡିଏ ସେକ୍ଟର-୧୦ରେ ସୁଡ଼ଙ୍ଗରେ ପଶି ଅଭିନବ ଢ଼ଙ୍ଗରେ ପ୍ରତିବାଦ କରାଯାଉଛି।

**କଟକ,୯।୭(ଶିଲ୍ପା ପ୍ରିୟଦର୍ଶିନୀ)**

**ରାସ୍ତା ମରାମତି ନ କଲେ ଆନ୍ଦୋଳନ ତ୍ରୀବ ହେବ: ସୁଭାଷ ସଙ୍ଗଠନ**

ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ବୁଧବାର ସିଡିଏ ସେକ୍ଟର-୧୦ରେ ଅଭିନବ ଢ଼ଙ୍ଗରେ ସୁଡ଼ଙ୍ଗରେ ପଶି ପ୍ରତିବାଦ କରାଯାଇଛି। ଗତ କିଛିଦିନ ହେବ ସିଡିଏ ସେକ୍ଟର-୧୦ର ମୁଖ୍ୟ ରାସ୍ତାରେ କୃତ୍ରିମ ସୁଡଙ୍ଗ ହୋଇଛି। ଏହାର ମରାମତି କରାଯାଇ ନ ଥିବାରୁ ସଙ୍ଗଠନ ସହ ସମ୍ପାଦିକା ଲୋପାମୁଦ୍ରା ଷଡ଼ଙ୍ଗୀ କୃତ୍ରିମ ସୁଡଙ୍ଗରେ ପଶି ଏଭଳି ପ୍ରତିବାଦ କରିଥିଲେ। ଏହାର ତୁରନ୍ତ ମରାମତି ନ କଲେ ଆଗାମୀ ଦିଗରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ, ଏହାସହ ସିଏମ୍‌ସିରେ ତାଲା ପକାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସିଡିଏ ଅଞ୍ଚଳର ବୁଦ୍ଧିଜୀବୀ, ସ୍ଥାନୀୟ ବାସିନ୍ଦା ଉପସ୍ଥିତି ଥିବା ସହ ସୁଭାଷ ସଙ୍ଗଠନ ସଭାପତି ଜ୍ଞାନ ରଞ୍ଜନ ଦାସ, ବାପୁଜୀ କର, ଶ୍ରୀନିବାସ ରେଡ଼ି, ହାଡ଼ିବନ୍ଧୁ ସାହୁ, ରାକେଶ ବସ୍ତିଆ, ମଣ୍ଟୁ ସାହୁ, ଅନିତା ଦାସ, ପଞ୍ଚାନନ ମଲ୍ଲିକ, ସନ୍ଦିପ ବିଶ୍ୱାଳ, ସଞ୍ଜିବ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟ୍ରେଚରରେ ବୁହା ହେଉଛନ୍ତି ଗୁରୁତର ରୋଗୀ

**ଏସ୍‌ସିବି ମେଡିକାଲ କାଜୁଆଲଟିରେ ଖରାପ ଲିଫ୍ଟ**

**କଟକ,୯।୭(ଶିଲ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଅବ୍ୟବସ୍ଥା ପିଛା ଛାଡୁନି। ଏସ୍‌ସିବିର ଟ୍ରମା କାଜୁଆଲଟିରେ ଦୀର୍ଘ ଦିନ ହେବ ଲିଫ୍ଟ ଖରାପ ହୋଇ ବନ୍ଦ ରହିଛି। ଫଳରେ ଗୁରୁତର ରୋଗୀଙ୍କୁ ନେବା ପାଇଁ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ବାଧ ହୋଇ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ସିଡ଼ି ଯୋଗେ ନେଉଛନ୍ତି। ତେବେ ବିଶ୍ୱସ୍ତରୀୟ ହେବାକୁ ଥିବା ଏସସିବିରେ ଏଭଳି ଅବ୍ୟବସ୍ଥା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ରୋଗୀ ଓ ସମ୍ପର୍କୀୟ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏହି ବାଟ ଦେଇ ମେଡିକାଲ କର୍ତ୍ତୃପକ୍ଷ ଓ ଡାକ୍ତର ଯିବା ଆସିବା କରିଥିଲେ ମଧ୍ୟ ଏ ଦିଗରେ କାହାର ନଜର ନାହିଁ। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### କିଶୋରନଗର କଲେଜରେ ଫଳ ଚାରା ରୋପଣ

**କଟକ ସଦର,୯।୭(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜରେ ବୁଧବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଫଳ ଚାରା ରୋପଣ କରାଯାଇଛି। ଯୁବ ରେଡକ୍ରସ ଅଧିକାରିଣୀ ଲିଜାଲିନ ଜେନାଙ୍କ ତତ୍ତ୍ୱାବଧାନରେ ପିଲାମାନେ ସାମିଲ ହୋଇଥିଲେ। ଅଧକ୍ଷ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ପ୍ରେରଣାରେ ପ୍ରାଧ୍ୟାପକ ଡ. ଅନାଦି ଚରଣ ବରାଳ, ସାଦ୍ଦିକ ଅଲ୍ଲୀ, ବିଦିଶା ବେହେରା, ତୁଷାରକାନ୍ତି ଦେହୁରୀ, ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ରୋଟାରୀ ରାଡ଼ିୟାନ୍ସ କ୍ଲବର ଚକ୍ଷୁ ପରୀକ୍ଷା

**କଟକ,୯।୭(କାର୍ତ୍ତିକ ସାହୁ)**

କଟକ ରୋଟାରୀ ରାଡ଼ିୟାନ୍ସ କ୍ଲବ ଓ ଦି ଲିଙ୍କ୍ ଆଇ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଭଗତପୁର ବଗଲା ଲେନ ଶାରଦା ଶିକ୍ଷା ନିକେତନରେ କୁନି ପିଲାମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ବିଦ୍ୟାଳୟ ଅଧକ୍ଷା ସଂଘମିତ୍ରା ପ୍ରହରାଜ, କ୍ଲବ ସଭାପତି ବିଦ୍ୟୁତ୍ କୁମାରୀ ଲାଲା, ବିଦ୍ୟାଳୟ ଉପଦେଷ୍ଟା ଗୋକୁଳାନନ୍ଦ ପଟ୍ଟନାୟକ ଓ ଭାଜପା କଟକ ନଗର ଜିଲା ସମ୍ପାଦକ ସୁବାସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚକ୍ଷୁ ପରୀକ୍ଷା ହୋଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟା ଜ୍ୟୋତି ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଚେୟାରମ୍ୟାନ ଡ. ଆଲୋକ କୁମାର ସାହୁ ଓ ଦି ଲିଙ୍କ୍ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀମାନେ ପିଲା ତଥା ଅଭିଭାବକମାନଙ୍କ ଚକ୍ଷୁପରୀକ୍ଷା କରିଥିଲେ।

## କମ୍ପାନୀ ବିରୋଧରେ ପୁଣି ଅଭିଯୋଗ ଆଣିଲେ ଆଉ ଜଣେ ଚାଷୀ

**ମଙ୍ଗୁଳି-ଜଗତପୁର,୯।୭(ମାନସ ସାମଲ)**

**କମ୍ପାନୀ ଭୂତଳ ଜଳ ବ୍ୟବହାର ଓ ବର୍ଜ୍ୟଜଳ ଛାଡିବା, ବିପଦରେ ବନ୍ୟଜନ୍ତୁ ଘଟଣା**

ଟାଙ୍ଗୀ-ଚୌଦାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତ ଅଧୀନ ବରପଦାସ୍ଥିତ ଏକ ବିୟର କମ୍ପାନୀରୁ ନିଶାଯୁକ୍ତ ବର୍ଜ୍ୟଜଳ ବାହାରି ନିକଟସ୍ଥ ଏକାଧିକ ଚାଷଜମିରେ ମିଶୁଛି। ଫଳରେ ଏହା ଦୀର୍ଘଦିନ ଧରି ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ଚାଷଜମି ନଷ୍ଟ ହେଉଛି। ବନ୍ୟଜନ୍ତୁ ଓ ଗୋରୁ ଏହି ଜଳ ପିଇବା ଦ୍ୱାରା ଖାଲରେ ପଡ଼ି ଜୀବନ ହରାଉଥିବା ନଜିର ରହିଛି। କେବଳ ସେତିକି ନୁହେଁ କମ୍ପାନୀ ପରିସରରେ ବେଆଇନ ଭାବେ ୫୦ରୁ ଊର୍ଦ୍ଧ୍ୱ ବୋରୱେଲ ଖୋଳି ଭୂତଳ ଜଳ ବ୍ୟାବାହର କରୁଥିବାରୁ ଆଖପାଖ ଅଞ୍ଚଳରେ ଜଳ ସଙ୍କଟ ଦେଖାଯାଉଛି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ ସୁଫଳ ମିଳୁନି। ଫଳରେ ଶାଳଗାଁ ଗ୍ରାମର ଚାଷୀ ଗଣେଶ୍ୱର ବେହେରା ନିରାଶ ହୋଇ ତହସିଲଦାରଙ୍କୁ ବୁଧବାର ସମସ୍ୟା ସମାଧାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଗଣେଶ୍ୱରଙ୍କ ଅଭିଯୋଗ ମୁତାବକ, ଉକ୍ତ ବିୟର କମ୍ପାନୀକୁ ଲାଗି ମୋ ବଡ ଭଉଣୀଙ୍କ ନାମରେ ଖାତା ନଂ. ୧୧୮/୧୩୭ ପ୍ଲଟ ନଂ. ୪୯୬ ଚାଷ ଜମି ରହିଛି। କିନ୍ତୁ ଦୀର୍ଘ ୫ବର୍ଷ ହେବ ଏହି କମ୍ପାନୀ ବେଆଇନ ଭାବେ ଚାନ୍ଦିଆପଦାଠାରେ ପାଚେରି କରି ନିଶାଯୁକ୍ତ ବାର୍ଯ୍ୟଜଳ ଚାଷଜମିରେ ଛାଡୁଛି। ଫଳରେ ଚାଷଜମିର ଉର୍ବର କମିବା ସହିତ ଚାଷ ନଷ୍ଟ ହେଉଛି। ଚାଷ ଜମିରେ କମ୍ପାନୀ ଛାଡିଥିବା ବର୍ଜ୍ୟଜଳ ଓ ମୃତ୍ତିକା ପରୀକ୍ଷା କରାଇ ମୋ ସହିତ ଅନ୍ୟ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ଆସନ୍ତା ଦିନରେ କମ୍ପାନୀ ଆଗରେ ଧାରଣା ଦେବେ ବୋଲି ଗଣେଶ୍ୱର ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉ କି, ପୂର୍ବରୁ ମଳୟ କୁମାର ସାହୁ, ଅମିତ କୁମାର ସିଙ୍କୁ କମ୍ପାନୀ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ମେ' ୪ ତାରିଖରେ ଉଚ୍ଚସ୍ତରୀୟ ତଦନ୍ତ କରିଥିଲା। କିନ୍ତୁ ତଦନ୍ତ ପରେ ତହସିଲ ପ୍ରଶାସନ କୌଣସି ସ୍ପଷ୍ଟିକରଣ ନ ରଖିବାକୁ ତହସିଲଦାରଙ୍କ ଭୂମିକା ସନ୍ଦେହ ଘେରରେ ଟାଣି ଆଣିଛି। ଏ ନେଇ ତହସିଲଦାରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ରଖି ନ ଥିଲେ।

# ପରିବାର, ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକୋ

**ଖୁଣ୍ଟୁଣୀ,୯।୭(ସଚ୍ଚିଦାନନ୍ଦ ପଣ୍ଡା)**


ଟାୟାରଜାଳି ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

- **ବାଇକ୍ ଧକ୍କାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣରେ ଯୁବକ ମୃତ**
- **ଘଟଣାସ୍ଥଳରେ ତହସିଲଦାର, ଖୁଣ୍ଟୁଣୀ ପୋଲିସ**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ଗ୍ରାମ ଛକରେ ମଙ୍ଗଳବାର ଏକ ବାଇକ୍ ସହିତ ଅନ୍ୟ ଏକ ବାଇକ୍ ଧକ୍କାକୁ ନେଇ ଜଣେ ଯୁବକଙ୍କୁ ଅନ୍ୟ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଯୁବକ ଗୁରୁତର ହୋଇଥିବା ବେଳେ କଟକ ବଡ଼ଡାକ୍ତରଖାନାରେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କାହ୍ନୁ ରାଉତ(୨୮)। ଏହାକୁ ନେଇ ବୁଧବାର ଅପରାହ୍ନ ସାଢେ ୩ଟାରୁ ସନ୍ଧ୍ୟା ଯାଏ ମୃତକଙ୍କ ପରିବାର ଓ ଉତ୍ତ୍ୟକ୍ତ ଗ୍ରାମବାସୀ ଆଠଗଡ଼-ନୂଆପାଟଣା ରାସ୍ତା ଉପରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଘଟଣାସ୍ଥଳରେ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଓ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ପୋଲିସ ସୂତ୍ରରୁ ପ୍ରକାଶ ଯେ ମଙ୍ଗଳବାର ରାତି ୯ଟାରେ ଘଣ୍ଟିଖାଲ ପଞ୍ଚାୟତ ଦ୍ୱାରାବତୀପୁର ଗ୍ରାମର କାହ୍ନୁ ବାଇକ୍ ଯୋଗେ ଆଠଗଡରୁ ଘରକୁ ଫେରୁଥିଲେ। ମହାକାଳବସ୍ତ ଗ୍ରାମ ଛକ ନିକଟରେ ପଛରୁ ମହାକାଳବସ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ ତାଙ୍କ ସ୍ତ୍ରୀଙ୍କୁ ବାଇକ୍‌ରେ ନେଇ ଆସୁଥିଲେ। ହଠାତ କାହ୍ନୁଙ୍କ ବାଇକ୍ କୃଷ୍ଣଙ୍କ ବାଇକ୍ ପଛରେ ବାଜିବାରୁ କାହ୍ନୁ ରାସ୍ତା ଉପରେ ପଡିଯିବା ସହିତ କୃଷ୍ଣ ଓ ତାଙ୍କ ସ୍ତ୍ରୀ ମଧ୍ୟ ଛିଟିକି ପଡ଼ିଥିଲେ। ଏହି ଘଟଣା ପରେ କୃଷ୍ଣଙ୍କ ଗ୍ରାମର କେତେଜଣ ଯୁବକଙ୍କ ସହିତ କୃଷ୍ଣ କାହ୍ନୁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ କାହ୍ନୁଙ୍କ ବଡଭାଇ ଅଭିମନ୍ୟୁ ଆସି ଭାଇଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲୋ। ମାଡ଼ ଦେବା ପରେ କାହ୍ନୁଙ୍କୁ ସେମାନେ ଗାଡି ଆଗକୁ ଫିଙ୍ଗି ଦେଇଥିଲେ ବୋଲି ଅଭିମନ୍ୟୁ ପୋଲିସ ନିକଟରେ କୃଷ୍ଣଙ୍କ ସମେତ ଗ୍ରାମର ଅନ୍ୟ ୮ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ କାହ୍ନୁଙ୍କୁ ପ୍ରଥମେ ମାଧପୁର ମେଡିକାଲ ଓ ପରେ କଟକ ବଡ଼ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାହ୍ନୁଙ୍କୁ ରାତି ୨ଟାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହୋଇ ଅପରାହ୍ନରେ ଆସିବା ପରେ ଉତ୍ତ୍ୟକ୍ତ ପରିବାର ଓ ଦ୍ୱାରାବତୀପୁର ଗ୍ରାମବାସୀ ରାସ୍ତା ଉପରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ତହସିଲଦାର ବଡ଼ଜେନା ରେଡ୍‌କ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ଘୋଷଣା କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ କାହ୍ନୁଙ୍କ ଭାଇ ଅଭିମନ୍ୟୁ ପୋଲିସ ନିକଟରେ ଦାବି କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏ ନେଇ ଏକ ମାମଲା (ନଂ.୧୩୨/୨୫) ରୁଜୁ କରିଥିବା ଆଇଆଇସି ପ୍ରଧାନ କହିଛନ୍ତି।

# ଟ୍ରେଡ ଲାଇସେନ୍ସ କରାଇଦେବା ଆଳରେ ଠକେଇ

ଭୁବନେଶ୍ୱର,୯।୭ (ସୁଚିସ୍ମିତା ସାହୁ)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦିନକୁ ଦିନ ଠକେଇ ଘଟଣା ବଢ଼ିବାରେ ଲାଗିଛି। ବିଭିନ୍ନ ଅଞ୍ଚଳର ଉଠାଦୋକାନୀ ଏହି ଠକେଇର ଶିକାର ହୋଇଛନ୍ତି। ବିଏମ୍‌ସି ଅଧିକାରୀଙ୍କ ପରିଚୟ ଦେଇ ଏଲ୍‌ଓଆର୍, ଟ୍ରେଡ ଲାଇସେନ୍ସ କରାଇ ଦେବାକୁ କହି ଦୋକାନୀଙ୍କଠାରୁ ଲୁଟ କରୁଛନ୍ତି। ଯେଉଁ ଉଠାଦୋକାନୀ ଟ୍ରେଡ୍ ଲାଇସେନ୍ସ କରିନାହାନ୍ତି, ସେମାନଙ୍କୁ ନକଲି ଟ୍ରେଡ୍ ଲାଇସେନ୍ସ କରାଇଦେଇ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏହି ଅଭିଯୋଗରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ବିଏମ୍‌ସି ମେୟର ସୁଲୋଚନା ଦାସଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ମେୟର ଦାସ ବିଏମ୍‌ସି ଅଧିକାରୀଙ୍କୁ ଡାକି ଏକ ତଦନ୍ତ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଥାନାରେ ଏତଲା ଦେବାକୁ ପରାମର୍ଶ ଦେଇଛନ୍ତି।

ଗତ କିଛି ଦିନ ହେବ ବାବୁ ନାମକ ଦୋକାନୀଙ୍କଠାରୁ ବିଏମ୍‌ସି ଅଧିକାରୀ କହି ଲୁଟିଥିଲେ। ଏବେ ପୁଣି ଭିଏସ୍‌ଏସ୍ ନଗରର ନାରାୟଣ ସାହୁ ଓ ଶରତ ସାହୁ ନାମକ ଉଠାଦୋକାନୀଙ୍କ ପାଖରୁ ଟ୍ରେଡ୍ ଲାଇସେନ୍ସ ବାବଦରେ ଠକିଥିବା ମହାସଂଘର ସଭାପତି ପ୍ରତାପ କୁମାର ସାହୁ ବିଏମ୍‌ସିର ଉପାୟୁକ୍ତ ଶୁଭେନ୍ଦୁ କୁମାର ସାହୁ ଏବଂ ଅଜୟ କୁମାର ମହାନ୍ତିଙ୍କୁ ଜଣାଇଛନ୍ତି। ଏହା ନକଲି ଟ୍ରେଡ୍ ଲାଇସେନ୍ସ ବୋଲି ଅଧିକାରୀମାନେ କହିଥିଲେ। ସେହିପରି ମହାସଂଘର ୧୧ ଜଣିଆ ପ୍ରତିନିଧି ମଣ୍ଡଳୀରେ ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ଲଲାଟ କୁମାର ଓଝା, ସସ୍ମିତା ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ଶରତ ସାହୁ, ସୁଦର୍ଶନ ସାହୁ, ମୁରଲୀଧର ଜେନା, ପ୍ରକାଶ ମୁଖୀ, କଇନ ସ୍ୱାଇଁ, ପ୍ରଶାନ୍ତ ନାୟକ ପ୍ରମୁଖ ଭୁବନେଶ୍ୱର ଡିସିପି ଜଗବନ୍ଧୁ ମୀନାଙ୍କୁ ଭେଟି ଏହି ଠକେଇର ଶିକାର ହୋଇଥିବା ବିଷୟରେ କହିଥିଲେ। ଖୁବଶୀଘ୍ର ତଦନ୍ତ କରାଯାଇ ଦୋଷୀଙ୍କୁ ଗିରଫ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୀନା କହିଛନ୍ତି।

## ମେୟର, ଡିସିପିଙ୍କୁ ଭେଟିଲେ ଉଠାଦୋକାନୀ ମହାସଂଘ ପ୍ରତିନିଧି


ଉଠାଦୋକାନୀ ମହାସଂଘର ପ୍ରତିନିଧିମାନେ ମେୟର ସୁଲୋଚନା ଦାସଙ୍କୁ ଦାବିପତ୍ର ଦେଉଛନ୍ତି।

# ଲେଭଲ କ୍ରସିଂ ଗେଟ୍ ସୁରକ୍ଷାର ସମୀକ୍ଷା କଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୯।୭ (ଅନୁରାଧା ମହାରଣା)

## ୧୧ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳପଥ ବୋର୍ଡର ଅଧ୍ୟକ୍ଷ, ସଦସ୍ୟ ଏବଂ ଜୋନାଲ ରେଳପଥର ମହାପ୍ରବନ୍ଧକମାନଙ୍କ ସହିତ ଲେଭଲ କ୍ରସିଂଗେଟ୍‌ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଅଶ୍ୱିନୀଙ୍କ ପିତାଙ୍କ ମୃତ୍ୟୁର ଗୋଟିଏ ଦିନ ପରେ ବୁଧବାର ରେଳମନ୍ତ୍ରୀ ରେଳପଥର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ 'ଲେଭଲ କ୍ରସିଂ ଗେଟ ସୁରକ୍ଷା' ବିଷୟ ଉପରେ ଆଲୋଚନା ହୋଇଥିଲା। ରେଳମନ୍ତ୍ରୀ ଏ ସମ୍ପର୍କରେ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସମସ୍ତ ଲେଭଲ କ୍ରସିଂ ଗେଟ୍ (ଏଲ୍‌ସି)ରେ ସିସି କ୍ୟାମେରା ଏବଂ ରେକର୍ଡିଂ ସିଷ୍ଟମ ସ୍ଥାପନ ସହ ସୌର ପ୍ୟାନେଲ, ବ୍ୟାଟେରୀ ବ୍ୟାକଅପ୍, ୟୁପିଏସ୍ ଇତ୍ୟାଦି ମାଧ୍ୟମରେ ବିଦ୍ୟୁତ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି କାର୍ଯ୍ୟ ମିଶନ ମୋଡ୍‌ରେ ସମାପ୍ତ କରିବାକୁ ଅଶିନୀ ପରାମର୍ଶ ଦେଇଛନ୍ତି। ସଡ଼କ ଟ୍ରାଫିକ ନିକଟ ଗେଟ୍‌ଗୁଡ଼ିକୁ 'ସଡ଼କ ଟ୍ରାଫିକ ଖୋଲା' ଗେଟ୍‌ରେ ପରିଣତ କରିବା ପାଇଁ ନୀତି ସମୀକ୍ଷା କରାଯିବ। ଏଲ୍‌ସି ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ କାର୍ଯ୍ୟ ମିଶନ ମୋଡ୍‌ରେ ସମାପ୍ତ କରାଯିବ। ରେଲୱେ ପିଏସ୍‌ୟୁଗୁଡ଼ିକ ଇଣ୍ଟରଲକିଂ ଏବଂ ନିର୍ମାଣ କାର୍ଯ୍ୟରେ ସାମିଲ ହେବ। ଏବେ କେବଳ ୧୦,୦୦୦ ଟିଭିୟୁରୁ ଇଣ୍ଟରଲକିଂ ଆରମ୍ଭ କରାଯିବ। ପୂର୍ବରୁ ଏହି ସୀମା ୨୦,୦୦୦ ଥିଲା। ଆର୍‌ଓବି /ଆର୍‌ୟୁବି/ଏଲ୍‌ଏଚ୍‌ଏସ୍ ସ୍କିମ ନିର୍ବିଶେଷରେ ୧୦,୦୦୦ରୁ ଅଧିକ ଟିଭିୟୁ ଥିବା ସମସ୍ତ ଗେଟ୍‌ରେ ଇଣ୍ଟରଲକିଂ ବାଧ୍ୟତାମୂଳକ ହେବ। ଅଣ-ଇଣ୍ଟରଲକ୍ ଗେଟ୍‌ରେ ପ୍ରତିଦିନ ପ୍ରତି ଡିଭିଜନରେ ଦୁଇଟି ଅନିୟମିତ ଭଏସ୍ ରେକର୍ଡିଂ ଯାଞ୍ଚ କରାଯିବ। ଅଣ-ଇଣ୍ଟରଲକ ଗେଟ୍‌ରେ ଭଏସ୍ ଲଗ୍ ସିଷ୍ଟମର କାର୍ଯ୍ୟକାରିତା ସମସ୍ତ ଡିଆର୍‌ଏମ୍ ଦ୍ୱାରା ନିଶ୍ଚିତ କରାଯିବ। ସମସ୍ତ ଏଲ୍‌ସି ଗେଟ୍‌ରେ ସ୍ପିଡ୍ ବ୍ରେକର, ଚେତାବନୀ ବୋର୍ଡ ଇତ୍ୟାଦିକୁ ମାନକୀକରଣ କରାଯିବ। ଲେଭଲ କ୍ରସିଂ ଗେଟ୍ ଦୂର କରିବା ପାଇଁ ରୋଡ ଓଭରବ୍ରିଜ ଏବଂ ରୋଡ ଅଣ୍ଡରବ୍ରିଜ ଏବଂ କମ ଉଚ୍ଚତା ବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଯେଉଁଠାରେ ବିବାଦ କିମ୍ବା ଜନସାଧାରଣଙ୍କ ଦ୍ୱାରା ଚାପ କିମ୍ବା ଆକ୍ରମଣର ଘଟଣା ଘଟେ ସେଠାରେ ଗେଟ୍‌ର ଏକ ତାଲିକା ପ୍ରସ୍ତୁତ କରାଯିବ। ସେଠାରେ ରେଳ ସୁରକ୍ଷା ବଳ/ହୋମଗାର୍ଡ ନିୟୋଜନ ସୁନିଶ୍ଚିତ କରାଯିବ। ଏହା ସହିତ ବ୍ଲକ ସେକ୍ସନରେ ଲେଭଲ କ୍ରସିଂ ଗେଟ୍‌ରେ ୧୫ ଦିନିଆ ସୁରକ୍ଷା ଯାଞ୍ଚ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି।

# ଗାଁକୁ ୧୦ ଦିନ ହେବ ଆସୁନି ପାଣି

ବାରଙ୍ଗ,୯।୭ (ଲିଙ୍ଗରାଜ ରାଉତ)

## ଆନ୍ଦୋଳନ ଚେତାବନୀ

ରାଜଧାନୀ ଉପକଣ୍ଠ ବାଲିପଡ଼ା, କଣ୍ଢିଆ ଗ୍ରାମବାସୀ ଗତ ୧୦ଦିନ ହେବ ବିଶୁଦ୍ଧ ପାନୀୟ ଜଳ ଟିକେ ପାଇବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏବେ ବର୍ଷା ହେଉଥିବାରୁ ଖାଲ ଡୋବା ସବୁ ବର୍ଷାଜଳରେ ଭରି ରହିଛି। ଏପରିକି କେତେକ ଗାଁ ଏକ ପ୍ରକାର ଜଳବନ୍ଦୀ ଭଳି ସ୍ଥିତି ଉପୁଜିଛି। ଏହିଭଳି ପରିସ୍ଥିତିରେ ଗାଁରେ ପିଇବା ପାଣି ପାଇଁ ଲୋକେ ହଇରାଣ ହେବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହି ୨ଟି ଗାଁକୁ କଲ୍ୟାଣପୁର ପଞ୍ଚାୟତର ଖଇରାପଡ଼ାଠାରେ ବସିଥିବା ପାଣିଟ୍ୟାଙ୍କରୁ ପାଣି ଯୋଗାଣ କରାଯାଇଥାଏ। ଗ୍ରାମବାସୀ ଦାୟିତ୍ୱରେ ଥିବା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ଗାଁକୁ ପାଣି ନ ଆସିବା ବିଷୟରେ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ଅଦ୍ୟାବଧି ପ୍ରତିକାର କରାଯାଇ ପାରିନାହିଁ। ଫଳରେ ଉଭୟ ଗ୍ରାମବାସୀ ସାମାନ୍ୟ ପାଣିଟିକେ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇବା ପରେ ମଧ୍ୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବା ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ତୁରନ୍ତ ଉଭୟ ଗ୍ରାମକୁ ବିଶୁଦ୍ଧ ପାଣି ଯୋଗାଣ କରା ନ ଗଲେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଦାଡ଼ା ସୋସାଇଟି ସଭାପତି ତଥା ବିଜେଡି ନେତା ଜନକ ମାଝୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ସମନୟା ତ୍ରିପାଠୀଙ୍କ ମୋବାଇଲ ନମ୍ବରରେ ଏ ବିଷୟରେ ଜାଣିବାକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ୨୫ ଲକ୍ଷର ବ୍ରାଉନସୁଗାର ଜବତ: ୫ ଗିରଫ

ଭୁବନେଶ୍ୱର,୯।୭ (ସତ୍ୟଜିତ୍ ରାଉତ)

ମୈତ୍ରୀବିହାର ଥାନା ପୋଲିସ ବୁଧବାର ୫ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୫୪ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ। ଏଥିସହ ୩ ବାଇକ ଓ ୩ ହଜାର ୫୦୦ ଟଙ୍କା ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀସାଗର ବନିଖାଲର ସମ୍ପଦ କୁମାର ଦାସ, ଖୋର୍ଦ୍ଧା ଜଟଣୀ ଅଞ୍ଚଳର ଶିବାନନ୍ଦ ମହାପାତ୍ର, ନୟାପଲ୍ଲୀ ଅଞ୍ଚଳର ମଲ୍ଲିକ ସୈଦ୍ ଅଲ୍ଲି, ପାତ୍ରପଡ଼ାର ସଦାଶିବ ଜଗଦେବ ଓ ସାଲିଆ ସାହିର ରାଜେନ୍ଦ୍ର ମହାପାତ୍ର। ଏ ସମ୍ପର୍କରେ ଏକ ମାମଲା (ନଂ.୨୨୪/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହାତିଆଶୁଣି ପାଣିଟାଙ୍କି ପଛପାର୍ଶ୍ୱରେ ଅଭିଯୁକ୍ତମାନେ ଥିବାବେଳେ ହଠାତ ପୋଲିସ ଟିମ୍ ଚଢ଼ାଉ କରି ସମସ୍ତଙ୍କୁ କାବୁ କରିଥିଲା। ରାଜେନ୍ଦ୍ରଙ୍କ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ୨ ମାମଲା ଓ ଶିବାନନ୍ଦଙ୍କ ନାଁରେ ଜଟଣୀ ଥାନାରେ ଗୋଟିଏ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


सीएमपीडीआई मिनी रत्न cmpdi Mini Ratna

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, कॉंक रोड रॉंची - 834008, झारखंण्ड, भारत

सूचना/NOTICE

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/सम्बंधित अनुषंगी कम्पनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है। इसके अलावा, जीइएम पोर्टल https://gem.gov.in के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in."

RAJSUNAKHALA COLLEGE
RAJSUNAKHALA, DIST.: NAYAGARH
WALK-IN-INTERVIEW

A Walk-in-Interview will be held on 18.07.2025 (Friday) at 11.00 A.M. in the College premises to appoint Guest Faculty Lecturers in **Physics** and **Mathematics**. Interested candidates having 55% or above marks at the P.G. Level are hereby informed to attend the interview with all original certificates and one set of Xerox copy of the same.
No T.A. & D.A. will be given for the purpose.
**Sd./- Principal-cum-Secretary**

Repco Home Finance

ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍
ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

ଇ-ନିଲାମ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ **ଋଣଗ୍ରହୀତା: ଶ୍ରୀମତୀ ପିନାକ୍ଷୀ ମହାନ୍ତି,** ସ୍ୱାମୀ: ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ, ସହ-ଋଣଗ୍ରହୀତା: ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ, ପିତା: ବନବିହାରୀ ଦାସ, **ଗ୍ୟାରେଣ୍ଟିଦାତା: ଶ୍ରୀଯୁକ୍ତ ଏମ୍. ସତ୍ୟବ୍ରଥ ଦୀକ୍ଷିତ,** ପିତା: ଶ୍ରୀଯୁକ୍ତ ମନ୍ମଥ ଦୀକ୍ଷିତ, ଡଗରପଡ଼ା, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, କଟକ ଶାଖା (ସମ୍ପ୍ରତି ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତରିତ), ତଳେ ବିଶଦ ଭାବେ ଦର୍ଶିତ ସ୍ଥାବର ସମ୍ପତ୍ତିର ବନ୍ଧକ ଉପରେ ଋଣ ନେଇଥିଲେ, ଯାହା ନିମ୍ନପ୍ରଦତ୍ତ ଅନୁସୂଚୀରେ ସମ୍ପୂର୍ଣ୍ଣ ରୂପେ ଦର୍ଶିତ, କମ୍ପାନୀ ସରଫାଏସି ଅଧିନିୟମ, ୨୦୦୨ ର ଧାରା ୧୩(୨) ଅଧୀନରେ **ତା୨୨।୦୮।୨୦୨୨ରିଖରେ** ଏକ **ଡିମାଣ୍ଡ ନୋଟିସ** ଜାରି କରି **ଋଣ ଖାତା ନଂ. ୨୩୦୧୮୧୧୬୮୦୩୪୨ ଏବଂ ୨୩୦୧୮୬୦୬୮୦୪୮୧ ଅଧୀନରେ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ଅର୍ଥାତ୍ ତା୧୮।୦୮।୨୦୨୨ରିଖ ସୁଦ୍ଧା ଯଥାକ୍ରମେ ₹୨୧,୫୬,୪୩୨/- ଏବଂ ₹୧,୭୯,୦୩୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ବ୍ୟୟକୁ ଉକ୍ତ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।
ଯେହେତୁ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଉକ୍ତ ଡିମାଣ୍ଡ ନୋଟିସରେ ଦାବି କରାଯାଇଥିବା କମ୍ପାନୀ ପ୍ରତି ଦେୟରାଶିକୁ ପୈଠ କରିବା ପାଇଁ ବିଫଳ ହୋଇଛନ୍ତି, ତେଣୁ କମ୍ପାନୀ ବନ୍ଧକ ପରିସମ୍ପତ୍ତିର ଦଖଲ ନେଇଛି, ଯାହା ଅନୁସୂଚୀରେ ଅଧିକ ସମ୍ପୂର୍ଣ୍ଣ ରୂପେ ଦର୍ଶାଯାଇଛି ଓ ଏତଦ୍ୱାରା **ତା୨୩।୦୨।୨୦୨୩ରିଖରେ** ଅଧିନିୟମର ଧାରା ୧୩(୪) ଅଧୀନରେ **ଦଖଲ ନୋଟିସ** ଜାରି କରୁଛି।
ଯେହେତୁ ଋଣଗ୍ରହୀତାମାନେ ବକେୟା ରାଶିକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ସୁରକ୍ଷିତ ଋଣଦାତା ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ନିମ୍ନବର୍ଣ୍ଣିତ ସୁରକ୍ଷିତ ପରିସମ୍ପତ୍ତିକୁ **''ଯେପରି ଅଛି ଯେଉଁଠି ଅଛି ପରିସ୍ଥିତି''ରେ ଏବଂ ''ଯେପରି ଅଛି ଯାହା ଅଛି ପରିସ୍ଥିତି''**ରେ କମ୍ପାନୀର ବକେୟା ଦେୟକୁ ଆଦାୟ କରିବା ଲାଗି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ସହ ପଠନପୂର୍ବକ ଅଧିନିୟମର ଧାରା ୧୩(୪) ଅଧୀନରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।
**ତା୧୨।୦୫।୨୦୨୫ରିଖ ସୁଦ୍ଧା ଋଣ ଖାତା ନଂ. ୨୩୦୧୮୧୧୬୮୦୩୪୨ ଏବଂ ୨୩୦୧୮୬୦୬୮୦୪୮୧ ଅଧୀନରେ ଋଣଗ୍ରହୀତାଙ୍କ ବକେୟା ଦେୟ ହେଉଛି ₹୩୦,୩୬,୯୫୦/- ଓ ₹୬୧,୫୩୪/-।**

**ଇ-ନିଲାମର ତାରିଖ/ସମୟ: ୧୨।୦୮।୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକାରୁ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱୟଂଚାଳିତ ସମୟବୃଦ୍ଧି ସହ)**

**ଇ-ଟେଣ୍ଡରର ଦାଖଲର ଶେଷ ତାରିଖ ଓ ସମୟ: ୧୧।୦୮।୨୦୨୫, ଅପରାହ୍ନ ୦୪.୦୦ ଘଟିକା**

**ସମ୍ପତ୍ତିର ବର୍ଣ୍ଣନା:** କଟକ ଜିଲ୍ଲା, କଟକ ସଦର, ତହସିଲ ମୌଜା - ବିଡାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର ୭, ଖାତା/ଡ୍ରଇଂ ନଂ. ସିଡିଏ(ପିଏଲ୍)-ବି-୨୨୦/୧୯୯୩, ପ୍ଲଟ୍ ନଂ. ଇ-୧୫୪, ୧୦୫୮ ବର୍ଗଫୁଟର ବିସ୍ତାର ସହ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। ହୋମଷ୍ଟିଡ୍‌ର ଚଉହଦୀ ହେଉଛି: ସୀମା: ଉତ୍ତର: ପ୍ଲଟ୍ ନଂ.: ଇ-୧୫୩, ଦକ୍ଷିଣ: ପ୍ଲଟ୍ ନଂ.ଇ-୧୫୫, ପୂର୍ବ: ପ୍ଲଟ୍ ନଂ.ଡି-୫୫, ପଶ୍ଚିମ: ୬ ମିଟର ଚଉଡ଼ା ରାସ୍ତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୬୭,୧୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୬,୭୧,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସିଂ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୦୮୨୯୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ। ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, କଟକ (ବର୍ତ୍ତମାନ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତରିତ) ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।
ତାରିଖ: ୩୦.୦୬.୨୦୨୫ **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) DIVISION, BALANGIR
Email: eepwd.bgr@rediffmail.com, eepwd.bgr@gmail.com,
Ph. No.: 06652-232374
e-Procurement Notice
BID IDENTIFICATION No.: BGR R&B/08/2025-26
No.B-280 No.4485/Dtd.04.07.25

| | | | |
|---|---|---|---|
| 1 | The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Road / Building / Bridge works. The proof of registration from the appropriate authority shall be enclosed along with the bid. | | |
| 2 | Nature of work | : | Building work, Road work |
| 3 | No. of tender | : | Building work- 02 Nos., Road work- 01 No. |
| 4 | Tender cost | : | Rs.10,000/- |
| 5 | Class of contractor | : | 'B' Class (Registered with CDMS) |
| 6 | Date & time of sale & receipt of bids | : | From Dt.15.07.25, 10.00 A.M. to Dt.29.07.25 upto 05.00 P.M. |
| 7 | Date of opening bid | : | Dt.30.07.25 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only. | | |

Sd./- Superintending Engineer, Balangir (R&B) Division
OIPR-34028/11/0033/2526

GOVERNMENT OF ODISHA No.O-373
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
eerwbnjr@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender / 04 / RWDBNJ / 2025-2026
Ltr. No. 3553 Date : 01.07.2025

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/04/2025-2026 | Building Works | 07 (Seven) Nos. | 50.17 Lakhs to 71.43 Lakhs | "B" Class as applicable | 09 (Nine) Calendar months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/04/ RWDBNJ/2025-2026 | 17.07.2025 at 10.00 A.M. | 30.07.2025 upto 3.00 P.M. |

Further details can be seen from the website : www.tendersodisha.gov.in
Sd./- Executive Engineer
R.W.Division, Bhanjanagar
OIPR-25174/11/0024/2526

PARADIP PORT AUTHORITY
MARINE DEPARTMENT
No.-MD/ACCTS/WK/R-06/2025/869 Date: 07.07.2025
| 1 | TPCODL/CCG/2025-26/1000004390 | Request for Proposal (RFP) for selection of Solar Power Generator (SPG) for the Development of Grid Connected Solar PV Project under PM-KUSUM (Component – A) scheme in Odisha on Build-Own-Operate (B-O-O) basis |
| 2 | TPCODL/P&S/2025-26/1000004392 | RC for supply of 630 Amp Feeder pillar Box |
| 3 | TPCODL/P&S/2025-26/1000004394 | RC for supply of 630 KVA , 11/0.4KV Compact S/s |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.10.07.2025**. Future communication / corrigendum to tender documents, if any, shall be available on TPCODL website.



**INTEGRATED TRIBAL DEVELOPMENT AGENCY, PARALAKHEMUNDI**
GAJAPATI, PARALAKHEMUNDI, DIST.: GAJAPATI, ODISHA
Phone / Fax: 06815-222207, Email Id: itdapla@gmail.com
E-Procurement Notice No.ITDAPKD/03/2025-26 No.CAD-1025

| | | |
|---|---|---|
| 1 | Type of work | Civil work (Buildings) 57 Nos. |
| 2 | Form of contract | Percentage Rate |
| 3 | Class of contractor | As mentioned in DTCN |
| 4 | Bid cost | As mentioned in DTCN |
| 5 | Time for completion | As per DTCN |

| Procurement Officer | E-Procurement Notice No. | Availability of tender online for bidding From | To | Date & time of opening of tender |
|---|---|---|---|---|
| Project Administrator, ITDA, Paralakhemundi | ITDAPKD/03/2025-26 | 10.07.2025 (10.00 hours) | 24.07.2025 (17.30 hours) | 30.07.2025 at 11.00 hours |

Further details can be seen from the website: www.tendersorissa.gov.in. The authority reserves the right to reject any or all the tenders without assigning any reason thereof.
Sd./- Project Administrator, ITDA, Paralakhemundi
OIPR-26078/11/0002/2526



**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC)**
**Building Kusai Colony, Doranda, Ranchi - 834002, (E-mail:cetjusnl@gmail.com)**

**e-TENDER NOTICE**
**NIT No. –251/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 11.07.2025 at 11:00 AM |
| Start Date and time of upload of BID | 11.07.2025 at 11:00 AM |
| End date and time of upload of BID | 31.07.2025 upto 04:00 PM |
| BID Opening date for technical part | 01.08.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

PR 356873 Jharkhand Urja Sancharan Nigam Ltd(25-26).D
Sd/-
General Manager C&M (NWBP)



**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ଭ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ୍ଧ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାରିପଦା-୩ ଶାଖା /** ଋଣଗ୍ରହୀତା: ଶ୍ରୀମତୀ ମୌସୁମୀ ସାହୁ, ପିତା: ସୁବୋଧ ଚନ୍ଦ୍ର ସାହୁ, ସ୍ୱାମୀ: ସଂଗ୍ରାମ କେଶରୀ ଜେନା / ଜାମିନ୍‌ଦାର: ଶ୍ରୀ ସୁବୋଧ ଚନ୍ଦ୍ର ସାହୁ, ପିତା: ହରିଶ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ମାଳିସାହି, ୱାର୍ଡ ନଂ.-୮, ପୋ: ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧ | ୨୦.୦୪.୨୦୨୫ ସୁଦ୍ଧା ଟ.୨,୪୮,୦୩୩.୦୦ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୧.୦୪.୨୦୨୫ / ୦୩.୦୭.୨୦୨୫ | ଶ୍ରୀ ସୁବୋଧ ଚନ୍ଦ୍ର ସାହୁ, ପିତା: ହରିଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୦୧/୨୬୨, ପ୍ଲଟ୍ ନଂ.: ୫୪୩, ମୌଜା: ବାରିପଦା, ୟୁନିଟ୍ ନଂ.-୮, ସହର ସାହି, ଥାନା: ବାରିପଦା, ଥାନା ନଂ. ୯୬, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: କୈଳାଶ ଚନ୍ଦ୍ର ଦାସ, ପୂର୍ବ: ସୁଭାଷ ପାତ୍ର, ପଶ୍ଚିମ: ଶେଖର ଚନ୍ଦ୍ର ଦାସ |
| **ବାଲେଶ୍ୱର-୨ ଶାଖା /** ଋଣଗ୍ରହୀତା: ମେସର୍ସ ଶାସ୍ତ୍ରୀ ହେଲ୍‌ଥ କେୟାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିକୁଞ୍ଜ କିଶୋର ମହାନ୍ତି, ପିତା: ମାଗୁଣି ଚରଣ ମହାନ୍ତି, ସା/ପୋ: ଭୋଇ ସାହି, ଥାନା: ଟାଉନ, ବାଲେଶ୍ୱର-୭୫୬୦୦୧ / ଜାମିନ୍‌ଦାର: ଶ୍ରୀମତୀ ସୌମ୍ୟା ସୁରତି ମହାନ୍ତି, ସ୍ୱାମୀ: ନିକୁଞ୍ଜ କିଶୋର ମହାନ୍ତି, ଏସ୍. ସି ଦାସ ଷ୍ଟ୍ରିଟ୍, ହୋଟେଲ କଳିଙ୍ଗ ନିକଟ, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧ | ୦୩.୦୩.୨୦୨୫ ସୁଦ୍ଧା ଟ.୧୦,୨୬,୭୯୯.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୨.୦୪.୨୦୨୫ / ୦୪.୦୭.୨୦୨୫ | ଶ୍ରୀମତୀ ସୌମ୍ୟା ସୁରତି ମହାନ୍ତି, ସ୍ୱାମୀ: ନିକୁଞ୍ଜ କିଶୋର ମହାନ୍ତିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୦/୪୦୧, ପ୍ଲଟ୍ ନଂ.: ୯୫୩/୨୮୨୧, କ୍ଷେତ୍ର: ଏକର୦.୦୮୦ଡିସିମିଲି, ମୌଜା: ହିରାଟିକିରି, ତହସିଲ: ରେମୁଣା, ତହସିଲ ନଂ. ୪୧୪, ଥାନା: ବାଲେଶ୍ୱର ସଦର, ଥାନା ନଂ. ୨୨୭, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୯୫୩(ଅଂଶ) ଏବଂ କଳ୍ପନା ପଣ୍ଡା, ପୂର୍ବ: ପ୍ଲଟ୍ ନଂ. ୯୫୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ. ୯୫୩(ଅଂଶ) |

ତାରିଖ: ୦୯.୦୭.୨୦୨୫, ସ୍ଥାନ: ବାଲେଶ୍ୱର ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची**

ई–प्रोक्योरमेंट सूचना
टेन्डर रेफरेंन्स नं0–प0नि0वि0 / राँची–10 / 2025–26
दिनांक :– 09.07.2025

| | | |
|---|---|---|
| 1. | कार्य का नाम | Widening and Strengthening of Road from Holiday Home to Boriyo (Chirondi) via Bitha, Edalhatu (कुल लम्बाई–3.162 कि0मी0) कार्य वर्ष 2025–26 |
| 2. | प्राक्कलि राशि (रू0 लाख में) | रू0 1045.61373 लाख (रूपये दस करोड़ पैंतालीस लाख इकसठ हजार तीन सौ तिहत्तर रूपये) मात्र। |
| 3. | अग्रधन की राशि (रू0 लाख में) | रू0 10.46 लाख (रूपये दस लाख छियालीस हजार) मात्र। |
| 4. | कार्य पूर्ण करने की अवधि | 07 (सात) माह |
| 5. | वेबसाईड पर निविदा प्रकाशन की तिथि | 11.07.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि / समय | 01.08.2025 12.00 बजे दोपहर तक |
| 7. | निविदा खोलने तिथि / समय | 04.08.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए UCAN निबंघन आवश्यक है।
- नियम एवं शर्तें के लिए वेबसाईट http://jharkhandtenders.gov.in पर देखें।

PR 356897 Road Construction Dept Road Division Ranchi(25-26).D
कार्यपालक अभियंता पथ निर्माण विभाग,पथ प्रमंडल,राँची

# ଭାରତ ବନ୍ଦର ଆଂଶିକ ପ୍ରଭାବ

ପିପିଲି,୯।୭(ଦୁର୍ଗାମାଧବ ମିଶ୍ର)

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ, ରାଷ୍ଟ୍ର ବିରୋଧୀ ଏବଂ କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ବୁଧବାର ସିପିଆଇ (ଏମ୍‌ଏଲ୍) ଲିବରେଶନ, ଅଖିଳ ଭାରତ ଶ୍ରମିକ ସଙ୍ଗଠନ ପିପିଲି ଶାଖା ପକ୍ଷରୁ ସିପିଆଇ (ଏମ୍‌ଏଲ୍) ଆବାହକ ସର୍ବେଶ୍ୱର ଭାରତୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ପିପିଲି ବାଇପାସ୍‌ଠାରୁ ବାହାରିଥିଲା। ଶୋଭାଯାତ୍ରା ମୁଖ୍ୟ ବଜାର ଦେଇ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଭାଜପା ସରକାର ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଏହି ବନ୍ଦରେ ପିପିଲିର ସରକାରୀ କାର୍ଯ୍ୟାଳୟ ପ୍ରାୟ ବନ୍ଦ ଥିବାବେଳେ ଦୋକାନ ବଜାର ପ୍ରାୟ ଖୋଲା ରହିଥିଲା। ଶୋଭାଯାତ୍ରାରେ କମ୍ୟୁନିଷ୍ଟ ନେତା ସୁନନ୍ଦ ଗଡ଼ନାୟକ, ଶ୍ରମିକ ନେତା ରବୀନ୍ଦ୍ର ସ୍ୱାଇଁ, କିଷାନ ପଟ୍ଟନାୟକ ଏବଂ ଯୁଗଳ ଭୋଇଙ୍କ ସମେତ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।

**କଣାସ (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକରେ ଏହି ଭାରତ ବନ୍ଦ ଆଂଶିକ ସଫଳ ହୋଇଥିବା ହୋଇଥିବା ଜଣାପଡ଼ିଛି। ବ୍ଲକର କଣାସ ପଞ୍ଚାୟତ ସମିତି, ତହସିଲି, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଷ୍ଟେଟ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଓଡ଼ିଶା ଗ୍ରାମ ବ୍ୟାଙ୍କ, କୃଷି କାର୍ଯ୍ୟାଳୟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବାବେଳେ ଦୋକାନ ବଜାର ଖୋଲାଥିବା ଦେଖିବାକୁ ମିଳିଥିଲା।

**ସାକ୍ଷୀଗୋପାଳ (ଭରତ ରାଉତ):** ୩୧୬ ନଂ. ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ସାକ୍ଷୀଗୋପାଳ ବ୍ଲକ ଛକ ନିକଟରେ ବିଭିନ୍ନ ବର୍ଗର ଗାଡ଼ି ଚାଳକ ଭାରତ ବନ୍ଦ ଡାକରାକୁ ସଫଳ କରାଇଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟରଗୁଡ଼ିକ ଅଟକାଇ ରଖିଥିଲେ। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମାତ୍ର ଜରୁରୀକାଳୀନ ଗାଡ଼ିମୋଟରକୁ ଛାଡ଼ି ଦିଆଯାଇଥିଲା। ଏପରିକି ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ସେହିପରି ସାକ୍ଷୀଗୋପାଳ ବ୍ଲକ ପରିସରରେ ଥିବା ମହିଳା ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ହରତାଳ କରିଥିବାର ଦେଖାଯାଇଥିଲା।

**କୋଣାର୍କ (ଜ୍ୟୋତିରାଜ ମହାନ୍ତି):** କୋଣାର୍କଠାରେ ଏଆଇଟିୟୁସିର ବରିଷ୍ଠ ଶ୍ରମିକ ନେତା ମନୋରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ କ୍ଷେତ୍ରୀୟ ସଙ୍ଗଠନ କୋଣାର୍କ ଅଟୋ ଚାଳକ ସଂଘ ଓ ରାସ୍ତା ପାର୍ଶ୍ୱ ଉଠାଦୋକାନୀ ସଂଘ ମିଳିତ ସହଯୋଗରେ ସଙ୍ଗଠନର କର୍ମକର୍ତ୍ତା ବୁଧବାର ସକାଳ ସମୟରେ ପିକେଟିଂ କରି ସୂର୍ଯ୍ୟ ମନ୍ଦିର ଟିକେଟ କାଉଣ୍ଟର, ବିଭିନ୍ନ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସେବା ଓ କୋଣାର୍କ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ପରେ ବରିଷ୍ଠ ଶ୍ରମିକ ନେତା ପରିଡ଼ାଙ୍କ ନେତୃତ୍ୱରେ କୋଣାର୍କ ରାସ୍ତା ପାର୍ଶ୍ୱ ଉଠାଦୋକାନୀ ସଂଘ ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରା, ମହଲପଡ଼ା କୃଷକ ସଭା ସଭାପତି ଭାବଗ୍ରାହୀ ମାଝୀ, କୋଣାର୍କ ଅଟୋ ଚାଳକ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ନାୟକ ଓ ଶ୍ରମିକ ନେତା ପ୍ରସନ୍ନ ଦାସଙ୍କ ସମେତ ଶତାଧିକ କ୍ଷେତ୍ରୀୟ ସଙ୍ଗଠନର କର୍ମକର୍ତ୍ତା ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।

**କାକଟପୁର/ଅସ୍ତରଙ୍ଗ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ):** କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏଆଇଟିୟୁସି ଆବାହକ ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଟ୍ରେଡ ୟୁନିୟନଗୁଡ଼ିକ ପକ୍ଷରୁ ଭାରତ ବନ୍ଦ କରାଯାଇଥିଲା। କାକଟପୁର ବ୍ଲକର ଅଙ୍ଗନୱାଡି ସଭାନେତ୍ରୀ ପ୍ରିୟମ୍ବଦା ମିଶ୍ର, ସମ୍ପାଦିକା ଲଳିତା ଦେଈଙ୍କ ନେତୃତ୍ୱରେ ୧୮୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି ଓ ସହାୟିକା, ଅସ୍ତରଙ୍ଗ ବ୍ଲକର ସଭାନେତ୍ରୀ ବୈଜୟନ୍ତୀ ପଣ୍ଡା, ସମ୍ପାଦିକା ବିନୋଦିନୀ ଛାଟୋଇଙ୍କ ନେତୃତ୍ୱରେ ୧୭୮ଟି କେନ୍ଦ୍ରର ଅଙ୍ଗନୱାଡି ଓ ସହାୟିକା ଆନ୍ଦୋଳନରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଅସ୍ତରଙ୍ଗ ଜାଗୁଲାଇଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଓ କାକଟପୁରରେ ମେଡିକାଲ ଛକଠାରୁ କାକଟପୁର ବ୍ଲକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ସୂଚନା କେନ୍ଦ୍ର ଅସ୍ଥାୟୀ ଘୋଷକଙ୍କୁ ସମ୍ବର୍ଦ୍ଧନା

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)



ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ଥାୟୀ ଘୋଷକମାନଙ୍କୁ ସମ୍ବର୍ଦ୍ଧନା କରାଯାଇଛି।

ପବିତ୍ର ରଥଯାତ୍ରା ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପୁରୀର ବିଭିନ୍ନ ସ୍ଥାନରେ ୧୨ଟି ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇଥିଲା। ମାଳତୀପାଟପୁର, ଶ୍ରୀମାର୍ଗ, ସିଂହଦ୍ୱାର, ଜଗନ୍ନାଥବଲ୍ଲଭ, ବଳଗଣ୍ଡି, ବଡ଼ଶଙ୍ଖ, ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚ, ସୁଭାଷ ବୋଷ ଛକ, ରେଲୱେ ଷ୍ଟେସନ, ଦିଗବାରେଣୀ ପାନ୍ଥଭବନ ଓ ତାଳବଣିଆଠାରେ ଏହି ସୂଚନା କେନ୍ଦ୍ର କରାଯାଇଥିଲା। କେନ୍ଦ୍ରଗୁଡ଼ିକରେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ବିଭିନ୍ନ ଅତ୍ୟାବଶ୍ୟକ ସୂଚନା ପ୍ରଦାନ ସହ ହଜିବାଖୋଜିବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଭଜନ ଜଣାଣ ବହି ବିକ୍ରି ଓ ସୂଚନା ପୁସ୍ତିକା ବିନା ମୂଲ୍ୟରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ବିଗତ ବର୍ଷ ତୁଳନାରେ ସର୍ବାଧିକ ପୁସ୍ତକ ବିକ୍ରି କରାଯାଇଛି ବୋଲି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି। ଘୋଷକ ବ୍ରହ୍ମାନନ୍ଦ ରାଉତ, ଶୁଭେନ୍ଦୁ କୁମାର ଦାଶ, ସର୍ବେଶ୍ୱର ନାୟକ, ପ୍ରଶାନ୍ତ ପଣ୍ଡା, ଶୁଭ୍ରଜିତ ନାୟକ, ଦେବସ୍ମିତ ସୁବୁଦ୍ଧି, ତନ୍ମୟ ମହାନ୍ତି, ଅମୂଲ୍ୟ ପରିଡ଼ା, ସୁରଜ ମହାରଣା, ଚନ୍ଦନ କୁମାର ପତି, ସସ୍ମିତା ଶତପଥୀ, କ୍ଷିପ୍ରା ମିଶ୍ର, ଦୀପକ କୁମାର ଘଡ଼େଇ, ଦୀପକ କୁମାର ସାଥୁଆ, ସୁକାନ୍ତ କୁମାର ରାଉତ, କିଷନ କୁମାର ମହାରଣା, କୃଷ୍ଣ ଚନ୍ଦ୍ର ସୁବୁଦ୍ଧି, ଟିଙ୍କିନା ପ୍ରଧାନ, ଆଶିଷ କୁମାର ଦାଶ, ରଶ୍ମି ରଞ୍ଜନ ଦାଶ, ବିଶ୍ୱ ରଞ୍ଜନ ଦାଶ, ସିଦ୍ଧାର୍ଥ ସାହୁ, ବିନୟ ଭୂଷଣ ରଥ, ଜ୍ୟୋତିସ୍ମିତା ଜୟସିଂ, ନରେନ କୁମାର ମହାନ୍ତି, ଶିବ ପ୍ରସାଦ ମହାରଣା, ସୁବାଶିଷ ବେହୁରା ପ୍ରମୁଖ ସହଯୋଗ କରିଥିଲେ। ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ବିବେକ ଭୂଷଣ ଦାସ, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସ୍ୱାଇଁ, ପ୍ରସନ୍ନ ସାହୁ, ଗ୍ରନ୍ଥାଗାରିକ ମିନତୀ ଦାସ, କର୍ମଚାରୀ ପ୍ରତିମା ମହାନ୍ତି, ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ ସାହୁ, ତ୍ରିନାଥ ପାତ୍ର, ଲକ୍ଷ୍ମୀଧର ନାୟକ ଓ ପ୍ରଦୀପ କୁମାର ଲେଙ୍କା ପ୍ରମୁଖ ସୂଚନା କେନ୍ଦ୍ର ପରିଚାଳନାରେ ସହଯୋଗ କରିଥିଲେ।

# ସବୁଜ ଶାଖା ଓ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ପକ୍ଷରୁ ବନ ମହୋତ୍ସବ

## ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଉପକୂଳବାସୀଙ୍କ ନିଆରା ପ୍ରୟାସ

କାକଟପୁର/ଅସ୍ତରଙ୍ଗ,୯।୭ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଅଞ୍ଚଳବାସୀ ଚାରା ରୋପଣ କରୁଛନ୍ତି।

ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ଶାଖା ଓ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ପକ୍ଷରୁ ୭୬ତମ ବନ ମହୋତ୍ସବ ଅବସରରେ ଉପକୂଳକୁ ସୁରକ୍ଷା ପାଇଁ ଚାରାରୋପଣ କରାଯାଇଛି। ବ୍ଲକ ଅଧୀନ ଦେବୀ ନଦୀ ମୁହାଣ ସଂଲଗ୍ନ ଭରଗିଆଁ ନଦୀ ଆର୍ଦ୍ରଭୂମି ଅଞ୍ଚଳରେ ସ୍ଥାନୀୟ ଉପକୂଳ ସମୁଦାୟଙ୍କ ଉପସ୍ଥିତିରେ ଲୁଣା ଜଙ୍ଗଲ ଚାରା ଲଗାଇ ଏହି ଦିବସକୁ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ରାଜନେତା, ପରିବେଶ କର୍ମୀ, ମହିଳା, ମତ୍ସ୍ୟଜୀବୀ ସମୂହ ସାମିଲ ହୋଇ ବନି, ରାଇ, ସିନ୍ଧୁକା, ଗରାଣୀ ଓ ବନ୍ଦାରି ପ୍ରଭୃତି ପ୍ରଜାତିର ୫୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଯୋଗଦେଇ ଚାରାରୋପଣ କରିଥିଲେ। ଆସନ୍ତା ଦିନରେ ଟ୍ରଷ୍ଟ ଓ ସବୁଜ ଶାଖା ପକ୍ଷରୁ ଆରମ୍ଭ କରାଯାଇଥିବା ବୃହତ ପ୍ରୟାସ, ଯାହା ୨୦୩୦ ମସିହା ସୁଦ୍ଧା ୧ ମିଲିୟନ ଲୁଣା ଜଙ୍ଗଲ ଚାରାରୋପଣର ପ୍ରୟାସ ସଫଳ ଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଛାଟୋଇ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ପରିଚାଳନା ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ, ଟ୍ରଷ୍ଟି ଶିବ ପ୍ରସାଦ ମଲ୍ଲିକ, ଲୁଣା ଜଙ୍ଗଲ ସୁରକ୍ଷା କର୍ମୀ ପୂର୍ଣ୍ଣଚନ୍ଦ୍ର କାଣ୍ଡି ଓ ଲକ୍ଷ୍ମୀଧର କାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସବୁଜ ଶାଖା ସଭାପତି ରମାକାନ୍ତ ବେହେରା, ସଦସ୍ୟ ପ୍ରଶାନ୍ତ ବେହେରା, ଜୟରାମ ପାତ୍ର, ସାମାଜିକ କର୍ମୀ ଲିକୁ ଲେଙ୍କା ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।


**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**सीएमपीडीआई cmpdi** मिनी रत्न
**CENTRAL MINE PLANNING & DESIGN INSTITUTE LTD.**
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, कॉंक रोड रॉंची - 834008, झारखंड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**RAJSUNAKHALA COLLEGE**
**RAJSUNAKHALA, DIST.: NAYAGARH**
**WALK-IN-INTERVIEW**

A Walk-in-Interview will be held on 18.07.2025 (Friday) at 11.00 A.M. in the College premises to appoint Guest Faculty Lecturers in **Physics** and **Mathematics**. Interested candidates having 55% or above marks at the P.G. Level are hereby informed to attend the interview with all original certificates and one set of Xerox copy of the same.
No T.A. & D.A. will be given for the purpose.
**Sd./- Principal-cum-Secretary**

**Repco Home Finance**
**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ-ନିଲାମ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**
ଯେହେତୁ **ଋଣଗ୍ରହୀତା: ଶ୍ରୀମତୀ ପିନାକୀ ମହାନ୍ତି,** ସ୍ୱାମୀ: ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ, ସହ-ଋଣଗ୍ରହୀତା: ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ, ପିତା: ବନବିହାରୀ ଦାସ, **ଗ୍ୟାରେଣ୍ଟିଦାତା: ଶ୍ରୀଯୁକ୍ତ ଏମ୍. ସତ୍ୟବ୍ରତ ଦୀକ୍ଷିତ,** ପିତା: ଶ୍ରୀଯୁକ୍ତ ମନ୍ମଥ ଦୀକ୍ଷିତ, ତଗରପଡ଼ା, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, କଟକ ଶାଖା (ସମ୍ପ୍ରତି ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତରିତ), ତଳେ ବିଶଦ ଭାବେ ଦର୍ଶିତ ସ୍ଥାବର ସମ୍ପତ୍ତିର ବନ୍ଧକ ଉପରେ ଋଣ ନେଇଥିଲେ, ଯାହା ନିମ୍ନପ୍ରଦତ୍ତ ଅନୁସୂଚୀରେ ସମ୍ପୂର୍ଣ୍ଣ ରୂପେ ବର୍ଣ୍ଣିତ, କମ୍ପାନୀ ସରଫାଏସି ଅଧିନିୟମ, ୨୦୦୨ ର ଧାରା ୧୩(୨) ଅଧୀନରେ **ତା୨୨।୦୮।୨୦୨୨ରିଖରେ** ଏକ **ଡିମାଣ୍ଡ ନୋଟିସ** ଜାରି କରି **ଋଣ ଖାତା ନଂ. ୨୩୦୧୮୧୧୬୮୦୩୪୨ ଏବଂ ୨୩୦୧୮୬୦୬୮୦୪୮୧ ଅଧୀନରେ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ଅର୍ଥାତ୍ ତା୧୮।୦୮।୨୦୨୨ରିଖ ସୁଦ୍ଧା ଯଥାକ୍ରମେ ₹୨୧,୬୬,୪୩୨/- ଏବଂ ₹୧,୭୯,୦୩୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ବ୍ୟୟକୁ ଉକ୍ତ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।
ଯେହେତୁ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଉକ୍ତ ଡିମାଣ୍ଡ ନୋଟିସରେ ଦାବି କରାଯାଇଥିବା କମ୍ପାନୀ ପ୍ରତି ଦେୟରାଶିକୁ ଫେଁଠ କରିବା ପାଇଁ ବିଫଳ ହୋଇଛନ୍ତି, ତେଣୁ କମ୍ପାନୀ ବନ୍ଧକ ପରିସମ୍ପତ୍ତିର ଦଖଲ ନେଇଛି, ଯାହା ଅନୁସୂଚୀରେ ଅଧିକ ସମ୍ପୂର୍ଣ୍ଣ ରୂପେ ଦର୍ଶାଯାଇଛି ଓ ଏତଦ୍ୱାରା **ତା୨୩।୦୨।୨୦୨୩ରିଖରେ** ଅଧିନିୟମର ଧାରା ୧୩(୪) ଅଧୀନରେ **ଦଖଲ ନୋଟିସ** ଜାରି କରୁଛି।
ଯେହେତୁ ଋଣଗ୍ରହୀତାମାନେ ବକେୟା ରାଶିକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ସୁରକ୍ଷିତ ଋଣଦାତା ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ନିମ୍ନବର୍ଣ୍ଣିତ ସୁରକ୍ଷିତ ପରିସମ୍ପତ୍ତିକୁ **"ଯେପରି ଅଛି ଯେଉଁଠି ଅଛି ପରିସ୍ଥିତି"ରେ ଏବଂ "ଯେପରି ଅଛି ଯାହା ଅଛି ପରିସ୍ଥିତି"**ରେ କମ୍ପାନୀର ବକେୟା ଦେୟକୁ ଆଦାୟ କରିବା ଲାଗି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ସହ ପଠନପୂର୍ବକ ଅଧିନିୟମର ଧାରା ୧୩(୪) ଅଧୀନରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।
**ତା୧୨।୦୫।୨୦୨୫ରିଖ ସୁଦ୍ଧା ଋଣ ଖାତା ନଂ. ୨୩୦୧୮୧୧୬୮୦୩୪୨ ଏବଂ ୨୩୦୧୮୬୦୬୮୦୪୮୧ ଅଧୀନରେ ଋଣଗ୍ରହୀତାଙ୍କ ବକେୟା ଦେୟ ହେଉଛି ₹୩୦,୩୬,୯୫୦/- ଓ ₹୬୧,୫୩୪/-।**

**ଇ-ନିଲାମର ତାରିଖ/ସମୟ: ୧୨।୦୮।୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକାରୁ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱୟଂଚାଳିତ ସମୟବୃଦ୍ଧି ସହ)**

**ଇ-ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ: ୧୧।୦୮।୨୦୨୫, ଅପରାହ୍ନ ୦୪.୦୦ ଘଟିକା**

**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, କଟକ ସଦର, ତହସିଲ ମୌଜା - ବିଡାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର ୭, ଖାତା/ଡ୍ରଇଂ ନଂ. ସିଡିଏ(ପିଏଲ୍)-ବି-୨୨୦/୧୯୯୩, ପ୍ଲଟ୍ ନଂ. ଇ-୧୫୪, ୧୦୫୮ ବର୍ଗଫୁଟର** ବିସ୍ତାର ସହ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। ହୋମଷ୍ଟିଡ୍‌ର ଚଉହଦୀ ହେଉଛି: ସୀମା: ଉତ୍ତର: ପ୍ଲଟ୍ ନଂ.: ଇ-୧୫୩, ଦକ୍ଷିଣ: ପ୍ଲଟ୍ ନଂ.ଇ-୧୫୫, ପୂର୍ବ: ପ୍ଲଟ୍ ନଂ.ଡି-୫୫, ପଶ୍ଚିମ: ୬ ମିଟର ଚଉଡ଼ା ରାସ୍ତା।

| ସଂରକ୍ଷିତ ମୂଲ୍ୟ | ₹୭୬,୧୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୭,୬୧,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ।
ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, କଟକ (ବର୍ତ୍ତମାନ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତରିତ) ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।
**ତାରିଖ: ୩୦.୦୬.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION, BALANGIR**
**Email: eepwd.bgr@rediffmail.com, eepwd.bgr@gmail.com,**
**Ph. No.: 06652-232374**
**e-Procurement Notice**
**BID IDENTIFICATION No.: BGR R&B/08/2025-26**
No.B-280 **No.4485/Dtd.04.07.25**

| | | | |
|---|---|---|---|
| 1 | The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Road / Building / Bridge works. The proof of registration from the appropriate authority shall be enclosed along with the bid. | | |
| 2 | Nature of work | : | Building work, Road work |
| 3 | No. of tender | : | Building work- 02 Nos., Road work- 01 No. |
| 4 | Tender cost | : | Rs.10,000/- |
| 5 | Class of contractor | : | 'B' Class (Registered with CDMS) |
| 6 | Date & time of sale & receipt of bids | : | From Dt.15.07.25, 10.00 A.M. to Dt.29.07.25 upto 05.00 P.M. |
| 7 | Date of opening bid | : | Dt.30.07.25 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only. | | |

**Sd./- Superintending Engineer, Balangir (R&B) Division**
OIPR-34028/11/0033/2526

**PARADIP PORT AUTHORITY**
**MARINE DEPARTMENT**
**No.-MD/ACCTS/WK/R-06/2025/869 Date: 07.07.2025**
Name of the Work: Supply of 01 no. 25 Knots Speed Petrol-cum-Chase Boat along with Manning Crew on hire for a period of 05 (five) years. Estimated cost put to tender: Total Estimated cost including Hire Charges & Fuel Rs.7,49,26,258/- excluding GST. Estimated cost put to Tender towards Hire Charges only Rs.5,05,69,244/- excluding GST. Last date & time of submission of tender through on-line bidding is **15:00 Hours on 18/08/2025.** Date & time for opening of Technical Bid is **15:30 hours on dt.19/08/2025.** For further details, please log on to the Website: **https://eprocure.gov.in/eprocure/app.**
Sd/- Deputy Conservator, Paradip Port Authority
PPA/PR/25/2025-2026 dtd.08.07.2025

**ପଣ୍ୟାଗାର ବିକାଶ ଓ ନିୟାମକ ପ୍ରାଧିକରଣ** WDRA
**ଭାରତ ସରକାର**
ଏନ୍‌ସିୟୁଆଇ ଭବନ, ଚତୁର୍ଥ ମହଲା, ୩, ସିରି ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ-୧୧୦୦୧୬, ଦୂରଭାଷ: ୪୯୫୩୬୪୯୬, ୪୯୦୯୨୯୭୮
**Warehousing Development and Regulatory Authority**
**Government of India**
NCUI Building, 4th Floor, 3, Siri Institutional Area, August Kranti Marg, Hauz Khas, New Delhi - 110016, Tel. No. - 49536496, 49092978
ଏଫ୍.ନଂ./File No. IT-CR/1/2024-IT/1229 ତାରିଖ/Dated: 23.06.2025

**ବିଷୟ: ଡବ୍ଲ୍ୟୁଡିଆର୍‌ଏରେ ଚୁକ୍ତି ଭିତ୍ତିରେ ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି)ଙ୍କ ନିଯୁକ୍ତି**

ପଣ୍ୟାଗାର ବିକାଶ ଏବଂ ନିୟାମକ କର୍ତ୍ତୃପକ୍ଷ (ଡବ୍ଲ୍ୟୁଡିଆର୍‌ଏ), ପଣ୍ୟାଗାର (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ, ୨୦୦୭ ଅଧୀନରେ ଉକ୍ତ ଅଧିନିୟମର ବ୍ୟବସ୍ଥାପନକୁ କାର୍ଯ୍ୟାନ୍ୱୟନ ପାଇଁ ଗଠିତ ଏକ ବୈଧାନିକ ନିକାୟ ଅଟେ।
୨. ଡବ୍ଲ୍ୟୁଡିଆର୍‌ଏରେ ପ୍ରାରମ୍ଭିକ ଭାବେ ଏକ ବର୍ଷ ଅବଧି ପାଇଁ ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ପରାମର୍ଶଦାତାଙ୍କ ନିଯୁକ୍ତି ଅବଧିକୁ ଆବଶ୍ୟକତା ଅନୁଯାୟୀ ବୃଦ୍ଧି କରାଯାଇପାରିବ।
୩. ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି)ଙ୍କ ନିଯୁକ୍ତି ପାଇଁ ଯୋଗ୍ୟତା ମାନଦଣ୍ଡ, ନିୟମ ଓ ସର୍ତ୍ତାବଳୀ ଆଦି ଡବ୍ଲ୍ୟୁଡିଆର୍‌ଏ ୱେବ୍‌ସାଇଟ୍ 'www.wdra.gov.in' ରେ ଉପଲବ୍ଧ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଗ୍ରହୀ ପ୍ରାର୍ଥୀମାନେ ଡବ୍ଲ୍ୟୁଡିଆର୍‌ଏ ୱେବ୍‌ସାଇଟ୍ ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ କଉମୁଦଦିଆ ଲଫାପାରେ ସେମାନଙ୍କର ଦରଖାସ୍ତକୁ ଲଫାପାର ଉପରିଭାଗରେ "ଡବ୍ଲ୍ୟୁଡିଆର୍‌ଏରେ ଚୁକ୍ତି ଭିତ୍ତିରେ ୦୧ ଜଣ କନିଷ୍ଠ ପରାମର୍ଶଦାତା (ସୂଚନା ପ୍ରଯୁକ୍ତି)ଙ୍କ ନିଯୁକ୍ତି" ଉଲ୍ଲେଖ କରି ଦାଖଲ କରିପାରିବେ। ଆବେଦନଗୁଡ଼ିକୁ ସହକାରୀ ନିର୍ଦ୍ଦେଶକ (ଏଚ୍‌ଆର୍) ପଣ୍ୟାଗାର ବିକାଶ ଓ ନିୟାମକ ପ୍ରାଧିକରଣ, ଏନ୍‌ସିୟୁଆଇ ଭବନ, ୪ର୍ଥ ମହଲା, ୩, ସିରି ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ – ୧୧୦୦୧୬ ନିକଟକୁ ପଠାଯାଇପାରିବ। ବିଜ୍ଞାପନର ଏକ ପ୍ରତିଲିପି ଖବରକାଗଜ/ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ମଧ୍ୟ ପ୍ରକାଶିତ ହେବ।
ସ୍ୱା./- (ଲଳିତ କୁମାର)/(Lalit Kumar)
ସହାୟକ ନିର୍ଦ୍ଦେଶକ (ଏ ଆଣ୍ଡ ଏଫ୍ ଆଣ୍ଡ ସି)/Assistant Director (A&F&C)
CBC 08109/12/0005/2526

**GOVERNMENT OF ODISHA** No.O-373
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
eerwbnjr@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender / 04 / RWDBNJ / 2025-2026
Ltr. No. 3553 Date : 01.07.2025

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/04/2025-2026 | Building Works | 07 (Seven) Nos. | 50.17 Lakhs to 71.43 Lakhs | "B" Class as applicable | 09 (Nine) Calendar months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/04/ RWDBNJ/2025-2026 | 17.07.2025 at 10.00 A.M. | 30.07.2025 upto 3.00 P.M. |

Further details can be seen from the website : www.tendersodisha.gov.in
Sd./- Executive Engineer, R.W.Division, Bhanjanagar
OIPR-25174/11/0024/2526

**INTEGRATED TRIBAL DEVELOPMENT AGENCY, PARALAKHEMUNDI**
**GAJAPATI, PARALAKHEMUNDI, DIST.: GAJAPATI, ODISHA**
**Phone / Fax: 06815-222207, Email Id: itdapla@gmail.com**
**E-Procurement Notice No.ITDAPKD/03/2025-26** No.CAD-1025

| | | | |
|---|---|---|---|
| 1 | Type of work | : | Civil work (Buildings) 57 Nos. |
| 2 | Form of contract | : | Percentage Rate |
| 3 | Class of contractor | : | As mentioned in DTCN |
| 4 | Bid cost | : | As mentioned in DTCN |
| 5 | Time for completion | : | As per DTCN |

| Procurement Officer | E-Procurement Notice No. | Availability of tender online for bidding | | Date & time of opening of tender |
|---|---|---|---|---|
| | | From | To | |
| Project Administrator, ITDA, Paralakhemundi | ITDAPKD/03/2025-26 | 10.07.2025 (10.00 hours) | 24.07.2025 (17.30 hours) | 30.07.2025 at 11.00 hours |

Further details can be seen from the website: www.tendersorissa.gov.in. The authority reserves the right to reject any or all the tenders without assigning any reason thereof.
Sd./- Project Administrator, ITDA, Paralakhemundi
OIPR-26078/11/0002/2526

**TPCODL**
**TP CENTRAL ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000004390 | Request for Proposal (RFP) for selection of Solar Power Generator (SPG) for the Development of Grid Connected Solar PV Project under PM-KUSUM (Component – A) scheme in Odisha on Build-Own-Operate (B-O-O) basis |
| 2 | TPCODL/P&S/2025-26/1000004392 | RC for supply of 630 Amp Feeder pillar Box |
| 3 | TPCODL/P&S/2025-26/1000004394 | RC for supply of 630 KVA , 11/0.4KV Compact S/s |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.10.07.2025**. Future communication / corrigendum to tender documents, if any, shall be available on TPCODL website.

**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖନ୍ଦ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ୍ଧ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାରିପଦା-୩ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ମୌସୁମୀ ସାହୁ,** ପିତା: ସୁବୋଧ ଚନ୍ଦ୍ର ସାହୁ, ସ୍ୱାମୀ: ସଂଗ୍ରାମ କେଶରୀ ଜେନା / **ଜାମିନ୍‌ଦାର: ଶ୍ରୀ ସୁବୋଧ ଚନ୍ଦ୍ର ସାହୁ,** ପିତା: ହରିଶ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ମାଳିସାହି, ୱାର୍ଡ ନଂ.-୮, ପୋ: ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧ | ୨୦.୦୪.୨୦୨୫ ସୁଦ୍ଧା ଟ.୨,୪୮,୦୩୩.୦୦ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୧.୦୪.୨୦୨୫ / ୦୩.୦୭.୨୦୨୫ | **ଶ୍ରୀ ସୁବୋଧ ଚନ୍ଦ୍ର ସାହୁ,** ପିତା: ହରିଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୦୧/୨୬୨, ପ୍ଲଟ୍ ନଂ.: ୫୪୩, ମୌଜା: ବାରିପଦା, ୟୁନିଟ୍ ନଂ.-୮, ସହର ସାହି, ଥାନା: ବାରିପଦା, ଥାନା ନଂ. ୯୬, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: କୈଳାଶ ଚନ୍ଦ୍ର ଦାସ, ପୂର୍ବ: ସୁଭାଷ ପାତ୍ର, ପଶ୍ଚିମ: ଶେଖର ଚନ୍ଦ୍ର ଦାସ |
| **ବାଲେଶ୍ୱର-୨ ଶାଖା /** ଋଣଗ୍ରହୀତା: ମେସର୍ସ ଶାସ୍ତ୍ରୀ ହେଲ୍‌ଥ କେୟାର, **ସ୍ୱତ୍ୱାଧିକାରୀ: ଶ୍ରୀ ନିକୁଞ୍ଜ କିଶୋର ମହାନ୍ତି,** ପିତା: ମାଗୁଣି ଚରଣ ମହାନ୍ତି, ସା/ପୋ: ଭୋଇ ସାହି, ଥାନା: ଟାଉନ, ବାଲେଶ୍ୱର-୭୫୬୦୦୧ / **ଜାମିନ୍‌ଦାର: ଶ୍ରୀମତୀ ସୌମ୍ୟା ସୁରତି ମହାନ୍ତି,** ସ୍ୱାମୀ: ନିକୁଞ୍ଜ କିଶୋର ମହାନ୍ତି, ଏସ୍. ସି ଦାସ ଷ୍ଟ୍ରିଟ୍, ହୋଟେଲ କଳିଙ୍ଗ ନିକଟ, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧ | ୦୩.୦୩.୨୦୨୫ ସୁଦ୍ଧା ଟ.୧୦,୨୬,୭୯୯.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୨.୦୪.୨୦୨୫ / ୦୪.୦୭.୨୦୨୫ | **ଶ୍ରୀମତୀ ସୌମ୍ୟା ସୁରତି ମହାନ୍ତି,** ସ୍ୱାମୀ: ନିକୁଞ୍ଜ କିଶୋର ମହାନ୍ତିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୦/୪୦୧, ପ୍ଲଟ୍ ନଂ.: ୯୫୩/୨୮୨୧, କ୍ଷେତ୍ର: ଏକର୦.୦୮୦ଡିସିମିଲି, ମୌଜା: ହିରାଟିକିରି, ତହସିଲ: ରେମୁଣା, ତହସିଲ ନଂ. ୪୧୪, ଥାନା: ବାଲେଶ୍ୱର ସଦର, ଥାନା ନଂ. ୨୨୭, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୯୫୩(ଅଂଶ) ଏବଂ କଳ୍ପନା ପଣ୍ଡା, ପୂର୍ବ: ପ୍ଲଟ୍ ନଂ. ୯୫୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ. ୯୫୩(ଅଂଶ) |

ତାରିଖ: ୦୯.୦୭.୨୦୨୫, ସ୍ଥାନ: ବାଲେଶ୍ୱର | ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC)**
**Building Kusai Colony, Doranda, Ranchi - 834002, (E-mail:cetjusnl@gmail.com)**

**e-TENDER NOTICE**
**NIT No. –251/PR/ JUSNL/ 2025-26**
E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 11.07.2025 at 11:00 AM |
| Start Date and time of upload of BID | 11.07.2025 at 11:00 AM |
| End date and time of upload of BID | 31.07.2025 upto 04:00 PM |
| BID Opening date for technical part | 01.08.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।
**PR 356873 Jharkhand Urja Sancharan Nigam Ltd(25-26).D** Sd/- **General Manager C&M (NWBP)**

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**
**ई–प्रोक्योरमेंट सूचना**
टेन्डर रेफरेंन्स नं0–प0नि0वि0/राँची–10/2025–26
दिनांक :– 09.07.2025

| | | |
|---|---|---|
| 1. | कार्य का नाम | Widening and Strengthening of Road from Holiday Home to Boriyo (Chirondi) via Bitha, Edalhatu (कुल लम्बाई–3.162 कि0मी0) कार्य वर्ष 2025–26 |
| 2. | प्राक्कलि राशि (रू0 लाख में) | रू0 1045.61373 लाख (रूपये दस करोड़ पैंतालीस लाख इकसठ हजार तीन सौ तिहत्तर रूपये) मात्र। |
| 3. | अग्रधन की राशि (रू0 लाख में) | रू0 10.46 लाख (रूपये दस लाख छियालीस हजार) मात्र। |
| 4. | कार्य पूर्ण करने की अवधि | 07 (सात) माह |
| 5. | वेबसाईड पर निविदा प्रकाशन की तिथि | 11.07.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/ समय | 01.08.2025 12.00 बजे दोपहर तक |
| 7. | निविदा खोलने तिथि/ समय | 04.08.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए UCAN निबंधन आवश्यक है।
- नियम एवं शर्ते के लिए वेबसाईट http://jharkhandtenders.gov.in पर देखें।

**PR 356897 Road Construction Dept Road Division Ranchi(25-26).D** कार्यपालक अभियंता पथ निर्माण विभाग,पथ प्रमंडल,राँची

# କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର

## ୧୬ଶ ଏଗ୍ରିକଲ୍‌ଚର ଲିଡରଶିପ୍ କନ୍‌କ୍ଲେଭ

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)



ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କଠାରୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପୁରସ୍କାର ଗ୍ରହଣ କରୁଛନ୍ତି।

ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ଦେଇ ଏଗ୍ରିକଲ୍‌ଚର ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡରଶିପ୍ ପୁରସ୍କାର ପ୍ରଦାନ କରାଯାଇଛି। ଏଗ୍ରିକଲ୍‌ଚର ଟୁଡେ ଗ୍ରୁପ୍ ଦ୍ୱାରା ନୂଆଦିଲ୍ଲୀରେ ଆୟୋଜିତ ୧୬ଶ ଏଗ୍ରିକଲ୍‌ଚର ଲିଡରଶିପ୍ କନ୍‌କ୍ଲେଭରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏହି ପୁରସ୍କାର ଗ୍ରହଣ କରିଛନ୍ତି। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟି ଅଧ୍ୟକ୍ଷ ବିଚାରପତି ପି. ସଥାଶିବମ୍ ପ୍ରମୁଖଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଭାରତବର୍ଷରେ ସ୍ଥାୟୀ କୃଷି ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୂଚିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ମତ ପ୍ରକାଶ କରିଛନ୍ତି। ସିଂଦେଓ ଆହୁରି କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ଓଡ଼ିଶାର ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତ (ଜିଏସ୍‌ଭିଏ)ରେ ପ୍ରାୟ ୧୯% ଅବଦାନ ରଖିଥିଲେ, ଯାହା ଗତ ୫ ବର୍ଷର ଜାତୀୟ ହାରକୁ ଅତିକ୍ରମ କରି ୩.୩% ବୃଦ୍ଧି ପାଇଛି। କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରଗୁଡ଼ିକ ମିଳିତ ଭାବେ ମୋଟ ଶ୍ରମଶକ୍ତିର ୪୯.୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରି ରାଜ୍ୟର ଏକମାତ୍ର ବୃହତ୍ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଭାବେ ବିବେଚିତ ହୁଏ। ୨୦୨୩-୨୪ରେ ରାଜ୍ୟର ଚାଉଳ ଉତ୍ପାଦନ ଥିଲା ୧୧୫.୩୯ ଲକ୍ଷ ମେଟ୍ରିକ ଟନ, ଯାହା ୧୭୪.୮୩ ଲକ୍ଷ ମେଟ୍ରିକ ଟନ ଧାନ ସହିତ ସମାନ। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)କୁ ଚାଉଳ ଯୋଗାଣରେ ଓଡ଼ିଶା ଚତୁର୍ଥ ସର୍ବବୃହତ୍ ଚାଉଳ ଯୋଗାଣକାରୀ ରାଜ୍ୟ। ଗତବର୍ଷ ଓଡ଼ିଶାରେ ସର୍ବାଧିକ ଟ୍ରାକ୍ଟର ବିକ୍ରୟ ହୋଇଛି। ୨୦୨୪-୨୫ ବର୍ଷରେ ରାଜ୍ୟର କୃଷିଶକ୍ତି ଇନ୍‌ପୁଟ ହେକ୍ଟର ପିଛା ୨.୬୦ କିଲୋୱାଟରେ ପହଞ୍ଚିଛି। ୨୦୩୭ ସୁଦ୍ଧା ଏହା ହେକ୍ଟର ପିଛା ୩.୫ କିଲୋୱାଟରେ ପହଞ୍ଚିବା ଲକ୍ଷ୍ୟ ରହିଛି। ଓଡ଼ିଶା ୧୨୧.୮୨ ମେଟ୍ରିକ ଟନ୍ ଉଦ୍ୟାନଜାତୀୟ ଉତ୍ପାଦ ଯଥା ଡ୍ରାଗନ ଫଳ, କାଜୁ, ଆମ୍ବ ଓ ବିଭିନ୍ନ ପ୍ରକାର ପନିପରିବା ମଧ୍ୟ-ପୂର୍ବ ଦେଶ ଯେପରିକି ୟୁଏଇ, କାତାର, ଇଂଲଣ୍ଡ, ଆୟର୍ଲ୍ୟାଣ୍ଡ, ଫ୍ରାନ୍ସ, ଇଟାଲୀ, ସ୍ୱିଡେନ, ବେଲଜିୟମ୍, ପୋଲାଣ୍ଡ ଓ ଜର୍ମାନୀକୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦର ମାଧ୍ୟମରେ ରପ୍ତାନି କରିଛି। ସବୁପ୍ରକାର ଫଳ ଉତ୍ପାଦନ ଦୃଷ୍ଟିରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି କନ୍ଦମୂଳ ଓ ପାଳଛତୁ ଉତ୍ପାଦନରେ ପ୍ରଥମ, ବାଇଗଣ, ବନ୍ଧାକୋବିରେ ଦେଶରେ ଦ୍ୱିତୀୟ, କାଜୁ-ବାଦାମରେ ତୃତୀୟ, ତରଭୁଜ, ଫୁଲକୋବି, ଭେଣ୍ଡି, ଟମାଟୋ, ଲେମ୍ବୁ ଓ ନଡ଼ିଆ ଉତ୍ପାଦନରେ ପଞ୍ଚମ ସ୍ଥାନରେ ରହିଛି।

# ରାଜ୍ୟ ଲ' କମିଶନଙ୍କ ଲୋଗୋ, ଇ-ମେଲ୍ ଉନ୍ମୋଚିତ



ଅତିଥିମାନେ ଓଡ଼ିଶା ରାଜ୍ୟ ଲ' କମିଶନ୍‌ଙ୍କ ଲୋଗୋ ଏବଂ ଇ-ମେଲ୍ ଆଇଡି ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୯।୭
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ବୁଧବାର ତୋଷାଳୀ ଭବନସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୫ଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା। ଏଥିସହ କମିଶନ୍‌ଙ୍କ ଲୋଗୋ ଏବଂ ଇ-ମେଲ୍ ଆଇଡି oslc703@gmail.com ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରାଯିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆଇନ ବିଭାଗର ୧୬.୦୩.୧୬ରେ ହୋଇଥିବା ସଂକଳ୍ପପତ୍ରର ଧାରା ୧୯(୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନ ଉପକମିଟିର ନିଯୁକ୍ତିକୁ ଅନୁମୋଦନ କରାଯାଇଥିଲା। ଏଥିସହ ଧାରା ୧୪(୨) ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିସ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟପାଳନ କ୍ଷେତ୍ରରେ ଅଗ୍ରଗତି

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ମତ୍ସ୍ୟ ବୈଜ୍ଞାନିକ ପ୍ରଫେସର ଡ. ହୀରାଲାଲ ଚୌଧୁରୀ ଏବଂ ତାଙ୍କ ସହଯୋଗୀ ଡ. କେ.ଏଚ୍. ଅଲିକୁନ୍ହୀ ୧୯୫୭ ମସିହାରେ ହାଇପୋଫିସେସନ ଜ୍ଞାନକୌଶଳ ମାଧ୍ୟମରେ ଭାରତୀୟ ମେଜର୍ କାର୍ପ (ରୋହି ଓ ଭାକୁର ପ୍ରଜାତିର ମାଛ)ଙ୍କ ଠାରେ କୃତ୍ରିମ ପ୍ରଜନନ କରାଇବାରେ ସଫଳତା ହାସଲ କରିଥିଲେ। ଏହାଦ୍ୱାରା ଅନ୍ତର୍ଦେଶୀୟ ଜଳଜ କୃଷିକ୍ଷେତ୍ରରେ ବିପ୍ଳବ ଆସିପାରିଥିଲା। ଭାରତର ମତ୍ସ୍ୟପାଳନ କ୍ଷେତ୍ରରେ ସେମାନଙ୍କ ଯୋଗଦାନକୁ ସ୍ମରଣ କରିବା ଏବଂ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଜୁଲାଇ ୧୦ ତାରିଖକୁ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ ମତ୍ସ୍ୟପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଆସିପାରିଛି। ବୈଜ୍ଞାନିକ ଗବେଷଣା ଏବଂ ପ୍ରଯୁକ୍ତି ଆଧାରିତ ପ୍ରଗତି କାରଣରୁ ଏହା ସମ୍ଭବ ହୋଇପାରିଛି। ଦେଶରେ ନୀଳ ବିପ୍ଳବ ଜରିଆରେ ଏହି କ୍ଷେତ୍ରରେ ଆର୍ଥିକ ପ୍ରଗତି ଓ ସମୃଦ୍ଧି ପାଇଁ ପ୍ରୟାସ କରାଯାଉଛି। ୨୦୧୫ ପରଠାରୁ ଭାରତ ସରକାର ମତ୍ସ୍ୟପାଳନ କ୍ଷେତ୍ରରେ ୩୮,୫୭୨ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରିଛନ୍ତି। ଏହାର ଫଳସ୍ୱରୂପ, ଦେଶରେ ମାଛ ଉତ୍ପାଦନ ଦ୍ୱିଗୁଣିତ ହୋଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଏହା ୯୫.୭୯ ଲକ୍ଷ ଟନ ଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ରେକର୍ଡ ୧୯୫ ଲକ୍ଷ ଟନରେ ପହଞ୍ଚିଛି। ଆଶ୍ଚର୍ଯ୍ୟଜନକ ଭାବେ ଏହି କ୍ଷେତ୍ରରେ ୧୦୪% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କେବଳ ଅନ୍ତର୍ଦେଶୀୟ ମତ୍ସ୍ୟଚାଷ ଏବଂ ଜଳଜ କୃଷିରେ ୧୪୦% ବୃଦ୍ଧି ଘଟିଛି। ସାମୁଦ୍ରିକ ଖାଦ୍ୟ ରପ୍ତାନି ମଧ୍ୟ ୬୦ ହଜାର ୫୦୦ କୋଟି ଟଙ୍କା ଅତିକ୍ରମ କରିଛି। ଚିଙ୍ଗୁଡ଼ି ରପ୍ତାନିରେ ଭାରତ ବିଶ୍ୱସ୍ତରରେ ନେତୃତ୍ୱ ନେଉଛି। ଗତ କିଛି ଦଶନ୍ଧି ମଧ୍ୟରେ ଚିଙ୍ଗୁଡ଼ି ଉତ୍ପାଦନ ୨୭୦% ବୃଦ୍ଧି ପାଇଛି। ଏହା ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ଏବଂ ଦେଶରେ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସଶକ୍ତ କରିଛି।

# ଭକ୍ତ ପାଇଲେ ନୀଳାଚଳ ଅବଢ଼ା

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)

ନବଦିନାତ୍ମକ ଘୋଷଯାତ୍ରା ସାରି ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କ ସହ ଏବେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିଜେ କରିଛନ୍ତି। ଆଷାଢ଼ ମାସ ଶୁକ୍ଳପକ୍ଷ ତ୍ରୟଦଶୀ ତିଥି ମଙ୍ଗଳବାର ରଥାରୂଢ଼ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ସ୍ନାନପୂର୍ଣ୍ଣିମା ଠାରୁ ଶୂନ୍ୟ ପଡ଼ିଥିବା ଶ୍ରୀମନ୍ଦିର ରତ୍ନବେଦୀ ମହାପ୍ରଭୁଙ୍କ ବିଜେ ପରେ ପୁଣି ପୂର୍ଣ୍ଣ ହୋଇଉଠିଛି। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ ହେବାପରେ ବୁଧବାର ଭକ୍ତମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ ନୀଳାଚଳ ଅବଢ଼ା ପାଇଛନ୍ତି। ମହାପ୍ରଭୁ ରଥ ଉପରେ ଥିବାରୁ ମହାପ୍ରଭୁଙ୍କୁ ଶୁଖିଲି ଭୋଗ ଲାଗି ହେଉଥିଲା। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବାପରେ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହୋଇଛି। ରଥଯାତ୍ରା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ପ୍ରଥମକରି ମହାପ୍ରସାଦ ଲାଗି ହେଉଥିବାରୁ ଏହାକୁ ନୀଳାଚଳ ଅବଢ଼ା ବୋଲି କୁହାଯାଏ। ମହାପ୍ରଭୁଙ୍କ ଅନେକ ନୀତି ଥିବାରୁ ପ୍ରଥମ ଦିନ ବିଳମ୍ବରେ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହୋଇଥିଲା।



# ହାଇକୋର୍ଟରେ ହାଜର ହେବେ ସ୍ୱାସ୍ଥ୍ୟ ସଚିବ, ଡିଏମ୍‌ଇଟି

## ଅଲଟ୍ରାସାଉଣ୍ଡ ତାଲିମ ପାଠ୍ୟକ୍ରମ ଭିତ୍ତିଭୂମି ମାମଲା

କଟକ,୯।୭(କାର୍ତ୍ତିକ ସାହୁ)

ରାଜ୍ୟର ମେଡିକାଲ କଲେଜରେ ଅଲଟ୍ରାସାଉଣ୍ଡ ପାଠ୍ୟକ୍ରମ ତାଲିମ ଭିତ୍ତିଭୂମି ପୂରଣ ପାଇଁ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟ ବିଚାରପତି ଦୀକ୍ଷିତ କ୍ରୀଷ୍ଣ ଶ୍ରୀପଦ ଓ ବିଚାରପତି ଏମ୍.ଏସ୍. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସମ୍ପୃକ୍ତ ତାଲିମ ବିଭାଗରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦ ପୂରଣ କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ବ୍ୟକ୍ତିଗତ ଭାବେ ହାଜର ହୋଇ ଜଣାଇବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ଓ ଡିଏମ୍‌ଇଟିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୨୩କୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ଡା. ଉମେଶ ଚନ୍ଦ୍ର ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସ୍ନାତକୋତ୍ତର ମେଡିକାଲ କଲେଜ ଛାତ୍ର ଏ ନେଇ ଆବେଦନ କରିଥିଲେ। ଅଲଟ୍ରାସାଉଣ୍ଡ ପାଠ୍ୟକ୍ରମ ତାଲିମ ପାଇଁ ଭିତ୍ତିଭୂମି ଉପଲବ୍ଧ କରାଇବାକୁ ଆବେଦନରେ ପ୍ରାର୍ଥନା କରାଯାଇଥିଲା। ଡାକ୍ତରୀ ଛାତ୍ରମାନେ ତାଲିମ ନେବା ବେଳେ ଅଲଟ୍ରାସାଉଣ୍ଡ ମେଶିନ୍ ନ ଥିବା ଓ ଶିକ୍ଷା ପାଇଁ ଆବଶ୍ୟକ ତାଲିମଧାରୀଙ୍କ ଅଭାବ ରହିଛି। ଖାଲି ପଡ଼ିଥିବା ପଦ ଏକାଥରେ ପୂରଣ ନ କରାଯାଇ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି। ଉପଯୁକ୍ତ ଭିତ୍ତିଭୂମିର ଅଭାବ ଥିବାରୁ ଡାକ୍ତରୀ ଛାତ୍ରମାନେ ଅସୁବିଧାରେ ପଡୁଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜୟନ୍ତ କୁମାର ଖଣ୍ଡାୟତରାୟ ଓ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ୍. ଦାସ ମାମଲା ପରିଚାଳନା କରୁଛନ୍ତି।

# ସ୍ମାର୍ଟ ଗଭର୍ନାନ୍ସ, ତ୍ୱରିତ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଡ୍ୟାସ୍‌ବୋର୍ଡ ସମୀକ୍ଷା ବୈଠକ

ଭୁବନେଶ୍ୱର,୯।୭(ସୁଚିସ୍ମିତା ସାହୁ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୫ତମ ଡ୍ୟାସ୍‌ବୋର୍ଡ ସମୀକ୍ଷା ବୈଠକ ବୁଧବାର ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାଗରିକ-କୈନ୍ଦ୍ରିକ ଶାସନ ସହିତ ମୁଖ୍ୟ ସହରାଞ୍ଚଳ ବିକାଶ ପଦକ୍ଷେପଗୁଡ଼ିକରେ ପ୍ରଗତି ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରଗୁଡିକରେ ଅଭିଯୋଗ ସମାଧାନ କରାଯିବା ନେଇ ଆଲୋଚନା ହୋଇଥିବା ବେଳେ ବାସ୍ତବ-ସମୟ ସହରାଞ୍ଚଳ ତଦାରଖ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସୁସମନ୍ୱୟ ପାଇଁ ସ୍ନାୟୁକେନ୍ଦ୍ର ଭାବେ ଅବସ୍ଥାପିତ କରାଯାଉଛି। ନାଗରିକଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳତା ବୃଦ୍ଧି ସକାଶେ ଆଇସିସିସି କାର୍ଯ୍ୟକୁ ଆହୁରି ସୁଗମ କରିବା ଉପରେ ପାଢୀ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ବିଭିନ୍ନ ସହରାଞ୍ଚଳ ଯୋଜନା ଅଧୀନରେ ବଜେଟ ବ୍ୟବହାରର ସମୀକ୍ଷା, ସମୟୋଚିତ କାର୍ଯ୍ୟାନ୍ୱୟନ ଓ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ପାଣ୍ଠି ବିନିଯୋଗକୁ ତ୍ୱରାନ୍ୱିତ କରିବା ସକାଶେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସହରାଞ୍ଚଳଗୁଡ଼ିକର ପରିମଳ, ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ ସେବା ପ୍ରଦାନ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ପ୍ରମୁଖ ସଚିବ ପାଢ଼ୀ ଅଧିକାରୀମାନଙ୍କୁ ନବସୃଜନଶୀଳ ଅଭ୍ୟାସ ଗ୍ରହଣ କରିବା, ଆନ୍ତଃ-ଏଜେନ୍ସି ସମନ୍ୱୟକୁ ସୁଦୃଢ଼ କରିବା ଏବଂ ସମସ୍ତ ସ୍ତରରେ ଦାୟିତ୍ୱ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ। ସଶକ୍ତ ସହର ଏବଂ ସ୍ଥିର ସହରାଞ୍ଚଳ ବ୍ୟବସ୍ଥା ପ୍ରତି ବିଭାଗର ପ୍ରତିବଦ୍ଧତାକୁ ସେ ପୁନର୍ବାର ଦୋହରାଇଥିଲେ। ସମସ୍ତ ଅଂଶୀଦାରଙ୍କୁ ବିକଶିତ ଓଡ଼ିଶା-୨୦୨୬ର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି କାମ କରିବାକୁ ପାଢ଼ୀ ପରାମର୍ଶ ଦେଇଥିଲେ ।



ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏବଂ ଅନ୍ୟ ଅଧିକାରୀମାନେ।

# ରାଜୁଆ ନଦୀବନ୍ଧ ଅସ୍ଥାୟୀ ରାସ୍ତାରେ ୩୦ଫୁଟ ଘାଇ

## ବିଭିନ୍ନ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ

ଜଟଣୀ,୯।୭(ରବୀନ୍ଦ୍ରନାଥ ମହାକୁଡ଼)

ଉପରମୁଣ୍ଡରୁ ପାଣି ଆସିବା ଫଳରେ ମଙ୍ଗଳବାର ରାତିରେ ରାଜୁଆ ନଦୀ ବନ୍ଧ ଅସ୍ଥାୟୀ ରାସ୍ତାରେ ୩୦ଫୁଟ ଘାଇ ସୃଷ୍ଟି ହୋଇଛି। ଫଳରେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିଆବିଲି ସହ ଆଖପାଖ ଗ୍ରାମକୁ ଯାତାୟାତ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଏଥିସହ ପୁରୀ ଜିଲାର ଡେଲାଙ୍ଗ ଓ କଣାସ ବ୍ଲକର ବହୁ ଗ୍ରାମକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରକାଶ ଯେ, ପ୍ରତିବର୍ଷ ଦୟା ଓ ରାଜୁଆ ନଦୀର ଜଳସ୍ତର ବଢ଼ିବା ଫଳରେ ଏହି ଅସ୍ଥାୟୀ ରାସ୍ତାଟି ଭାଙ୍ଗିଯାଇଥାଏ। ଗତବର୍ଷ ଏହି ରାସ୍ତାରେ ୨୦ଫୁଟର ଘାଇ ସୃଷ୍ଟି ହୋଇଥିବା ବେଳେ ଚଳିତବର୍ଷ ୩୦ଫୁଟରୁ ଅଧିକ ଘାଇ ସୃଷ୍ଟି ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ଗ୍ରାମବାସୀଙ୍କ ଯାତାୟାତ ପାଇଁ ସ୍ଥାୟୀ ସୁବିଧା ହେଉ ନ ଥିବାରୁ ଲୋକେ ବର୍ଷା ଏବଂ ବନ୍ୟା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।



ଘାଇ ସୃଷ୍ଟି ଯୋଗୁ ଚାଷ ଜମି ଜଳମଗ୍ନ ହୋଇପଡ଼ିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ ଅଜୟ



@ ଶୁଭମ



@ ଆୟୁଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀତି ଆୟୋଗ ମ୍ୟାପ୍‌ରେ ପଶ୍ଚିମବଙ୍ଗ ସ୍ଥାନରେ ବିହାର

## ପ୍ରଧାନମନ୍ତ୍ରୀଙ୍କ କ୍ଷମା ଦାବିକଲା ଟିଏମ୍‌ସି

ନୂଆଦିଲ୍ଲୀ/କୋଲକାତା,୯।୭

କେନ୍ଦ୍ର ସରକାରଙ୍କ ଏକ ରିପୋର୍ଟକୁ ନୀତି ଆୟୋଗ ନିଜ ୱେବ୍‌ସାଇଟ୍‌ରେ ସ୍ଥାନିତ କରିଛି। ସେଥିରେ ଦିଆଯାଇଥିବା ମାନଚିତ୍ରରେ ପଶ୍ଚିମବଙ୍ଗକୁ ଭୁଲ୍ ଭାବେ ବିହାର ରୂପେ ଦର୍ଶାଯାଇଛି, ଯାହାକୁ ନେଇ ବୁଧବାର ବିବାଦୀୟ ସ୍ଥିତି ଉପୁଜିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଉପରେ ଆପତ୍ତି ଉଠାଇବା ସହ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ କେ. ବେରିଙ୍କୁ ପତ୍ର ଲେଖି ତ୍ରୁଟି ସଂଶୋଧନ ପାଇଁ କହିଛନ୍ତି। ଏହା ଏକ ବୈଷୟିକ ତ୍ରୁଟି ନୁହେଁ ବରଂ ପଶ୍ଚିମବଙ୍ଗର ଅସ୍ମିତା ଓ ସମ୍ମାନ ପ୍ରତି ଅପମାନ ବୋଲି ମମତା ନିଜ ପତ୍ରରେ ଦର୍ଶାଇଛନ୍ତି।

ନୀତି ଆୟୋଗ ୱେବ୍‌ସାଇଟ୍‌ରେ ବୁଧବାର ଉପଲବ୍ଧ 'ସମରି ରିପୋର୍ଟ ଫର୍ ଦି ଷ୍ଟେଟ୍ ଅଫ୍ ୱେଷ୍ଟବେଙ୍ଗଲ' ଶୀର୍ଷକ ୪ ପୃଷ୍ଠା ସମ୍ବଳିତ ରିପୋର୍ଟରେ ଭାରତର ମାନଚିତ୍ର ରହିଛି। ସେଥିରେ



ପଶ୍ଚିମବଙ୍ଗ ସ୍ଥାନରେ ବିହାର ମାନଚିତ୍ରକୁ ସ୍ଥାନିତ କରାଯାଇଛି। ଟିଏମ୍‌ସି ସୁପ୍ରିମୋ ମମତା ଏହାକୁ ନେଇ ନୀତି ଆୟୋଗ ଉପାଧ୍ୟକ୍ଷଙ୍କୁ ଲେଖିଥିବା ପତ୍ରରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷମା ମାଗିବାକୁ ଦାବି କରିଛନ୍ତି। ଏହା ଆୟୋଗର ଏକ ଗମ୍ଭୀର ତ୍ରୁଟି। ସରକାରୀ ରିପୋର୍ଟ ପ୍ରକାଶନରେ ଏଭଳି ତ୍ରୁଟି ରହିବା ଆୟୋଗର ଉପରଠାଉରିଆ ମନୋବୃତ୍ତି ଓ ରାଜ୍ୟ ସଂଘ ପ୍ରତି ଅସମ୍ମାନ ବୋଲି ସେ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ସାକେତ୍ ଗୋଖ୍‌ଲେ ଉକ୍ତ ତ୍ରୁଟିପୂର୍ଣ୍ଣ ମ୍ୟାପ୍‌କୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ଶେୟାର କରି ନୀତି ଆୟୋଗ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଥିଲେ। ପଶ୍ଚିମବଙ୍ଗରୁ ଭାଜପାର ୧୨ ଜଣ ଏମ୍‌ପି ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ସରକାର ନିର୍ଲଜ ଭାବେ ପଶ୍ଚିମବଙ୍ଗକୁ ମାନଚିତ୍ରରେ ବିହାର ରୂପେ ଦର୍ଶାଇଛି। ନୀତି ଆୟୋଗ ଅଧ୍ୟକ୍ଷ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଜନସାଧାରଣଙ୍କୁ କ୍ଷମା ମାଗନ୍ତୁ ବୋଲି ଗୋଖ୍‌ଲେ ଉକ୍ତ ପୋଷ୍ଟରେ ଦାବି କରିଥିଲେ।

# ପକ୍ଷୀ ମାଡ଼ ହେବାରୁ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ପାଟନା, ୯।୭ (ପି.ଟି.)

ବିହାରର ପାଟନାରୁ ୧୭୫ ଜଣ ଯାତ୍ରୀଙ୍କୁ ନେଇ ବୁଧବାର ସକାଳେ ଦିଲ୍ଲୀ ଯାଉଥିବା ଇଣ୍ଡିଗୋର ଆଇଜି୦୫୦୦୯ ବିମାନ ସହ ଏକ ପକ୍ଷୀ ଧକ୍କା ହୋଇଥିଲା। ଏହାପରେ ବିମାନର ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା, ଫଳରେ ବିମାନଟି ୟୁଟର୍ନ ନେଇ ପାଟନାର ଜୟପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ବିମାନରେ ଥିବା ସମସ୍ତ ୧୭୫ ଯାତ୍ରୀ ଏବଂ କ୍ରିଉ ସଦସ୍ୟ ସୁରକ୍ଷିତ ଅଛନ୍ତି ବୋଲି ଇଣ୍ଡିଗୋ ସୂଚନା ଦେଇଛି। ଯାତ୍ରୀମାନେ ଓହ୍ଲାଇବା ପରେ ବିମାନର ଯାଞ୍ଚ ସମୟରେ ଏକ ମୃତ ପକ୍ଷୀ ରନ୍‌ୱେରୁ ମିଳିଥିବା ନେଇ ପାଟନା ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି।

# ଲଶ୍କରକୁ ସହଯୋଗ: ଜେଲ ମାନସିକ ରୋଗ ବିଶେଷଜ୍ଞ, ପୋଲିସ ଗିରଫ

ବେଙ୍ଗାଲୁରୁ, ୯।୭

୨୦୨୩ରେ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତାଇବା ଦ୍ୱାରା ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ କଏଦୀଙ୍କୁ କଠୋର ପନ୍ଥୀ ଭାବେ ତାଲିମ ଦିଆଯିବା ମାମଲାରେ ବୁଧବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୩ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ନାଗରାଜ, ସିଟି ଆର୍ମଡ ରିଜର୍ଭ ପୋଲିସ କର୍ମୀ ତଥା ଏଏସ୍‌ଆଇ ଚାନା ପାଶା ଏବଂ ଫେରାର ଅଭିଯୁକ୍ତ ଜୁନୈଦ ଅହମ୍ମଦଙ୍କ ମା' ଅନିସ ଫାତିମାଙ୍କୁ ଏନ୍‌ଆଇଏ ଗିରଫ କରିଛି। ମଙ୍ଗଳବାର ଏହି ମାମଲାରେ ଏନ୍‌ଆଇଏ ବେଙ୍ଗାଲୁରୁ ଏବଂ କୋଲ୍ଲାର ଜିଲାର ୫ ଠିକଣାରେ ସର୍ଚ୍ଚ ଅପରେଶନ କରିଥିଲା। ସର୍ଚ୍ଚ ଅପରେଶନ ବେଳେ ଅନେକ ଡିଜିଟାଲ ଡିଭାଇସ୍, ନଗଦ ଟଙ୍କା, ସୁନା ଏବଂ ବହୁ ଆପତ୍ତିଜନକ କାଗଜପତ୍ର ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ବେଙ୍ଗାଲୁରୁରେ ଲଶ୍କରର ଏଜେଣ୍ଡାକୁ ଆଗକୁ ବଢ଼ାଇବା ସହ ସହରରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଲଶ୍କରକୁ ସହଯୋଗ କରୁଥିଲେ ବୋଲି ଏନ୍‌ଆଇଏ କହିଛି।

# ଛଙ୍ଗୁରବାବାଙ୍କ ୪୦ ଆକାଉଣ୍ଟରେ ୧୦୬ କୋଟି

ଲକ୍ଷ୍ନୌ, ୯।୭

ଏକଦା ନିଜ ସାଇକେଲ୍‌ରେ ମୁଦି ଓ ତାବିଜ ବିକୁଥିବା ଜମାଲୁଦ୍ଦିନ ଓରଫ ଛଙ୍ଗୁର ବାବା ଏବେ ବହୁକୋଟି ଟଙ୍କାର ମାଲିକ। ଧର୍ମ ପରିବର୍ତ୍ତନ ଗ୍ୟାଙ୍ଗ୍‌ର ମାଷ୍ଟର ମାଇଣ୍ଡ ଛଙ୍ଗୁରଙ୍କ ୪୦ଟି ଆକାଉଣ୍ଟରେ ୧୦୬ କୋଟି ଟଙ୍କା ରହିଛି। ଏହା ବ୍ୟତୀତ ତାଙ୍କର ୨ରୁ ଅଧିକ ସମ୍ପତ୍ତି ରହିଛି, ଯାହାର ମୂଲ୍ୟ ଅନେକ କୋଟି ହେବ ବୋଲି ଆକଳନ କରାଯାଉଛି। ଏତେ ପରିମାଣର ଟଙ୍କା ଛଙ୍ଗୁର ବାବା ମଧ୍ୟପ୍ରାଚ୍ୟରୁ ଲାଭ କରିଥିବା ଉତ୍ତରପ୍ରଦେଶ ପୋଲିସ ଜାଣିବାକୁ ପାଇଛି। ଶନିବାର ଛଙ୍ଗୁରଙ୍କୁ ତାଙ୍କ ସହଯୋଗୀ ନୀତୁ ଓରଫ ନାସ୍ରିନ୍‌ଙ୍କ ସହ ଲକ୍ଷ୍ନୌସ୍ଥିତ ଏକ ହୋଟେଲରୁ ପୋଲିସ ଗିରଫ କରିଛି। ୟୁପିର ବଳରାମପୁର ଜିଲାରେ ଧର୍ମାନ୍ତରୀକରଣ ର୍‍ୟାକେଟ ଚଳାଇବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଗରିବ, ଅସହାୟ ଶ୍ରମିକ, ଦୁର୍ବଳ ବର୍ଗ, ବିଧବାମାନଙ୍କୁ

ପୋଲିସ କବ୍‌ଜାରେ ଧର୍ମାନ୍ତରୀକରଣ ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ



ଆର୍ଥିକ ପ୍ରଲୋଭନ ଓ ବିବାହ ପ୍ରତିଶ୍ରୁତି ଦେଇ ଏବଂ ସ୍ଥଳବିଶେଷରେ ଧମକାଇ ସେମାନଙ୍କ ଧର୍ମ ପରିବର୍ତ୍ତନ କରାଉଥିଲେ। ଉତ୍ତରପ୍ରଦେଶର ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ବର୍ତ୍ତମାନ ତାଙ୍କର ଟେରର ଲିଙ୍କ୍ ଖୋଜୁଥିବାବେଳେ ଅନ୍ୟ ଆପରାଧିକ ମାମଲା ନେଇ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଖୋଳତାଡ଼ କରୁଛି।

# ୧୭ ଦେଶର ସଂସଦକୁ ସମ୍ବୋଧନ କଲେଣି ମୋଦି

ନୂଆଦିଲ୍ଲୀ, ୯।୭ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଦ୍ୟାବଧି ରେକର୍ଡ ସଂଖ୍ୟକ ୧୭ ବିଦେଶୀ ପାର୍ଲାମେଣ୍ଟକୁ ସମ୍ବୋଧନ କରିସାରିଲେଣି। କଂଗ୍ରେସ ଅମଳରେ ସବୁ ପ୍ରଧାନମନ୍ତ୍ରୀ ମୋଟ ୧୭ ଥର ବିଦେଶୀ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଥିଲେ। ମୋଦି ବୁଧବାର ତାଙ୍କ ଚତୁଃରାଷ୍ଟ୍ର ଗସ୍ତ ଶେଷ କରିଛନ୍ତି। ସେ ଘାନା, ତ୍ରିନିଦାଦ ଓ ଟୋବାଗୋ ଏବଂ ନାମିବ୍ୟା ସଂସଦରେ ଉଦ୍‌ବୋଧନ ଦେଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ



୭ଟି ଦେଶର ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିବାବେଳେ ଇନ୍ଦିରା ଗାନ୍ଧୀ ୪, ଜବାହରଲାଲ୍ ନେହେରୁ ୩, ରାଜୀବ ଗାନ୍ଧୀ ୨ ଏବଂ ପି.ଭି. ନରସିଂହ ରାଓ ଗୋଟିଏ ଦେଶର ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଥିଲେ। ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦି ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପାର୍ଲାମେଣ୍ଟରେ ବକ୍ତବ୍ୟ ରଖିବା ଯୋଗୁ ଭାରତର ପ୍ରାସଙ୍ଗିକତା ଓ ସମ୍ମାନ ବଢ଼ିଛି। ଏହା ପୂର୍ବରୁ ସେ ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ, ନେପାଳ, ମଙ୍ଗୋଲିଆ, ଭୁଟାନ, ଶ୍ରୀଲଙ୍କା, ମାଳଦ୍ୱୀପ, ମରିସସ୍, ଗୁଏନା, ଫିଜି ଓ ଉଗାଣ୍ଡା ସାଂସଦମାନଙ୍କୁ ସମ୍ବୋଧିତ କରିଥିଲେ।

# ଭାରତରେ ଇଣ୍ଟରନେଟ୍ ସାଟେଲାଇଟ୍ ସେବା ପାଇଁ ଷ୍ଟାରଲିଙ୍କ୍‌କୁ ଅନୁମତି

ନୂଆଦିଲ୍ଲୀ, ୯।୭

ଏଲନ୍ ମସ୍କଙ୍କ ଷ୍ଟାର୍‌ଲିଙ୍କ୍‌କୁ ଭାରତରେ ଇଣ୍ଟରନେଟ୍ ସାଟେଲାଇଟ୍ ସେବା ପ୍ରଦାନ ପାଇଁ ବୁବାର ଚୂଡ଼ାନ୍ତ ଅନୁମତି ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅଧୀନ ବିଭିନ୍ନ ବିଭାଗଠାରୁ ସମସ୍ତ ନିୟାମକ ମଞ୍ଜୁରୀ, ଅନୁମୋଦନ ଓ ଲାଇସେନ୍ସ ପାଇବା ପରେ ଷ୍ଟାର୍‌ଲିଙ୍କ୍ ଏହି ସେବା ଆରମ୍ଭ କରିବାକୁ ଯାଉଛି। ଏହାଦ୍ୱାରା ଭାରତର ଇଣ୍ଟରନେଟ୍ ଯୋଗାଯୋଗ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିବା ନେଇ ଆଶା କରାଯାଉଛି। ଏହି ଅନୁମୋଦନ ଆଗାମୀ ୫ ବର୍ଷ ପାଇଁ ରହିଥିବା ଜଣାପଡ଼ିଛି।

# କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଲେ ଶିବସେନା ବିଧାୟକ

ମୁମ୍ବାଇ, ୯।୭ (ପି.ଟି.)

ମୁମ୍ବାଇରେ ଆକାଶବାଣୀ ପରିସର ବିଧାୟକ ନିବାସ କ୍ୟାଣ୍ଟିନରେ ମଙ୍ଗଳବାର ରାତିରେ ଶିବସେନା ବିଧାୟକ ସଞ୍ଜୟ ଗାୟକୱାଡ୍ ଜଣେ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଛନ୍ତି। ବାସି ଏବଂ ଦୁର୍ଗନ୍ଧଯୁକ୍ତ ଖାଦ୍ୟ ପରଷାଯାଇଥିବା ଅଭିଯୋଗ କରି ସେ କ୍ୟାଣ୍ଟିନ କର୍ମଚାରୀଙ୍କୁ ଚାପୁଡ଼ା ମାରିଥିଲେ। ଘଟଣାକୁ ନେଇ ଗାୟକୱାଡ୍ କହିଛନ୍ତି, କିଛିଦିନ ହେବ ସେଠାରେ ବାରମ୍ବାର ବାସି ଏବଂ ଅନୁପଯୁକ୍ତ ଖାଦ୍ୟ ପରଷାଯାଉଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରି ସେ ଅନୁତପ୍ତ ନୁହଁନ୍ତି ବୋଲି ଗାୟକୱାଡ୍ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ମହାରାଷ୍ଟ୍ରର ରାଜନୀତି ତୀବ୍ର ହୋଇଛି। ବିରୋଧୀ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ମହାକାଶରେ ଚାଷୀ ହେଲେ ଶୁଭାଂଶୁ

## ମେଥି, ମୁଗ ବିହନ ଅଙ୍କୁରିତ କଲେ



ନୂଆଦିଲ୍ଲୀ, ୯।୭ (ପି.ଟି.)

'ଆକ୍ସିଓମ ୪' ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଗସ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇଏସ୍‌ଏସ୍‌ରେ ସେ ସାଥୀ କ୍ରିଉ ସଦସ୍ୟଙ୍କ ସହ ମିଶି ଅନେକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଏକ ପରୀକ୍ଷଣରେ ଶୁଭାଂଶୁ ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଆଇଏସ୍‌ଏସ୍‌ର ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରୁଥିବାର ଫଟୋ ଶେୟାର କରିଛନ୍ତି। ମହାକାଶରେ ଅତିଲଘୁ ଗୁରୁତ୍ୱାକର୍ଷଣ ଦ୍ୱାରା କିପରି ଉଦ୍ଭିଦର ପ୍ରାରମ୍ଭିକ ବିକାଶ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ, ସେ ସମ୍ପର୍କିତ ଅଧ୍ୟୟନ ପାଇଁ ଶୁଭାଂଶୁ ଏପରି କରିଛନ୍ତି। ପ୍ରକାଶ ଯେ, ଆକ୍ସିଓମ ୪ ମିଶନ ଅଧୀନରେ ଶୁଭାଂଶୁ ଆଇଏସ୍‌ଏସରେ ୧୨ ଦିନ ବିତାଇ ସାରିଛନ୍ତି।

## ଅପରାଧ

# ଗୁଳି ଫୁଟାଇ ଆତଙ୍କ ଖେଳାଇଲେ ଲୁଟେରା ଗ୍ୟାଙ୍ଗ୍

ତାଳଚେର, ୯।୭ (ମନୋଜ ନନ୍ଦ)

- ରାତିକରେ ୩ ଜଣଙ୍କ ଠାରୁ ଲୁଟ୍, ଜଣଙ୍କର ଗାଡ଼ି ଭାଙ୍ଗିଲେ
- ଲୁଟ୍‌ର ହଟ୍‌ସ୍ପଟ୍ ପାଲଟିଛି ବାଘୁଆବୋଲ ରେଳଫାଟକ

ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲ ରେଳ ଫାଟକ ନିକଟରେ ମଙ୍ଗଳବାର ରାତିରେ ଆତଙ୍କ ଖେଳାଇଛନ୍ତି ଲୁଟେରା ଗ୍ୟାଙ୍ଗ। ଫାଙ୍କା ଗୁଳିଚାଳନା କରିବା ସହ ୩ ଜଣଙ୍କଠାରୁ ଲୁଟ୍‌ପାଟ କରିଛନ୍ତି। ଢେଲାମାରି ଜଣଙ୍କ ଗାଡ଼ି କାଚ ଭାଙ୍ଗିଦେଇଛନ୍ତି। ଲୁଟ୍ ସହ ଆତଙ୍କର ଶିକାର ହୋଇଥିବା ୪ ଜଣ ଏ ନେଇ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ତାଳଚେର ସିଂହ ସାହି ଅଞ୍ଚଳର ୨ ଭାଇ ରାଜେଶ ସିଂହ ଓ ରାକେଶ ସିଂହ କୌଣସି କାମରେ ସମ୍ବଲପୁର ଯାଇ ବିଳମ୍ବିତ ରାତିରେ କାର୍ ଯୋଗେ ଘରକୁ ଫେରୁଥିଲେ। ଦୁହେଁ ବାଘୁଆବୋଲ ରେଳ ଫାଟକ ନିକଟରେ ହୋଇଥିବା ବେଳେ ୫ ରୁ ୬ ଜଣ ଲୁଟେରା ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର





ଲୁଟେରାଙ୍କ ପଥର ମାଡ଼ରେ ଭାଙ୍ଗିଥିବା ଗାଡ଼ି ଓ ଅଭିଯୋଗକାରୀ ୨ ଭାଇ।

ଦେଖାଇ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ୨ ଭାଇ ଭୟଭୀତ ଅବସ୍ଥାରେ ସେଠାରୁ ଚାଲି ଆସୁଥିବା ବେଳେ ଲୁଟେରାମାନେ ଫାଙ୍କା ଗୁଳି ଚାଳନା କରିବା ସହ ପଥର ମାରି ଗାଡ଼ି କାଚ ଭାଙ୍ଗି ଦେଇଥିଲେ। ସେହିପରି ଝାଡ଼ଖଣ୍ଡ ଅଞ୍ଚଳରୁ କିଛି କାମରେ କାର୍ ଯୋଗେ ତାଳଚେର ଆସିଥିବା ଅତୁଲ ପ୍ରସାଦ ଓ ତାଙ୍କ ସହଯୋଗୀ ରାତି ପ୍ରାୟ ୧୨ଟା ବେଳେ ବାଘୁଆବୋଲ ରେଳ ଫାଟକପଡ଼ିଥିବାରୁ ସେଠାରେ ଅଟକିଥିଲେ। ଏହି ସମୟରେ ମୁଖାପିନ୍ଧା ଲୁଟେରାମାନେ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଭୟଭୀତ କରିଥିଲେ। ଭୟରେ ଅତୁଲ ଏବଂ ସହଯୋଗୀ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଲୁଟେରାମାନେ ଗାଡ଼ିରେ ଥିବା ଟଙ୍କା, ୨ଟି ଲାପ୍‌ଟପ୍, ଚେନ, ମୁଦି ସହ କାର୍‌ଟିକୁ ନେଇ ପଳାଇଥିଲେ। ସେହିପରି ରେଳ ଫାଟକ ନିକଟରେ ଚାଲିଚାଲି ଯାଉଥିବା ଜଣେ ଯୁବକ ସର୍ଫରାଜଙ୍କୁ ଲୁଟେରାମାନେ ହାଣି ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏହାର କିଛି ସମୟ ପରେ ରାଉରକେଲାରୁ ଏକ ମିନି ଟ୍ରକ୍‌ରେ ଜିନିଷ ଧରି ତାଳଚେର ଆସିଥିବା ସେବକ ମିଶ୍ରାଙ୍କୁ ଲୁଟେରାମାନେ ମାଡ଼ ମାରି ମୋବାଇଲ ଏବଂ ଟଙ୍କା ଛଡ଼ାଇ ନେଇଥିଲେ। ଲୁଟ୍ ଓ ଗାଡ଼ି ଭଙ୍ଗା ଘଟଣାର ଶିକାର ହୋଇଥିବା ଉପରୋକ୍ତ ୪ ଜଣ ବୁଧବାର ସକାଳେ ତାଳଚେର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ତାଳଚେର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସ୍ତ୍ରୀଙ୍କୁ ପିଟି ହତ୍ୟାକଲେ ସ୍ୱାମୀ

ଯୋଡ଼ା, ୯।୭ (ମାନସ ମହାନ୍ତି)

ପାରିବାରିକ କଳହର କରୁଣ ପରିଣତି

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହାତୀମରା ଛକ ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସାମାନ୍ୟ କଥାକୁ ନେଇ ସ୍ତ୍ରୀଙ୍କୁ ବାଡ଼ିରେ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ମୃତା ହେଲେ ସୁନୀଲ ମୁଣ୍ଡାଙ୍କ ସ୍ତ୍ରୀ କିତାମାଇ ମୁଣ୍ଡା (୨୩)। ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୁନୀଲ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବୁଧବାର ସକାଳେ କୌଣସି କାରଣରୁ କଳହ ଲାଗିଥିଲା। ଏଥିରେ ସ୍ୱାମୀ ସୁନୀଲ ଉତ୍‌କ୍ଷିପ୍ତ ହୋଇ ଏକ ବାଡ଼ିରେ ସ୍ତ୍ରୀ କିତାମାଇଙ୍କୁ ମାଡ଼ ମାରିଥିଲେ। କିତାମାଇ ଗୁରୁତର ହୋଇପଡ଼ିଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରକୁ ନେଇ ଶୁଆଇ ଦେଇଥିଲେ। ପରେ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ସୁନୀଲ ଫେରାର ହେବାକୁ ଚେଷ୍ଟା କରୁଥିଲେ। ବାମେବାରି ପୋଲିସ ଖବର ପାଇ ଯାଉଥିବା ସମୟରେ ଅଭିଯୁକ୍ତ ସ୍ୱାମୀଙ୍କୁ ରାସ୍ତାରୁ ଉଠାଇ ନେଇ ଅଟକ ରଖିଛି।

# ଦେଶୀ ମଦଭାଟିରେ ପଶି ଭୁଜାଲିରେ ହାଣିଲେ

## ୨ ଦୁର୍ବୃତ୍ତଙ୍କ ଆକ୍ରମଣରେ ଭାଟି ମ୍ୟାନେଜରଙ୍କ ସମେତ ୫ ଗୁରୁତର

ବଇଣ୍ଡା, ୯।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଅଞ୍ଚଳରେ ଥିବା ଏକ ଦେଶୀ ମଦ ଭାଟିରେ ମଙ୍ଗଳବାର ରାତିରେ ପଶି ୨ ମୁଖାପିନ୍ଧା ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ସେମାନଙ୍କ ଭୁଜାଲି ମାଡ଼ରେ ଭାଟି ମ୍ୟାନେଜର, ଜଣେ କର୍ମଚାରୀ ଓ ୩ ଜଣ ଗ୍ରାହକଙ୍କୁ ମିଶାଇ ମୋଟ ୫ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ସାନହୁଲାସ୍ଥିତ ଦେଶୀ ମଦ ଭାଟିରେ ରାତି ପ୍ରାୟ ୧୦ଟା ବେଳେ ୩ ଜଣ ଗ୍ରାହକ ମଦ ପିଉଥିବା ବେଳେ ଏକ ବାଇକ୍ ଯୋଗେ ୨ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ଭୁଜାଲି ଧରିଥିବା ୨ ଦୁର୍ବୃତ୍ତ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କ ନିକଟକୁ ଯାଇ ଗ୍ରାମାଞ୍ଚଳରେ ବିକ୍ରି ହେଉଥିବା ମହୁଲି ରନ୍ଧା ମଦକୁ କାହିଁକି ବନ୍ଦ କରିବା ସହ ଅବକାରୀ ବିଭାଗ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ନିରୀହ ଲୋକଙ୍କ ବ୍ୟବସାୟ ବନ୍ଦ କରିବା ଏବଂ ଗିରଫ କରାଉଛ ବୋଲି ପଚାରିଥିଲେ। ଏହାକୁ ନେଇ ସେଠାରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁଖାପିନ୍ଧା ୨ ଦୁର୍ବୃତ୍ତ ଭାଟି ମ୍ୟାନେଜର ଓ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ସେଠାରେ ମଦ ପିଉଥିବା ୩ ଜଣ ଗ୍ରାହକ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଦୁର୍ବୃତ୍ତ ଦ୍ୱୟ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଭାଟିର ଅନ୍ୟ କର୍ମଚାରୀମାନେ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ଶଶୀ ଭୂଷଣ ବେହେରା କହିଛନ୍ତି, ଭାଟି କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ଶୁଣିବାକୁ ମିଳିଛି। ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କିଏ ଏବଂ କାହିଁକି ଆକ୍ରମଣ କରିଛନ୍ତି, ସେ ନେଇ ତଦନ୍ତ କରାଯାଉଛି।

# ପଞ୍ଜାବରୁ ୨ ସାଇବର ଠକଙ୍କୁ ଗିରଫକଲା କ୍ରାଇମ୍‌ବ୍ରାଞ୍ଚ

## ବହୁଗୁଣ ଲାଭ ଦେବା ଆଳରେ ୨ ଜଣଙ୍କୁ ୯ କୋଟି ଠକେଇ

ପାରଳାଖେମୁଣ୍ଡି, ୯।୭ (ଗିରିଧାରୀ ପରିଚ୍ଛା)

ପୃଥକ୍ ପୃଥକ୍ ମାମଲାରେ ପଞ୍ଜାବରୁ ଦୁଇଜଣ ସାଇବର ଠକଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ସେମାନେ ହେଲେ ପଞ୍ଜାବ ସଙ୍ଗରୁର୍ ଜିଲାର ଅମ୍ରିତ୍ ପାଲ୍ ଓ ଲୁଧିଆନା ଜିଲାର ପ୍ରଦୀପ ସୋନି। ଅମ୍ରିତ୍‌ଙ୍କୁ ଗିରଫ ପରେ ସଙ୍ଗରୁର୍ କୋର୍ଟକୁ ଚାଲାଣ କରାଯାଇଥିଲା। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବା ପରେ ଜୟପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ପ୍ରଦୀପଙ୍କୁ ଲୁଧିଆନା ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଆଇଓ ଏବଂ ଓଟିସି ଟ୍ରେଡିଂ ନିବେଶରେ ବହୁଗୁଣ ଲୋଭ ଦେଖାଇ ଠକମାନେ ଜୟପୁରର ଜଣେ ବ୍ୟକ୍ତିଙ୍କୁ ୭ କୋଟି ୫୦ ଲକ୍ଷ ଟଙ୍କା ଠକିନେଇଥିଲେ। ଏନେଇ ଉକ୍ତ ବ୍ୟକ୍ତିଙ୍କ ଏତଲାକ୍ରମେ କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ଥାନା ପକ୍ଷରୁ ଗତବର୍ଷ ଡିସେମ୍ବର ୪ରେ ଏକ ମାମଲା(ନଂ.୬୦/୨୦୨୪) ରୁଜୁ କରାଯାଇଥିଲା। ଏହି ମାମଲାରେ ଅମ୍ରିତ୍ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେହିପରି ଭୁବନେଶ୍ୱରର ଜଣେ ବ୍ୟକ୍ତି ସାଇବର ଠକଙ୍କ ଜାଲରେ ପଡ଼ି ୧ କୋଟି ୫୫ ଲକ୍ଷ ୬୦ ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ। ତାଙ୍କ ଏତଲାକ୍ରମେ କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ଥାନା ଏପ୍ରିଲ ୧୯ରେ ଏକ ମାମଲା(ନଂ.୧୩/୨୦୨୫) ରୁଜୁକରି ତଦନ୍ତ କରୁଥିବାବେଳେ ଏଥିରେ ପ୍ରଦୀପ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

# ଭିଜିଲାନ୍ସ ଜାଲରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ

## ଅଫିସ ଗାଡ଼ିରୁ ମିଳିଲା ୩ ଲକ୍ଷ ଟଙ୍କା

ଛତ୍ରପୁର, ୯।୭ (ଦିଲୀପ ସାମଲ/ ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଛତ୍ରପୁର ନିକଟ ଜାତୀୟ ରାଜପଥରେ ତାଙ୍କ ଗାଡିରୁ ବ୍ରହ୍ମପୁର ଭିଜିଲାନ୍ସ କର୍ମଚାରୀମାନେ ୩ ଲକ୍ଷ ଟଙ୍କା ଜବତ କରିଛନ୍ତି। ପୁଷା ମୁଣ୍ଡାଙ୍କ ଗଞ୍ଜାମରୁ ନୂଆପଡା ଜିଲାକୁ ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲା। ଏଠାରୁ ରିଲିଭ୍ ହେବା ପୂର୍ବରୁ ଭିଜିଲାନ୍ସ ଧରିଛି।

ଛତ୍ରପୁର ବ୍ୟାଙ୍କ କଲୋନୀ ଆଶୀର୍ବାଦ ଆପାର୍ଟମେଣ୍ଟର ଏ-୭ ଘରୁ ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ମୁଣ୍ଡା ପୂର୍ବାହ୍ନରେ ଅଫିସ ଗାଡ଼ିରେ କାର୍ଯ୍ୟାଳୟକୁ ଯାଉଥିଲେ। କଲେଜ ଛକ ନିକଟରେ ୨ ଜଣ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ନିଜକୁ ଭିଜିଲାନ୍ସ କର୍ମଚାରୀ ପରିଚୟ ଦେଇଥିଲେ। ପରେ ଅନ୍ୟ କେତେଜଣ କର୍ମଚାରୀ ଆସି ଗାଡି ଯାଞ୍ଚ କରିବାରୁ ୩



ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।

ଲକ୍ଷ ଟଙ୍କା ମିଳିଥିଲା । ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢ଼ାଉ କରିବା ସହ ସିସିଟିଭି ଯାଞ୍ଚ କରିଥିଲା। କିଏ ଏହି ଟଙ୍କା ଦେଇଛନ୍ତି ତାହା ଦେଖିଥିଲେ। ସେଠାରୁ ମୁଣ୍ଡାଙ୍କୁ ଅଫିସକୁ ଅଣାଯାଇ ତଦନ୍ତ କରାଯାଇଛି। ଅଫିସର କର୍ମଚାରୀ, ରାତ୍ର ଜଗୁଆଳିଙ୍କ ସମେତ ସୁରକ୍ଷାକର୍ମୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ନିଜେ ଛାନ୍‌ଭିନ କରିଥିଲେ। ଛତ୍ରପୁର ଭଡ଼ାଘର, ଅଫିସ ସମେତ କଳାହାଣ୍ଡି ଜିଲା ଭବାନୀପାଟଣାରେ ଥିବା ବାସଭବନ ଉପରେ ମଧ୍ୟ ଚଢାଉ ଚାଲିଥିବା ଜଣାଯାଇଛି। ତଦନ୍ତ ଜାରି ରହିଥିବାରୁ ଭିଜିଲାନ୍ସ ପକ୍ଷରୁ ଅଧିକ ସୂଚନା ପ୍ରଦାନ କରାଯାଇନାହିଁ । ଅନ୍ୟପକ୍ଷରେ ଗାଡି ଡିକିରେ କିଏ ଟଙ୍କା ରଖିଲା ସେ ଜାଣିନାହାନ୍ତି, ତାଙ୍କୁ ଫସାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ମୁଣ୍ଡା କହିଛନ୍ତି। ଚଢାଉରେ ଇନ୍ସପେକ୍ଟର ସୌମ୍ୟ ପଣ୍ଡା, ଯୁଗଳ ପ୍ରଧାନ, ରାଜେନ୍ଦ୍ର ନାୟକ, ଏଏସଆଇ ଡି.ସଞ୍ଜୀବ ରେଡ୍ଡୀ, ଏଏସଆଇ ଦୁର୍ଗା ପ୍ରସାଦ ହୋତା, ହାବିଲଦାର ଜି.ସୁଦର୍ଶନ ଦୋରା, କନଷ୍ଟେବଳ ସଞ୍ଜୁକ୍ତା ପଟ୍ଟନାୟକ ସାମିଲ ଥିଲେ ।

# ଯୁବତୀଙ୍କୁ ଅସଦାଚରଣ: ୪ ଗିରଫ, ନାବାଳକ ଅଟକ

କେନ୍ଦୁଝର, ୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହରରେ ରଥଯାତ୍ରା ଦେଖି ଫେରିବା ବେଳେ ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ପୋଲିସ ଘଟଣାର ପ୍ରାୟ ୧୨ ଦିନ ପରେ ବୁଧବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରଥଯାତ୍ରା ସମୟରେ ନାବାଳିକା ଜଣଙ୍କ ଅନ୍ୟ ୩ ଜଣ ସମ୍ପର୍କୀୟଙ୍କ ସହିତ ୨ ବାଇକ୍‌ରେ ଘରକୁ ଫେରୁଥିଲେ। ଜୁଡ଼ିଆ ଘାଟି ନିକଟରେ ଏକ ଜିପରେ ୫ ଜଣ ଯୁବକ ଆସି ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକା ପ୍ରତିବାଦ କରିବାରୁ ଅପହରଣ କରି ଝାଡ଼ବେଲଦା ଆଡ଼କୁ ନେଇଯାଇଥିଲେ। ଯୁବତୀଙ୍କ ସହିତ ଥିବା ଅନ୍ୟ ପିଲାମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଏକାଧିକ ଗ୍ରୁପରେ ରାତିରେ ବିଭିନ୍ନ ଅଞ୍ଚଳକୁ ଯାଇ ଖୋଜାଖୋଜି କରିଥିଲା। ଅଭିଯୁକ୍ତମାନେ ଯୁବତୀଙ୍କୁ ବାଟରେ ଛାଡ଼ି ପଳାଇଥିଲେ। ପୋଲିସ ରାତି ପ୍ରାୟ ୧୧ଟାରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପୋଲିସ ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି। ଟାଉନ ଥାନାରେ ଏକ ମାମଲା(ନଂ. ୪୧୩/୨୦୨୫) ରୁଜୁ ହୋଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ନାବାଳିକାଙ୍କୁ ବଳାତ୍କାର ହୋଇନାହିଁ। ସଦର ଏସ୍‌ଡିପିଓ ସୁଦର୍ଶନ ଗାଗରାଇ କହିଛନ୍ତି, ଘଟଣାରେ ୫ ଜଣଙ୍କ ସମ୍ପୃକ୍ତି ଥିବା ବେଳେ ସମସ୍ତଙ୍କୁ ଧରାଯାଇଛି। ନାବାଳିକାଙ୍କୁ ଗଣବଳାତ୍କାର ହୋଇନାହିଁ। ଘଟଣାରେ ବ୍ୟବହାର ହୋଇଥିବା ଜିପ୍‌କୁ ଜବତ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି।

**ରାଜପଥରେ ଦୁର୍ଘଟଣା, ୨ ମୃତ**

ସନ୍ଧିଛକ,୯।୭ (ସନ୍ତୋଷ ପରିଡା): ଅନୁଗୋଳ ଜିଲା ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ବଅଁରପାଳ ଥାନା ଅଞ୍ଚଳରେ ବୁଧବାର ରାତି ପ୍ରାୟ ୮ଟା ୩୦ରେ ଏକ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ ତାଳଚେର କୁମ୍ଭାରସାହି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମହାପାତ୍ର (୫୨) ଓ କୃପାସିନ୍ଧୁ ବେହେରା (୨୨)। ପୂର୍ଣ୍ଣଚନ୍ଦ୍ର ଓ କୃପାସିନ୍ଧୁ ଏକ ସ୍କୁଟି (ନଂ. ଓଡି୩୫ଏ- ୨୫୬୩)ରେ ବଅଁରପାଳରୁ ତାଳଚେର ଯାଉଥିବା ବେଳେ ରାସ୍ତାରେ ଖାଲ ଯୋଗୁ ପଡ଼ିଯାଇଥିଲେ। ଏହି ସମୟରେ ତାଳଚେର ଆଡୁ ଆସୁଥିବା ଏକ ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା।

# ତଦନ୍ତ ପାଇଁ ୪ ଜଣିଆ କମିଟି ଗଠିତ

## ମେଘନାଦ ପାଚେରି ଡେଇଁ ଶ୍ରୀମନ୍ଦିରକୁ ପ୍ରବେଶ ଘଟଣା

ପୁରୀ,୯।୭(ଅଜିତ୍ କୁମାର ମହାନ୍ତି)



ମେଘନାଦ ପାଚେରି ଡେଇଁ ୪ ସନ୍ଦିଗ୍ଧ ଯୁବକ ମଙ୍ଗଳବାର ଶ୍ରୀମନ୍ଦିରରେ ପ୍ରବେଶ କରୁଥିବା ନେଇ ଦେଖିବାକୁ ମିଳିଥିଲା। ଦକ୍ଷିଣ ଦ୍ୱାର ପେଯନଳା ନିକଟ ମେଘନାଦ ପାଚେରି ପାଖରେ ପଡୁଥିବା ଅଳିଆ ଉପରେ ଚଢ଼ି ଆବର୍ଜନା ପକାଯାଉଥିବା ଗେଟ୍ ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ, ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ରଥଯାତ୍ରା ସମୟରେ କେଉଁ ଉଦ୍ଦେଶ୍ୟରେ ଏପରି ଭାବେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି, ତାହାକୁ ନେଇ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହ ନେଇ ତଦନ୍ତ ପାଇଁ ୪ ଜଣିଆ କମିଟି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ନେତୃତ୍ୱରେ ଗଠନ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ସାହୁ, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ସଫେଇ ସୁପର୍ ଭାଇଜର, ପୂର୍ତ୍ତ ବିଭାଗ ଅଧିକାରୀ ରହିଛନ୍ତି।

ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଘଟଣାର ତଦନ୍ତ ହେବ। ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରିଥିବେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଘଟଣା ବାବଦରେ ବିଭିନ୍ନ ଗଣମାଧ୍ୟମରୁ ଖବର ପାଇବା ସହ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏନେଇ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ତାଗିଦା କରାଯାଇଛି। ମେଘନାଦ ପାଚେରି ପାଖରେ ଗଦା ହୋଇଥିବା ଅଳିଆଗୁଡ଼ିକୁ କଢ଼ାଯିବ। ସେନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି।

ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, କେତେଜଣ ଭକ୍ତ ବ୍ୟାକୁଳ ହୋଇ ରହିଥିଲେ। ତେଣୁ ଦକ୍ଷିଣ ଦ୍ୱାର ଅଳିଆ ଗଦା ଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ଏହାର ଭିଡିଓ ହସ୍ତଗତ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ଆମର ପ୍ରାଥମିକତା। ଯେଉଁ ବାଟେ ଉକ୍ତ ଯୁବକମାନେ ପ୍ରବେଶ କରଥିଲେ, ସେହି ଗେଟ୍‌ରେ ଚାବି ମଧ୍ୟ ପଡ଼ିଥିଲା। ପୌରସଂସ୍ଥା କର୍ମଚାରୀ ଓ ଏଜେନ୍ସିଗୁଡ଼ିକୁ ସଫା କରିବାକୁ କୁହାଯାଇଥିଲା। ସୁନାବେଶ ଓ ଲୋକ ଅଧିକ ହେତୁ ସଫେଇ ହୋଇନାହିଁ। ଫଳରେ ଉକ୍ତ ଅଳିଆଗଦା ଉପରେ ଚଢ଼ି ଯୁବକମାନେ ପ୍ରବେଶ କରିଥିଲେ। ଯେଉଁମାନେ ପାଚେରି ଡେଇଁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଥାନାରେ ଅଭିଯୋଗ କରାଯିବ ବୋଲି ଜିଲାପାଳ ରାଣା କହିଛନ୍ତି।

# ଜେଲରୁ ବାହାରିଲେ ଜଗନ୍ନାଥ



ବିଏମ୍‌ସିର ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ମାମଲାରେ ଗିରଫ ହୋଇଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନ ବୁଧବାର ସନ୍ଧ୍ୟାରେ ଝାରପଡ଼ା ଜେଲରୁ ବାହାରିବା ପରେ ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଉଛି।

## 'ବିରୋଧୀଙ୍କ ପ୍ରରୋଚନାରେ ଓଏଏସ୍ ସଂଘ ଶିକାର'

ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ମାମଲାରେ ଗିରଫ ହୋଇ ଜେଲରେ ଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ବୁଧବାର ଜାମିନ ମିଳିଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରାଜଜ୍ ବିଚାରପତି ଆବେଦନର ଶୁଣାଣି କରି ୩୦ ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ଜଗନ୍ନାଥଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୋଗକାରୀଙ୍କୁ ନ ଧମକାଇବାକୁ ସର୍ତ୍ତ ରଖାଯାଇଛି। ଜଗନ୍ନାଥଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ ଜାମିନ ଆବେଦନ କରିଥିଲେ। ଅପରପକ୍ଷରେ ଏହି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ହୋଇଥିବାବେଳେ ୧୫ ତାରିଖରେ ସେନେଇ ଶୁଣାଣି ହେବ ବୋଲି ସୂଚନା ମିଳିଛି।

ଜଗନ୍ନାଥଙ୍କୁ ପୂର୍ବାହ୍ନରେ ଜାମିନ ମିଳିଥିବା ବେଳେ ସେ ଜେଲରୁ ବାହାରିବା ପାଇଁ ସମର୍ଥକମାନେ ଚାହିଁ ରହିଥିଲେ। ଝାରପଡ଼ା ଜେଲ ପରିସରରେ ବହୁ ସଂଖ୍ୟାରେ ସମର୍ଥକ ଅପେକ୍ଷା କରିଥିଲେ। ଜାମିନର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ସନ୍ଧ୍ୟାରେ ଜଗନ୍ନାଥ ଜେଲରୁ ବାହାରିଥିଲେ। ସମର୍ଥକମାନେ ତାଙ୍କୁ ଫୁଲମାଳ ପକାଇ ଦୀପ ବନ୍ଦନା କରି ସ୍ୱାଗତ କରିଥିଲେ। ଜଗନ୍ନାଥ ଗଣମାଧ୍ୟମକୁ କହିଛନ୍ତି, ୩୦ ତାରିଖରେ ଘଟିଥିବା ଅଘଟଣକୁ ସେ ପ୍ରଥମରୁ ଦୃଢ଼ ନିନ୍ଦା କରିଆସୁଛନ୍ତି। ଏହି ଘଟଣାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ, ଯାହାର ଆଜି ପ୍ରମାଣ ମିଳିସାରିଛି। ଏଥିପାଇଁ ସେ ବିଚାରପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଦଳର ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସେ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଜଗନ୍ନାଥ ଆହୁରି କହିଛନ୍ତି, ଆଗକୁ ଦଳକୁ କିଭଳି ସଂଗଠିତ କରାଯିବ ଏବଂ ସରକାରଙ୍କ ସାଥିରେ ସଂଗଠନ କିଭଳି ହାତ ମିଳାଇ ଲୋକଙ୍କ କଥା ବୁଝିବ, ସଫଳତାର ସହ ବିକଶିତ ଓଡ଼ିଶା ଗଠନ କରିବ, ଏ ଦିଗରେ ଧ୍ୟାନ ଦିଆଯିବ। ବିରୋଧୀ ଏହି ଷଡ଼ଯନ୍ତ୍ର କରିଥିବାବେଳେ ଓଏଏସ୍ ସଂଘ ଏହାର ଶିକାର ହୋଇଥିଲା। ଯେଉଁ ଅଧିକାରୀମାନେ ଏହାର ଶିକାର ହୋଇଥିଲେ ଏହାକୁ ସେମାନେ ବୁଝି ଧ୍ୟାନ ଦିଅନ୍ତୁ। ମୋହନ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ସରକାରକୁ ସୁରୁଖୁରୁରେ ଚଲେଇବା ଦାୟିତ୍ୱ ଅଧିକାରୀମାନଙ୍କର। ରାଜ୍ୟରେ ଭାଜପା ସରକାର ଗଠନ କରିଥିବାବେଳେ ଅଧିକାରୀମାନେ ମଧ୍ୟ ଗୋଟିଏ ପରିବାରର। ପରିବାରର ସଦସ୍ୟମାନେ ଆଗକୁ ବଢ଼ି ଓଡ଼ିଶାକୁ ବିକଶିତ କରିବା ବୋଲି ଜଗନ୍ନାଥ କହିଛନ୍ତି।

# ୨୦୨୬ ମେ ସୁଦ୍ଧା ଆରମ୍ଭ ହେବ ପେଲେଟ୍ ପ୍ରକଳ୍ପ

## ଓଏମ୍‌ସି କାର୍ଯ୍ୟକ୍ରମର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)



୨୦୨୫-୨୬ରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ୫୦ ମିଲିଅନ ଟନ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଓଏମ୍‌ସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଏଥିପାଇଁ ଭାରତ ସରକାରଙ୍କର ମେକନ୍ ନାମକ ଏକ ସଂସ୍ଥାକୁ ଟେକ୍ନୋ-ଇକୋନୋମିକ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପେଲେଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ୨୦୨୬ ମେ ସୁଦ୍ଧା ପେଲେଟ୍ ପ୍ରକଳ୍ପ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

### ■ ଆସନ୍ତା ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୬ ମିଲିଅନ ଟନ୍ ରହିଛି

ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଛି। ବିଶେଷକରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଚଳିତ ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବା ବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି। ଖଣି ଅଞ୍ଚଳର ଲୋକମାନଙ୍କ ଜୀବିକା ସୃଷ୍ଟି ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ପାଇଁ ଓଏମ୍‌ସି ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛି। ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡ଼ିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗର ନୂତନ ପଦାଧିକାରୀ

ଭୁବନେଶ୍ୱର, ୯।୭(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ସୁପାରିସ ଓ ଅଖିଳ ଭାରତ କଂଗ୍ରେସ କମିଟି ସଭାପତିଙ୍କ ଅନୁମୋଦନକ୍ରମେ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗର ପଦାଧିକାରୀ ନିଯୁକ୍ତ ହୋଇଛନ୍ତି। ଏଆଇସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ପୱନ ଖେରା ଜାରି କରିଥିବା ପଦାଧିକାରୀ କମିଟିରେ ଅମିୟ ପାଣ୍ଡବ ଉପାଧ୍ୟକ୍ଷ ରହିଥିବାବେଳେ ଦୀପକ କୁମାର ମହାପାତ୍ର ଗଣମାଧ୍ୟମ ସଂଯୋଜକ ଓ ପ୍ରେସ୍ ଦାୟିତ୍ୱରେ ରହିଛନ୍ତି। ଜଗଦାନନ୍ଦ ପ୍ରଧାନ ରିସର୍ଚ୍ଚ, ଡାଟା, ଇନ୍‌ଫର୍ମେଶନ ଦାୟିତ୍ୱରେ ରହିଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ତାଲିକାରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ବିଧାୟକ ସାଗର ଚରଣ ଦାସ, ସୋଫିଆ ଫିର୍ଦ୍ଦୋସ, ହମିଦ୍ ହୁସେନ, ମନୋରଞ୍ଜନ ଦାଶ, ଅଭିଷେକ ମହାନନ୍ଦ, ରଜନୀ କୁମାର ମହାନ୍ତି, ପଦ୍ମାକର ଗୁରୁ, ନିଶିକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ଶତପଥୀ, ସୋନାଲି ସାହୁ, ଶାମ୍‌ସିଦ୍ ତାୟବ, ଦେବାଶିଷ ଭୂୟାଁ, ଜୟଶ୍ରୀ ପାତ୍ର, ମନୀଷା ଦାସ ପଟ୍ଟନାୟକ, ହିମାଂଶୁ କୁମାର ଲେଙ୍କା, ଲଲାଟେନ୍ଦୁ ଦାସ, ବିଭୂତି ଭୂଷଣ ମହାପାତ୍ର, ମାନସ ରଞ୍ଜନ ଚୌଧୁରୀ, ନଳିନୀକାନ୍ତ ନାୟକ ପ୍ରମୁଖ ରହିଥିବାବେଳେ ଅମ୍ରିତା ଦାସ, ସଂଗ୍ରାମ କେଶରୀ ମାଝୀ, ରୂପାଦିତ୍ୟା ମହାପାତ୍ର, ଅଶୋକ କୁମାର ସ୍ୱାଇଁ, ଝୁନା କୁମାରୀ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ରାକେଶ କୁମାର ସାହୁ, ନୀହାର ରଞ୍ଜନ ବେହେରା ପ୍ରମୁଖ ମିଡିଆ ପ୍ୟାନେଲିଷ୍ଟ ରହିଛନ୍ତି।

# ସୁଧାଂଶୁ ଶେଖର ଦେଓ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୯।୭(ରବିନାରାୟଣ ଜେନା)

କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶରେ କୃଷକ ନେତା ଏବଂ ବିସ୍ଥାପିତ ଲୋକଙ୍କ ପ୍ରତିନିଧିମାନଙ୍କ ସହ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ସୁଧାଂଶୁ ଶେଖର ଦେଓ ସଂଯୋଜକ ଥିବାବେଳେ ନିରଞ୍ଜନ ନାୟକ ଓ ପିନାକୀ ନାରାୟଣ ଦାସ ସଭ୍ୟ ରହିଛନ୍ତି।

# ସମ୍ବିଧାନ ବଞ୍ଚାଅ ସମାବେଶ ଡବଲ ଇଞ୍ଜିନ ସରକାର ପାଇଁ କାଳ ହେବ: ଭକ୍ତ



ଭୁବନେଶ୍ୱର,୯।୭ (ରବିନାରାୟଣ ଜେନା)

ଚଳିତମାସ ୧୧ ତାରିଖରେ ହେବାକୁ ଥିବା କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶ ଡବଲ ଇଞ୍ଜିନ ସରକାର ପାଇଁ କାଳ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ କେନ୍ଦ୍ର ସରକାର ନଷ୍ଟ କରିଦେଇଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରଥମବର୍ଷ ପ୍ରତାରଣାର ପ୍ରତୀକ ପାଲଟିଛି। ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସଂସ୍କୃତି ସହ ମଧ୍ୟ ଖେଳୁଛନ୍ତି। ଆଗାମୀ ଦିନରେ ରାଜ୍ୟ କଂଗ୍ରେସ ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ ବିଫଳତାକୁ ନେଇ ଲୋକଙ୍କ ପାଖକୁ ଯିବ।

ସେ କହିଛନ୍ତି, ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେବା ପାଇଁ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଏଆଇସିସି ସାଧାରଣ ସମ୍ପାଦକ ବେଣୁଗୋପାଳ ଓଡ଼ିଶା ଆସୁଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କେନ୍ଦ୍ରୀୟ ନେତୃବୃନ୍ଦ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ସେଠାରୁ ସିଧା ବରମୁଣ୍ଡା ପଡ଼ିଆ ଯିବେ। ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ମଧ୍ୟାହ୍ନ ୧୨ଟାରେ ସଭା ଆରମ୍ଭ ହେବ। ସଭା ସରିବା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୩ଟାରେ କଂଗ୍ରେସ ଭବନରେ ଏକ ବୈଠକ ଅନୁଷ୍ଠିତ ହେବ। ପ୍ରଥମେ ପଲିଟିକାଲ ଆଫେୟାର୍ସ କମିଟି ସହ ରାହୁଲ ବୈଠକ କରିବେ, ଏହା ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ହେବ। ସନ୍ଧ୍ୟା ୫ଟାରେ ସେ ଦିଲ୍ଲୀ ଫେରିଯିବେ ବୋଲି ଭକ୍ତ କହିଛନ୍ତି। ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗଣମାଧ୍ୟମଗୁଡ଼ିକ ରାହୁଲଙ୍କ ଗସ୍ତର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସର ଐତିହ୍ୟ ସ୍ମରଣ କରାଇ ଦେଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ସେସ୍ ନ କରିବା ଦ୍ୱାରା ରାଜ୍ୟ ୨ ଲକ୍ଷ କୋଟିର ଅଣରାଜସ୍ୱ କାହା ସ୍ୱାର୍ଥରେ ହରାଇଲା ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟଙ୍କ ରାୟ ପରେ ନ୍ୟାୟ ମିଳିବା ଆଶା ଉଜ୍ଜୀବିତ: ସୌମ୍ୟଙ୍କ ବାପା

ଖଇରା, ୯।୭(ଉତ୍କଳବନ୍ଧୁ ପଣ୍ଡା)

ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି। ବୁଧବାର ହାଇକୋର୍ଟଙ୍କ ରାୟ ପରେ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଓ ମା' ତୁଳସୀ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ନ୍ୟାୟ ମିଳିବା ନେଇ ପୁଣିଥରେ ଆଶା ଉଙ୍କି ମାରିଛି । ପୂର୍ବ ସରକାର ସମୟରେ ଅଭିଯୁକ୍ତମାନଙ୍କର ସୁରକ୍ଷା ପାଇଁ ପୋଲିସ, କ୍ରାଇମବ୍ରାଞ୍ଚ ସେମାନଙ୍କୁ ସୁହାଇବା ଭଳି ତଦନ୍ତ ଓ ରିପୋର୍ଟ ପ୍ରଦାନ କରିଥିବାରୁ ନ୍ୟାୟ ମିଳିବା ଆଶା କ୍ଷୀଣ ଥିଲା । ହେଲେ ଏବେକାର ମୋହନ ସରକାର ତଥା ଉଚ୍ଚ ଅଦାଲତଙ୍କ ଉପରେ ଯଥେଷ୍ଟ ଭରସା ଅଛି। ବୁଧବାର ଅଭିଯୁକ୍ତମାନଙ୍କ ଆବେଦନକୁ ଖାରଜ କରି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ଚଳାଇବା ପାଇଁ ଉଚ୍ଚ ଅଦାଲତ ପାରଳାଖେମୁଣ୍ଡି ନିମ୍ନ ଅଦାଲତକୁ ନିର୍ଦ୍ଦେଶ ଦେବା ପରେ ଏହି ହତ୍ୟାରେ ସମ୍ପୃକ୍ତ ଥିବା ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ରୋଷେୟା ମନ୍ମଥ କୁମ୍ଭଙ୍କୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ବାପା ଖଇରା ବ୍ଲକ ବେଗୁନିଆ ଗ୍ରାମର ବାପା ଅଭିରାମ ମହାପାତ୍ର ପ୍ରକାଶ କରିଛନ୍ତି।

# ଲିଫ୍ଟରେ ଫସିଲେ ମହିଳା ଡାକ୍ତର

ଟିଟିଲାଗଡ଼,୯।୭(ଶରତ ମିଶ୍ର)



ଲିଫ୍ଟରେ ମହିଳା ଡାକ୍ତର ଅଟକି ରହିଛନ୍ତି।

ଏକ ଅଭାବନୀୟ ଘଟଣାକ୍ରମେ ଟିଟିଲାଗଡ଼ ସହରର ପିପଲପଦରସ୍ଥିତ ମାତୃ ଓ ଶିଶୁ ଡାକ୍ତରଖାନାର ଲିଫ୍ଟରେ ଜଣେ ମହିଳା ଡାକ୍ତର ଦୀର୍ଘ ସମୟ ଧରି ଫସି ରହିବା ଚର୍ଚ୍ଚାର ବିଷୟ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟାରେ ମାତୃ ଓ ଶିଶୁ ଡାକ୍ତରଖାନାର ଉପର ମହଲାରେ ଏକ ପ୍ରସୂତି କାର୍ଯ୍ୟ ସାରି ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. କିରଣମୟୀ ପଣ୍ଡା ଲିଫ୍ଟ ଯୋଗେ ତଳକୁ ଓହ୍ଲାଉଥିବା ବେଳେ ଲିଫ୍ଟଟି ପ୍ରଥମ ମହଲାରୁ ପ୍ରାୟ ୭ ଫୁଟ ତଳକୁ ଆସି ଅଟକି ଯାଇଥିଲା । ଖବର ପାଇ ଅନ୍ୟତମ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ବଳରାମ ସାହୁ, ଡା. ଓମକାର ହୋତା ତଥା କର୍ମଚାରୀ ପହଞ୍ଚି ସହାୟତା ପାଇଁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇ ଅଗ୍ନିଶମ ସେବାସଂସ୍ଥାକୁ ଖବର ଦେଇଥିଲେ । ଏନେଇ ଟିଟିଲାଗଡ଼ ଅଗ୍ନିଶମ ଅଧିକାରୀ ରାଧେଶ୍ୟାମ ବାରିକଙ୍କ ନେତୃତ୍ୱରେ ଏକ ଦଳ ପହଞ୍ଚି ଅତ୍ୟାଧୁନିକ ଯନ୍ତ୍ର ସହାୟତାରେ ଲିଫ୍ଟର ଗେଟ ଭାଙ୍ଗିଥିଲେ। ଜଣେ କର୍ମଚାରୀ ତଳକୁ ଓହ୍ଲାଇ ଏକ ଚୌକି ଏବଂ ତା ଉପରେ ଏକ ଷ୍ଟୁଲ ପକାଇ ଡାକ୍ତରାଣୀଙ୍କୁ ତଳୁ ଉପରକୁ ଟାଣି ଅଣାଯାଇଥିଲା । ଡାକ୍ତରାଣୀ ଜଣକ ଲିଫ୍ଟରେ ପ୍ରାୟ ଦେଢ ଘଣ୍ଟା ଧରି ଫସିଥିବା କୁହାଯାଉଛି।

# 'ପ୍ରଗତି'କୁ ମୁଖ୍ୟ ସଚିବଙ୍କ ଗୁରୁତ୍ୱ

## ପ୍ରକଳ୍ପରେ ସମସ୍ୟା ଥିଲେ ତୁରନ୍ତ ଜଣାଅ

ଭୁବନେଶ୍ୱର,୯।୭ (ରବିନାରାୟଣ ଜେନା)

ଭାରତ ସରକାରଙ୍କ ଅଧୀନ ପ୍ରୋ-ଆକ୍ଟିଭ୍ ଗଭର୍ନାନ୍ସ ଆଣ୍ଡ୍ ଟାଇମ୍‌ଲି ଇମ୍ପ୍ଲିମେଣ୍ଟେଶନ (ପ୍ରଗତି) ଜରିଆରେ ଓଡ଼ିଶାରେ ନିରୀକ୍ଷଣ ହେଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱ ଦେଇଛନ୍ତି। ପ୍ରଗତି ପୋର୍ଟାଲ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକରେ ଯଦି କେଉଁଠାରେ ଜମି ସମସ୍ୟା ଉପୁଜୁଛି, ତେବେ ତୁରନ୍ତ ଅବଗତ କରାଇବା ସହ ତା'ର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚଳିତ ମାସ ୫ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ସଚିବ ଆହୁଜା ନିଜ ବ୍ୟକ୍ତିଗତ ନୋଟ୍‌ଶିଟ୍‌ରେ ଦର୍ଶାଇଛନ୍ତି ଯେ, ବିଭିନ୍ନ ପ୍ରକଳ୍ପରେ ବିଭାଗ ଓ ଏଜେନ୍ସି ମଧ୍ୟରେ ଥିବା ସମସ୍ୟାକୁ ସମାଧାନ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସର୍ବସାଧାରଣ ସମ୍ପତ୍ତି ଓ ସେବାକୁ ନିଶ୍ଚିତ କରିବା ଦିଗରେ ପ୍ରଗତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପ୍ରଗତି ପୋର୍ଟାଲରେ ତାଲିକାଭୁକ୍ତ ସମସ୍ୟାଗୁଡ଼ିକ ଓ ପିଏମ୍‌ଜି ପୋର୍ଟାଲରେ ବିଳମ୍ବିତ ସବୁ ପ୍ରକଳ୍ପ ସମ୍ପର୍କରେ ଚଳିତମାସ ୧୭ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଯଦି କୌଣସି ବିଭାଗର କିଛି ପ୍ରକଳ୍ପରେ ସମସ୍ୟା ଥାଏ ତାହାକୁ ସ୍ଥାନିତ କରାଯାଇ ସମାଧାନ କରାଯିବ। ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ ଲାଗି ଅଗଷ୍ଟ ୨୦୨୫ରୁ ପ୍ରତିମାସ ତୃତୀୟ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ପିଏମ୍‌ଜି ପୋର୍ଟାଲରେ ସମ୍ପୂର୍ଣ୍ଣ ଭାବେ ଅପ୍‌ଡେଟ୍ ତଥ୍ୟ ଅପ୍‌ଲୋଡ୍ କରିବାକୁ ହେବ, ଯାହାଫଳରେ ମୁଖ୍ୟ ସଚିବଙ୍କ ନେତୃତ୍ୱରେ ହେବାକୁଥିବା ସମୀକ୍ଷା ବୈଠକ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଯିବା ଉଚିତ। ପ୍ରତ୍ୟେକ ବିଭାଗ ପ୍ରଗତି ସମୀକ୍ଷା ପୂର୍ବରୁ ଯେପରି ପ୍ରକଳ୍ପ ସଂକ୍ରାନ୍ତରେ ଅପ୍‌ଡେଟ୍ ରହିବେ ସେଥିପ୍ରତି ସଜାଗ ରହିବାକୁ ମୁଖ୍ୟ ସଚିବ ଦର୍ଶାଇଛନ୍ତି।

# ହାତ ଧରିଲେ ପ୍ରଦୀପ



ଭୁବନେଶ୍ୱର,୯।୭(ରବିନାରାୟଣ ଜେନା)

କେନ୍ଦ୍ରାପଡ଼ାର ବିଜେଡି ନେତା ପ୍ରଦୀପ ପ୍ରଧାନ ଓ ତାଙ୍କର ବହୁ ସମର୍ଥକ ବୁଧବାର କଂଗ୍ରେସରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଏନେଇ ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ ଏବଂ କେନ୍ଦ୍ରାପଡ଼ା ଜିଲା ସଂଯୋଜକ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ପ୍ରଦୀପଙ୍କ ଯୋଗଦାନ ଆଗାମୀ ଦିନରେ କେନ୍ଦ୍ରାପଡ଼ା ଓ ରାଜ୍ୟରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବ।

# ପୂର୍ବତନ ମନ୍ତ୍ରୀଙ୍କ ଜାତିଗତ ପ୍ରମାଣପତ୍ରକୁ ଯାଞ୍ଚ କମିଟିର ସ୍ୱୀକୃତି

ଭୁବନେଶ୍ୱର,୯।୭(ରବିନାରାୟଣ ଜେନା)

ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ଜାତିଗତ ପ୍ରମାଣପତ୍ର ଜାଲିଆତି ଅଭିଯୋଗକୁ ରାଜ୍ୟସ୍ତରୀୟ ଯାଞ୍ଚ କମିଟି(ଏସ୍‌ଏଲ୍‌ଏସ୍‌ସି) ଖାରଜ କରିଛି। ଏହାସହିତ ଉକ୍ତ ପ୍ରମାଣପତ୍ର ଆଇନଗତ ଦୃଷ୍ଟିରୁ ଠିକ୍ ବୋଲି କମିଟି ତା'ର ରିପୋର୍ଟରେ ଦର୍ଶାଇଛି। ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ ନେଇ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଜୁନ୍ ୧୮ରେ ଜାତିଗତ ପ୍ରମାଣପତ୍ର ସମ୍ପର୍କରେ ଦେଇଥିବା ରିପୋର୍ଟରେ ଦର୍ଶାଇଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣ ଅନୁଯାୟୀ, ଅଭିଯୁକ୍ତ ଯୋଗେନ୍ଦ୍ର ଅନୁସୂଚିତ ଜାତିର ହେବା ସହ ବର୍ତ୍ତମାନ ମାନ୍ୟତାପ୍ରାପ୍ତ ଜାତିଗତ ପ୍ରମାଣପତ୍ର ଧାରଣ କରୁଛନ୍ତି, ଯାହା ଯୋଗ୍ୟ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଛି। କମିଟି ଆହୁରି ମଧ୍ୟ ଉଲ୍ଲେଖ କରିଛି, ଏନେଇ ଆପତ୍ତିକାରୀଙ୍କ ତରଫରୁ କୌଣସି ଅଭିଯୋଗ ଉଠାଯାଇନାହିଁ। ଏହାକୁ ଦୃଷ୍ଟିରେ ରଖି ବେହେରାଙ୍କ ନିକଟରେ ଥିବା ଜାତିଗତ ପ୍ରମାଣପତ୍ରର ସଠିକତା ନିର୍ଣ୍ଣୟ ବିଷୟରେ କୌଣସି ମାମଲା ଚାଲୁରହିବ ନାହିଁ। ଆରଡିସିଙ୍କ ଅଧ୍ୟକ୍ଷତାରେ ଗଠିତ ଯାଞ୍ଚ କମିଟିରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଏସ୍‌ସିଏସ୍‌ଟି ଆର୍‌ଟିଆଇ ସହନିର୍ଦ୍ଦେଶକ ଉତ୍ତମ କୁମାର ସାହୁ ଏବଂ ଓଡବ୍ଲ୍ୟୁଏସ୍ ଉପନିର୍ଦ୍ଦେଶକ ପରିକ୍ଷିତ ଦାଶ ଉପସ୍ଥିତ ଥିଲେ।

କମିଟି ରିପୋର୍ଟକୁ ନେଇ ଯୋଗେନ୍ଦ୍ର କହିଛନ୍ତି, ଯାହା ଠିକ୍ ତାକୁ କେହି କଥାରେ କହି ଭୁଲ୍ ପ୍ରମାଣିତ କରିପାରିବେ ନାହିଁ। ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ୨୦୧୮ରେ ମୋ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଜାତିଗତ ପ୍ରମାଣପତ୍ର ଜାଲିଆତି ନେଇ ଯେଉଁ ଅଭିଯୋଗ କରିଥିଲା, ତାହାକୁ ଯାଞ୍ଚ କମିଟି ଖାରଜ କରିଦେଇଛି। ଏହାଦ୍ୱାରା ମୋର ଯେଉଁ ସମ୍ମାନ ହାନି ହୋଇଛି ସେନେଇ ମୁଁ ଉପର ଅଦାଲତରେ ମାନହାନି ମକଦ୍ଦମା କରିବି। ଅନ୍ୟପକ୍ଷରେ ସମିତି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଭଜମନ ବେହେରା କହିଛନ୍ତି, ଯୋଗେନ୍ଦ୍ର ବେହେରାଙ୍କ ଜାତିଗତ ପ୍ରମାଣପତ୍ର ୨୦୦୨ରେ ଠିକ୍ ବୋଲି ପ୍ରମାଣିତ ହୋଇଥିଲା। ହେଲେ ଏହା ପୂର୍ବରୁ ସେ ୧୯୯୫ରେ ଯେଉଁ କେଉଟ ଜାତିର ବୋଲି ଦର୍ଶାଇ ସରକାରଙ୍କଠାରୁ ବିଭିନ୍ନ ସୁବିଧା ସୁଯୋଗ ହାସଲ କରିଛନ୍ତି, ତାହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ୍ କରାଯିବ।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ୧୪ ଓ ୧୫ରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତିଙ୍କ ୨ଦିନିଆ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମାପନ କରିବା ନେଇ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଲୋଚିତ ସୂଚନା ଅନୁସାରେ ଆସନ୍ତା ୧୪ ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱର ଏମ୍‌ସର ୫ମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ଜୁଲାଇ ୧୫ ପୂର୍ବାହ୍ନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାପରେ ପରେ ସେ କଟକ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ ଅପରାହ୍ନରେ କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

# କେସ୍ ଡାଏରୀ, ରେକର୍ଡପତ୍ର ଦାଖଲ କଲା ଭିଜିଲାନ୍ସ

## ଆଇଏଏସ୍ ଧୀମନ୍ ଚକ୍‌ମାଙ୍କ ଜାମିନ ମାମଲା

କଟକ,୯।୭(କାର୍ତ୍ତିକ ସାହୁ)

ଆଇଏଏସ୍ ଧୀମନ୍ ଚକ୍‌ମାଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ବୁଧବାର ହୋଇଥିବା ବେଳେ ଭିଜିଲାନ୍ସ ପକ୍ଷରୁ କେସ୍ ଡାଏରୀ ଓ ରେକର୍ଡପତ୍ର ହାଇକୋର୍ଟରେ ଦାଖଲ କରାଯାଇଛି। ଆସନ୍ତା ସପ୍ତାହରେ ତାଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ହେବ ବୋଲି ଜଣାଯାଇଛି। ସୂଚନାନୁସାରେ, ୨୦୨୧ ବ୍ୟାଚ୍ ଆଇଏଏସ୍ ଧୀମନ୍ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେ କଳାହାଣ୍ଡି ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଚକ୍‌ମାଙ୍କୁ ନିଲମ୍ବନ କରିଛନ୍ତି। ଭିଜିଲାନ୍ସ ଏହି ମାମଲାରେ ଚକ୍‌ମାଙ୍କ ଲିଙ୍କ୍‌ରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନ୍‌ଭିନ କରିଥିଲା। ତ୍ରିପୁରାସ୍ଥିତ ଚକ୍‌ମାଙ୍କ ବାସଭବନରେ ଭିଜିଲାନ୍ସର ୩ ଜଣିଆ ଟିମ୍ ପହଞ୍ଚିଥିଲା। ଏଥିସହ ହିମାଚଳ ପ୍ରଦେଶରେ ଥିବା ଶ୍ୱଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସି କରିଥିଲା। ଭିଜିଲାନ୍ସ ଟିମ ତାଙ୍କର ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ସହ ଯାଞ୍ଚ ମଧ୍ୟ କରିଥିଲା।

# ଦୁର୍ବଳ ନଦୀବନ୍ଧ ଉପରେ ତୀକ୍ଷ୍ଣ ନଜର ରଖ: ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୯।୭ (ରବିନାରାୟଣ ଜେନା)

ଆଗାମୀ ଦିନରେ ବନ୍ୟାକୁ ଯେଭଳି ଠିକଣା ଭାବେ ମୁକାବିଲା କରାଯାଇପାରିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବାକୁ ଉନ୍ନୟନ ଆୟୁକ୍ତ ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ୟା ସମୀକ୍ଷା ବୈଠକକୁ ନେଇ ବିଭାଗୀୟ ଅତିରିକ୍ତ ସଚିବ ଆରତି ରାଉତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କୁ ବିଭାଗର ଏସ୍ଓପି ଜାରି କରିଛନ୍ତି। ଚଳିତ ମାସ ୪ ତାରିଖରେ ସେ ଦେଇଥିବା ପତ୍ରରେ ଦର୍ଶାଯାଇଛି ଯେ, ସମ୍ଭାବ୍ୟ ବନ୍ୟାର ପ୍ରଭାବଶାଳୀ ପରିଚାଳନା ମାଧ୍ୟମରେ ଶୂନ୍ୟ ମୃତ୍ୟୁ(ଜିରୋ କାଜୁଆଲିଟି) ନିଶ୍ଚିତ କରିହେବ। ଏଥିଲାଗି କଡ଼ାକଡ଼ି ଭାବେ ଏସ୍ଓପି ପାଳନ କରିବାକୁ ହେବ। ନିଷ୍ପତ୍ତି ଅନୁସାରେ, ଜଳସମ୍ପଦ ବିଭାଗର ସମସ୍ତ ପ୍ରମୁଖ ଏବଂ ମଧ୍ୟମ ଜଳସେଚନ ଡିଭିଜନ, ସର୍କଲ ଓ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ବନ୍ୟା ନିୟନ୍ତ୍ରଣ କକ୍ଷ ଅକ୍ଟୋବର ୩୧ ପର୍ଯ୍ୟନ୍ତ ୨୪ ଘଣ୍ଟା ସଚଳ ରହିବ। ଏହାସହ ସେଚ ସଦନରେ ଥିବା ଇଞ୍ଜିନିୟର-ଇନ୍-ଚିଫ୍ କାର୍ଯ୍ୟାଳୟରେ ରାଜ୍ୟ ବନ୍ୟା ନିୟନ୍ତ୍ରଣ କକ୍ଷ ଏବଂ ରାଜୀବ ଭବନର ୮ମ ମହଲାରେ ଥିବା ରାଜ୍ୟ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟରରେ ମଧ୍ୟ ଏହା ୨୪ ଘଣ୍ଟା କାର୍ଯ୍ୟ କରିବ। ହୀରାକୁଦ ଡ୍ୟାମ୍‌ର ମାଷ୍ଟର କଣ୍ଟ୍ରୋଲ ଷ୍ଟେଶନ ମଧ୍ୟ ୨୪ ଘଣ୍ଟା ସଚଳ ରହିବ। ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ସାମଗ୍ରୀ ଯଥା ବାଲିବସ୍ତା, ବାଉଁଶ ଓ ବଲ୍ଲା ଆଦି ମହଜୁଦ ରଖିବାକୁ କୁହାଯାଇଛି।

# ପାଣି ସୁଅରେ ଭାସିଗଲେ ୨ ଭାଇ

ସୋନପୁର/ଡୁଙ୍ଗୁରିପାଲି,୯।୭ (ମୃତ୍ୟୁଞ୍ଜୟ ଶତପଥୀ/ ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ମାଝିମୁଣ୍ଡା ଗାଁର ୨ ଭାଇ ଗାଧୋଇବାକୁ ଯାଇ ବୁଧବାର ଅପରାହ୍ନରେ ଧର୍ମଦାଣ୍ଡି ନାଳରେ ଭାସି ଯାଇଛନ୍ତି। ସେମାନେ ହେଲେ ଟିକେଶ୍ୱର ବାରିକ୍(୪୫) ଓ ନିରଞ୍ଜନ ବାରିକ୍(୪୦)। ଧର୍ମଦାଣ୍ଡି ନାଳର ଚେକ୍‌ଡ୍ୟାମ୍ ନିକଟରେ ଗାଧୋଉଥିବା ସମୟରେ ଟିକେଶ୍ୱରଙ୍କ ଗୋଡ ଖସି ଯାଇଥିଲା। ସେ ପାଣି ସୁଅରେ ଭାସି ଯାଉଥିବା ଦେଖି ସାନ ଭାଇ ନିରଞ୍ଜନ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ନିରଞ୍ଜନ ଏଥିରେ ଅସଫଳ ହେବା ସହ ନିଜେ ମଧ୍ୟ ପାଣି ସୁଅରେ ଭାସି ଯାଇଥିଲେ। ଅଗ୍ନିଶମ ସେବାକେନ୍ଦ୍ର ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ରାତି ହୋଇଯିବାରୁ ଖୋଜିବା କାମ ବନ୍ଦ ରହିଛି, ଗୁରୁବାର ସକାଳେ ପୁଣି ଆରମ୍ଭ ହେବ।

# ୬ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳବର୍ତ୍ତୀ ଜିଲାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ୨ ବାଇକ୍ ଧକ୍କା: ୨ ମୃତ, ୩ ଗୁରୁତର

ପାଲଲହଡ଼ା,୯।୭ (ଦିବ୍ୟଜ୍ୟୋତି ଦାଶ)

ଦେବଗଡ଼ ଜିଲା ବାରକୋଟ ଥାନା ଗୋଳାବନ୍ଧ ଗାଁ ନିକଟ ଜାତୀୟ ରାଜପଥ ୪୯ରେ ବୁଧବାର ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ ଜଣ ସଞ୍ଜୟ ପ୍ରଧାନ ଏବଂ ପିଣ୍ଟୁଲା ମହାନ୍ତଙ୍କ ମୃତ୍ୟୁ ହୋଇଛି। ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତ ୫ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ପାଲଲହଡ଼ା ଡାକ୍ତରଖାନା ପଠାଇଥିଲେ। ସେଠାରେ ୨ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତରମାନେ ହେଲେ ବିଜୟ ପ୍ରଧାନ ଓ ଅରୁଣ ମହାନ୍ତ। ଅନ୍ୟଜଣଙ୍କ ପରିଚୟ ମିଳିନାହିଁ।

---

## ODISHA STATE HOUSING BOARD

No.CAD-1043

SACHIVALAYA MARG, BHUBANESWAR - 751001
Phone: (0674) 2393524, EPBAX: (0674) 2391542, 2390141, Fax: (0674) 2393952
Visit us at: www.oshb.org

No.5186 /OSHB VS-19/2022 — Dt.07 JULY 2025

### QUOTATION / TENDER CALL NOTICE

Sealed quotations / tenders ae invited from interested reputed Travel Agencies / Tour Operators or Private individuals for providing 05 (Five) BS-VI emission compliant Vehicles detailed below for official use of Odisha State Housing Board on monthly rent basis.

| Type of Vehicle | No. of Vehicles | Maximum hire Charges per month excluding Taxes & POL (in Rs.) | Mileage per litre (in Km.) |
|---|---|---|---|
| Swift Dzire / Zest / Tigor/ Xcent/ Etios or vehicles of similar model and segment | 02 | 31,200/- | 17 |
| Celerio / Tiago / Blot or vehicles of similar model and segment | 03 | 24,000/- | 17 |

For details regarding eligibility criteria, terms & conditions, please visit our official website: www.oshb.org. The interested Agencies may submit their tender in sealed envelope superscribed, **'Tender for hiring of vehicles on monthly rent bais'**, addressed to Secretary, Odisha State Housing Board, A/32, Kharavel Nagar, Unit-III, Bhubaneswar-751001, on or before dt.23.07.2025, 03.00 P.M. The bids will be opened inthe Conference Hall (3rd Floor) of OSHB, Bhubaneswar on the same day at 04.00 P.M.
The OSHB authority reserves the right to accept or reject any offer without assigning any reason thereof.

OIPR-13030/11/0725/2526 — **Sd./- Secretary, Odisha State Housing Board**

---

## DIRECTORATE OF AGRICULTURE & FOOD PRODUCTION, ODISHA

### REQUEST FOR PROPOSAL

**"Selection of Agency for Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

No.L-36:- **RFP No 22759 Dated 08.07.2025 :** The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).
The RFP document is available and can be downloaded from the **tendersodisha.gov.in.** from 10.07.2025. Last date for submission of proposals is 08.08.2025 at 17.00 hrs. (IST). Further updates on this tender will be available on this website only.
The proposals received beyond the scheduled last date & time will be rejected out rightly.
The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

**Sd./- Director of Agriculture & Food Production, Odisha**
**OIPR-01034/11/0007/2526**

---

## ODISHA HYDRO POWER CORPORATION LTD

No.CAD-1048

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-132 (Vol.-II)/2581 Date: 08.07.2025**

**TENDER CALL NOTICE NO.-CHEP-22/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Agencies meeting Eligibility Criteria only for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Photocopying of official documents of various sizes of CHEP, Chiplima | Rs.4,720/- (Rs.4,000/- + GST @18%) | Rs.5,13,840.00 / EMD = Rs.5,150.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.10.07.2025 up to 12:30 PM of dtd.24.07.2025.**

**OIPR-04006/11/0095/2526 — Sd/- C & P Head, CHEP, Chiplima**

---

## VEER SURENDRA SAI UNIVERSITY OF TECHNOLOGY, BURLA

**P.O.: Engineering College, Burla (Siddhi Vihar), Dist.: Sambalpur, Odisha - 768018, www.vssut.ac.in**
**No. VSSUT/OOR/668/2025 — Dated: 8 July 2025**

### NOTICE

**Introduction of THREE NEW PROGRAMMES for admission from the 2025-26 Academic Session**

No. KK-131: In pursuance of the approval of the SD & TE Department, Government of Odisha, vide Letter No. SDTE-HTE-HTE-II-0038-2025/4214/SDTE, Dated 8 July 2025; admission of THREE NEW PROGRAMMES will be held from the 2025-26 academic session through OJEE. Three new programmes are:

| Name of the Programmes | UG/PG | Regular/ SSP | No. of Seats |
|---|---|---|---|
| B.Tech in Safety and Fire Engineering | UG | Regular | 30 |
| B.Tech in Biomedical Engineering | UG | Regular | 30 |
| B.Tech in Mechanical and Smart Manufacturing | UG | Regular | 30 |

The Fee structures for these three programmes are the same for the existing Regular Programmes of the University.

**OIPR-14072/11/0026/2526 — Sd./- Registrar**

---

## GOVERNMENT OF ODISHA
## OFFICE OF THE BLOCK DEVELOPMENT OFFICER PANCHAYAT SAMITI, RENGALI, SAMBALPUR

No. i-203

### E-Procurement Notice

**Bid Identification No.: P.S/REN/SBP/DEV/01/2025-26**
E-mail: ori-rengali@nic.in

**No. 2711 — Dated: 05.07.25**

1. The Block Development Officer, Rengali, Sambalpur on behalf of Governor of Odisha, invites **Percentage Rate** bids in **Double Cover System/Single Cover System (Whichever is applicable)** in **ONLINE MODE** for construction of **Buildings,** as detailed in the **DTCN** from the eligible class of contractors.
2. No. of Works : 24 (Twenty Four)
3. Tender Cost : Rs.6000.00
4. Class of Contractor : "B" Class, "C" Class & "D" Class
5. Date and time available in website & receipt of Bids : 12.00 Hrs. of 10.07.2025 to 17.00 Hrs. of 25.07.2025
6. Date of Opening of Tender : 29.07.2025 at 11.30 Hrs.
7. The bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only.
8. Any Corrigednum/Addendum will be displayed in the website **www.tendersodisha.gov.in** only.

**Sd./- Block Development Officer, Rengali**
**OIPR-15013/11/0056/2526**

---

No. CAD-1056

idco Your power to grow — ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No.- BBSR/ELECT-II/E-358/25-26/1665 — Dt. 07.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :- Supply, installation, Testing and commissioning of 500KVA, 11/0.4 KV plinth mounted Distribution Transformer for A and B Block of OUTR, Ghatikia, Bhubaneswar.**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-22/25-26 | 11.07.2025 at 12.00 Hrs. | 19.07.2025 at 16.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

**Sd./- Divisional Head (Elect-II) IDCO, Bhubaneswar**
**OIPR-14003/11/0193/2526**

---

## INTEGRATED TRIBAL DEVELOPMENT AGENCY, NABARANGPUR

**No. 2625/2025 — Date: 09.07.2025**

### Expression of Interest (EOI) Notification

No. CAD-1049: Sealed Expressions of Interest (EOI) in prescribed format are invited from eligible and interested suppliers/firms/Goat Breeders/FPOs/SHGs for the supply of goats for implementation of the "Goat Farming through Women SHGs" project under Mukhya Mantri Janajati Jeevika Mission (MMJJM) as per the specification given on website. The details of the Expression of Interest are available in the district website **http://nabarangpur.odisha.gov.in** from 10.00 A.M. of 10.07.2025 to 5.30 P.M. of 25.07.2025. The bids shall be received in Regd. Post & Speed Post only during office hours by 25.07.2025 and will be opened on 29.07.2025 at 11.00 A.M. at CDVO Office, Nabarangpur in the presence of the bidders or their authorized agents.

**OIPR-26064/11/0001/2526 — Sd./- P.A., ITDA, Nabarangpur**

---

## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III, BHUBANESWAR

bbsrrandb03@yahoo.com

**60Estg. No. 4821 — Date: 08.07.2025**

**Government of Odisha "e" - Procurement Notice No. (13) of 2025-26**
**No. B-283 — Bid Identification No.: C.C. (R&B) 03**

| | | |
|---|---|---|
| 1 | Name of the Work | Road Works |
| 2 | Total No. of Works | 4 Nos. Works |
| 3 | Estimated Cost | i) Rs.87,73,560.00, ii) Rs.83,88,600.00, iii) Rs.96,85,000.00, iv) Rs.60,28,800.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 11.07.2025 at 11.30 A.M. to 27.07.2025 at 5.30 P.M. |
| 8 | Last date & time for receipt of bids in the portal | 27.07.2025 upto 5.30 P.M. |
| 9 | Name & address of the Officer Inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division No. III, Bhubaneswar |

Further details can be seen from the e-procurement portal **https://tendersorissa.gov.in**
**N.B.:** Subsequent corrigendum/addendum if required shall be available in the website as indicated above.

**Sd./- Superintending Engineer BBSR (R&B) Division No. III, BBSR**
**OIPR-34185/11/0006/2526**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail id: seccbbsr@gmail.com

**E-Procurement Tender Call Notice No. 08 of 2025-26**
**No. 4113 (Estg.) — Bhubaneswar the 8th July 2025**

No. B-286: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number of road work to be received in online bidding, double cover system for construction work as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 15.07.2025 to 5.00 P.M. of 30.07.2025. The bidders must possess compatible Digital Signature Certificate of Class-II or III. Bids received online shall be opened at 11.00 A.M. of 31.07.2025 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersodisha.gov.in**.
Addendum/Corrigendum, if required, will be available only in the website.

**Sd./- Er. M.K. Mahananda**
**Chief Construction Engineer**
**Central (R&B) Circle, Bhubaneswar**
**OIPR-34156/11/0034/2526**

---

## OFFICE OF THE DHENKANAL MUNICIPAL COUNCIL, DHENKANAL

No. C-635

### E-Procurement Notice

**Tender Call Notice No. 2527/DKLMPLTY / Date: 07.07.2025**

1. Name of the Work : Individual Civil Construction work published the **www.tenderodisha.gov.in** website
2. No. of works put to tender : 26 Nos. individual works
3. Estimated Cost : Rs.1.92 lakhs to Rs.13.73 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.09.07.2025 to 17.00 of Dt.18.07.2025 of bid document in the portal
6. Last date/time for receipt of bids : 17.00 hours of Dt.18.07.2025
7. Date and time of opening of bid : 11.00 hours of Dt.19.07.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in.**

**Sd./- Executive Officer Dhenkanal Municipality**
**OIPR-13146/11/0037/2526**

---

See Career Appointment on every Wednesday & Saturday

---

## ODISHA PUBLIC SERVICE COMMISSION, CUTTACK

### NOTICE

**No.4801/PSC (1R-10-24/25) (DR-V) — Dt.09.07.2025**

**Assistant Professor (Stage-I) in Hindi (Advertisement No. 27 of 2023-24)**

No. D-: It is for information of all concerned that, document verification of **108 (One hundred eight)** candidates having **PPSAN** mentioned below for the post of **Assistant Professor (Stage-I) in "Hindi",** pursuant to advertisement No. 27 of 2023-24 shall be held from **22.07.2025 to 28.07.2025 (except 26.07.2025 & 27.07.2025)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.07.2025 | 10.30 A.M. | P240301804, P240305489, P240298767, P240305947, P240303901, P240303796, P240305738, P240303688, P240303598, P240296671, P240307185 & P240298153 **= 12 Candidates** |
| | 02.30 P.M. | P240301397, P240311226, P240304884, P240305014, P240304336, P240302495, P240303238, P240302885, P240301819 & P240304222 **= 10 Candidates** |
| 23.07.2025 | 10.30 A.M. | P240306003, P240307339, P240303502, P220088508, P240298061, P240308960, P240306119, P230161057, P240305275, P240283475, P240288583 & P240294865 **= 12 Candidates** |
| | 02.30 P.M. | P240302931, P240301677, P240298004, P240303647, P240235700, P240301583, P240307171, P240301563, P240311683 & P240309986 **= 10 Candidates** |
| 24.07.2025 | 10.30 A.M. | P240296531, P240301794, P240290048, P240302489, P240305057, P230158886, P240311397, P240307450, P230118455, P240284175, P240307353 & P240263044 **= 12 Candidates** |
| | 02.30 P.M. | P240298558, P240303757, P240290273, P240294758, P230102576, P240306330, P240282300, P240309434, P240306781 & P240303320 **= 10 Candidates** |
| 25.07.2025 | 10.30 A.M. | P240307152, P240268467, P240254600, P230233264, P240283753, P240306833, P240235076, P240282284, P240284542, P240256363, P240308680 & P240286547 **= 12 Candidates** |
| | 02.30 P.M. | P240296465, P230147786, P240297205, P240302701, P240302656, P230107475, P240306589, P240307326, P240309120 & P240310273 **= 10 Candidates** |
| 28.07.2025 | 10.30 A.M. | P240304681, P240308655, P240302932, P240298755, P240302798, P230145914, P240306858, P240307083, P230118241, P240307399, P240305185 & P240307251 **= 12 Candidates** |
| | 02.30 P.M. | P230112810, P240311843, P240271571, P240307554, P240303007, P240302462, P240275510 & P230106158 **= 08 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0266/2526 — Sd./- Secretary**

---

## BERHAMPUR MUNICIPAL CORPORATION, GANJAM

### INVITATIONS FOR BIDS (IFB)

**Letter No. 9541/ — Date: 02.07.25**

### Invitation for Bids

No. C-644

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. BMC (BAM):- 307/2025-2026**

| | | |
|---|---|---|
| 1 | **The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | **Civil work** |
| 3 | **No. of work** | **02 Nos.** |
| 4 | **Bid Cost** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 11.00 hrs. of **09.07.25** to 17.00 hrs. of **24.07.25** |
| 8 | **Date & Time of Opening of Technical Bids** | 11.00 hrs. onwards on **Dt. 25.07.25** |
| 9 | **Date & time of opening of financial bids** | Shall be intimated to the responsive Technically qualified bidder after evolution of Technical bids. |
| 10 | **Mode of submission of tender** | Tender should submitted Online in **www.tendersorissa.gov.in** |
| 11 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

**Sd./- Commissioner**
**Berhampur Municipal Corporation, Berhampur, Odisha**
OIPR-13035/11/0053/2526

---

## WESTERN ODISHA DEVELOPMENT COUNCIL

**6TH FLOOR, RAJIV BHAWAN, BHUBANESWAR-1**
**Phone:(0674) 2391598; Website: www.wodc.odisha.gov.in Email ID: ceowodc@gmail.com**

No. 1321 /WODC — Date: 08.07.25

### ADVERTISEMENT

**No. CAD-1066**:- Applications are invited from the eligible personnel residing within the State of Odisha in respect of district mentioned below for engagement in the post of Retired Assistant Engineer/ Assistant Executive Engineer WODC on Contractual Basis.

| Sl. No. | Name of the Post | Nos. of Post | Eligibility criteria / qualification | Salary | Nature of Post |
|---|---|---|---|---|---|
| 1 | **Assistant Engineer** (Deogarh, Bargarh, Kalahandi, Angul, Boudh, Sonepur, Jharsuguda, Sundargarh) | 08 | Degree/Diploma in Civil Engineering. A retired Engineer in the rank of AE/AEE (below 65 years) with experience in handling roads, buildings & Irrigation projects. | Monthly consolidated remuneration as per their eligibility for retired Government servant as per Finance Department circular. | Contractual |

Application forms and other details are available in the website of WODC i.e. www.wodc.odisha.gov.in
Application complete in all respect with relevant particulars/testimonials must reach the **Chief Executive Officer, Western Odisha Development Council, 6th Floor, Rajib Bhawan, Bhubaneswar-1** by Regd. Post / Speed Post on or before **25th July 2025**. The envelope containing the application should be superscribed with the name of the post applied for.
The CEO reserves the right to accept / reject any or all of the applications without assigning any reason thereof.

OIPR-50007/11/0001/2526 — **Sd./- Chief Executive Officer**

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12822/IND-II-PH-୧୨୬୨ — ତାରିଖ: 08.07.2025
No.CAD-1060

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଯାଉଅଛି ଯେ, **ଶ୍ରୀ ନରସିଂହ ପାତ୍ର, ଓଡ଼ିଶାର ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ସମୁଦାୟ ୬.୭୫୩ ହେକ୍ଟର ପରିମିତ କୁଦ୍ଦର ଅଞ୍ଚଳରେ ଖାତା ନଂ.୭୮, ପ୍ଲଟ୍ ନଂ. ୨୫୭ ସ୍ଥିତ ପର୍ଶୁରାମପୁର ପଥର ଖଣ୍ଡ-୧** ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବେଦନ କରିଥିବାରୁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ **[State Environment Impact Assessment Authority (SEIAA)]**, ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଦ୍ଧତିରେ ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାରର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରକୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକଳ୍ପ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ଶୁଣାଣି ସମ୍ବନ୍ଧରେ ଆଗ୍ରହୀ ବ୍ୟକ୍ତିମାନଙ୍କ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି।

ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାରେଖା ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ପ୍ରକଳ୍ପ ସମ୍ବନ୍ଧରେ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଉଦବାସୀଙ୍କ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କ ନିକଟରେ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୧୨.୦୮.୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ସମିତି ଅନ୍ତର୍ଗତ କଟଳକଇଥା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାଙ୍କନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ଯ୍ୟାସ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଜପତି।**
୨) ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଜପତି।**
୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଜପତି।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାୟଗଡ଼ା।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାଙ୍କନ ବିବରଣୀର ନିର୍ଯ୍ୟାସ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ଅଧିକ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ାସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରିବ।

**ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ**
OIPR-08012/11/0298/2526 — **ସ୍ୱା./- ମୁଖ୍ୟ ପରିବେଶ ଯନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ଅପଷ୍ଟ୍ରିମ୍ ତୈଳ, ବାଷ୍ପ ଢାଞ୍ଚାର ହେବ ଆଧୁନିକୀକରଣ

**ଭୁବନେଶ୍ୱର, ୯।୭ (ଅନୁରାଧା ମହାରଣା)**


ହରଦୀପ ସିଂ ପୁରୀ

ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ (ପିଏନ୍‌ଜି) ନିୟମାବଳୀର ଚିଠା ପ୍ରସ୍ତାବ, ମଡେଲ ରାଜସ୍ୱ ବିତରଣ ଚୁକ୍ତି (ଏମ୍‌ଆର୍‌ଏସ୍‌ସି) ଏବଂ ପେଟ୍ରୋଲିୟମ ଲିଜ୍ ଉପରେ ଅଂଶୀଦାରଙ୍କଠାରୁ ମତାମତ ଓ ପରାମର୍ଶ ଆହ୍ୱାନ କରିଛି। ଏହି ଚିଠା ପ୍ରସ୍ତାବରେ ଅନେକ ପ୍ରମୁଖ ସଂସ୍କାର ସହିତ ଦେଶର ଅପଷ୍ଟ୍ରିମ୍ ତୈଳ ଏବଂ ବାଷ୍ପ ଭିତ୍ତିଭୂମିକୁ ଆଧୁନିକୀକରଣ କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରମୁଖ ସଂସ୍କାର ମଧ୍ୟରୁ ଗୋଟିଏ ହେଉଛି ଏକ ନିବେଶକ-ଅନୁକୂଳ ସ୍ଥିରୀକରଣ ଧାରାକୁ ସାମିଲକରିବା ହୋଇଥିବାବେଳେ ଏହାକୁ ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବରୁ ଲିଜ୍‌ଧାରୀଙ୍କୁ ସୁରକ୍ଷାଦେବା ପାଇଁ ଡିଜାଇନ କରାଯାଇଛି । ଫଳରେ ଟିକସ, ରୟାଲ୍ଟି କିମ୍ବା ଅନ୍ୟାନ୍ୟ ଶୁଳ୍କରେ ବୃଦ୍ଧି କ୍ଷେତ୍ରରେ ସେମାନଙ୍କୁ କ୍ଷତିପୂରଣ କିମ୍ବା ହ୍ରାସ ପାଇଁ ଅନୁମତି ଦିଆଯିବ। ଭିତ୍ତିଭୂମିର ଦୋହରୀକରଣକୁ ହ୍ରାସ କରିବା ଏବଂ ଛୋଟ ସଂସ୍ଥାକୁ ଉତ୍ସାହିତ କରିବା ପାଇଁ ଚିଠା ପ୍ରସ୍ତାବରେ ଲିଜ୍‌ଧାରୀମାନଙ୍କୁ ପାଇପଲାଇନ ଓ ଅନ୍ୟାନ୍ୟ ସୁବିଧାରେ କମ୍ ବ୍ୟବହାର ହୋଇଥିବା କ୍ଷମତା ଘୋଷଣା କରିବାକୁ କୁହାଯାଇଛି। ଏହାବ୍ୟତୀତ ସରକାରୀ ତଦାରଖ ଅଧୀନରେ ଯୁକ୍ତିଯୁକ୍ତ ସର୍ତ୍ତରେ ତୃତୀୟ ପକ୍ଷଙ୍କୁ ପ୍ରବେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିଠା ନିୟମରେ ପ୍ରଥମ ଥର ପରିଚାଳକମାନଙ୍କୁ ତୈଳ କ୍ଷେତ୍ର ବ୍ଲକ୍ ମଧ୍ୟରେ ଏକୀକୃତ ଅକ୍ଷୟ ଓ କମ୍ ଅଙ୍ଗାରକାମ୍ଳଯୁକ୍ତ ପ୍ରକଳ୍ପ ଯଥା ସୌର, ପବନ, ହାଇଡ୍ରୋଜେନ ଏବଂ ଭୂ-ତାପ ଉର୍ଜା ଆଦି ବ୍ୟବହାର କରିବା ଲାଗି ଅନୁମତି ଦିଆଯାଇଛି। ପରିବେଶ ପରିଚାଳନାକୁ ସୁଦୃଢ଼ କରିବା ପାଇଁ, ଚିଠା ପିଏନ୍‌ଜି ନିୟମାବଳୀ ଗ୍ରୀନ୍‌ହାଉସ ଗ୍ୟାସ୍ ନିର୍ଗମନ ନିରୀକ୍ଷଣ ଓ ରିପୋର୍ଟ କରିବା ପାଇଁ ବିସ୍ତୃତ ଆବଶ୍ୟକତା ପ୍ରଚଳନ କରାଯାଇଛି। ସେହିପରି କାର୍ବନ କ୍ୟାପ୍‌ଚର ଏବଂ ଷ୍ଟୋରେଜ (ସିସିଏସ୍) ପାଇଁ ଏକ ନିୟାମକ ଢାଞ୍ଚା ସ୍ଥାପନ କରାଯାଇଛି । ବନ୍ଦହେବା ପରେ ଅତି କମ୍‌ରେ ୫ବର୍ଷ ପାଇଁ ନିରୀକ୍ଷଣ ସହ ଏକ ସ୍ଥାନ ପୁନରୁଦ୍ଧାର ପାଣ୍ଠିକୁ ମଧ୍ୟ ଏଥିରେ ବାଧ୍ୟତାମୂଳକ କରାଯାଇଛି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଉଦ୍ୟୋଗ ଜଗତର ନେତୃବର୍ଗ, ବିଶେଷଜ୍ଞ, ନାଗରିକଙ୍କଠାରୁ ଆରମ୍ଭ କରି ସବୁ ଅଂଶୀଦାରମାନଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ନିୟମର ଚିଠା ପ୍ରସ୍ତାବ, ଏମ୍‌ଆର୍‌ଏସ୍‌ସି ଓ ସଂଶୋଧିତ ପେଟ୍ରୋଲିମ ଲିଜ୍ ଉପରେ ଜୁଲାଇ ୧୭ ସୁଦ୍ଧା ମତାମତ ଓ ପରାମର୍ଶ ଦେଇପାରିବେ। ଅଂଶୀଦାରମାନେ png-rules@dghindia.gov.inରେ ନିଜର ମତାମତ ପଠାଇପାରିବେ। ଏହି ବିଚାରବିମର୍ଶ ପ୍ରକ୍ରିୟା ୧୭ ଜୁଲାଇ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ ଉର୍ଜା ବାର୍ତ୍ତା ୨୦୨୫ରେ ସମାପ୍ତ ହେବ।

# ଦେବୀ ଶବରଙ୍କୁ ବିଓବିର ୧.୧ କୋଟିର ସହାୟତା ରାଶି




**ଭୁବନେଶ୍ୱର, ୯।୭**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓବି ପକ୍ଷରୁ ୧.୧ କୋଟି (୧କୋଟି ୧୦ ଲକ୍ଷ ଟଙ୍କା)ର ଏକ ଚେକ୍ ମୃତ ଲୋକନାଥ ଶବରଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଲୋକନାଥ ଶବର ଓଡ଼ିଶା ଆର୍ମଡ ପୋଲିସ ଫୋର୍ସର କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ଥିବା ଅବସ୍ଥାରେ ଏକ ସଡକ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ। ଏହି ଚେକ୍ ବିଓବି-ଓଡ଼ିଶା ପୋଲିସ ସାଲାରି ପ୍ୟାକେଜ୍ ଅନ୍ତର୍ଗତ ହିତାଧିକାରୀଙ୍କ ରାଶି ଭାବେ ପ୍ରଦାନ କରାଯାଇଛି। ଏହି ଅବସରରେ ବିଓବି ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଉକ୍ତ ସହାୟତା ରାଶିର ଚେକ୍‌କୁ ପୋଲିସ ଆୟୁକ୍ତ ଡ. ସୁରେଶ ଦେବଦତ୍ତ ସିଂଙ୍କ ସହାୟତାରେ ହିତାଧିକାରୀଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ଆୟୁକ୍ତ ନରସିଂହ ଭୋଳ, ଉପ-ପୋଲିସ ଆୟୁକ୍ତ (କଟକ) ଖିଲାରି ଋଷିକେଶ ଧ୍ୟାନଦେଓ, ଉପ ପୋଲିସ ଆୟୁକ୍ତ ପ୍ରକାଶ ଚନ୍ଦ୍ର ପାଲ, ବିଓବି ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ଏସ୍‌ପି ନାୟକ, ଉପ-ମହାପ୍ରବନ୍ଧକ ଭିଏମ୍‌ଏନ୍‌ଏସ୍ ସାଇବାବୁଙ୍କ ସମେତ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟରଞ୍ଜନ ମହାପାତ୍ର, ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା, କଟକ ନୟା/ନୂଆ ବଜାର ଶାଖାର ଶାଖା ମୁଖ୍ୟ ସୁକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ, ୯।୭**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୬ (୧୭୬.୪୩) ପଏଣ୍ଟ ହ୍ରାସ ଘଟି ୮୩,୫୩୬ (୮୩,୫୩୬.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୬(୪୬.୪୦) ପଏଣ୍ଟ କମି ୨୫,୪୭୬ (୨୫,୪୭୬.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଏମ୍‌ଜିଏମ୍ ମିନେରାଲ୍ସକୁ ୫ତାରକା ପୁରସ୍କାର

**ଭୁବନେଶ୍ୱର, ୯।୭ (ଅଭୟ ଦାଶ)**



କେନ୍ଦ୍ରମନ୍ତ୍ରୀ ଜି.କିଶନ୍ ରେଡ୍ଡୀଙ୍କଠାରୁ ଏମ୍‌ଜିଏମ୍ ମିନେରାଲ୍ସର ପଙ୍କଜ ଲୋଚନ ମହାନ୍ତି ଏବଂ ହିମାଂଶୁ ଶେଖର ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟ ପ୍ରମୁଖ ଘରୋଇ ସଂସ୍ଥା ତଥା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ ଓ ସ୍ୱୀକୃତି ମିଳିଛି। ବିଶେଷ କରି ଉତ୍କୃଷ୍ଟ ଗୁଣବତ୍ତା ଓ ଅନ୍ତର୍ଜାତୀୟ ମାନକ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବାରୁ ଏମ୍‌ଜିଏମ୍ ମିନେରାଲ୍ସକୁ ୫ତାରକା ପୁରସ୍କାର ଦିଆଯାଇଛି। ସେହିଭଳି ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡା ଲୌହଖଣିକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫ତାରକା ଖଣି ଭାବେ ମୂଲ୍ୟାଙ୍କନ ସହ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ଥାନର ଜୟପୁର ସ୍ଥିତ ରାଜସ୍ଥାନ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଜି.କିଶନ୍ ରେଡ୍ଡୀ, ଇଣ୍ଡିଆନ ବୁରୋ ଅଫ୍ ମାଇନ୍ସର ମହାନିୟନ୍ତ୍ରକ ପୀୟୂଷ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ପକ୍ଷରୁ ଖଣି ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ମୁଖ୍ୟ ପ୍ରବନ୍ଧକ ହିମାଂଶୁ ଶେଖର ପଟ୍ଟନାୟକ ଯୋଗ୍‌ଦେଇ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଏହା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡା ଲୌହଖଣି (୨୮.୩୯୭ ହେକ୍ଟର) ପରି ଏକ ଛୋଟ ଖଣି ନିମନ୍ତେ ଆନନ୍ଦ ଏବଂ ଗୌରବମୟ ଅନୁଭୂତି ବୋଲି କମ୍ପାନୀ ପକ୍ଷରୁ କୁହାଯାଉଛି।

# ସିବିଆଇ ସହ ଜେନେରାଲିର ବୁଝାମଣା

**ଭୁବନେଶ୍ୱର, ୯।୭**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ଏବଂ ଜେନେରାଲି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାକୁ ଦେଶର ଏକ ନୂଆ ଯୁଗ୍ମ ଉଦ୍ୟୋଗ ସହଯୋଗୀ ଭାବେ ଘୋଷଣା କରାଯାଇଛି। ଜେନେରାଲି ଗ୍ରୁପ୍‌ର ଡେପୁଟି ସିଇଓ (ଇନ୍‌ସ୍ୟୁରାନ୍ସ) ଜାଇମେ ଆଞ୍ଚୁଷ୍ଟେଗୁଇ କହିଛନ୍ତି, ସିବିଆଇ ସହ ମିଳିତ ଭାବେ ଭାରତରେ ଆମର ବ୍ୟବସାୟ ପାଇଁ ଏହି ନୂଆ ଅଧ୍ୟାୟ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଭାଗୀଦାରି ଭାରତର ଉଚ୍ଚ ସମ୍ଭାବ୍ୟ ବଜାରରେ ଜେନେରାଲିଙ୍କ ପାଦଚିହ୍ନକୁ ଆହୁରି ବ୍ୟାପକ କରିବାରେ ସହାୟକ ହେବ ବୋଲି ଆମେ ବିଶ୍ୱାସ କରୁଛୁ।

# ପ୍ରଥମ ତ୍ରୈମାସିକରେ ସର୍ବାଧିକ ବିକ୍ରି ରେକର୍ଡ

**ଭୁବନେଶ୍ୱର, ୯।୭**

କ୍ରମାଗତ ଭାବେ ସୋନାଲିକା ଟ୍ରାକ୍ଟର୍ସର କାରବାର ବୃଦ୍ଧି ପାଉଛି। ଏପରିକି କୃଷକଙ୍କୁ ଉତ୍ତମ ଉତ୍ପାଦକତା ଓ ସମୃଦ୍ଧି ପ୍ରଦାନ କରିବା ପାଇଁ କଷ୍ଟମାଇଜ କରାଯାଇଥିବା ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ନୂଆ ବେଞ୍ଚମାର୍କ ସୃଷ୍ଟି କରିପାରିଛି । ଏହି ଆଭିମୁଖ୍ୟ କମ୍ପାନୀକୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ସର୍ବାଧିକ ବିକ୍ରି ସହ ୪୩,୬୦୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରି ଏକ ନୂଆ ରେକର୍ଡ ହାସଲ କରିଛି। ସେହିଭଳି କମ୍ପାନୀର ଏହି ସଫଳତା ବ୍ରାଣ୍ଡର ପ୍ରତ୍ୟେକ କୃଷକଙ୍କ ପାଇଁ ରହିଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ଏବଂ ୨୦-୧୨୦ଏଚ୍‌ପି ଟ୍ରାକ୍ଟର ସେଗ୍‌ମେଣ୍ଟରେ ଏହାର ଅତ୍ୟାଧୁନିକ ନିର୍ମାଣ କ୍ଷମତାର ପ୍ରମାଣ ବୋଲି କୁହାଯାଉଛି। ସେହିପରି ସୋନାଲିକାର ପ୍ରତ୍ୟେକ ହେଭି ଡ୍ୟୁଟି ଟ୍ରାକ୍ଟରକୁ ସର୍ବୋଚ୍ଚ ଗୁଣବତ୍ତା ମାନଦଣ୍ଡ ପୂରଣ କରିବା ପାଇଁ ଷ୍ଟେଟ୍-ଅଫ୍-ଦି-ଆର୍ଟ ରୋବୋଟିକ୍ ଓ ଅଟୋମେଶନ ଟେକ୍ନୋଲୋଜିର ବ୍ୟବହାରକରି ବିକଶିତ କରାଯାଉଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମର ହେଭି ଡ୍ୟୁଟି ଟ୍ରାକ୍ଟର ପ୍ରଦାନ କରୁଥିବା 'ଦମ୍ ଆଗେ ବଢ଼ନେ କା' ପ୍ରତିଶ୍ରୁତି ସହ ଆମେ ସବୁବେଳେ ପ୍ରତ୍ୟେକ କୃଷକଙ୍କ ଯାତ୍ରାରେ ସାର୍ଥକ ଯୋଗଦାନ ଦେବା ପାଇଁ ଲକ୍ଷ୍ୟ ରଖିଥାଉ। ଏପରିକି ଏହା ଆମକୁ ପ୍ରଥମ ତ୍ରୈମାସିକରେ ସର୍ବାଧିକ ୪୩,୬୦୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରିବାର ନୂଆ ରେକର୍ଡ ହାସଲ କରିବା ପାଇଁ ସାହାଯ୍ୟ କରିଛି। ମୌସୁମୀ ଋତୁ କୃଷକଙ୍କ ମଧ୍ୟରେ ସକାରାତ୍ମକତା ଆଣିଛି ଏବଂ ରେକର୍ଡ ମାତ୍ରାରେ ଖରିଫ ବୁଣା ଓ ଆଶାବାଦୀ ଫସଲ ଆକଳନ କୃଷକଙ୍କ ପାଇଁ ଆଗକୁ ବଢ଼ିବା ଲାଗି ଅଧିକ ଆୟ ପ୍ରବାହ ସୃଷ୍ଟି କରିବ। ଆମେ କୃଷକଙ୍କ ଜୀବନରେ ଦୀର୍ଘସ୍ଥାୟୀ ଓ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ଉଦ୍ଭାବନ ଓ ଟେକ୍ନୋଲୋଜି ସହିତ ଆମର କୃଷକ-ପ୍ରଥମ ବିଶ୍ୱାସକୁ ସମର୍ଥନ କରିବା ପାଇଁ ଆମର ମୂଲ୍ୟବୋଧ ଓ ଅଭିବୃଦ୍ଧି ମାନସିକତାକୁ ଉପଯୋଗ କରିବା ଜାରି ରଖିବୁ।

# Classified Everyday
**0674-2580101, 9692975378**


REAL ESTATE
**SALE**

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

Resort / Cottage at New Puri 19Lakhs, Sandalwood Project 3Lakhs. 8908113985. D-1225

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391




Positively health benefits SPA expert female therapist homely atmosphere. 8658088274. D-1177

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LOST

ମୁଁ ସୁଦେଷ୍ଣା ପ୍ରିୟଦର୍ଶନୀ ମହାପାତ୍ର, ସ୍ୱାମୀ- ଗଡ଼ନାୟକ ଧର୍ମେନ୍ଦ୍ର ରଞ୍ଜନ ରାଉତ, ସା/ପୋ/ଥାନା- ସୋସୋ, ଜି- କେନ୍ଦୁଝର, ପିନ୍- ୭୫୮୦୭୮ ବର୍ତ୍ତମାନର ଠିକଣା- ଆଚାର୍ଯ୍ୟନଗର, ବନ୍ତଛକ, ଜି- ଭଦ୍ରକ, ପିନ୍- ୭୫୬୧୦୧ ଏକ ପଞ୍ଜୀକୃତ ସେଲ୍‌ଡ଼ିଡ୍ (ନଂ- ୧୦୨୩୨୨୦୫୯୦୩ ତା- ୩୦।୧୨।୨୦୨୨) ଜରିଆରେ ଏକ ଜମି କିଣିଥିଲି। ଏହାର ମୂଳ ମଧ୍ୟବର୍ତ୍ତୀ। ସେଲ୍‌ଡ଼ିଡ୍ (ନଂ- ୧୦୨୩୧୧୦୧୯୯୨ ତା- ୨୧।୦୪।୨୦୧୧) ଯାହା ଆମ୍ଭଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଁ ଭଦ୍ରକ ତହସିଲ କାର୍ଯ୍ୟାଳୟରୁ ଫେରୁଥିବାବେଳେ ଉକ୍ତ ଦଲିଲଟି କେଉଁଠି ହଜିଯାଇଛି। ବାରମ୍ବାର ଖୋଜିବା ପରେ ମଧ୍ୟ ଏହା ମିଳିନାହିଁ। ଯଦି ଉକ୍ତ ଦଲିଲ କେହି ପାଆନ୍ତି ଆଡ୍‌ଭୋକେଟ୍ ଯାମିନୀକାନ୍ତ ନାୟକଙ୍କ ମୋବାଇଲ ନଂ- ୮୨୪୯୩୬୦୪୯୧ ରେ ଜଣାଇବାକୁ ଅନୁରୋଧ। D-1234

## AFFIDAVIT

By virtue of an affidavit No.15AA232130 sworn before Notary Public, Bhubaneswar, dated-05-07-2025. I, Bhanupratap Sahoo, Kundibag, Bhadrak Bypass, Bhadrak, Odisha, PIN-756181 declare that I have changed my name from Bhanu Pratap Sahu to Bhanupratap Sahoo. Henceforth, I shall be known as Bhanupratap Sahoo for all purposes.
Bhanupratap Sahoo D- 1235

By virtue of an affidavit No.15AA285788 sworn before Notary Public, Bhubaneswar, dated-09-07-2025. I, Nityananda Sahoo, Kundibag, Bhadrak Bypass, Bhadrak, Odisha, PIN–756181 declare that I have changed my name from Nityananda Sahu to Nityananda Sahoo. Henceforth, I shall be known as Nityananda Sahoo for all purposes.
Nityananda Sahoo D- 1236

I, K. Anivha Dora, D/o- K. Narasingh Dora, resident of Village/ Post/ P.S.- Kabisuryanagar, Dist.- Ganjam, Odisha declare by virtue of this affidavit No.- 3237/22, sworn on dt- 11.03.2022, that from now onwards, I shall be known as Anibha Dora for all purposes D- 73593

By virtue of an affidavit before the Executive Magistrate, Berhampur, Ganjam on dt- 08.07.2025 vide No. A- 1026, I have changed my surname from Latika Mandalo to Latika Bhujabala, W/o- Late Binu Chandra Mandalo, D/o- Bhaskar Bhujabala, resident of At/P.O.- Sikula, P.S.- Purusottampur, Dist.- Ganjam, Odisha- 761018. Henceforth, I shall be known as Latika Bhujabala ( new name) for all purpose. D-1230

I, Kartikeswara Dora, S/o Bhagaban Dora, resident of Saila Nivas, Baxi Lane, P.O.- Khordha, P.S./Dist.- Khurda, Odisha- 752055 declare by virtue of this affidavit No.- 1625, sworn on dt- 08.07.2025 that from now onwards I shall be known as Kartikeswar Dora for all purposes. D-1228

Sworn before Executive Magistrate, Tumudibandha with affidavit No- 226/ 07.07.25, I, Pilat Majhi, S/o- Letenga Majhi, Vill- Ungamaha, P.O.-Kurtamgarh, P.S.- Tumudibandha, Kandhamal changed my name Pilat Majhi to Ayush Majhi. Henceforth, I shall be known as Ayush Majhi for all future purposes. D-1229

I Ramani Ranjan Maharana, S/o- late Kirtan Maharana, At/ P.O.- Banasing, P.S.- Gondia, Dist.- Dhenkanal, Odisha- 759014 have changed name of my minor son Priyansh Maharana aged 6years to Riyansh Maharana, dtd- 23.06.2025 before Executive Magistrate, Dhenkanal. D- 1231

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Shikha Tripathy, resident of B/152, Nalconagar, Angul, declare via Affidavit No. 423 (13.05.2025) that my father's name is wrongly mentioned as Saroj Kanta Tripathy in my 10th & +2 certificates. Correct name: Saroja Kanta Tripathy, to be used for all purposes. D-1233

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**୰ଯୁଧିଷ୍ଠିର ମହାନ୍ତି**
ବେଲକନ୍ଦା, ଦହିପାଳ, ନାଉଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧ ଜୁନ ୧୯୪୫
ତିରୋଧାନ: ୩୦ ଜୁନ ୨୦୨୫
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:- ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୩୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**୰ରଙ୍ଗାଧର ନାୟକ**
କେଶରପୁର, ବାଲିବୋ, ଭୁବନ ଢେଙ୍କାନାଳ
ଆବିର୍ଭାବ: ୨୪।୦୧।୧୯୩୬
ତିରୋଧାନ: ୩୦।୦୬।୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଆପଣଙ୍କ ଆତ୍ମୀୟସ୍ୱଜନ ଓ ପ୍ରିୟ ପରିବାରବର୍ଗ।
D-1226

**ଅଷ୍ଟାଦଶ ଶ୍ରାଦ୍ଧ ଦିବସ**



**୰ଅନିରୁଦ୍ଧ ମହାନ୍ତି**
ଗୁରୁପୂର୍ଣ୍ଣିମା ତିଥି ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭
ବାପା,
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ରାମେଶ୍ୱର ଓ ଶ୍ରୀମଦ୍ ବାୟା ବାବା ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।
:ଶୋକସନ୍ତପ୍ତ:
ତୁମର ପୁଅ, ବୋହୂ, ଝିଅ-ଜୋଇଁ, ଝିଅ ଓ ନାତୁଣୀମାନେ ଏବଂ ଆତ୍ମୀୟସ୍ୱଜନମାନେ।
D-1226

# ଚିନ୍ତା କରୁଛନ୍ତି ପ୍ରିୟଙ୍କା

ଦିନ ଥିଲା ବଲିଉଡ୍‌ରେ ପ୍ରିୟଙ୍କା ଚୋପ୍ରା ରାଜ୍ କରୁଥିଲେ। କିନ୍ତୁ ହଲିଉଡ୍ ସିନେମାରେ ଏଣ୍ଟ୍ରି ଏବଂ ପରେ ନିକ୍ ଜୋନାସଙ୍କୁ ବିବାହ କରିବା ପରେ ସେ ପ୍ରାୟତଃ ହିନ୍ଦୀ ଫିଲ୍ମ ଠାରୁ ଦୂରେଇ ଯାଇଛନ୍ତି। ଅବଶ୍ୟ କେତେବେଳେ କେମିତି କାଁ ଭାଁ ହିନ୍ଦୀ ଚିତ୍ରରେ ତାଙ୍କୁ ଦେଖିବାକୁ ମିଳୁଛି। ଏବେ ସେ ଏକ ବଲିଉଡ୍ ଅଫରକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ଏହାକୁ ଗ୍ରହଣ କରିବେ ନା ହାତଛଡା କରିବେ ସେ ବିଷୟକୁ ନେଇ ଦୋଛକିରେ ପଡିଛନ୍ତି ପ୍ରିୟଙ୍କା। କଥା କ'ଣ କି, ନିର୍ମାଣାଧୀନ 'ଡନ୍ ୩' ଫିଲ୍ମରେ ଶାହରୁଖ ଖାନ୍ ଏକ କାମିଓ ଭୂମିକାରେ ଅଭିନୟ କରିବେ ବୋଲି ଶୁଣାଯାଉଛି। କଥା କ'ଣ କି ଏହାର ଫିମେଲ ଲିଡ୍‌ରେ କିଆରା ଆଡଭାନୀ ଅଭିନୟ କରିଥାଆନ୍ତେ। ହେଲେ ଯେହେତୁ ସେ ଏବେ ଗର୍ଭବତୀ, ତେଣୁ ସେହି ସ୍ଥାନରେ ପ୍ରିୟଙ୍କାଙ୍କୁ ନେବାକୁ ଯୋଜନା ଚାଲିଛି। ଏ ବିଷୟରେ ସେ କହନ୍ତି, ''ଏକଥା ସତ ଯେ 'ଡନ୍ ୩' ଫିଲ୍ମରେ ଅଭିନୟ କରିବାକୁ ମୋତେ ଅଫର ମିଳିଛି। ହେଲେ ଏହି ସମୟରେ ମୋତେ ଆଉ ଏକ ହଲିଉଡ୍ ସିନେମାରେ ଅଭିନୟ କରିବାର ଯୋଜନା ରହିଛି। ତେଣୁ ଏଥିନେଇ ମୁଁ ଟିକେ ଅଡୁଆରେ ପଡ଼ିଯାଇଛି। ତଥାପି ଏ ବିଷୟରେ ଶେଷ ନିଷ୍ପତ୍ତି ନେବାକୁ ସପ୍ତାହେ ସମୟ ନେଇଛି।'' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଫରହାନ ଅଖତର। ୨୦୨୩ରେ ଏହାର ଟାଇଟଲ ଘୋଷଣା କରାଯାଇଥିଲା। ଏହାର ମୁଖ୍ୟ ଭୂମିକାରେ ରଣବୀର ସିଂ ଅଭିନୟ କରିବେ। ଆସନ୍ତା ବର୍ଷ ଜାନୁଆରୀରେ ଚିତ୍ରଟିର ଶୁଟିଂ ଆରମ୍ଭ ହେବ ଏବଂ ସେହି ବର୍ଷ ଶେଷ ଭାଗରେ ପରଦା ଉପରକୁ ଆସିବ ବୋଲି ଫରହାନ୍ ସୂଚନା ଦେଇଛନ୍ତି। ଯଦି ପ୍ରିୟଙ୍କା ରାଜି ହୁଅନ୍ତି, ତେବେ ରଣବୀରଙ୍କ ସହ ଏହା ହେବ ତାଙ୍କର ଚତୁର୍ଥ ଚଳଚ୍ଚିତ୍ର। ଏହାପୂର୍ବରୁ ରଣବୀର–ପ୍ରିୟଙ୍କା ଯୋଡିକୁ 'ଗୁଣ୍ଡେ', 'ଦିଲ୍ ଧଡକନେ ଦୋ' ଏବଂ 'ବାଜିରାଓ ମସ୍ତାନି' ଫିଲ୍ମରେ ଦେଖିବାକୁ ମିଳିଥିଲା।


ପ୍ରିୟଙ୍କା

# ଐଶ୍ୱର୍ଯ୍ୟାଙ୍କ ପାଇଁ ଟେନ୍‌ସନ୍

ବଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ଜେ.ପି. ଦତ୍ତାଙ୍କ 'ଉମରାଓ ଜାନ୍' ୨୦୦୪ରେ ପରଦା ଉପରକୁ ଆସିଥିଲା। ଏହାର ମୁଖ୍ୟ ଭୂମିକାରେ ଐଶ୍ୱର୍ଯ୍ୟା ରାୟ, ଅଭିଷେକ ବଚ୍ଚନ, ସୁନୀଲ ସେଟ୍ଟୀ ଏବଂ ସବାନା ଆଜମୀ ପ୍ରମୁଖ ଅଭିନୟ କରିଥିଲେ। ଏହି ଫିଲ୍ମରୁ ହିଁ ଅଭିଷେକ–ଐଶ୍ୱର୍ଯ୍ୟା ପ୍ରେମ କାହାଣୀର ଆରମ୍ଭ ହୋଇଥିଲା। ପୁଣି ଦୁହେଁ ପ୍ରେମରେ ଏତେ ମସଗୁଲ୍ ଥିଲେ ଯେ ଶୁଟିଂ ସେଟ୍‌କୁ ଆସିବାକୁ ବିଳମ୍ବ କରୁଥିଲେ। ଏକଦା ଏହାର ଏକ ଗୀତର ଶୁଟିଂ ଆରମ୍ଭ ହେବାକୁ ଥାଏ। ନିର୍ଦ୍ଦେଶକ ଜେ.ପି. ଦତ୍ତା ସକାଳୁ ଆସି ସେଟ୍‌ରେ ପହଞ୍ଚି ଗଲେ। ହେଲେ ଦେଖିଲା ବେଳକୁ ସେଟ୍‌ରେ କେବଳ ଟେକ୍ନିକାଲ ପିଲାମାନେ ହିଁ ଅଛନ୍ତି। ଐଶ୍ୱର୍ଯ୍ୟାଙ୍କୁ ନେଇ ଗୀତ ଶୁଟିଂ ହୋଇଥାଆନ୍ତା। ହେଲେ ତାଙ୍କର ଦେଖାନାହିଁ। ତା'ପରେ ଦତ୍ତା କିଛି ସମୟ ଅପେକ୍ଷା କଲେ। ପୁଣି ତା' ଭିତରେ ଐଶ୍ୱର୍ଯ୍ୟାଙ୍କ ସହ ଯୋଗାଯୋଗ କରାଯାଉଥାଏ। ହେଲେ ସେପଟରୁ କିଛି ଉତ୍ତର ମିଳୁ ନ ଥାଏ। ଶେଷରେ ପରିସ୍ଥିତି ଏପରି ହେଲା ଯେ ନିର୍ଦ୍ଦେଶକ ରାଗରେ ନିଆଁବାଣ ହୋଇଗଲେ। ଏପରିକି ପ୍ରବଳ ରାଗିକରି ସେ କେତୋଟି ଗହଣାକୁ କାଟି ପକାଇଲେ। ପ୍ରାୟ ପାଞ୍ଚ ଘଣ୍ଟା ପରେ ଐଶ୍ୱର୍ଯ୍ୟା ଆସି ଶେଟ୍‌ରେ ପହଞ୍ଚିଲେ ଏବଂ ଶୁଟିଂ ଆରମ୍ଭ ହେଲା।


ଐଶ୍ୱର୍ଯ୍ୟା


ସାରା ଅର୍ଜୁନ

# ଆଶାବାଦୀ ସାରା ଅର୍ଜୁନ

ସାରା ଅର୍ଜୁନ ଜଣେ ଶିଶୁ କଳାକାର ଭାବରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ୨୦୧୪ରେ ରିଲିଜ ହୋଇଥିବା ସଲମାନ ଖାନ୍‌ଙ୍କ ଅଭିନୀତ 'ଜୟ ହୋ' ଫିଲ୍ମରେ ସେ ଜଣେ ସ୍କୁଲ ଛାତ୍ରୀ ଭୂମିକାରେ ପରଦା ଉପରକୁ ଆସିଥିଲେ। ତା' ପରେ ତାଙ୍କୁ କେତୋଟି ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ଆଉ ମାତ୍ର ୨୦ ବର୍ଷ ବୟସରେ ସେ ପ୍ରସ୍ତୁତ ହେଉଥିବା 'ଧୂରନ୍ଧର' ଫିଲ୍ମରେ ରଣବୀର ସିଂଙ୍କ ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଅଭିନେତା ରାଜ ଅର୍ଜୁନଙ୍କ ଏହି କନ୍ୟା ଭୋପାଳରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ଛଅ ବର୍ଷ ବୟସରେ ସେ କେତୋଟି ହିନ୍ଦୀ ଭାଷାରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। 'ଧୂରନ୍ଧର' ଫିଲ୍ମଟିର କାହାଣୀ ରଚନା ଏବଂ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ଆଦିତ୍ୟ ଧର। ଏଥିରେ ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଆର. ମାଧବନ ଏବଂ ଅର୍ଜୁନ ରାମପାଲ ପ୍ରମୁଖ ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ ତାରିଖରେ ପରଦା ଉପରକୁ ଆସିବାର ଯୋଜନା ରହିଛି।

# ମନ୍ତ୍ରମୁଗ୍ଧ

ଚଳିତ ବର୍ଷ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି। ଖାସ୍ କଥା ହେଲା ଏହି ଫିଲ୍ମର ଶୀର୍ଷକକୁ ନେଇ ଗତ କିଛି ଦିନ ହେବ ବେଶ୍ ହଟଚମଟ ଲାଗି ରହିଥିଲା। କାରଣ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହାର ଶୀର୍ଷକକୁ ସଂକ୍ଷିପ୍ତରେ 'ଏମଏମ' ବୋଲି ଘୋଷଣା କରାଯାଇଥିଲା। ଶେଷରେ ଏହା ଉପରୁ ପରଦା ହଟାଇଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ନିଜ ବ୍ୟାନରରେ ସେ ପ୍ରସ୍ତୁତ କରିବାକୁ ଯାଉଛନ୍ତି ନୂଆ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'। କେବଳ ସେତିକି ନୁହେଁ, ଚଳିତ ବର୍ଷ ଦୁର୍ଗାପୂଜାରେ ଏହା ରିଲିଜ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଏହାର କାହାଣୀ ମୁଖ୍ୟତଃ କମେଡି ଉପରେ ପର୍ଯ୍ୟବଶିତ ଏବଂ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବାର ଦମ୍ ରଖିଛି ବୋଲି ନିର୍ଦ୍ଦେଶକ ଅନୁପମ କହିଛନ୍ତି। ତାଙ୍କ ନିର୍ଦ୍ଦେଶିତ 'କର୍ମ' ଗତ ବର୍ଷ ବକ୍ସ ଅଫିସରେ ଆଶାତୀତ ବିଜନେସ କରି ରେକର୍ଡ ସୃଷ୍ଟି କରିଥିଲା। ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇବେ ଦୀପକ କୁମାର ଏବଂ ସମ୍ପାଦନା କରିବେ ଚନ୍ଦ୍ରଶେଖର ଶର୍ମା। କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ରୋହିତ ଗେହଲଟ ଓ ଅନୁପମ ପଟ୍ଟନାୟକ। ସଂଳାପ ଲେଖିଛନ୍ତି ପ୍ରଣବ ରଥ। ଫିଲ୍ମର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ– ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ। ଏହି ନୂଆ ସିନେମାର କାଷ୍ଟିଂରେ ସନୋଜ କୁମାର, ମନ୍ମୟ ଦେ' ନବାଗତ ସାର୍ଥକ ଭରଦ୍ୱାଜ, ଦିପନ୍ୱିତ ଦାଶମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ , ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତ ରହିଛନ୍ତି।


(ବାମରୁ) ଭୂମିକା–ସୂର୍ଯ୍ୟମୟୀ

# ନାଗାର୍ଜୁନଙ୍କ ରୋଲ୍ ମଡେଲ୍

ତେଲୁଗୁ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ନାଗାର୍ଜୁନ। ହେଲେ ତାଙ୍କର ରୋଲ୍ ମଡେଲ କିଏ ? କାହା ଦ୍ୱାରା ଅନୁପ୍ରାଣିତ ହୋଇ ସେ ଅଭିନୟକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲେ ? ଏ ବିଷୟରେ ସେ କହନ୍ତି, ''ମୋର ରୋଲ୍ ମଡେଲ ଆଉ କେହି ନୁହନ୍ତି। ସେ ହେଉଛନ୍ତି ମୋ ପାପା ଆକ୍କିନେନି ନାଗାର୍ଜୁନ। ସେ ଥିଲେ ତେଲୁଗୁ ସିନେମା ଜଗତର ଜଣେ ନାମୀ କଳାକାର। ମୁଁ ଏକଦା ଅଭିନୟ କରିବି ବୋଲି ପାପାଙ୍କୁ କହିଥିଲି। ସେ ମୋ କଥା ଶୁଣି ହସିଦେଇ କହିଲେ, 'ତୁ ଯାହା ଠିକ୍ ଭାବୁଛୁ ସେଇଆ କର।' ଆଜି ମୁଁ ନିଜକୁ ଯଦି ଜଣେ ସଫଳ ଅଭିନେତା ଭାବରେ ଠିଆ କରିପାରିଛି ତା'ପଛରେ ମୋ ପାପାଙ୍କର ଆର୍ଶୀବାଦ ରହିଛି।'' ୧୯୬୧ରେ ନିମିତ ତେଲୁଗୁ ସିନେମା 'ଭେଲୁଗୁ ନିଡାଲୁ'ରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ୧୯୮୯ରେ ନିର୍ମିତ ତଥା ମଣି ରତ୍ନମଙ୍କ ନିର୍ଦ୍ଦେଶିତ 'ଗୀତାଞ୍ଜଳି' ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲେ। ୬୫ ବର୍ଷ ବୟସ୍କ ଏହି ଅଭିନେତା ଏକାଧାରରେ ଜଣେ ଅଭିନେତା ଏବଂ ପ୍ରଯୋଜକ। ତା'ସହ ସେ ନିଜକୁ ସମାଜସେବାରେ ମଧ୍ୟ ନିୟୋଜିତ ରଖିଛନ୍ତି। ତାଙ୍କର ପୁଅ ନାଗା ଚୈତନ୍ୟ ଏବେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି।


ନାଗାର୍ଜୁନ

# ସପନର ଆରପାରି ଗାଁ

ଅନେକ କଳା ପରମ୍ପରା ଦିନକୁ ଦିନ ହଜିଯାଉଛି। ଆଉ ସେଭଳି ଏକ ଲୋକକଳା ହେଲା ବାଉଁଶରାଣୀ ଖେଳ। ନିଜ ଜୀବନକୁ ବାଜି ଲଗାଇ ଏକ ଛୋଟ ଝିଅ ଦୁଇ ପଟରେ ଦୁଇଟି ବାଉଁଶରେ ବନ୍ଧା ହୋଇଥିବା ଏକ ଦଉଡି ଉପରେ ବିନା ସପୋର୍ଟରେ ଚାଲି ଚାଲି ଏପଟରୁ ସେପଟକୁ ଯାଏ। ଏଭଳି ବିଷୟକୁ ସିନେମାର କାହାଣୀରେ ପ୍ରାଥମିକତା ଦିଆଯାଇଛି। ତା'ସହ ଏଥିରେ ରହିଛି ଲଭ୍, ଇମୋଶନ, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା। ଉକ୍ତ ନୂଆ ଓଡ଼ିଆ ସିନେମାଟି ହେଉଛି 'ସପନର ଆରପାରି ଗାଁ'। ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍‌ସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ସସ୍ମିତା ପାଢ଼ୀ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା କିଏ ଦେବ ତାହା ପରେ ଘୋଷଣା ପରେ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ସାଜୁଛନ୍ତି ବିଶ୍ୱରୂପ। 'ବିଶ୍ୱରୂପ ବର୍ନ ଟୁ ଫାଇଟ' ଏବଂ ଐତିହାସିକ ସିନେମା 'ଜୟୀ ରାଜଗୁରୁ' ପରେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଶ୍ୱରୂପ। ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ଶାନ୍ତନୁ ନାୟକ। ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ। ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ। ବିଭିନ୍ନ ଭୂମିକାରେ ବିଦୁସ୍ମିତା ମନ୍ତ୍ରୀ, ଶୁଭଲକ୍ଷ୍ମୀ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ ସାଇଶ୍ରୀ ଏବଂ କାଳୀ ପ୍ରମୁଖ ଅଭିନୟ କରିବେ। ଫିଲ୍ମଟିର ଶୁଟିଂ ଚଳିତ ମାସ ତୃତୀୟ ସପ୍ତାହରେ ଆରମ୍ଭ ହେବ ବୋଲି ଯୋଜନା ରହିଛି।


ବିଶ୍ୱରୂପ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ Bhubaneswar, Thursday, July 10/ 2025

# ସ୍ୱିଟେକ-ବେଙ୍କିକ୍ ସେମିଫାଇନାଲ





କ୍ୱାର୍ଟର ଫାଇନାଲ ମ୍ୟାଚ ଜିତିବାପରେ ବେଲିଣ୍ଡା ବେଙ୍କିକ୍ ଓ ଇଗା ସ୍ୱିଟେକ।

**ଲଣ୍ଡନ, ୯।୭**

ପୋଲାଣ୍ଡର ଇଗା ସ୍ୱିଟେକ୍ ଓ ସ୍ୱିଡେନ୍‌ର ବେଲିଣ୍ଡା ବେଙ୍କିକ୍ ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସ୍ୱିଟେକ୍ ରୁଷିଆର ଲୁଡ୍‌ମିଲା ସାମ୍ସୋନୋଭାଙ୍କୁ ୬-୨, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବତନ ନମ୍ବରୱାନ୍ ଖେଳାଳି ସ୍ୱିଟେକ୍ ୪ଥର ଫ୍ରେଞ୍ଚ ଓପନ୍ ଏବଂ ଥରେ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଜିତିଥିଲେ ହେଁ କେବେ ୱିମ୍ବେଲଡନ ଟ୍ରଫି ହାସଲ କରିପାରିନାହାନ୍ତି। ଚଳିତବର୍ଷ ସେମିଫାଇନାଲ ପ୍ରବେଶ ୱିମ୍ବେଲଡନରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ସେହିପରି ବେଙ୍କିକ୍ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ରୁଷିଆର ମୀରା ଆନ୍ଦ୍ରିଭାଙ୍କୁ ୭-୬(୭/୩) ଓ ୭-୬(୭/୨) ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ସ୍ୱିଟେକ୍‌ଙ୍କ ପରି ବେଙ୍କିକ୍ ମଧ୍ୟ ପ୍ରଥମଥର ଲାଗି ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ

### ସିନର-ଜୋକୋଭିଚ୍ ଭେଟ

ବିଶ୍ୱର ନମ୍ବର ୱାନ ଜାନିକ ସିନର ଓ କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲରେ ସିନର ୧୦ମ ସିଡ୍ ଆମେରିକାର ବେନ୍ ଶେଲଟନଙ୍କୁ ୭-୬(୭/୨), ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ସର୍ବିଆର ଜୋକୋଭିଚ୍ ୬-୭(୬/୮), ୬-୨, ୭-୫, ୬-୪ ସେଟ୍‌ରେ ଇଟାଲିର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଦେଇଛନ୍ତି।

# ଜାତୀୟ ଜୁନିୟର ରଗ୍‌ବୀ: ଓଡ଼ିଶାକୁ ରୌପ୍ୟ




ରୌପ୍ୟ ପଦକ ବିଜୟୀ ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଭୁବନେଶ୍ୱର, ୯।୭(ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ରନରଅପ୍ ହୋଇ ରୌପ୍ୟ ପଦକ ଲାଭ କରିଛି। ସେମିଫାଇନାଲ ପର୍ଯ୍ୟନ୍ତ ଓଡ଼ିଶା ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାରକରି ଖେଳିଥିଲା। ଅଧିକାଂଶ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳକୁ ସ୍କୋରିଂ ସୁଯୋଗ ଦେଇ ନ ଥିଲା। ମାତ୍ର ବୁଧବାର ଅନୁଷ୍ଠିତ ଫାଇନାଲରେ ବିହାରଠାରୁ ୫-୧୪ରେ ହାରିଯାଇଛି। ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିଲା। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଅନିତା ମୁର୍ମୁଙ୍କ ହ୍ୟାଟ୍ରିକ ଟ୍ରାଇ ବଳରେ ୩୨-୦ରେ କେରଳକୁ ପରାସ୍ତ କରିଥିଲା। ମନୀଷା ମାଝି, ବାସି ଓରାମ୍, ସନ୍ଧ୍ୟାରାଣୀ ବିଶ୍ୱାଳ ଓ ପମା ମୁର୍ମୁ ମଧ୍ୟ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ପରେ ସେମିଫାଇନାଲରେ ମହାରାଷ୍ଟ୍ରକୁ ୩୪-୦ରେ ପରାସ୍ତ କରିଥିଲା। ପଦକ ବିଜୟୀ ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।

**ଓଡ଼ିଶା ବାଳିକା ଦଳ:** ରଞ୍ଜୁଲତା ନାଏକ, ରାଇମନି ମୁର୍ମୁ, ମାମାଲି ସିଂ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ଅନିତା ମୁର୍ମୁ, ବାସି ଓରାମ, ମନୀଷା ମାଲହି, ନମିତା ହେମ୍ବ୍ରମ୍, ସୁମିତ୍ରା ମୁର୍ମୁ, ସୋନାଲି ମାରାଣ୍ଡି ଓ ପମା ମୁର୍ମୁ। କୋଚ୍: ରାଜକିଶୋର ମୁର୍ମୁ, ମ୍ୟାନେଜର: ରଜନୀ ଶବର, ଫିଜିଓ: କୁମ୍‌କୁମ୍।

# ଫଗନିନିଙ୍କ ଅବସର ଘୋଷଣା

**ଲଣ୍ଡନ,୯।୭(ଏପି)**



ଫାବିଓ ଫଗନିନି

ପୂର୍ବତନ ଟପ୍-୧୦ ସିଙ୍ଗଲ୍ସ ଖେଳାଳି ଫାବିଓ ଫଗନିନି ୱିମ୍ବେଲଡନ୍‌ରେ ବୁଧବାର ପ୍ରଫେସନାଲ ଟେନିସ୍‌ରୁ ଅବସର ଘୋଷଣା କରିଛନ୍ତି। ସେ ଗତ ସପ୍ତାହରେ ୱିମ୍ବେଲଡନ୍‌ର ପ୍ରଥମ ରାଉଣ୍ଡରେ କାର୍ଲୋସ ଅଲ୍‌କାରାଜ୍‌ଙ୍କଠାରୁ ପରାଜିତ ହୋଇଥିଲେ। ଟୁର୍ ସ୍ତରରେ ଏହା ଫଗନିନିଙ୍କ କ୍ରମାଗତ ୧୦ମ ପରାଜୟ ଥିଲା। ଚଳିତ ବର୍ଷ ସେ ଲଗାତର ସପ୍ତମ ଥର ପାଇଁ କୌଣସି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ପୂର୍ବରୁ ସେ ଚଳିତ ସିଜନ ଶେଷରେ ଅବସର ନେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ବୁଧବାର ଅଲ୍ ଇଂଲଣ୍ଡ କ୍ଲବରେ ଏକ ଖବରଦାତା ସମ୍ମିଳନୀ ଡକାଇ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି।

'ବିଦାୟ ଜଣାଇବା ପାଇଁ ଏହା ହିଁ ଶ୍ରେଷ୍ଠ ମାଧ୍ୟମ' ବୋଲି ଫଗନିନି କହିଥିଲେ। ଚଳିତ ୱିମ୍ବେଲଡନ ଚାମ୍ପିୟନଶିପ୍ ତାଙ୍କ କ୍ୟାରିୟରର ୬୩ତମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଥିଲା। ସେ ୨୦୧୧ ଫ୍ରେଞ୍ଚ ଓପନ୍‌ରେ କ୍ୱାର୍ଟର ଫାଇନାଲ ଖେଳିଥିଲେ, ଯାହା ଥିଲା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସଫଳତା। ସେହି ମ୍ୟାଚ୍‌ରେ ସେ ଇଞ୍ଜୁରି କାରଣରୁ ଖେଳି ନ ଥିଲେ। ଫଗନିନି ହେଉଛନ୍ତି ୨୦୧୫ ୟୁଏସ୍ ଓପନ୍ ଚାମ୍ପିୟନ ଫ୍ଲାଭିଆ ପେନେଟାଙ୍କ ସ୍ୱାମୀ। ସେ କ୍ୟାରିୟରର ୯ଟି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ୨୦୧୯ରେ ସେ ମଣ୍ଟେ କାର୍ଲୋ ଜିତିଥିଲେ, ଯାହାକି ତାଙ୍କର ଅନ୍ତିମ ଟ୍ରଫି ଥିଲା। ଗତବର୍ଷ ସେ ନଂ.୯ ସ୍ଥାନ ହାସଲ କରିଥିଲେ।

# ଚେସ୍ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ):** କେନ୍ଦୁଝର ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ଯୋଡ଼ାସ୍ଥିତ ଟାଟା ଡିଏଭି ସ୍କୁଲ୍‌ରେ ଏକ ଦିନିକିଆ ଚେସ୍ ପ୍ରଶିକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଚେସ୍ ସଂଘର ସମ୍ପାଦକ ଅମର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ରାଜ୍ୟ ଚେସ୍ ସଂଘ ସଭାପତି ତଥା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ ଏବଂ ଏସ୍‌ଆର ଚେସ୍‌ର ବରିଷ୍ଠ ପ୍ରଶିକ୍ଷକ ଅବିନାଶ ଦାସ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଚେସ୍‌ଖେଳର ମୌଳିକ ଜ୍ଞାନ ଓ ବିଭିନ୍ନ ପ୍ରକାର କୌଶଳ ବିଷୟରେ ଶିକ୍ଷାଦାନକରି ସେମାନଙ୍କୁ ଚେସ୍ ପ୍ରତି ଉତ୍ସାହିତ କରାଇଥିଲେ। ଉକ୍ତ ଅଞ୍ଚଳର ୪ଟି ମୁଖ୍ୟ ବିଦ୍ୟାଳୟ ସେଣ୍ଟ ଟେରେସା, ସେଣ୍ଟ ମେରି, ବଡ଼ବିଲର ଜିନ୍ଦଲ ସ୍କୁଲ ଓ ଟାଟା ଡିଏଭିର ପ୍ରାୟ ୪୦ ପ୍ରଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ଖେଳାଳି ଏବଂ ଅଭିଭାବକମାନେ ଶିବିରକୁ ପ୍ରଶଂସା କରିବା ସହିତ ଏହିପରି ଆହୁରି ଅନେକ ଶିବିର ବାରମ୍ବାର ଆୟୋଜନ କରାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

# ମୁହଁ ଖୋଲିଲେ ଯଶ୍ ଦୟାଲ

## ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗ

**ଲକ୍ଷ୍ନୌ,୯।୭**

ଗାଜିଆବାଦ୍‌ର ଜଣେ ମହିଳା ଆଣିଥିବା ଯୌନ ନିର୍ଯାତନା ଅଭିଯୋଗ ସମ୍ପର୍କରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ପେସର ଯଶ୍ ଦୟାଲ ବୁଧବାର ପ୍ରଥମଥର ମୁହଁ ଖୋଲିଛନ୍ତି। ଏଥିସହିତ ପ୍ରୟାଗରାଜ ଥାନାରେ ଉକ୍ତ ମହିଳାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଉକ୍ତ ମହିଳା ତାଙ୍କ ଆଇଫୋନ୍ ଓ ଲାପ୍‌ଟପ୍ ଚୋରି କରିଥିବା ଏବଂ ନିଜ ଚିକିତ୍ସା ଏବଂ ପରିବାର ଲୋକଙ୍କ ଚିକିତ୍ସା ଆଳରେ ଲକ୍ଷାଧିକ ଟଙ୍କା ଧାର ନେଇଥିବା ନେଇ ୨୭ ବର୍ଷୀୟ ଫାଷ୍ଟ ବୋଲର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ସେ ପ୍ରୟାଗରାଜ ପୋଲିସକୁ କହିଛନ୍ତି, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉକ୍ତ ମହିଳାଙ୍କ ସହ ପରିଚିତ ହୋଇଥିଲେ। ଏହାପରେ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଶପିଂ ଓ ଚିକିତ୍ସା ଆଳରେ ଉକ୍ତ ମହିଳା ଜଣକ ବାରମ୍ବାର ଟଙ୍କା ଧାର ନେଇଥିବା ଦାବି କରିଥିଲେ। ନିଜ ଦାବିକୁ ପ୍ରମାଣ କରିବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ତଥ୍ୟ ରହିଥିବା ସେ କହିଛନ୍ତି। ଉକ୍ତ ମହିଳା ଗାଜିଆବାଦ୍ ଥାନାରେ ଅଭିଯୋଗ କରିଥିବା ନେଇ ଜାଣିବା ପରେ ତାଙ୍କ ବିରୋଧରେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଥିଲେ। ୩ ପୃଷ୍ଠାବିଶିଷ୍ଟ ଅଭିଯୋଗରେ ଦୟାଲ ଉକ୍ତ ମହିଳା ଓ ତାଙ୍କ ପରିବାରର ଦୁଇ ସଦସ୍ୟଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଦାବି କରିଛନ୍ତି। ତେବେ ଗତ ରବିବାର ଉକ୍ତ ମହିଳା ଦୟାଲଙ୍କ ବିରୋଧରେ ଇନ୍ଦିରାପୁରମ୍ ଥାନାରେ ବିଏନ୍‌ଏସ୍ ଦଫା ୬୯(ମିଛ ବିବାହ ପ୍ରତିଶ୍ରୁତି ଦେଇ ଯୌନସମ୍ପର୍କ ରକ୍ଷା କରିବା)ରେ ଏଏକ ମାମଲା ରୁଜୁ କରିଥିଲେ।

# ଅଗଷ୍ଟ ୨୯ରୁ ପ୍ରୋ କବାଡ଼ି ଲିଗ୍-୧୨

**ମୁମ୍ବାଇ,୯।୭(ପି.ଟି.):** ପ୍ରୋ କବାଡ଼ି ଲିଗ୍(ପିକେଏଲ୍)ର ୧୨ଶ ସିଜନ ଆସନ୍ତା ଅଗଷ୍ଟ ୨୯ରୁ ଆରମ୍ଭ ହେବ। ଏ ନେଇ ଆୟୋଜକମାନେ ବୁଧବାର ଘୋଷଣା କରିଛନ୍ତି। ପ୍ରଥମ ଥର ପାଇଁ ଗତବର୍ଷ ଚାମ୍ପିୟନ ହୋଇଥିବା ହରିୟାଣା ଷ୍ଟିଲର୍ସ ତା'ର ଟାଇଟଲ ଡିଫେଣ୍ଡ କରିବ। ନିକଟରେ ଶେଷ ହୋଇଥିବା ଅକ୍ସନରେ ସମସ୍ତ ୧୨ ଫ୍ରାଞ୍ଚାଇଜ୍ ସେମାନଙ୍କ ଦଳକୁ ସଶକ୍ତ କରିଛନ୍ତି। ଏଣୁ ଆଗାମୀ ସିଜନରେ ଅପ୍ରତ୍ୟାଶିତ ପ୍ରତିଦ୍ୱନ୍ଦ୍ୱିତା ଓ ଏଣ୍ଟରଟେନ୍‌ମେଣ୍ଟ ଦେଖିବାକୁ ମିଳିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ଭେନ୍ୟୁ ଓ ଅନ୍ୟାନ୍ୟ ତଥ୍ୟ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ୧୨ଶ ସିଜନ ଲାଗି ଗତ ମେ' ୩୧ ଓ ଜୁନ୍ ୧ରେ ମୁମ୍ବାଇରେ ଏହାର ଅକ୍ସନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ ଖେଳାଳି ୧ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲେ।

# ସର୍ବଭାରତୀୟ ସିନିୟର ର‍୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମ 'ସଟଲ' ଓ ପୋଖରୀପୁଟସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୟୁନେକ୍ସ ସନ୍‌ରାଇଜ୍ ସିନିୟର ର‍୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ବୁଧବାର ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାସୁଦ୍ଧା ମୋଟ ୧୭୦ ଗେମ୍ ସମାପ୍ତ ହୋଇଛି। ଯୋଗ୍ୟତା ପର୍ଯ୍ୟାୟ ପରେ ମୋଟ ୧୧୨ ଖେଳାଳିଙ୍କୁ ନେଇ ମୁଖ୍ୟ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ ଓ ସମ୍ପାଦକ ନିଳିନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ମୁଖ୍ୟ ରେଫରି ଭାବରେ ବିଡବ୍ଲୁଏଏଫ ମାନ୍ୟତାପ୍ରାପ୍ତ ସି.ଆର. ରାଜିବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ଏବଂ ସହଯୋଗୀ ରେଫରି ଭାବରେ ବିଜୟ କୁମାର ବାଗ, ମନୋଜ ସାବତପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ସିଙ୍ଗଲ୍ସ, ଡ଼ବଲ୍ସ, ମିକ୍ସଡ଼ ଡ଼ବଲ୍ସ ଆଦି ବର୍ଗରେ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଜୁଲାଇ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ର‍୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବୁଧବାର ଜଣେ ପ୍ରତିଯୋଗୀ ଶଟ୍ ଖେଳୁଛନ୍ତି।

# ଲର୍ଡ୍ସରେ ଅଗ୍ରଣୀ ପାଇଁ ଲଢ଼େଇ

**ଲଣ୍ଡନ,୯।୭(ପି.ଟି.)**

ଗୁରୁବାରଠାରୁ 'ହୋମ୍ ଅଫ୍ ଦ କ୍ରିକେଟ୍' ଭାବେ ପରିଚିତ ଲର୍ଡ୍ସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ଖେଳାଯିବ। ୫ ମ୍ୟାଚ୍‌ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜ୍ ଏବେ ୧-୧ ବରାବର ସ୍ଥିତିରେ ରହିଛି। ଏଣୁ ତୃତୀୟ ଟେଷ୍ଟକୁ ଜିତି ଉଭୟ ଦଳ ସିରିଜ୍‌ରେ ଅଗ୍ରଣୀ ହାସଲ କରିବା ଲକ୍ଷ୍ୟରେ ରହିବେ। ତେବେ ଘରୋଇ ଦଳ ଅପେକ୍ଷା ଭ୍ରମଣକାରୀ ଦଳ ଏବେ ଫାଇଦାରେ ରହିଛି। ଭାରତର ପ୍ରାୟ ସମସ୍ତ ବ୍ୟାଟର ଫର୍ମରେ ଥିବା ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ତାଙ୍କର ଷ୍ଟ୍ରାଟେଜି ବଦଳାଇବାକୁ ବାଧ୍ୟ କରିଛନ୍ତି। ଭାରତୀୟ ବ୍ୟାଟରଙ୍କ ଅପୂର୍ବ ସଫଳତା ଯୋଗୁ ଫ୍ଲାଟ୍ ପିଚ୍ ପ୍ରସ୍ତୁତ କରିବା ଆୟୋଜକ ଇଂଲଣ୍ଡ ଲାଗି ମହାଙ୍ଗା ସାବ୍ୟସ୍ତ ହୋଇଛି। ଏଣୁ ଲର୍ଡ୍ସରେ ବୋଲରଙ୍କୁ ଅପେକ୍ଷାକୃତ ଅଧିକ ସିମ୍ ମୁଭ୍‌ମେଣ୍ଟ ଓ ବାଉନ୍ସ ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ପେସରଙ୍କୁ ସୁହାଉଥିବା ପିଚ୍‌ରେ ବୁମ୍‌ରା, ମହମ୍ମଦ ସିରାଜ ଓ ଆକାଶ ଦୀପଙ୍କୁ ନେଇ ଗଠିତ ପେସ୍ ଆଟାକ୍‌ର ସମ୍ମୁଖୀନ ହେବା ଇଂଲଣ୍ଡ ବ୍ୟାଟରଙ୍କ ଲାଗି ସହଜ ହେବନାହିଁ।

## ଆଜିଠାରୁ ତୃତୀୟ ଟେଷ୍ଟ

ବେଳେ ନଂ.୧ ଟେଷ୍ଟ ବୋଲର ଯଶ୍‌ପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଏଥିଯୋଗୁ ଭାରତୀୟ ଦଳ ଖୁବ୍ ଆତ୍ମବିଶ୍ୱାସର ସହ ମ୍ୟାଚ୍‌କୁ ଓହ୍ଲାଇବ।

ଦ୍ୱିତୀୟ ଟେଷ୍ଟରେ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ୩୩୬ ରନ୍‌ର ବଡ଼ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ଟେଷ୍ଟରେ ଯଦି ଭାରତୀୟ ଖେଳାଳି କ୍ୟାଚ୍ ଛାଡ଼ି ନ ଥାନ୍ତେ ଓ ଲୋୟର-ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ହୋଇ ନ ଥାନ୍ତା, ତେବେ ଭାରତୀୟ ଦଳ ସିରିଜ୍‌ରେ ୨-୦ରେ ଆଗରେ ରହିଥାନ୍ତା। ରୋହିତ୍ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଅନଭିଜ୍ଞ ଦଳ ଇଂଲଣ୍ଡରେ ଭଲ ପ୍ରଦର୍ଶନ କରିପାରିବ ନାହିଁ ବୋଲି ଆଶା କରାଯାଉଥିଲା। ହେଲେ ଏହି ଦଳ ଉଭୟ ଟେଷ୍ଟରେ ପ୍ରାୟତଃ ସେସନରେ ଆଗରେ ରହିଥିଲା। ଏହା ଭାରତୀୟ କ୍ରିକେଟ୍‌ରେ ଥିବା ପ୍ରତିଭା ଓ ଗଭୀରତାକୁ ଦର୍ଶାଉଛି। ଯୁବ ଭାରତୀୟ ବ୍ୟାଟର ଖୁବ୍ ସାରା ରନ୍‌କରି ଭାରତ ପାଇଁ ବୁମ୍‌ରା ଫେରୁଥିବା ବେଳେ ଇଂଲଣ୍ଡ ଦଳକୁ ଫେରିଛନ୍ତି ଜୋଫ୍ରା ଆର୍ଚ୍ଚର। ସେ ପ୍ରାୟ ୪ ବର୍ଷ ପରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏଣୁ ଉଭୟ ଦଳର ବ୍ୟାଟରଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। କରୁନ ନାୟାରଙ୍କ ଫର୍ମକୁ ଛାଡ଼ିଦେଲେ ଭାରତର ବ୍ୟାଟିଂ ବିଭାଗରେ ଅନ୍ୟ କୌଣସି ସମସ୍ୟା ନାହିଁ। ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ବୁମ୍‌ରା ଖେଳିବା ସମ୍ଭାବନା ରହିଛି। ୧୦ ଉଇକେଟ ସଫଳତା ସହ ଆକାଶ ଇଂଲଣ୍ଡରେ ତାଙ୍କ ପଦାର୍ପଣକୁ ସ୍ମରଣୀୟ କରାଇଥିବା ବେଳେ ସିରାଜ ମଧ୍ୟ ୯ ଉଇକେଟ ନେଇଥିଲେ। ଭାରତ ଏଜ୍‌ବାଷ୍ଟନଠାରେ ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ ନୀତିଶ ରେଡ୍ଡୀଙ୍କୁ ୩ ଅଲରାଉଣ୍ଡର ଭାବେ ଖେଳାଇଥିଲା। ଏହି କମ୍ବିନେଶନ ଏବେ ଜାରି ରହିପାରେ।

ଅନ୍ୟପକ୍ଷରେ ଆର୍ଚ୍ଚରଙ୍କୁ ସାମିଲକରି ଇଂଲଣ୍ଡ ତା'ର ବୋଲିଂ ଆଟାକ୍‌କୁ ଆହୁରି ସୁଦୃଢ଼ କରିଛି। ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲିଙ୍କ ଉପରେ ଚାପ ରହିବ। ସେ ଏଜ୍‌ବାଷ୍ଟନର ଉଭୟ ଇନିଂସ୍‌ରେ ବିଫଳ ହୋଇଥିଲେ। ଅଧିନାୟକ ଷ୍ଟୋକ୍ସଙ୍କୁ ମଧ୍ୟ ବ୍ୟାଟିଂ ଦକ୍ଷତା ପ୍ରଦର୍ଶିତ କରିବାକୁ ପଡ଼ିବ।




### ଫେରିଲେ ଜୋଫ୍ରା ଆର୍ଚ୍ଚର

ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍ ଲାଗି ବୁଧବାର ଇଂଲଣ୍ଡ ପକ୍ଷରୁ ଚୂଡ଼ାନ୍ତ ଏକାଦଶ ଦଳ ଘୋଷଣା କରାଯାଇଛି। ଦଳରେ ପେସର ଜୋଫ୍ରା ଆର୍ଚ୍ଚର ସ୍ଥାନ ପାଇଛନ୍ତି। ସେ ଦୀର୍ଘ ୪ ବର୍ଷ ପରେ ଟେଷ୍ଟ ଦଳକୁ ଫେରୁଛନ୍ତି। ଅନ୍ତିମଥର ୨୦୨୧ ଫେବୃଆରୀରେ ସେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଆର୍ଚ୍ଚରଙ୍କୁ ଜୋଶ୍ ଟଙ୍ଗ୍‌ଙ୍କ ବଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଇଂଲଣ୍ଡ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ।

**ଚୂଡ଼ାନ୍ତ ଇଂଲଣ୍ଡ ଦଳ:** ଜ୍ୟାକ୍ କ୍ରଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ଉଇକେଟ୍‌କିପର), ଜୋଫ୍ରା ଆର୍ଚ୍ଚର, ଶୋଏବ ବସିର, ବ୍ରାଇଡନ କାର୍ସ ଓ କ୍ରିସ୍ ୱକ୍ସ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ